


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-274 • BHUBANESWAR • SUNDAY • 31 MARCH 2024 • PAGE-20 • ₹ 6.00

ବର୍ଷ-୪୧ • ସଂଖ୍ୟା-୨୭୪ • ଭୁବନେଶ୍ୱର • ରବିବାର • ୩୧ ମାର୍ଚ୍ଚ ୨୦୨୪ • ପୃଷ୍ଠା-୨୦ • ଟ.୬.୦୦ (ସିନ୍ଦୂରା ସହ)



Vedantu
LEARNING CENTRE

India's Top JEE & NEET Master Teachers Now in Bhubaneswar




**AKHTAR ALI**
B.Tech, IIT Kanpur
- 10+ Years of Teaching Experience
- Produced 1000+ IITians with JEE ADV. AIR - 10, 40, 93, 103

**AMBUJ TYAGI**
B.Tech, IIT Kharagpur
- 13+ Years of Teaching Experience
- Mentored Top Rankers such as AIR 11, 60, 126 etc.

**JYOTI RANJAN TRIPATHY**
B.Tech, IIT Kharagpur
- 20+ Years of Teaching Experience
- Produced 2000+ IITians
- Produced 6000+ NIT/BITS & 200 Scientists

**SANGRAM KESHARI DALAI**
M. Pharm, Sambalpur University (Gold Medalist)
- 10+ Years of Teaching Experience
- Produced 100+ NEET Qualifiers

**Admissions Open: JEE | NEET | 8-10 Foundation**
1 Year & 2 Year Classroom Programs for all Courses
(Coaching with Hostel and Transportation Facilities, available)

**Exclusive Offer on Our Offline Courses**

Avail **Flat 35% Scholarship** on JEE | NEET | Foundation Courses
Offer Valid till 10th April, 2024

Limited Offer on Crash Courses
~~Rs 19,999~~ Now ₹4,999/-



**100%ile**
Satyendu Kar
IN PHYSICS & MATHS
Bhubaneswar, Odisha

Our 2024 JEE Main Results



100%ile — Uma Kumari, MATHS, Bangalore, Karnataka
100%ile — Stephen Tellis, PHYSICS, Bangalore, Karnataka
100%ile — Eshwar Reddy, CHEMISTRY, Bangalore, Karnataka
100%ile — Ayush Mangal, PHYSICS, Rajasthan

8 Vedantu Students Scored 100 Percentile

9 Vedantu Students Scored 99.9 Percentile

Scan to Register

Vedantu Learning Centre, Regional College of Management Campus, RCM Lane, Plot No. GD 2/12 & 13 Chakadola Vihar, Chandrasekharpur, Bhubaneswar, Odisha–751023

www.vedantu.com

9237108016, 9237108017, 9237108021, 9237108022, 7735070316, 7735785995 & 9237108020

ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲା

# କେଜ୍ରିୱାଲଙ୍କ ମନ୍ତ୍ରୀଙ୍କୁ ଇଡିର ୫ ଘଣ୍ଟା ଜେରା

ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି)

ମଦ ନୀତି ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍)ର ସମସ୍ୟା କମ୍ ହେବାର ନା ଧରୁନାହିଁ। ଏହି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ତାଙ୍କ ମନ୍ତ୍ରୀ କୈଳାସ ଗେହଲଟଙ୍କୁ ୫ ଘଣ୍ଟା ପର୍ଯ୍ୟନ୍ତ ଜେରା କରିଛି। ଶନିବାର ସକାଳ ଇଡି ତାଙ୍କୁ ସମନ ଜାରି କରି ତୁରନ୍ତ ଇଡି କାର୍ଯ୍ୟାଳୟରେ ପହଞ୍ଚିବାକୁ କହିଥିଲା। ପରେ ସେ ୧୧ଟାରେ ଏଜେନ୍ସି ନିକଟରେ ହାଜର ହୋଇଥିଲେ। ନଜଫଗଡ଼ର ବିଧାୟକ ଥିବା କୈଳାସ କେଜ୍ରିୱାଲଙ୍କ ସରକାରରେ ପରିବହନ, ଗୃହ ଏବଂ ଆଇନ ମନ୍ତ୍ରୀ ଅଛନ୍ତି।

ଏଜେନ୍ସିର ସୂଚନା ଅନୁଯାୟୀ ୨୦୨୧-୨୨ରେ ମଦନୀତି ବନାଇ ଥିବା ମନ୍ତ୍ରୀଙ୍କ କମିଟିରେ ଗେହଲଟ ସାମିଲ ଥିଲେ। ଆରୋପପତ୍ରରେ ଗେହଲଟଙ୍କ ନାମ ମଧ୍ୟ ରହିଥିଲା। ସେ ଗୋଟିଏ ସିମ୍ ବ୍ୟବହାର କରିଥିଲେ ମଧ୍ୟ ତାଙ୍କ ଆଇଏମଇଆଇ ନଂ ତିନି ଥର ବଦଳା ଯାଇଥିଲା। ଇଡି ଅଭିଯୋଗ କରିଛି ଯେ ମଦ ନୀତିର ସୂଚନା 'ସାଉଥ୍ ଗୋଷ୍ଠୀ'କୁ ଦିଆଯାଇଥିଲା। ଏଥିରେ କେସିଆରଙ୍କ ଝିଅ କେ କବିତା ସାମିଲ ଥିଲେ।

ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ଗିରଫକୁ ନେଇ କୈଳାସ ବିଜେପିକୁ କଟାକ୍ଷ କରିଛନ୍ତି। ଜନତାଙ୍କ ଧ୍ୟାନ ହଟାଇବା ପାଇଁ ଏହି ଦଳ ସବୁକିଛି କରିପାରିବ ବୋଲି କହିଛନ୍ତି। ଦୁର୍ନୀତି ମାମଲାରେ ମୁଖ୍ୟ ଅଭିଯୁକ୍ତ ଶରଥ ଚନ୍ଦ୍ର ରେଡ୍ଡିଙ୍କୁ କେମିତି ଜାମିନ ମିଳିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି 'ଦକ୍ଷିଣ ଗୋଷ୍ଠୀ' ସହ ବିଜେପିର ସମ୍ବନ୍ଧ ରହିଛି ବୋଲି ଦିଲ୍ଲୀ ମନ୍ତ୍ରୀ ଆତିଶୀ ମାର୍ଲେନା ଅଭିଯୋଗ କରିଛନ୍ତି। ଦକ୍ଷିଣ ଗୋଷ୍ଠୀର ଶରଥ ରେଡ୍ଡୀ ବିଜେପିକୁ ୫୫ କୋଟି ଟଙ୍କା ମଧ୍ୟ ଚାନ୍ଦା ଦେଇଛନ୍ତି। ଆତିଶୀ କହିଛନ୍ତି ଯେ କେଜ୍ରିୱାଲଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବା ମଗୁଂଟା ଶ୍ରୀନିବାସଲୁ ରେଡ୍ଡୀ ଏବଂ ତାଙ୍କ ପୁଅ ରାଘବ ମଗୁଂଟା ଗୁରୁବାର ବିଜେପିର ସହଯୋଗୀ ଦଳ ଟିଡିପିରେ ସାମିଲ ହୋଇଥିଲେ। ଏହା ପରଦିନ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ମଗୁଂଟାଙ୍କୁ ଟିକଟ ମିଳୁଛି। ଏହାକୁ ନେଇ ଇଡି ବିଜେପି ବିରୋଧରେ ମାମଲା ରୁଜୁ କରିବ କି ବୋଲି ସେ ପ୍ରଶ୍ନ କରିଛନ୍ତି।



ନୀତି ବନାଇବା କମିଟିରେ ସାମିଲ ଥିଲେ କୈଳାସ ଗେହଲଟ

୩ ଥର ଆଇଏମଇଆଇ ନଂ ବଦଳାଇ ଥିବା ଅଭିଯୋଗ

## ଆଜି ରାମଲୀଳା ମୈଦାନରେ ବିରୋଧୀ ମେଳି

ଲୋକସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳ ଶକ୍ତି ପ୍ରଦର୍ଶନ କରିବାକୁ ଯାଉଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବିରୋଧ କରି ବିରୋଧୀ 'ଇଣ୍ଡି' ମେଣ୍ଟ ରବିବାର ଦିଲ୍ଲୀର ରାମଲୀଳା ମୈଦାନରେ ମହାରାଲି କରିବାକୁ ଯାଉଛି। ଏଥିରେ ୨୭ ଦଳର ନେତା ସାମିଲ ହୋଇପାରନ୍ତି। ଶନିବାର ଆପ୍ ନେତା ଗୋପାଳ ରାୟ ଏବଂ ଦିଲ୍ଲୀପ ପାଣ୍ଡେ ରାମଲୀଳା ମୈଦାନରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଗୋପାଳ ରାୟ କହିଛନ୍ତି ଯେ ମେଣ୍ଟର ନେତା 'ଏକଛତ୍ରଶାସକ ହଟାଅ, ଗଣତନ୍ତ୍ର ବଞ୍ଚାଅ' ରାଲିରେ ପହଞ୍ଚୁଛନ୍ତି। କେନ୍ଦ୍ର ସରକାର ଏଜେନ୍ସି ମାଧ୍ୟମରେ ବିରୋଧୀ ନେତାଙ୍କୁ ନିଶାଣ କରୁଛନ୍ତି। ଜଣେ ନିର୍ବାଚିତ ମୁଖ୍ୟମନ୍ତ୍ରୀଙ୍କୁ କାହାର ଅଭିଯୋଗ ଆଧାରରେ ଜେଲ୍‌ରେ ଭର୍ତ୍ତି କରିଦେଇଛନ୍ତି। ଏହା ବିରୋଧରେ ମହାରାଲି ହେବାକୁ ଯାଉଛି। ସେହିପରି ବିଜେପି ନେତା ଦୁଷ୍ୟନ୍ତ କୁମାର ଗୌତମ କହିଛନ୍ତି ଯେ 'ଇଣ୍ଡି' ନେତାଙ୍କୁ ରାଜ୍ୟରେ କହି ପଚାରୁ ନାହାନ୍ତି। ଏଥିପାଇଁ ସେମାନେ ଲୋକଙ୍କୁ ଜୁଟାଇ ଭାଷଣ ଦେଉଛନ୍ତି। ଜନତା ଏମାନଙ୍କୁ ଅସ୍ୱୀକାର କରିଦେଇଛନ୍ତି। ଏହା ମଧ୍ୟରେ ଦୁର୍ନୀତି ମାମଲାରେ ଗିରଫ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ ଶନିବାର ଦିଲ୍ଲୀରେ କେଜ୍ରିୱାଲଙ୍କ ପତ୍ନୀ ସୁନିତାଙ୍କୁ ଭେଟିଛନ୍ତି। ଉଭୟେ ରାମଲୀଳା ମୈଦାନରେ ହେବାକୁ ଥିବା ରାଲିକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

● ଦିଲ୍ଲୀ ଜଳ ବୋର୍ଡ ମନିଲଣ୍ଡରିଂ ମାମଲା

## ଇଡି ଦାଖଲ କଲା ପ୍ରଥମ ଆରୋପପତ୍ର

ନୂଆଦିଲ୍ଲୀ, ୩୦।୩(ଏଜେନ୍ସି): ଦିଲ୍ଲୀ ଜଳ ବୋର୍ଡ ଦୁର୍ନୀତି ସମ୍ବନ୍ଧିତ ମନିଲଣ୍ଡରିଂ ମାମଲାରେ ଇଡି ଶନିବାର ସ୍ୱତନ୍ତ୍ର ପିଏମଏଲଏ କୋର୍ଟରେ ପ୍ରଥମ ଆରୋପପତ୍ର ଦାଖଲ କରିଛି। ଏଥିରେ ଦିଲ୍ଲୀ ଜଳ ବୋର୍ଡ ମୁଖ୍ୟଯନ୍ତ୍ରୀ ଜଗଦୀଶ କୁମାର ଅରୋରା, ଠିକାଦାର ଅନିଲ କୁମାର ଅଗ୍ରୱାଲ, ଏନବିସିସିର ପୂର୍ବତନ ଜିଏମ୍ ଡି କେ ମିତ୍ତଲ ଓ ଜନୈକ ତେଜିନ୍ଦର ସିଂହ-ଏହି ୪ବ୍ୟକ୍ତିଙ୍କୁ ଓ ଏକ କମ୍ପାନୀ ଏନକେଜି ଇନଫ୍ରାଷ୍ଟ୍ରକଚର ଲିଃକୁ ଅଭିଯୁକ୍ତ କରାଯାଇଛି। ଇଡି ଦର୍ଶାଇଛି ଯେ ଜଳ ବୋର୍ଡ ଏନକେଜି ଇନଫ୍ରାଷ୍ଟ୍ରକଚର ଲିଃକୁ ଦେଇଥିବା ୩୮ କୋଟି ଟଙ୍କାର ଏକ ଠିକାରୁ ଦୁର୍ନୀତି ଉପାୟରେ ଅର୍ଜିତ ଧନ ଆମ୍ ଆଦମୀ ପାର୍ଟି(ଆପ୍)କୁ ନିର୍ବାଚନୀ ପାଣ୍ଠି ଭାବେ ଦିଆଯାଇଛି। ଠିକା ପାଇଁ ଏନକେଜି ଇନଫ୍ରାଷ୍ଟ୍ରକଚରର ବୈଷୟିକ ଯୋଗ୍ୟତା ନ ଥିବା ଓ କମ୍ପାନୀର ଦଲିଲପତ୍ର ଜାଲ ଥିବା ଜାଣି ବି ମୁଖ୍ୟଯନ୍ତ୍ରୀ ଅରୋରା ଲାଞ୍ଚ ନେଇ ସେହି କମ୍ପାନୀକୁ ଠିକା ଦେଇଥିଲେ। ଏହି ମାମଲାରେ ପଚରାଉଚରାର ସମ୍ମୁଖୀନ ହେବାକୁ ଇଡି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସମନ ପଠାଇଥିଲା, କିନ୍ତୁ ସେ ହାଜର ହୋଇ ନ ଥିଲେ।




● ଆପ୍ ବିଧାୟକଙ୍କ ଅଭିଯୋଗରେ ଏତଲା ରୁଜୁ

## ଦଳ ବଦଳ କରିବାକୁ ଟଙ୍କା ଯାଚୁଛି ବିଜେପି !

ଫଜିଲକା, ୩୦।୩ (ଏଜେନ୍ସି): ପଞ୍ଜାବର ଦୁଇ ଜଣ ଆମ୍ ଆଦମୀ ପାର୍ଟି(ଆପ୍) ବିଧାୟକ ଦଳ ବଦଳ କରିବାକୁ ବିଜେପି ଟଙ୍କା ଯାଚୁଥିବା ଅଭିଯୋଗ କରିଛନ୍ତି। ଉଭୟଙ୍କ ଅଭିଯୋଗ ଆଧାରରେ ପୁଲିସ ଏତଲା ରୁଜୁ କରିଛି। ସୂଚନା ଅନୁଯାୟୀ ଜଲାଲାବାଦର ଆପ୍ ବିଧାୟକ ଜଗଦୀପ ସିଂହ ଗୋଲ୍ଡି କାମ୍ବୋଜ ଫଜିଲକା ବରିଷ୍ଠ ପୁଲିସ୍ ଅଧୀକ୍ଷକଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ସେଥିରେ ଲେଖାଅଛି, ଗତ ମଙ୍ଗଳବାର ଦିନ ତାଙ୍କ ଫୋନକୁ + ୩୫୭ ୯ ୬୭୧୮ ୯ ୫ ୯ ନମ୍ବରରୁ ଏକ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ସେବକ ସିଂହର ପରିଚୟ ଦେଇ ଆପ୍ ଛାଡ଼ି ବିଜେପିରେ ଯୋଗଦେବାକୁ କହିଥିଲା। ଏଥିପାଇଁ ୨୦ରୁ ୨୫ କୋଟି ଟଙ୍କା ମିଳିବ। ଅନ୍ୟଥା ବଡ଼ ଦୁର୍ଦ୍ଦଶାର ସମ୍ମୁଖୀନ ହେବ। କାମ୍ବୋଜଙ୍କ ଅଭିଯୋଗ କ୍ରମେ ସଦର ଜଲାଲାବାଦ ପୁଲିସ୍ ଷ୍ଟେସନରେ ସେବକ ସିଂହଙ୍କ ବିରୋଧରେ ଏତଲା ରୁଜୁ ହୋଇଛି। ସେହିଭଳି ଲୁଧିଆନା(ଦକ୍ଷିଣ)ର ଆପ୍ ବିଧାୟକ ରାଜିନ୍ଦର ପାଲ ଚିମା ଅଭିଯୋଗ କରିଛନ୍ତି ଯେ କିଛି ଦିନ ତଳେ ଏକ ଅଜ୍ଞାତ ନମ୍ବରରୁ ସେ ହ୍ୱାଟସଆପ୍ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ସେବକ ସିଂହ ପରିଚୟ ଦେଇ ଆପ୍ ଛାଡ଼ି ବିଜେପିକୁ ଗଲେ ୫କୋଟି ଟଙ୍କା ଦିଆଯିବ ଓ ଲୋକସଭା ନିର୍ବାଚନ ଲଢ଼ିବାକୁ ବିଜେପି ଟିକେଟ୍ ମିଳିବ ବୋଲି କହିଥିଲେ। ଏହି କଲ୍ ରେକର୍ଡ ଏବଂ ସ୍କ୍ରିନସଟ୍ ସେ ପୁଲିସକୁ ଦେଇଛନ୍ତି।

## ନ୍ୟୁଜ୍‌କ୍ଲିକ୍ ବିରୋଧରେ ୮ ହଜାର ପୃଷ୍ଠାର ଆରୋପପତ୍ର

ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେସିଆଲ ସେଲ୍ ଶନିବାର ପଟିୟାଲା ହାଉସ କୋର୍ଟରେ ନ୍ୟୁଜ୍ ପୋର୍ଟାଲ 'ନ୍ୟୁଜ୍‌କ୍ଲିକ୍' ବିରୋଧରେ ୮ ହଜାର ପୃଷ୍ଠାର ଆରୋପପତ୍ର ଦାଖଲ କରିଛି। ୨ଟି ବାକ୍ସରେ କୋର୍ଟକୁ ଏହି କାଗଜପତ୍ର ନିଆଯାଇଥିଲା। ଏଥିରେ ଚୀନ୍ ପ୍ରୋପାଗାଣ୍ଡାର ପ୍ରଚାରପ୍ରସାର ପାଇଁ ନ୍ୟୁଜ୍‌କ୍ଲିକ କୋଟି କୋଟି ଟଙ୍କାର ବିଦେଶୀ ପାଣ୍ଠି ଗ୍ରହଣ କରିଛି ବୋଲି ଅଭିଯୋଗ କରାଯାଇଛି। ଏପ୍ରିଲ ୧୬ରେ ଏହି ମାମଲାର ଶୁଣାଣି ହେବ। ନ୍ୟୁଜକ୍ଲିକ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରୋଧ୍ ଆଇନ, ୧୯୬୭ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ପ୍ରବୀର ପୁରକାୟସ୍ଥ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଥିବାବେଳେ ଅମିତ ଚକ୍ରବର୍ତ୍ତୀ ସରକାରୀ ସାକ୍ଷୀ ହୋଇଛନ୍ତି।

## କଂଗ୍ରେସକୁ ପୁଣି ଟିକସ ନୋଟିସ୍

ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି)

କଂଗ୍ରେସର ସମସ୍ୟା କମ୍ ହେବାର ନା ଧରୁନି। ଶୁକ୍ରବାର ବିଳମ୍ବିତ ରାତିରେ କଂଗ୍ରେସକୁ ପୁଣି ଆୟକର ବିଭାଗ ଆଉ ୨ଟି ନୋଟିସ୍ ପଠାଇଛି। କଂଗ୍ରେସ ନେତା ଜୟରାମ ରମେଶ ଶନିବାର ଏହି ସୂଚନା ଦେଇଛନ୍ତି। କଂଗ୍ରେସ 'ଟିକସ ଆତଙ୍କବାଦ'ର ଶିକାର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀ ଦଳଙ୍କୁ ଅଚଳ କରିବାକୁ ଚାହୁଁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ନୂଆ ନୋଟିସ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଡିକେ ଶିବକୁମାରଙ୍କୁ ମିଳିଛି। ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ବୋଲି କହିଛନ୍ତି। କାରଣ ପୂର୍ବରୁ ସମାଧାନ ହୋଇ ସାରିଥିବା ମାମଲାରେ ଏହି ନୋଟିସ ପଠାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ପବନ ଖେଡ଼ା ଆଜି ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ବିଜେପି ଯେଉଁମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲଗାଉଛି ସେମାନଙ୍କୁ ଦଳରେ ସାମିଲ କରି ମାମଲା ପ୍ରତ୍ୟାହାର କରୁଛି। ଏହି ଦଳ ପାଖରେ ଏକ ୱାଶିଂ ମେସିନ ରହିଛି, ଯେଉଁଥିଲେ ୧୦ ବର୍ଷର ତଳର ମାମଲା ପକାଇଲେ ଅଭିଯୁକ୍ତ ନିର୍ଦ୍ଦୋଷ ହୋଇ ବାହାରୁଛି। ମେସିନ ସହିଦ ମୋଦୀ ୱାଶିଂ ପାଉଡର ଏହି କମାଲ କରୁଛି।

## ବିଜେପିର ଅଷ୍ଟମ ତାଲିକାରେ ୧୧ ଜଣଙ୍କୁ ଟିକଟ

ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି): ବିଜେପି ଲୋକସଭା ନିର୍ବାଚନ ପାଇଁ ଶନିବାର ଅଷ୍ଟମ ପ୍ରାର୍ଥୀ ତାଲିକା ଜାରି କରିଛି। ଏଥିରେ ୩ ରାଜ୍ୟର ୧୧ ଜଣ ପ୍ରାର୍ଥୀଙ୍କ ନାମ ରହିଛି। ଓଡ଼ିଶାରୁ ୩, ପଞ୍ଜାବରୁ ୬ ଏବଂ ପଶ୍ଚିମବଙ୍ଗରୁ ୨ ଜଣ ପ୍ରାର୍ଥୀ ଘୋଷଣା କରାଯାଇଛି। ପଞ୍ଜାବ ଗୁରଦାସପୁରରୁ ସନି ଦେଓଲଙ୍କ ଟିକଟ କାଟି ଦିଆଯାଇଛି। ଅମୃତସରରୁ ତରନଜିତ ସିଂହ ସାନ୍ଧୁ, ଫରିଦକୋଟରୁ ହଂସରାଜ ହଂସ ଏବଂ ପଟିୟାଲାରୁ ପରିନୀତ କୌରଙ୍କୁ ଟିକଟ ମିଳିଛି। ଅନ୍ୟପକ୍ଷରେ ଲୋକସଭା ନିର୍ବାଚନ ପାଇଁ ବିଜେପି ଶନିବାର ଇସ୍ତାହାର କମିଟି ଗଠନ କରିଛି। ଏହି କମିଟିରେ ୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ମୋଟ ୨୭ ସଦସ୍ୟ ଅଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଏହି କମିଟିର ଅଧ୍ୟକ୍ଷ ବନାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂଯୋଜକ ଏବଂ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ସହ-ସଂଯୋଜକ ନିଯୁକ୍ତ କରାଯାଇଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା, କିରନ ରିଜିଜୁ, ଅଶ୍ୱିନୀ ବୈଷ୍ଣବ, ସ୍ମୃତି ଇରାନୀ, ଅର୍ଜୁନ ରାମ ମେଘୱାଲ, ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ, ବସୁନ୍ଧରା ରାଜେ, ଜୁଏଲ ଓରାମ ପ୍ରମୁଖ ଏହାର ସଦସ୍ୟ ଅଛନ୍ତି।

ରାଜନାଥଙ୍କ ଅଧ୍ୟକ୍ଷତାରେ ବିଜେପିର ଇସ୍ତାହାର କମିଟି

## ବାରାମତୀରେ ନଣନ୍ଦ-ଭାଉଜ ଲଢ଼େଇ

ମୁମ୍ବାଇ, ୩୦।୩ (ଏଜେନ୍ସି): ମହାରାଷ୍ଟ୍ର ବାରାମତୀ ଲୋକସଭା ଆସନରେ ଚଳିତ ଥର ନଣନ୍ଦ-ଭାଉଜ ଲଢ଼େଇ ହେବାକୁ ଯାଉଛି। ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେଙ୍କ ବିରୋଧରେ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାର ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଏନ୍‌ସିପି (ଅଜିତ ଗୋଷ୍ଠୀ) ନେତା ସୁନୀଲ ତଟକରେ ଶନିବାର ଏହି ଘୋଷଣା କରିଛନ୍ତି। ଅଜିତ ଏବଂ ସୁପ୍ରିୟା ସମ୍ପର୍କରେ ଭାଇଭଉଣୀ। ଏହି ସମ୍ବନ୍ଧରେ ସୁପ୍ରିୟା ଏବଂ ସୁନେତ୍ରା ନଣନ୍ଦ ଭାଉଜ ହେବେ।



ଅଜିତ ଏନ୍‌ସିପି ଛାଡ଼ି ବିଜେପି ମେଣ୍ଟରେ ସାମିଲ ହେବା ପରଠାରୁ ଦୁଇ ପରିବାର ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ପୂର୍ବରୁ ଏହି ଆସନରୁ ଅଜିତଙ୍କ ପତ୍ନୀ ଲଢ଼ିବେ ବୋଲି ଆଶଙ୍କା କରାଯାଉଥିଲା। ଶନିବାର ସନ୍ଧ୍ୟାରେ ଏନ୍‌ସିପିର ଶରଦ ଗୋଷ୍ଠୀ ରାଜ୍ୟର ୫ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ବାରାମତୀରୁ ସୁପ୍ରିୟାଙ୍କୁ ଟିକଟ ଦେଇଥିଲା। ଏହାର କିଛି ସମୟ ପରେ ଅଜିତ ଗୋଷ୍ଠୀ ନିଜ ପ୍ରାର୍ଥୀ ଘୋଷଣା କରିଥିଲା। ଏହି ଆସନ ୫୭ ବର୍ଷ ହେଲା ପାୱାର ପରିବାରର ଗଡ଼ ରହିଆସିଛି।

## ଅଭିନେତା ଡାନିଏଲ ବାଲାଜୀଙ୍କ ପରଲୋକ



ଚେନ୍ନଇ, ୩୦।୩ (ଏଜେନ୍ସି): ଅଭିନେତା ଡାନିଏଲ ବାଲାଜୀ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ ଶୁକ୍ରବାର ରାତିରେ ୪୮ ବର୍ଷ ବୟସରେ ଚେନ୍ନଇର ଏକ ଘରୋଇ ଡାକ୍ତରଖାନାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଛାତି ଯନ୍ତ୍ରଣା ହେବା ପରେ ତାଙ୍କୁ ଏଠାରେ ଭର୍ତ୍ତି କରାଯାଇଥିଲା। ପୁରସାଇଭଲକମ ସ୍ଥିତ ବାସଭବନରେ ଶନିବାର ଅନ୍ତିମ ସଂସ୍କାର କରାଯାଇଛି। କମଲ ହାସନଙ୍କ ଚଳଚ୍ଚିତ୍ର 'ମରୁଧନୟାଗମ'ରୁ ସେ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ଏହି ଫିଲ୍ମ ମୁକ୍ତିଲାଭ କରିପାରି ନ ଥିଲା। ପରେ ସେ ଧାରବାହିକ ଜଗତକୁ ପ୍ରବେଶ କରିଥିଲେ। ରାଧିକା ସାରଥକୁମାରଙ୍କ 'ଚିଠି'ରେ ଅଭିନୟ କରିଥିଲେ। ଏଥିରେ ସେ ଡାନିଏଲ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟି ଥିଲେ। ପରେ ନିଜ ନାମ ସହ ଡାନିଏଲ ଯୋଡ଼ି ଦେଇଥିଲେ।

## ହିମାଳୟ ଅଞ୍ଚଳରେ ଭିତ୍ତିଭୂମି ପ୍ରକଳ୍ପକୁ ଅନୁମତି ନ ଦେବାକୁ ଦାବି

ନୂଆଦିଲ୍ଲୀ, ୩୦।୩(ଏଜେନ୍ସି):ହିମାଳୟ ଅଞ୍ଚଳରେ ରେଳପଥ, ଡ୍ୟାମ୍, ଜଳବିଦ୍ୟୁତ ପ୍ରକଳ୍ପ, ବିଦ୍ୟୁତ ସରବରାହ ଭିତ୍ତିଭୂମୀ, ୪ଲେନ୍ ସଡ଼କ ଓ ଟନେଲ ନିର୍ମାଣ ଭଳି ବୃହତ ଭିତ୍ତିଭୂମୀ ସଂରଚନା ଉପରେ କଟକଣା ଲଗାଇବାକୁ ଦାବି ହୋଇଛି। କୌଣସି ବଡ଼ ପ୍ରକଳ୍ପକୁ ଅନୁମତି ଦେବା ପୂର୍ବରୁ ଗଣଭୋଟ, ଗ୍ରାମସଭା ଜରିଆରେ ଲୋକମତ ସଂଗ୍ରହର ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିବାକୁ ଦେଶର ୬୦ଟି ପରିବେଶ ଗ୍ରୁପ୍ ଓ ସାମାଜିକ ସଂସ୍ଥା ଦାବି କରିଛନ୍ତି। ଏହି ପରିବେଶ ଓ ସାମାଜିକ ସଂସ୍ଥାଗୁଡ଼ିକ ମିଳିତ ଭାବେ 'ପିପୁଲ ଫର୍ ହିମାଲୟାସ' ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ହିମାଳୟ ଅଞ୍ଚଳରେ ବୃହତ ଭିତ୍ତିଭୂମୀ ପ୍ରକଳ୍ପ ନିର୍ମାଣ ହେଲେ ଶିଳ୍ପର ଲାଭ ହେଉଛି କିନ୍ତୁ ସେଥିପାଇଁ ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି ଓ ସ୍ଥାନୀୟ ଲୋକେ ହୀନସ୍ତା ଭୋଗୁଛନ୍ତି। ସରକାର ଯିଏ ଲାଭର ଲୋଭରେ ପ୍ରାକୃତିକ ବିପର୍ଯ୍ୟୟ ଘଟିବା ଭଳି କାର୍ଯ୍ୟକଳାପ ଚଳାଉଛନ୍ତି ତାହାଙ୍କୁ ଉତ୍ତରଦାୟୀ ନକରି କରଦାତାଙ୍କ ଅର୍ଥରେ କ୍ଷତିଗ୍ରସ୍ତ ଲୋକଙ୍କ ଥଇଥାନ କରୁଛନ୍ତି। ତେଣୁ ହିମାଳୟ ଅଞ୍ଚଳରେ ସମସ୍ତ ବୃହତ ଭିତ୍ତିଭୂମୀ ପ୍ରକଳ୍ପ ଉପରେ କିଛି କାଳ ପାଇଁ ରୋକ ଲଗାଇବା ପାଇଁ, ପରିବେଶ ଓ ପର୍ଯ୍ୟାବରଣ ଉପରେ ପ୍ରଭାବ ଆକଳନ(ସଂଶୋଧନ)-୨୦୨୦ ଓ ୨୦୨୩କୁ ସମ୍ପୂର୍ଣ୍ଣ ରଦ୍ଦ କରାଯିବା ପାଇଁ ପରିବେଶ ସୁରକ୍ଷା ପାଇଁ ସମର୍ପିତ ସଂଗଠନ ଓ ସଂସ୍ଥାମାନେ ଦାବି କରିଛନ୍ତି। ଏଥିପ୍ରତି ସମସ୍ତ ରାଜନୈତିକ ଦଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଯୁଦ୍ଧ ବନ୍ଦ ପାଇଁ ଭାରତକୁ ସହାୟତା ମାଗିଲା ୟୁକ୍ରେନ

ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି): ୟୁକ୍ରେନ ବିଦେଶ ମନ୍ତ୍ରୀ ଦିମିତ୍ରୋ କୁଲେବା ଯୁଦ୍ଧ ବନ୍ଦ କରିବା ପାଇଁ ଭାରତକୁ ସହାୟତା ମାଗିଛନ୍ତି। ସେ ଶୁକ୍ରବାର ରାତିରେ ନୂଆଦିଲ୍ଲୀରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଭେଟି ସମର୍ଥନ ମାଗିଛନ୍ତି। ଉଭୟ ନେତା ରୁଷ୍-ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ଚର୍ଚ୍ଚା କରିଛନ୍ତି। ଦ୍ୱିପାକ୍ଷିକ ସମ୍ବନ୍ଧ ଉପରେ ମଧ୍ୟ ଆଲୋଚନା କରିଛନ୍ତି। ବାଣିଜ୍ୟ, ନିବେଶ, ବିଜ୍ଞାନ, ଜ୍ଞାନକୌଶଳ, ପ୍ରତିରକ୍ଷା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତି ସହ ଜଡ଼ିତ କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ଜୋର୍ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସୋଭିଏତ ସଂଘରୁ ଅଲଗା ହେବା ପରେ ଭାରତ ସହ ୟୁକ୍ରେନର ସେତେ ଭଲ ସମ୍ବନ୍ଧ ନ ଥିଲା। ମାତ୍ର କିଛି ବର୍ଷ ହେଲା ଦୁଇ ଦେଶର ସମ୍ବନ୍ଧରେ ଅନେକ ସୁଧାର ଆସିଛି। ଏହା ପୂର୍ବରୁ ଦୁଇ ଦିନ ତଳେ ଭାରତ-ରୁଷ୍ ସମ୍ବନ୍ଧର କୌଣସି ଭବିଷ୍ୟତ ନାହିଁ ବୋଲି କୁଲେବା କହିଥିଲେ।



## ଜଳଦସ୍ୟୁଙ୍କ କବଳରୁ ୨୩ ପାକିସ୍ତାନୀଙ୍କୁ ମୁକ୍ତକଲା ଭାରତ

ନୂଆଦିଲ୍ଲୀ, ୩୦।୩(ଏଜେନ୍ସି)

ଭାରତୀୟ ନୌସେନା ଗତକାଲି ଆଦେନ ଉପସାଗରରେ ଏକ ବଡ଼ ଅପରେସନ୍ ଚଳାଇ ଜଳଦସ୍ୟୁଙ୍କ ଦ୍ୱାରା ଅପହୃତ ଏକ ଇରାନୀ ଜାହାଜକୁ ଉଦ୍ଧାର କରିଛି। ଏଥିରେ ଥିବା ୨୩ ପାକିସ୍ତାନୀ କ୍ରୁ ସଦସ୍ୟଙ୍କୁ ମୁକ୍ତ କରିଛି। ଇରାନ ପତାକା ଲାଗିଥିବା ଏକ ମାଛଧରା ଜାହାଜକୁ ସୋମାଲିଆ ଜଳଦସ୍ୟୁଙ୍କ ଏକ ଦଳ ଅପହରଣ କରିନେଇ ଜାହାଜର ସମସ୍ତ ୨୩ ପାକିସ୍ତାନୀ କର୍ମଚାରୀଙ୍କୁ କବଜାରେ ରଖିଥିଲା। ଆରବ ସାଗର ଓ ଆଦେନ ଉପସାଗରରେ ବାଣିଜ୍ୟ ପୋତଗୁଡ଼ିକୁ ସୁରକ୍ଷା ଦେବା ନିମନ୍ତେ ଭାରତର କେତୋଟି ଯୁଦ୍ଧଜାହାଜ ମୁତୟନ ଅଛନ୍ତି। ସେମାନଙ୍କ ମଧ୍ୟରୁ ଆଇଏନଏସ୍ ସୁମେଧା ଗତକାଲି ଇରାନର ମାଛଧରା ଜାହାଜ ଜଳଦସ୍ୟୁ କବଳିତ ହୋଇଥିବା ଜାଣି ୧୨ ଘଣ୍ଟାର ଅପରେସନ୍ ଚଳାଇ ଅପହୃତ ଜାହାଜକୁ ଉଦ୍ଧାର କରିଥିଲା। ଜଳଦସ୍ୟୁମାନେ ମଧ୍ୟ ଆତ୍ମସମର୍ପଣ କରିଛନ୍ତି। ଆଇଏନଏସ୍ ସୁମେଧାକୁ ସହାୟତା ଦେବା ପାଇଁ ଆଇଏନଏସ୍ ତ୍ରିଶୂଳ ପହଞ୍ଚି ଥିଲା।



ଆତଙ୍କବାଦୀ ଆକ୍ରମଣ ପରର ଭୟ

## ପାକିସ୍ତାନ ଛାଡୁଛନ୍ତି ୧୫୦୦ ଚୀନ୍ ନାଗରିକ

ଇସଲାମାବାଦ, ୩୦।୩ (ଏଜେନ୍ସି)

ପାକିସ୍ତାନ ସାଙ୍ଗଲା ଜିଲ୍ଲାରେ ଗତ ମଙ୍ଗଳବାର ଚୀନ୍ ଇଞ୍ଜିନିୟରଙ୍କ ବସ୍ ଉପରେ ଆତ୍ମଘାତୀ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ୫ ଇଞ୍ଜିନିୟରଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପରଠାରୁ ଚୀନ୍ କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏମାନେ ଭୟରେ କାଳତିପାତ କରୁଛନ୍ତି। ଏହି ଆଶଙ୍କାରେ ନିଜ ପ୍ରକୋଷ୍ଠରୁ ବାହାରୁ ନାହାନ୍ତି। ଅନେକ କର୍ମଚାରୀ ପାକିସ୍ତାନରେ ଆଉ କାମ କରିବେ ନାହିଁ ବୋଲି ରୋକ୍‌ଠୋକ୍ କହି ଦେଇଛନ୍ତି। ଏହି ନିଷ୍ପତ୍ତି ବିଷୟରେ ନିଜ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇ ପାକିସ୍ତାନ ଛାଡୁଛନ୍ତି। ଏହା ପରଠାରୁ ଚୀନ୍ ଖୈବର ପଖ୍ତୁନଖ୍ୱାରେ ଚାଲିଥିବା ତିନୋଟି ଡ୍ରିମ୍ ପ୍ରୋଜେକ୍ଟ (୯,୮୬୦ ମେଗାୱାଟର ବିଦ୍ୟୁତ ପ୍ରକଳ୍ପ)ର କାର୍ଯ୍ୟ ବନ୍ଦ କରିଦେଇଛି। ଏଠାରେ ଥିବା ନିଜର ୧୫୦୦ ନାଗରିକଙ୍କୁ ଚୀନ୍ ବାହାର କରିବାରେ ଲାଗିଛି। ପାକିସ୍ତାନ ଅଧିକାରୀଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

କୋହିସ୍ତାନ ଜିଲ୍ଲାରେ ୪୩୨୦ ମେଗାୱାଟ ବିଜୁଳି ଉତ୍ପାଦନ କ୍ଷମତା ବିଶିଷ୍ଟ ଦାସୁ ବନ୍ଧ ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି। ୨୦୨୫ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହେବାର ଥିଲା। ଆକ୍ରମଣରେ ପ୍ରାଣ ହରାଇଥିବା ଇଞ୍ଜିନିୟର ଏହି ସାଇଟରେ କାମ କରୁଥିଲେ। ସେଠାରେ ୭୪୧ ଚୀନ୍ ନାଗରିକ ଏବଂ ୬ ହଜାର ସ୍ଥାନୀୟ କର୍ମଚାରୀ ଅଛନ୍ତି। ଏଠାରୁ ଚୀନ୍ ନାଗରିକଙ୍କୁ ବାହାର କରାଯାଉଛି। ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଘରକୁ ଯିବାକୁ ସ୍ଥାନୀୟ କର୍ମଚାରୀଙ୍କୁ କୁହାଯାଇଛି। ସେହିପରି ସ୍ୱାତ ନଦୀରେ ନିର୍ମିତ ବନ୍ଧରେ ୨୫୦ ଜଣ ଏବଂ ଡାୟମର-ବାଷା ବନ୍ଧ ପ୍ରକଳ୍ପରେ ୫୦୦ ଚୀନ୍ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଦାସୁ ଏବଂ ଡାୟମରରୁ ହେଲିକପ୍ଟର କିମ୍ବା କର୍ଫ୍ୟୁ ଲଗାଇ ସଡ଼କ ମାର୍ଗରେ ଚୀନ୍ ନାଗରିକଙ୍କୁ ବାହାର କରାଯିବ ବୋଲି ସୂଚନା ମିଳିଛି।



୩ଟି ଡ୍ରିମ୍ ପ୍ରକଳ୍ପର କାର୍ଯ୍ୟ ବନ୍ଦ

### ପାକିସ୍ତାନକୁ ସହାୟତା ଜାରି ରଖିବୁ: ଆମେରିକା

ୱାଶିଂଟନ, ୩୦।୩ (ଏଜେନ୍ସି): ସାଧାରଣ ନିର୍ବାଚନ ପରେ ପ୍ରଥମ ଥର ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଶୁକ୍ରବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଚିଠି ଲେଖିଛନ୍ତି। ଏହି ଚିଠିରେ ସେ ଦୁଇ ଦେଶର ସମ୍ବନ୍ଧର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ପାକିସ୍ତାନକୁ ଆମେରିକା ସହାୟତା ଦେବା ଜାରି ରଖିବ ବୋଲି କହିଛନ୍ତି। ବାଇଡେନ ଲେଖିଛନ୍ତି ଯେ ଉଭୟ ଦେଶର ସମ୍ବନ୍ଧ ବିଶ୍ୱବାସୀ ଏବଂ କ୍ଷେତ୍ରର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ଏବଂ ଆଞ୍ଚଳିକ ଆହ୍ୱାନର ମୁକାବିଲା ଲାଗି ଆମେରିକା ସବୁବେଳେ ପାକିସ୍ତାନ ସହ ରହିବ। ବିକାଶ ଏବଂ ମାନବାଧିକାରର ସୁରକ୍ଷା ପାଇଁ କାର୍ଯ୍ୟ ଜାରି ରଖିବ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-274 ◆BHUBANESWAR ◆SUNDAY ◆31 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୭୪ ◆ଭୁବନେଶ୍ୱର ◆ରବିବାର ◆୩୧ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)




ଆଇପିଏଲ୍‌ର ୱିକେଟ୍‌ଶୂନ୍ୟ ମହଙ୍ଗା ଖେଳାଳି ଷ୍ଟାର୍କ

▶କ୍ରୀଡ଼ା ପୃଷ୍ଠାରେ...

# ୪ ବରପୁତ୍ରଙ୍କୁ ଭାରତରତ୍ନ



■ **ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ୪ ଜଣଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିଛନ୍ତି। ସେମାନେ ହେଲେ ଏମଏସ ସ୍ୱାମୀନାଥନ, ପିଭି ନରସିଂହା ରାଓ, ଚୌଧୁରୀ ଚରଣ ସିଂହ ଏବଂ କର୍ପୂରୀ ଠାକୁର। ସମସ୍ତଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସ୍ୱାମୀନାଥନ ଥିଲେ ଜଣେ ପ୍ରସିଦ୍ଧ କୃଷି ବିଜ୍ଞାନୀ, କୃଷି ଅର୍ଥନୀତିଜ୍ଞ, ଭାରତୀୟ କୃଷି ଗବେଷଣା ପରିଷଦର ପୂର୍ବତନ ମହାନିର୍ଦ୍ଦେଶକ, ଇଣ୍ଟରନ୍ୟାସନାଲ ରାଇସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ମହାନିର୍ଦ୍ଦେଶକ ଓ ସର୍ବୋପରି ଭାରତର ସବୁଜ ବିପ୍ଲବର ଜନ୍ମଦାତା। ନିତ୍ୟା ରାଓ ରାଷ୍ଟ୍ରପତି ମୁର୍ମୁଙ୍କଠାରୁ ସ୍ୱର୍ଗତ ପିତା ସ୍ୱାମୀନାଥନଙ୍କ ଭାରତ ରତ୍ନ ସମ୍ମାନ ଗ୍ରହଣ କରିଛନ୍ତି। ସେହିପରି ପିଭି ନରସିଂହା ରାଓ ଥିଲେ ଦେଶର ନବମ ପ୍ରଧାନମନ୍ତ୍ରୀ। ସେ ୧୯୯୧ରୁ ୧୯୯୬ ଯାଏ ପ୍ରଧାନମନ୍ତ୍ରୀ ଥିଲେ। ସେତେବେଳେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ପ୍ରାୟତଃ ଶୂନ୍ୟ ହୋଇଯାଇଥିଲା। ପ୍ରତିକାରାତ୍ମକ ପଦକ୍ଷେପ ସ୍ୱରୂପ ନରସିଂହ ରାଓ ବିଶ୍ୱୀକରଣ, ଉଦାରୀକରଣ ଓ ଘରୋଇକରଣ-ଏହି ୩ଟି ବଡ଼ ଅର୍ଥନୈତିକ ସଂସ୍କାର ଆରମ୍ଭିବା ପାଇଁ ନିଷ୍ପତ୍ତି ନେଇଥିଲେ। ପିଭି ପ୍ରଭାକର ରାଓ ରାଷ୍ଟ୍ରପତି ମୁର୍ମୁଙ୍କଠାରୁ ସ୍ୱର୍ଗତ ପିତାଙ୍କ ଭାରତ ରତ୍ନ ସମ୍ମାନ ଗ୍ରହଣ କରିଛନ୍ତି।

ଭାରତ ରତ୍ନ ପ୍ରଦାନ କରାଯାଇଥିବା ଭୁତପୂର୍ବ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ କଂଗ୍ରେସରୁ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ▶ପୃଷ୍ଠା-୮

# ବଢ଼ିଲା ତାତି; ୨ରୁ ସ୍କୁଲ୍ ସକାଳୁଆ

## ମାଲକାନଗିରି ସର୍ବାଧିକ ଉତ୍ତପ୍ତ ସହର





■ **ଭୁବନେଶ୍ୱର, ୩୦।୩ (ସମିସ):** ଚଳିତ ବର୍ଷ ରାଜ୍ୟରେ ପ୍ରଥମଥର ପାଇଁ ୪୧ ଡିଗ୍ରୀ ତାପମାତ୍ରା ଛୁଇଁଛି ତାତି। ଆଜି ମାଲକାନଗିରି ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିବା ବେଳେ ଏଠାରେ ତାପମାତ୍ରା ସର୍ବାଧିକ ୪୧ ଡିଗ୍ରୀ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟ ୪ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଏହାବ୍ୟତୀତ ରାଜ୍ୟର ଅନ୍ୟ ଅଞ୍ଚଳରେ ଲୋକେ ତାତି ଏବଂ ଅସହ୍ୟ ଗୁଳୁଗୁଳିରେ ସନ୍ତୁଳି ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୩-୪ ଦିନ ହେବ ରାଜ୍ୟରେ ତାପମାତ୍ରା ଲଗାତାର ଭାବେ ବଢ଼ି ବଢ଼ି ଚାଲିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବରୁ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବା ନେଇ ଆକଳନ କରିଥିଲା।

ପୂର୍ବାନୁମାନ ଅନୁଯାୟୀ ଶୁକ୍ରବାର ରାଜ୍ୟର ୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବା ବେଳେ ଆଜି ମଧ୍ୟ ୫ ସହରରେ ପାରଦ ୪୦ ଡିଗ୍ରୀ ଉପରେ ରହିଛି। ମାଲକାନଗିରି ବ୍ୟତୀତ ବୌଦ୍ଧ ଓ ଟିଟିଲାଗଡରେ ତାପମାତ୍ରା ୪୦.୫ ଡିଗ୍ରୀ ଛୁଇଁଥିବା ବେଳେ ବଲାଙ୍ଗିରରେ ୪୦.୨ ଡିଗ୍ରୀ ଓ ନୟାଗଡରେ ୪୦ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଆଜି ତାପମାତ୍ରା ୩୭ ଡିଗ୍ରୀ ଓ କଟକରେ ୩୭.୬ ତାପମାତ୍ରା ଡିଗ୍ରୀ ରେକର୍ଡ କରାଯାଇଛି।

## ୭ରୁ ୧୧.୩୦ ପାଠପଢ଼ା

■ **ଭୁବନେଶ୍ୱର, ୩୦।୩ (ସମିସ):** ସଂପ୍ରତି ରାଜ୍ୟରେ ଆରମ୍ଭ ହୋଇଯାଇଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ସମୟରେ ପରିବର୍ତ୍ତନ କରିଛନ୍ତି ରାଜ୍ୟ ସରକାର। ଗ୍ରୀଷ୍ମ ପ୍ରବାହ ବଢୁଥିବା ଯୋଗୁଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି।

**ସ୍ଥିତି ଉପରେ ନଜର ରଖିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ**

ନିଷ୍ପତ୍ତି ଅନୁସାରେ, ଆସନ୍ତା ଏପ୍ରିଲ ୨ ତାରିଖରୁ ରାଜ୍ୟର ସମସ୍ତ ବିଦ୍ୟାଳୟ ସକାଳେ ଆରମ୍ଭ ହେବ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ସକାଳ ୭ରୁ ପୂର୍ବାହ୍ନ ୧୧.୩୦ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଶନିବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟରେ ସକାଳୁଆ ସ୍କୁଲ ଆରମ୍ଭ ପାଇଁ ନିଷ୍ପତ୍ତି ▶ପୃଷ୍ଠା-୮

### କୋଲକାତାରୁ ସୁନା ସ୍ମଗଲିଂ; ମଙ୍ଗୁଳିରେ ରୋକିଲା ଡିଆରଆଇ

# ୬.୫ କୋଟିର ସୁନା ବିସ୍କୁଟ ଜବତ

**ଦୁଇ ଅଭିଯୁକ୍ତ ଗିରଫ, କାର୍ ଜବତ**



■ **ଭୁବନେଶ୍ୱର, ୩୦।୩ (ସମିସ):** କଟକ ମଙ୍ଗୁଳି ଟୋଲ୍‌ପ୍ଲାଜାରୁ ବିପୁଳ ପରିମାଣର ଚୋରା ସୁନା ବିସ୍କୁଟ ଜବତ କରିଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ)। କୋଲକାତାରୁ ଏକ କାର୍‌ରେ ଚୋରା ଚାଲାଣ କରାଯାଉଥିବା ୯ କିଲୋ ୧୮୦ ଗ୍ରାମର ୬୫ଟି ସୁନା ବିସ୍କୁଟ୍ ଜବତ କରାଯାଇଛି। ଜବତ ସୁନା ବିସ୍କୁଟର ମୂଲ୍ୟ ୬ କୋଟି ୪୪ ଲକ୍ଷ ୪୬ହଜାର ୧୬୪ ଟଙ୍କା ହେବ ବୋଲି ଡିଆର୍‌ଆଇ ପକ୍ଷରୁ କୁହାଯାଇଛି। ଏହି ଚୋରା କାରବାରରେ ଜଡ଼ିତ ଥିବା ୨ଜଣଙ୍କୁ ଗିରଫ କରିବା ସହ କାର୍‌କୁ ଜବତ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବିଦେଶୀରୁ ଆସିଥିବା ସୁନା ବିସ୍କୁଟଗୁଡ଼ିକ କୋଲକାତାରୁ ଅନ୍ୟ ରାଜ୍ୟକୁ ଦୁଇ ସ୍ମଗଲର ଚାଲାଣ କରୁଥିଲେ। ଏକ କାର୍ ଯୋଗେ ସୁନା ବିସ୍କୁଟକୁ ସ୍ମଗଲିଂ କରୁଥିବା ବେଳେ ମଙ୍ଗୁଳି ଟୋଲ୍‌ପ୍ଲାଜା ନିକଟରେ ଡିଆର୍‌ଆଇର ଅଧିକାରୀଙ୍କମାନେ ଉକ୍ତ କାର୍‌କୁ ଅଟକାଇଥିଲେ। ଖାନ୍‌ତଲାସୀ ବେଳେ କାର୍‌ରେ ଏକ ଗୁପ୍ତ ଚାମ୍ବର ଓ ଲାଇଟ୍‌ରେ ଫିକ୍ସ କରି ଅତି ଚତୁରତାର ସହ ସୁନା ବିସ୍କୁଟଗୁଡ଼ିକ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଡିଆର୍‌ଆଇ ଅଧିକାରୀମାନେ ସମ୍ପୃକ୍ତ କାର୍‌କୁ ଯାଞ୍ଚ କରି ୬୫ଟି ସୁନା ବିସ୍କୁଟ ଜବତ କରିବା ସହ ଦୁଇ ସ୍ମଗଲରଙ୍କୁ କାବୁ କରିଥିଲେ। ସମ୍ପୃକ୍ତ ଦୁଇ ସ୍ମଗଲରଙ୍କ ଠାରୁ ଜବତ ହୋଇଥିବା ସୁନା ୨୪କ୍ୟାରେଟ୍ ହୋଇଥିବା ବେଳେ ସିଙ୍ଗାପୁର, ୟୁଏଇ, ଦୁବାଇ ଓ ସ୍ୱିଜରଲ୍ୟାଣ୍ଡର ସୁନା ବିସ୍କୁଟ ବୋଲି ଜଣାପଡ଼ିଛି। ଗିରଫ ଦୁଇ ଯୁବକଙ୍କୁ ଜେଲ୍ ପଠାଇ ଦିଆଯାଇଛି। ▶ପୃଷ୍ଠା-୮

### ଯାଜପୁରରୁ ସନ୍ଦିଗ୍ଧ କାଶ୍ମୀର ଆତଙ୍କବାଦୀ ଗିରଫ ମାମଲା

# ପ୍ରାଥମିକ ଚାର୍ଜସିଟ୍ ଦାଖଲ କଲା ଏସ୍‌ଟିଏଫ

■ **ଭୁବନେଶ୍ୱର, ୩୦।୩ (ସମିସ):** ଯାଜପୁରରୁ ଧରାପଡ଼ିଥିବା ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ସଇଦ ଈଶାନ ବୁଖାରୀ ମାମଲାରେ ଏସ୍‌ଟିଏଫ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି। ୩ଶହ ପୃଷ୍ଠାର ଚାର୍ଜସିଟ୍ କୋର୍ଟରେ ଦାଖଲ କରିଛି ଏସ୍‌ଟିଏଫ। ଈଶାନ ବୁଖାରୀ ବିରୋଧରେ ମିଳିଥିବା ପ୍ରମାଣ ଏବଂ ସାକ୍ଷୀ ସମ୍ପର୍କରେ ଏହି ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି।

ଏସ୍‌ଟିଏଫ ତଦନ୍ତରୁ ଜଣାପଡ଼ିଛି ଯେ, ଦୀର୍ଘ ୫ ବର୍ଷ ଧରି ନିଜକୁ ଡାକ୍ତର ସଜେଇ ରହୁଥିଲା ସଇଦ ଈଶାନ ବୁଖାରୀ। କେବେ ନିଜକୁ ଡାକ୍ତର ବୋଲି ପରିଚୟ ଦେଉଥିବା ବେଳେ ଆଉ କେତବେଳେ ପ୍ରଧାନମନ୍ତ୍ରୀ ଅଫିସ୍‌ର କର୍ମଚାରୀ ବୋଲି କହୁଥିଲା। ଯଦ୍ଦ୍ୱାରା ପାଇଁ ପୁଲିସ ତାଙ୍କୁ ସହଜରେ ଧରିପାରୁନଥିଲା। ତା ନିକଟରୁ ଜବତ ହୋଇଥିବା ୧୦୦ଟି ଡକ୍ୟୁମେଣ୍ଟ ଜାଲ ଥିବା ଜଣାପଡିବା ପରେ ସେ ନିଜକୁ ନକଲି ଅଫସିର କହି ଠକୁଥିବ ଜଣାପଡ଼ିଛି।



**ଏକାଧିକ ଲୋକଙ୍କୁ ମଧ୍ୟ ଠକିଥିବା ଚାର୍ଜସିଟ୍‌ରେ ଉଲ୍ଲେଖ**

**ପୁଲିସ ନଜରରୁ ବର୍ତ୍ତିବା ପାଇଁ ଏକାଧିକ ଯୁବତୀଙ୍କୁ ବିବାହ**

ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ମେଡିକାଲରେ ଡିଗ୍ରୀ ହାସଲ କରିଥିବା ନକଲି ସାର୍ଟିଫିକେଟ ଜବତ କରିଥିବା ଏସ୍‌ଟିଏଫ ତାର ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି। କାଶ୍ମୀର ଖୁପୱାଡାରେ ସଇଦ ଈଶାନ ବୁଖାରୀଙ୍କ ଘର। ସେ ବିଭିନ୍ନ ଅବରାଧୀକ କାର୍ଯ୍ୟରେ ଲିପ୍ତ ରହିଥିଲା। ପାକିସ୍ତାନୀ ଆତଙ୍କବାଦୀଙ୍କ ସହିତ ତା'ର ସମ୍ପର୍କ ରଖିଥିଲା। ଏଥିସହ ବିଭିନ୍ନ ଜାଲିଆତି କାର୍ଯ୍ୟରେ ମଧ୍ୟ ସମ୍ପୃକ୍ତ ଥିଲା। ଜାମ୍ମୁକାଶୀର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। କାଶ୍ମୀର ପୁଲିସ ତାଙ୍କୁ ଖୋଜୁଥିବା ବେଳେ ସେ କଶ୍ମୀର ଛାଡ଼ି କେରଳ ପଳାଇ ଯାଇଥିଲା। ଆଉ ତା'ପରେ ବଦଳି ଯାଇଥିଲା ଈଶାନର ଚିତ୍ର ଓ ଚରିତ୍ର। ସେ କେତେବେଳେ ନିଜକୁ ସ୍ନାୟୁ ବିଶେଷଜ୍ଞ ଡାକ୍ତରର ପରିଚୟ ଦେଉଥିଲା ତ ଆଉ କେତେବେଳେ ପିଏମ୍‌ଓ ଅଫିସର କର୍ମଚାରୀ ବୋଲି କହୁଥିଲେ। ଆଉ କେତେବେଳେ ନିଜକୁ ସେନା ଡାକ୍ତର ବନାଉଥିଲା। ସୋସିଆଲ ମିଡ଼ିଆରେ ଯୁବତୀଙ୍କୁ ପ୍ରେମ ନିବେଦନ କରୁଥିଲା। ସଇଦ ଈଶାନ ବୁଖାରୀ ଏପରି ଯୋଗ୍ୟତା ଦେଖି ପ୍ରେମରେ ପଡ଼ି ଯାଉଥିଲେ ସୁନ୍ଦରୀ ଯୁବତୀ। ମିଛ ବାହାନା ଦେଖାଇ ବିହା ହେଉଥିଲେ। ଏପରିକି ସଇଦ ଈଶାନ ନାମରେ ୟୁପିରେ ଲଭ୍ ▶ପୃଷ୍ଠା-୮

### ଶିମିଳିପାଳରେ ପୁଣି ବନ୍ୟପ୍ରାଣୀ ଶିକାର

# ସମ୍ବର ମାଂସ ଜବତ, ବନ୍ଧୁକ ସହ ୯ ଗିରଫ



■ **ବାରିପଦା, ୩୦।୩ (ସମିସ):** ଶିମିଳିପାଳ ଅଭୟାରଣ୍ୟକୁ ଶିକାର ଉଦ୍ଦେଶ୍ୟରେ ପଶିଥିବା ୯ଜଣ ଶିକାରୀଙ୍କୁ ବନବିଭାଗ ଗିରଫ କରିଛି। ଏଥିସହ ସେମାନଙ୍କ ପାଖରୁ ଗୋଟିଏ ସମ୍ବରର କଟା ମୁଣ୍ଡ ସହ ୩୦ କେଜି ମାଂସ ଓ ୯ଟି ଦେଶୀବନ୍ଧୁକ ଜବତ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶଚାନ୍ଦ ଗୋଗିନେନୀ ଶନିବାର ପୂର୍ବାହ୍ନରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନାରୁ ପ୍ରକାଶ ଯେ ଶୁକ୍ରବାର ରାତିରେ ଶିମିଳିପାଳର ଜେନାବିଲ ରେଞ୍ଜ ଅଞ୍ଚଳରେ ଉଦଳା ଥାନାର ପାଟଶାଣୀପୁର ଓ କୁଣ୍ଡାବାଇ ▶ପୃଷ୍ଠା-୮

# ୩ ଲୋକସଭା ପ୍ରାର୍ଥୀ ଘୋଷଣା କଲା ବିଜେପି

### କଟକରୁ ଭର୍ତ୍ତୃହରି, କନ୍ଧମାଳରୁ ସୁକାନ୍ତ, ଯାଜପୁରରୁ ରବିନ୍ଦ୍ର

■ **ଭୁବନେଶ୍ୱର, ୩୦।୩ (ସମିସ):** କେନ୍ଦ୍ର ବିଜେପି ଆଜି ରାଜ୍ୟରେ ବାକିଥିବା ଆଉ ୩ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଦଳ କଟକ ଲୋକସଭା ଆସନରୁ ପ୍ରାର୍ଥୀ କରିଛି। ସେହିପରି କନ୍ଧମାଳରୁ ଦଳ ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ଯାଜପୁରରୁ ଡ. ରବିନ୍ଦ୍ର ନାରାୟଣ ବେହେରାଙ୍କୁ ଦଳ ପ୍ରାର୍ଥୀ କରିଛି। ଆଜି କେନ୍ଦ୍ର ବିଜେପି ପକ୍ଷରୁ ଜାରୀ ଅଷ୍ଟମ ତାଲିକାରେ ଏହି ୩ ଜଣଙ୍କ ନାମ ଘୋଷଣା କରାଯାଇଛି। ତେବେ

**ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା ହେଲାନି**

ଦଳ ବିଧାନସଭା ପାଇଁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ।

ସୂଚନାଯୋଗ୍ୟ ଯେ କଟକରୁ ୬ ଥରର ସାଂସଦ ଭର୍ତ୍ତୃହରି ମହତାବ ଗତ ଗୁରବାର ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶିଥିଲେ। ସେ କଟକରୁ ପ୍ରାର୍ଥୀ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବା ବେଳେ ଏହା ସତ ପ୍ରମାଣିତ ହୋଇଛି। ସେହିପରି ରାଷ୍ଟ୍ରୀୟ ସ୍ୱୟଂ ସେବକ ପୃଷ୍ଠଭୂମିରୁ ଆସିଥିବା ସୁକାନ୍ତ କୁମାର ପାଣିଗ୍ରାହୀ ଏଥର କନ୍ଧମାଳରେ ନିଜ ଭାଗ୍ୟ ପରୀକ୍ଷା କରିବେ। ସୂଚନାଯୋଗ୍ୟ ଯେ ▶ପୃଷ୍ଠା-୮


SIKSHA 'O' ANUSANDHAN

SAAT-2024

Empowering students for a brighter future

M.TECH PROGRAMMES OFFERED
- M.Tech in Communication System Engineering
- M.Tech in Computer Science & Engineering
- M.Tech in Heat Power & Thermal Engineering
- M.Tech in Power System & Power Electronics
- M.Tech in Structural Engineering

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category
- 27th Best in Engineering Category

A monthly stipend will be provided to M.Tech students for a maximum period of two years

To apply for admission through SAAT, Please visit: www.soa.ac.in


## ଲୋକକଥା



ନେତା-କର୍ମୀ ଯଦି ଆସ୍ଥା ହରାଅନ୍ତି
ଭୋଟର କରିବେ କିଭଳି,
ସର୍କାର ଗଢ଼ିବ ମନେ ମନେ ଭାବି
ଖାଉଥାଅ ବସି ଚକୁଳି !
ଓଡ଼ିଶାରେ ଶଙ୍ଖ ଶଙ୍ଖାଳି,
ଏବେଠାରୁ ତାତି ଯେଭଳି ହେଲାଣି
'ପଦ୍ମୁଅଁ' ଯିବ କି ମଉଳି !!

### ରାଜନୀତିରେ ସିନେତାରକା

# ବଳ ଦେଉନି ଲୋକପ୍ରିୟତା

■ **ଭୁବନେଶ୍ୱର, ୩୦।୩ (ସମିସ):** ରାଜ୍ୟରେ ନିର୍ବାଚନୀ ଉଷ୍ମତା ଜୋର୍ ଧରିଛି। ଉଭୟ ଲୋକସଭା ଏବଂ ବିଧାନସଭାରେ ପ୍ରାର୍ଥିତ୍ୱକୁ ନେଇ ରାଜ୍ୟର ୩ ପ୍ରମୁଖ ଦଳ ନିଜର କସରତ୍ ଜାରି ରଖିଛନ୍ତି। ତେବେ ପ୍ରାର୍ଥୀ ଘୋଷଣା ପ୍ରକ୍ରିୟା ମଧ୍ୟରେ 'ଦଳଡିଆଁ ପର୍ବ' ରାଜ୍ୟ ରାଜନୀତିକୁ ସରଗରମ କରିଛି। ପ୍ରତିଦିନ ରାଜ୍ୟର ତିନି ପ୍ରମୁଖ ଦଳରୁ ନେତାଙ୍କ ଦଳ ତ୍ୟାଗ ଓ ଯୋଗଦାନ ଚର୍ଚ୍ଚାର ଶିରୋନାମା ପାଲଟିଛି। ଏହିକ୍ରମରେ ଅଭିନେତାରୁ ରାଜନେତା ପାଲଟିଥିବା ଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କ ନିଷ୍ପତ୍ତି ଓ ଭୂମିକା ନିର୍ବାଚନ ରଣାଙ୍ଗନକୁ ଅଧିକ ରୋଚକ କରିଛି। କିନ୍ତୁ ଓଡ଼ିଶାର ରାଜନୀତି ଇତିହାସକୁ ଅବଲୋକନ କଲେ, ସିନେ ଜଗତର ନାମକରା ତାରକାମାନେ ରାଜନୀତିରେ ଲୋକପ୍ରିୟତା

**ନୂଆ ଦଳରୁ ଭାଗ୍ୟ ପରୀକ୍ଷା କରିବେ ସିଦ୍ଧାନ୍ତ, ଅନୁଭବ, ଆକାଶ ଓ ଅରିନ୍ଦମ!**

**୨୦୨୪ ନିର୍ବାଚନ ହେବ ଅଭିନେତାଙ୍କ ପାଇଁ ଅଗ୍ନିପରୀକ୍ଷା**

ହାସଲ କରିବାରେ ସଂଘର୍ଷ କରିଛନ୍ତି। ବରଂ ଦଳର ଲୋକପ୍ରିୟତା ହିଁ ସେମାନଙ୍କୁ ସହାୟ ହୋଇଛି। ଦଳବଦଳ ଏମାନଙ୍କ ପାଇଁ ପ୍ରାୟତଃ ଘାତକ ସାଜିଛି। ପ୍ରତିଶ୍ରୁତି ପାଇ ଦଳ ବଦଳାଉଥିବା ନେତାଙ୍କ ଥଇଥାନ ଦଳ ମୁଖିଆଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଏପରିସ୍ଥଳେ ଓଲିଉଡର ନାମୀ କଳାକାର ତଥା ପୂର୍ବତନ ବ୍ରହ୍ମପୁର ସାଂସଦ ସିଦ୍ଧାନ୍ତ ମହାପାତ୍ର ଏବଂ ଅଭିନେତା ଅରିନ୍ଦମ ରାୟ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା ବେଳେ କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ଏବଂ କୋରେଇର ପୂର୍ବତନ ବିଧାୟକ ଆକାଶ ଦାସ ନାୟକ ମଧ୍ୟ ବିଜେଡିକୁ ବାୟ ବାୟ କରିଛନ୍ତି। ଏମାନେ ଖୁବଶୀଘ୍ର ବିଜେପିରେ ଯୋଗଦେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଚଳିତ ନିର୍ବାଚନ ଋତୁରେ ଓଡ଼ିଆ ସିନେ ତାରକା ରାଜ୍ୟ ବିଜେପିକୁ ପ୍ରଥମ ପସନ୍ଦ ଭାବେ ବାଛିଛନ୍ତି। ଏପରିକି ଏମାନଙ୍କ ମଧ୍ୟରୁ ଜଣେ କିମ୍ବା ଦୁଇଜଣଙ୍କୁ ସାଂସଦ ଟିକଟ ମିଳିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। କିନ୍ତୁ ଶନିବାର କନ୍ଧମାଳ, ଯାଜପୁର ଓ କଟକ ଲୋକସଭା ପାଇଁ ବିଜେପି ପ୍ରାର୍ଥୀ ଘୋଷଣା ପରେ ଏହି ଚର୍ଚ୍ଚାରେ ବିରାମ ଲାଗିଛି। ଅନ୍ୟପକ୍ଷରେ ବିଜେପି ଏପର୍ଯ୍ୟନ୍ତ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରି ▶ପୃଷ୍ଠା-୮

## ରେଙ୍ଗାଲି କେନାଲ ତଳକୁ ଖସିଲା ବୋଲେରୋ, ଦୁଇ ଗୁରୁତର

**ସୁକିନ୍ଦା, ୩୦।୩ (ସମିସ):** କାଦୁଅବନ୍ଧୀ ଗ୍ରାମ ନିକଟ ରେଙ୍ଗାଲି କେନାଲ ରାସ୍ତାରେ ଯାଉଥିବା ଏକ ବୋଲେରୋ ତଳକୁ ଖସି ପଡ଼ିବାରୁ ଦୁଇଜଣ ଆହତ



ହୋଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଲେମ୍ବୋ ପଞ୍ଚାୟତ ସାନ୍ତରାପୁର ଗ୍ରାମର ମିଲୁ କୁମାର ମହାନ୍ତ(୩୨) ଓ ରାଙ୍କିଆ ଗ୍ରାମର ବ୍ରଜମୋହନ ମହାନ୍ତଙ୍କ ପୁଅ ରବୀନ୍ଦ୍ର ମହାନ୍ତ(୩୦) ବୋଲେରୋ ଗାଡ଼ିରେ ରେଙ୍ଗାଲି କେନାଲ ରାସ୍ତାରେ ସୁକିନ୍ଦା ଖଣି ଅଞ୍ଚଳକୁ ଯାଉଥିବା ସମୟରେ ହଠାତ୍ ଗାଡ଼ିଟି ରେଙ୍ଗାଲି କେନାଲ ରାସ୍ତାର ୨୫ ଫୁଟ ତଳକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ମିଲୁ ଓ ରବୀନ୍ଦ୍ର ଆହତ ହୋଇଥିବାବେଳେ କାଳିଆପାଣି ପୁଲିସ ସୂଚନା ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରବୀନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ଶିକ୍ଷାବିତ୍ ଆହତ

**ପ୍ରୀତିପୁର, ୩୦।୩ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରୁଣା ଗ୍ରାମର ଶିକ୍ଷାବିତ୍ ତଥା ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ବରିଷ୍ଠ ଉପଦେଷ୍ଟା ଅକ୍ଷୟ କୁମାର ନାୟକ ଗତକାଲି ରାତିରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚିକିତ୍ସିତ ହେଉଛନ୍ତି। ଗୁରୁବାର ରାତି ପ୍ରାୟ ୯ଟା ସମୟରେ ବିଞ୍ଝାରପୁରରୁ ଯାଜପୁର ଅଭିମୁଖେ ଅକ୍ଷୟ ଯାଉଥିବାବେଳେ ତାଉଁତରା ଛକ ନିକଟରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ତାଙ୍କ ମୁଣ୍ଡ, ଗୋଡ ଓ ହାତରେ ଗଭିର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ଓ ସାମ୍ବାଦିକ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅକ୍ଷୟ ନାୟକଙ୍କ ଦୁର୍ଘଟଣା ଖବର ପାଇ ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ସମସ୍ତ କର୍ମକର୍ତ୍ତା ଓ ଅଧିକାରୀ ଶ୍ରୀ ନାୟକଙ୍କୁ ଭେଟିବା ସହିତ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିଞ୍ଝାରପୁର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଅକ୍ଷୟଙ୍କୁ ଭେଟିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## କୁଖ୍ୟାତ ଅପରାଧୀ ବୁଲା ଯେନା ଗିରଫ

**ପ୍ରୀତିପୁର, ୩୦।୩(ସମିସ):** ବିଞ୍ଝାରପୁର ଥାନା ପୁଲିସ ଆଜି ଜଣେ କୁଖ୍ୟାତ ଅପରାଧୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଅପରାଧୀ ଜଣକ ମାଁସଡା ପଞ୍ଚାୟତ ଅଲାରପୁର ଗ୍ରାମର ବୁଲା ଯେନା ଓରଫ ଧନେଶ୍ୱର। ଧନେଶ୍ୱର ୨୦୦୮ରେ ବିଞ୍ଝାରପୁର ଅଞ୍ଚଳରେ ଲୁଟତରାଜ କରି ଆତଙ୍କ ଖେଳାଇଥିଲା। ଅନେକଙ୍କ ଘରକୁ ଟାର୍ଗେଟ କରି ବୁଲା କଳାକନା ବୁଲାଉଥିଲା। ଏପରିକି ଲୋକଙ୍କୁ ଆକ୍ରମଣ କରି ଟଙ୍କା ସୁନା ଆଦି ଛଡାଇ ନେଉଥିବା ଭଳି ସଙ୍ଗୀନ ଅଭିଯୋଗ ବୁଲା ନାମରେ ରହିଥିଲା। ବୁଲା ପୁଲିସକୁ ଚକ୍‌ମା ଦେଇ ବାରମ୍ବାର ଫେରାର ହେବାରେ ସଫଳ ହୋଇଥିଲା। ଦୀର୍ଘ ୧୬ ବର୍ଷ ଧରି ବୁଲା ପୁଲିସ ନଜରରୁ ଫେରାର ରହିଥିଲା। ବୁଲା ନାମରେ ଏକାଧିକ ୱାରେଣ୍ଟ ମଧ୍ୟ ରହିଛି। ଗତକାଲି ବିଳମ୍ବିତ ରାତିରେ ବିଞ୍ଝାରପୁର ଥାନା ଆଇଆଇସି ଅଂଶୁମାଳା ଦାସ ବୁଲାକୁ ଗିରଫ କରିବାରେ ସଫଳ ହୋଇଛନ୍ତି। ବୁଲା ଶୁକ୍ରବାର ଗ୍ରାମକୁ ଫେରିଥିବା ନେଇ ପୁଲିସ ଖବର ପାଇବା ପରେ ଚଢ଼ଉ କରି ତାକୁ ଗିରଫ କରାଯାଇଥିଲା। ଆଜି ବିଞ୍ଝାରପୁର ଥାନା ପୁଲିସ ବୁଲାକୁ ଜିଡି ନଂ ୫୮୭/୨୦୦୮ ଓ ୫୯୧/୨୦୦୮ ଅନୁଯାୟୀ ଗିରଫ କରି କୋର୍ଟ ଚାଲାଣ କରିଛି।

### କାଏମା-ନରସିଂହପୁର ନୀରଘାଟ ସଂଯୋଗୀକରଣ ରାସ୍ତା କାମ ନିମ୍ନମାନର ଅଭିଯୋଗ

# ଗ୍ରାମବାସୀଙ୍କ ବିରୋଧ ପରେ ବିଭାଗ ପକ୍ଷରୁ କାମ ବନ୍ଦ

**ଧର୍ମଶାଳା, ୩୦।୩(ସମିସ)**

ରାଜ୍ୟ ସରକାର ଗ୍ରାମାଞ୍ଚଳ ରାସ୍ତାର ଉନ୍ନତିକରଣ ନିମନ୍ତେ କୋଟି କୋଟି ବ୍ୟୟ କରି କଂକ୍ରିଟ୍ ରାସ୍ତା ନିର୍ମାଣ କରୁଛନ୍ତି। ତେବେ ସଠିକ୍ କାମ ବଦଳରେ ନିମ୍ନମାନର କରାଯାଉଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମିଳି ଭଗବତରେ ନିମ୍ନମାନର କାର୍ଯ୍ୟକୁ ବିରୋଧ କରି କାର୍ଯ୍ୟ ବନ୍ଦ କରିଛନ୍ତି ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି କାଏମା-ନରସିଂହପୁର ନୀରଘାଟ ସଂଯୋଗୀକରଣ ରାସ୍ତାରେ। ନିମ୍ନମାନର କାମକୁ ଗ୍ରାମବାସୀ ବିରୋଧ କରିବାରୁ ବିଭାଗ ପକ୍ଷରୁ କାମ ବନ୍ଦ କରାଯାଇଥିବା ଜଣାଯାଇଛି।

ପାଣିକୋଇଲି (ଆର ଆଣ୍ଡ ବି) ଡିଭିଜନ ଅଧୀନରେ ଥିବା ଧର୍ମଶାଳା ନିର୍ବାଚନମଣ୍ଡଳୀର ନରସିଂହପୁରଠାରୁ ବରୀ ନିର୍ବାଚନ ମଣ୍ଡଳୀ ବ୍ରହ୍ମବରଦା ବ୍ୟାଙ୍କ ଛକ ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା ପାଇଁ ସରକାରଙ୍କ ପକ୍ଷରୁ ପାଖାପାଖି ୧୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାର ଅବଧି ସମୟ ଚଳିତ ବର୍ଷ ଅଗଷ୍ଟ ମାସ ପର୍ଯ୍ୟନ୍ତ ରହିଛି। ଏବେ ଏହି କାର୍ଯ୍ୟ ଅତି ନିମ୍ନମାନର କରାଯାଉଛି। ନିମ୍ନମାନର ବାଲି, ଚିପ୍‌ସ ଓ ଲୁହା ରଡ୍ ବ୍ୟବହାର କରାଯାଇଛି। ସିମେଣ୍ଟ ଅଧିକ ଭାଗ ବଦଳରେ ବାଲି ଭାଗ ବେଶୀରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ଯାହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ନିର୍ମାଣ କାର୍ଯ୍ୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନିୟମ ରହିଥିବାବେଳେ ଏହି କାର୍ଯ୍ୟରେ କେହି ଅଧିକାରୀ ଉପସ୍ଥିତ ନ ଥିବାରୁ ଠିକାଦାର ନିଜ ମନ ମୁତାବକ କାମ କରୁଥିବା ନେଇ ଗ୍ରାମବାସୀ ବାରମ୍ବାର ଠିକାଦାରଙ୍କ ନିକଟରେ ଦାବି କରିଆସୁଥିଲେ। ଅନ୍ୟପକ୍ଷରେ କେତେ ଭାଗରେ କାର୍ଯ୍ୟ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଜାଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କୁ ସୂଚନା ଅଧିକାର ଆଇନରେ ତଥ୍ୟ ମାଗି ଜାଣିବାକୁ ଠିକାଦାର ରୋକଠୋକ ଜଣାଇଥିଲେ। ୧୫ ଦିନ ହେବ ଏହି କାର୍ଯ୍ୟ ଚାଲୁ ରହିଥିବାବେଳେ ଠିକାଦାର ଗ୍ରାମବାସୀଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଆଜି ମଙ୍ଗଳପୁର



ପଞ୍ଚାୟତର ନୂଆକୂଳ ଓ କୋଠିଡିହ ଗ୍ରାମବାସୀ ଏହାକୁ ଦୃଢ ବିରୋଧ କରି କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି। ବିଭାଗୀୟ ଅଧିକାରୀ କାର୍ଯ୍ୟସ୍ଥଳରେ ଉପସ୍ଥିତ ନ ରହିଲେ ଏହି କାମକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଏସଡିଓ ମହେଶ୍ୱର ସାହୁଙ୍କୁ ପଚାରିବାରୁ ବର୍ତ୍ତମାନ କାମ ବନ୍ଦ ରଖାଯାଇଛି। ଖୁବ୍‌ଶୀଘ୍ର ଅଭିଯୋଗର ତଦନ୍ତ କରାଯିବ।

## ବଜ୍ରାଘାତରେ ଆହତ ଯୁବକଙ୍କୁ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ସହାୟତା



**ଧର୍ମଶାଳା, ୩୦।୩(ସମିସ):** ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତର ଚାଇନିହୁଡ଼ା ନିବାସୀ ବଟକୃଷ୍ଣ ତରାଇଙ୍କ ପୁଅ ମନୋଜ (୧୮) ବଜ୍ରାଘାତରେ ଆହତ ହୋଇଥିଲେ। ଗତବର୍ଷ ସେପ୍ଟେମ୍ବର ମାସରୁ ସେ ଚିକିତ୍ସାଧୀନ ରହିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଥିବା ଅର୍ଥ ଶେଷ ହୋଇଯାଇଛି। ବର୍ତ୍ତମାନ ତାଙ୍କ ପାଖରେ ଅର୍ଥର ଅଭାବ ରହିଛି। ସେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିନାହାନ୍ତି। ଏ ଖବର ପାଇ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁର ପଞ୍ଚାୟତ ହାଇସ୍କୁଲ ପୁରାତନ ଛାତ୍ର ସଂଗଠନର କର୍ମକର୍ତ୍ତା ସେଠାରେ ପହଞ୍ଚି ଆର୍ôଥକ ସହାୟତା ପ୍ରଦାନ ସହ ଆରୋଗ୍ୟ କାମନା କରିଛନ୍ତି। ପୁରାତନ ଛାତ୍ର ମାୟାଧର ରାଉତ, ରବୀନ୍ଦ୍ର ସେଠୀ, ସୁଶୀଲ କୁମାର ଦାସ, ରବୀନ୍ଦ୍ର ଦାସ ଓ ଆଜିର କୁମାର ସ୍ୱାଇଁ ମନୋଜଙ୍କ ବାସଭବନରେ ପହଞ୍ଚି ଏହି ସହାୟତା ପ୍ରଦାନ କରିଥିବା ଜଣାଯାଇଛି।

## ଧବଳେଶ୍ୱର ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

**ପାଣିକୋଇଲି, ୩୦।୩(ସମିସ):** ପାଣିକୋଇଲି ପଞ୍ଚାୟତର ପାଣିକୋଇଲି ଧବଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୨୯ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନାମଯଜ୍ଞରେ ଟିକର, କୁଆଖିଆ, କେଉଟନଗୁହଆଁ, ହଳଦୀଗଡ଼ିଆ, ନୁରୁଗାଁ ଆଦି କୀର୍ତ୍ତନ ଦଳ ଭାଗ ନେଇ ନାମ ସଂକୀର୍ତ୍ତନ କରିଥିଲେ। ମୁଖ୍ୟ ପୁରୋଧା ଅନନ୍ତ ରଣା ଥିବାବେଳେ ବଟକୃଷ୍ଣ ସ୍ୱାଇଁ, ଅଭିନ ସେଠୀ, ଅକ୍ଷୟ ବେହେରା, ସୁରେଶ ରଣା, ରମେଶ ରଣା, ଅନିରୁଦ୍ଧ ରଣା, କପିଳେଶ୍ୱର ରଣା, ଭୀମସେନ ବେହେରା ପ୍ରମୁଖ ଗୌରଭକ୍ତ ପରିଚାଳନାରେ ସହଯୋଗ କରିଥିଲେ।



## ମଦ ଜବତ, ଜଣେ ଗିରଫ

**ସିଂହପୁର, ୩୦।୩ (ସମିସ):** ସିଂହପୁର ନିକଟସ୍ଥ ଜରୀ ବିଟ୍ ହାଉସ ଅଧୀନସ୍ଥ ଜରୀ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ପୁଲିସ ଚଢ଼ଉ କରି ବିପୁଳ ମଦ ଜବତ କରିବା ସହିତ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜରୀ ଗ୍ରାମର ଦେବ ମଲ୍ଲିକଙ୍କ ପୁଅ ରଞ୍ଜିତ ମଲ୍ଲିକ ଦୀର୍ଘଦିନ ହେବ ଏହି ଅଞ୍ଚଳରେ ଚୋରାମଦ କାରବାର କରିଆସୁଥିଲା। ଗତକାଲି ବିଞ୍ଝାରପୁର ଥାନା ଓ ଜରୀ ପୁଲିସ ମିଳିତ ଚଢ଼ଉ କରି ରଞ୍ଜିତ ନିକଟରୁ ୧୧.୨୦୦ ମିଲିଲିଟର ମଦ ଜବତ କରିବା ସହିତ ତାଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

## ଦେଶୀମଦ ଜବତ, ବେପାରୀ ଗିରଫ

**ପାଣିକୋଇଲି, ୩୦।୩(ସମିସ):** ପାଣିକୋଇଲି ପୁଲିସ ଜଣେ ଦେଶୀମଦ ବେପାରୀକୁ ଗିରଫ କରିବା ସହ ତା'ନିକଟରୁ ଦେଶୀ ମହୁଲି ମଦ ଜବତ କରିବାରେ ସକ୍ଷମ ହୋଇଛି। ମୂଳାପାଳ ପଞ୍ଚାୟତ ଅନ୍ତର୍ଗତ ରଣପାଳ ଗ୍ରାମରେ ବେଆଇନ ଭାବେ ଦେଶୀ ମଦ ବିକ୍ରିର ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ସବଇନ୍ସପେକ୍ଟର ପ୍ରକାଶ ପ୍ରଧାନ ସଦଳବଳେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ରଣପାଳ ଗ୍ରାମର କୀର୍ତ୍ତନ ବାରିକଙ୍କ ପୁଅ ବିଦ୍ୟାଧର ବାରିକ (୫୩)କୁ ଧରିଥିଲେ। ତା' ନିକଟରୁ ଏକ ଧଳା ଜାରରେ ୧୦ଲିଟର ଦେଶୀ ମହୁଲି ମଦ ଜବତ କରିଥିଲେ। ତାକୁ ଗିରଫ କରାଯାଇଥିବା ଏଏସଆଇ ଉଦୟନାଥ ସୋରେନ ସୂଚନା ଦେଇଛନ୍ତି।

## ବିଷପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ପାଣିକୋଇଲି, ୩୦।୩(ସମିସ):** ପାଣିକୋଇଲି ଗ୍ରାମରେ ମାମୁଁ ଘରେ ରହୁଥିବା ଜଣେ ଯୁବକ ଶୁକ୍ରବାର ବିଷପିଇ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପାଣିକୋଇଲି ଥାନା ତଥା କରଦା ପଞ୍ଚାୟତ ଅନ୍ତର୍ଗତ ବର୍ତ୍ତମଣା ଗ୍ରାମର ଶଶୀଭୂଷଣ ପାଢ଼ୀଙ୍କ ପୁଅ ଗଣେଶ (୨୫) ପିଲାବେଳୁ ପାଣିକୋଇଲି ଗ୍ରାମରେ ଥିବା ମାମୁଁ ଘରେ ରହିବା ସହିତ ବ୍ୟବସାୟ କରୁଥିଲେ। ତେବେ କୌଣସି କାରଣକୁ ନେଇ ମାନସିକ ଭାରସାମ୍ୟ ହରାଇବା ପରେ ସେ ଶୁକ୍ରବାର ଦିନ ବିଷ ପିଇଦେଇଥିଲେ। ଘରଲୋକ ଜାଣିପାରି ତାଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କ ଅବସ୍ଥା ଦେଖି କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ବର୍ତ୍ତମାନ ସେ ସେଠାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

## ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

**ଚଢ଼େଇଧରା, ୩୦।୩ (ସମିସ):** ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ମଣ୍ଡଳ ଶିକ୍ଷା ନିରୀକ୍ଷକ ଶ୍ରୀମତୀ ସଞ୍ଚିତା ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଶିକ୍ଷା ହିଁ ପ୍ରକୃତ ଶିକ୍ଷା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୀର୍ତ୍ତି କୁମାର ପାତ୍ର, ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବପ୍ରସାଦ ମଲ୍ଲ ଓ ବିଦ୍ୟାଳୟର ପରିଚାଳନା ଉପାଧ୍ୟକ୍ଷ ରଞ୍ଜିତ କୁମାର ସୋରେନ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ୨୨-୨୩ ଶିକ୍ଷା ବର୍ଷର ବାର୍ଷିକ ବୋର୍ଡ ପରୀକ୍ଷାରେ



ପ୍ରଥମ ସ୍ଥାନ ଅଧିକାର କରିଥିବା ସୌମ୍ୟରଞ୍ଜନ ନାୟକଙ୍କୁ ମାନପତ୍ର, ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ପୁଷ୍ପଲତା ମହାରଣା, ଶିକ୍ଷକ ଆଶୁତୋଷ ଦେବୀପ୍ରସାଦ ରାଉତ, ଦାମୋଦର ବେହେରା, ଧନଞ୍ଜୟ ଦାସ, ପ୍ରସନ୍ନ ବେହେରା ପ୍ରମୁଖ ସହଯୋଗ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ପତରାଜପୁର ଦୋଳ ମେଳଣ ଉଦ୍‌ଯାପିତ



**ବାଲିଚନ୍ଦ୍ରପୁର, ୩୦।୩(ସମିସ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତର ପ୍ରସିଦ୍ଧ ପତରାଜପୁର ଦୋଳ ମେଳଣ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣରେ ମୋଟ ୧୦ଟି ବିମାନ ଯୋଗଦେଇଥିଲେ। ପତରାଜପୁର ଗ୍ରାମର ଥାନପତି ରାଧାମାଧବଜୀଉ, ଅକରପଡ଼ା, ମାଣିତ୍ରୀ, ମାଟିପାରିଲୋ, ରାହାଣିଆ, ବିଲିପଡ଼ା ପ୍ରମୁଖ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଶୋଭାଯାତ୍ରାରେ ଆସି ଯୋଗଦେଇଥିଲେ। ଏହି ମେଳଣ ଉତ୍ସବରେ ସାହାସପୁର କଲେଜଠାରୁ ଥାନପତିଙ୍କୁ ମିଶାଇ ୬ଟି ବିମାନ ଓ ଅକରପଡ଼ାଠାରୁ ୪ଟି ବିମାନ ବିରାଟ ଶୋଭାଯାତ୍ରା କରି କୀର୍ତ୍ତନ, ଭଜନ, ଘୋଡାନାଚ, ଷଣ୍ଢନାଚ, ପଞ୍ଜାବୀ ବାଜା ରୋଷଣୀରେ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପତରାଜପୁର ଗୋସେଇଁ ବିମାନ ପ୍ରଥମେ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ବସିବା ପରେ ଅନ୍ୟ ବିମାନ ଶୋଭାଯାତ୍ରା କରି ପଡ଼ିଆରେ ପ୍ରବେଶ କରିଥିଲେ। ସମସ୍ତ ବିମାନକୁ ଭୋଗଲାଗି କରିବା ପରେ କମିଟି ପକ୍ଷରୁ ଠାକୁରବାଡିର ମୁଖିଆଙ୍କୁ ସ୍ୱାଗତ କରି ଆର୍ଥିକ ରାଶି ଦେଇ ମେଲାଣି ଦେଇଥିଲେ। ଛତିଆ ଇସ୍କନ ମନ୍ଦିର ବିଦ୍ୟାଧରପୁରରୁ ଆସିଥିବା ପ୍ରଜାପତି ଗୌତମ ଦାସ, ଚାରୁ କେଶବ ଦାସ, ରାଧାରମଣ ଦାସ, କୁଳଶେଖର ଦାସ, ଗୁଡାକେଶ ଦାସ, ପ୍ରଶାନ୍ତ କୁମାର ଦାସ ଓ ତାଙ୍କ ସାଥିଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନରେ ମେଳଣ ପଡ଼ିଆ ଉତ୍ସବ ମୁଖରିତ ହୋଇଥିଲା।

### ବାଲିଆ ମେଳଣ

**ବରୀ, ୩୦।୩ (ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଲିଆଠାରେ ଶତାଧିକ ବର୍ଷର ପ୍ରାଚୀନ ବାଲିଆ ମେଳଣ ଗୁରୁବାର ମଧ୍ୟରାତ୍ରରୁ ଆରମ୍ଭ ହୋଇ ଶୁକ୍ରବାର ସକାଳେ ଉଦ୍‌ଯାପିତ ହୋଇଛି। ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମ ସ୍ଥାନରେ ଅନୁଷ୍ଠିତ ଏହି ମେଳଣରେ ଥାନପତି ଭାବେ ସ୍ଥାନୀୟ ରାଧାମୋହନ ବିମାନ ଶୋଭା ପାଉଥା'ନ୍ତି। ଏତଦ୍‌ଭିନ୍ନ ଗୋପୀନାଥ ବିମାନ ଶଙ୍କରାକୂଳର ରାଧାଗୋବିନ୍ଦ, ନାଥପୁର କେନ୍ଦୁଆର ଶ୍ରୀଜଗନ୍ନାଥ ଜୀଉ, କଳାଖଣ୍ଡର ଗୋପୀନାଥ ଜୀଉ, ଗୋପାଳଜୀଉ ମଠ ବାଲିଆ-ଈଶାଣପୁରର ବିମାନ, ସାଉଡିଆର ରାଧାଗୋବିନ୍ଦ ବିମାନ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପାରମ୍ପାରିକ ବାଡି ଖେଳ, ଷଣ୍ଢ ଲଢେଇ, ଘୋଡାନାଚ, ବାରୁଆଳି ନୃତ୍ୟ, ମୟୂର ନୃତ୍ୟ ସହ ଭଜନ କୀର୍ତ୍ତନ ମାଧ୍ୟମରେ ବିମାନଗୁଡିକ ମେଳଣ ପଡ଼ିଆ ନିକଟକୁ ଆସୁଥିବାବେଳେ ଆତସବାଜି ଶୋଭାଯାତ୍ରାକୁ ଆହୁରି ଆର୍କର୍ଷଣୀୟ କରିଥିଲା।





### ଓଲସାହି ମେଳଣ

**ଦଶରଥପୁର, ୩୦।୩(ସମିସ):** ଦଶରଥପୁର ବ୍ଲକର କନିକାପଡ଼ା ପଞ୍ଚାୟତ ଓଲସାହିଠାରେ ସର୍ବପୂରାତନ ମେଳଣ ଓଲସାହି ହାଟ ପଡ଼ିଆରେ ଓଲସାହି ମେଳଣ ଅନୁଷ୍ଠିତ ହୋଇଯାଇଛି। ବୁଧବାର ରାତିରେ ଏହି ମେଳଣ ଆରମ୍ଭ ହୋଇ ଶୁକ୍ରବାର ସନ୍ଧ୍ୟାରେ ଶେଷ ହୋଇଛି। କନିକାପଡ଼ା ଗ୍ରାମର ଶ୍ୟାମସୁନ୍ଦର ଜୀଉ ଥାନପତି ଓ ଛଚିଣା ଗ୍ରାମର ବୃନ୍ଦାବନ ଚନ୍ଦ୍ର ଜୀଉ ଏକାସାଙ୍ଗରେ ଆସି ମେଳଣ ପଡ଼ିଆରେ ବସିଥିଲେ। ଦଶରଥପୁର, ବିଂଝାରପୁର ବ୍ଲକ ସହ ପଡ଼ୋଶୀ ଭଦ୍ରକ ଜିଲ୍ଲାର ଧାମନଗର ଅଞ୍ଚଳରୁ ୮୫ଟି ବିମାନ ଆସିଥିବାବେଳେ ଶେଷରେ ରଘୁନାଥ ଜୀଉ (ମନସିଂହପାଟଣା) ବିମାନ ପହଞ୍ଚିଥିଲା। ଏଥିରେ ମୁଖ୍ୟ ପୁରୋଧା ଭାବେ ଚୌଧୁରୀ ଦେବପ୍ରସାଦ ରାଉତରାୟ ମହାପାତ୍ରଙ୍କ ସହ କମିଟି ପକ୍ଷରୁ ସଦାନନ୍ଦ ପୃଷ୍ଟି, ବିଜୟ କୁମାର ମହାପାତ୍ର, ଉମାକାନ୍ତ ମହାପାତ୍ର, ରମେଶ କୁମାର ମହାପାତ୍ର, ଖଗେଶ୍ୱର ଭଞ୍ଜ, ବିଚିତ୍ରାନନ୍ଦ ମହାପାତ୍ର, ଭାଗୀରଥି ସାମଲ, କଳ୍ପତରୁ ସାମଲ, ଶ୍ୟାମସୁନ୍ଦର ବିଶ୍ୱାଳ, ଗୋଲକ ଚନ୍ଦ୍ର ଦାସ, ଦିଲ୍ଲୀପ କୁମାର ସାମଲ, ସମିତିସଭ୍ୟ ସତ୍ୟପ୍ରସନ୍ନ ମହାପାତ୍ର, ଉତ୍କଳ ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ପରିଚାଳନା କରିଥିଲେ। ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୀତା ପାଠାଶାଳ(ବଉଳାଙ୍ଗ)ର ପଥ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ସେହିପରି ଏସଜି କଲେଜ ଏନଏସଏସ ପକ୍ଷରୁ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଜଳଛତ୍ରର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମଙ୍ଗଳପୁର ପୁଲିସ ପକ୍ଷରୁ ଆଇଆଇସି ଚିନ୍ମୟୀ ସାହୁଙ୍କ ନେତୃତ୍ୱରେ ଏସଆଇ ସୁଶାନ୍ତ ସେଠୀ, ଏଏସଆଇ ବିକ୍ରମ ରାଉତରାୟ, ଚନ୍ଦନ ମହାନ୍ତି, ସଂଯୁକ୍ତା ପଣ୍ଡା ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଆଜି ଶେଷ ଦିନରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ମଙ୍ଗଳପୁରର ଗୋପୀନାଥ ଜୀଉ ଥାନପତି ଭାବେ ପ୍ରଥମେ ବସିଥିଲେ। ସୁଶୀଲ ରାୟ, ରାମଚନ୍ଦ୍ର ରାୟ, ପରୀକ୍ଷିତ ରାୟ, ତପନ ମହାପାତ୍ର, ପ୍ରଦୀର ରାୟ, ପ୍ରତାପ ରାୟ, ପ୍ରମୋଦ ପଣ୍ଡା, ପ୍ରଦୀପ ମହାପାତ୍ର, ଅନୀଲ ରାୟଙ୍କ ସମେତ କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ମାନସିଂହପାଟଣା, ହୀରାପୁର, ପାଳଟପୁର, ମୁରାରୀପୁର, ଚଣ୍ଡିଗୋଳ, ଦଶରଥପୁରରେ ଦୋଳ ମେଳଣ ଅନୁଷ୍ଠିତ ହୋଇଛି।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



୰ ବିବସ୍ୱ ସାହୁ
ଅବସରପ୍ରାପ୍ତ ବନ କର୍ମଚାରୀ
ତୁଲଣ୍ଡା, ତରଭା, ସୋନପୁର
ଧରାବତରଣ- ୧୪.୦୪.୧୯୫୬, ସର୍ଗାରୋହଣ- ୨୧.୦୩.୨୦୨୪

ଆପଣଙ୍କ ସ୍ନେହ, ମମତା, ପିତୃମାତୃ ଭକ୍ତି, ଜୀବନରେ ଈଶ୍ୱର ନିଷ୍ଠା, ସନ୍ତାନ ପ୍ରତି ଅକୁଣ୍ଠିତ ବାତ୍ସଲ୍ୟ ପ୍ରତିଫଳିତ ହୋଇଥିଲା। ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ବାପା - ଗୋପିନାଥ ସାହୁ, ପତ୍ନୀ- ସଂଯୁକ୍ତା, ଝିଅ- ଅନିତା, ସୁନିତା, ଲଳିତା, ଅଙ୍କିତା, ସଞ୍ଜିତା, ଭାଇ- ଶ୍ରୀବସ, ପୂର୍ଣ୍ଣଚନ୍ଦ୍ର, ଜ୍ୱାଇଁ- ପ୍ରିୟରଞ୍ଜନ, ଦେବବ୍ରତ, ପୁତୁରା- ଅଂଶୁ, ପିଙ୍କୁ, ରିଙ୍କୁ, ନାତୁଣୀ- ପ୍ରତୀକ୍ଷା, ସମୀକ୍ଷା, ମିଷ୍ଟି, ନାତି - ଦିପେଶ ଓ ପରିବାରବର୍ଗ।

## ପ୍ରଶାସନ ନିଦାବିଷ୍ଟ, ବଢୁଛି ଜବରଦଖଲ

# ଲକ୍ଷେ ଦେଲେ ମିଳୁଛି ଜଙ୍ଗଲ କିସମ ଓ ଅନାବାଦୀ ଜମି

ଦାନଗଦି, ୩୦।୩(ସମିସ)



ଦାନଗଦି ତହସିଲ ଅଞ୍ଚଳରେ ଦିନକୁ ଦିନ ଜବରଦଖଲ ବଢ଼ିବାରେ ଲାଗିଛି। ବ୍ୟାପକ ଶିଳ୍ପ ସଂସ୍ଥା ଯୋଗୁଁ ଶ୍ରମିକ ଓ କର୍ମଚାରୀ ଦାନଗଦିରେ ରହିବାକୁ ପସନ୍ଦ କରୁଛନ୍ତି। ଫଳରେ ଦାନଗଦିରେ ଭଡ଼ା ଘର ମିଳିବା କଷ୍ଟକର ହୋଇପଡ଼ିଛି। ଦାନଗଦି ବ୍ଲକ ହେଡ କ୍ୱାଟରରେ ରହିଛି ତ୍ରିଜଙ୍ଗା ପଞ୍ଚାୟତ। ତ୍ରିଜଙ୍ଗା ପଞ୍ଚାୟତ ସମେତ ମଙ୍ଗଳପୁର, ଯଖପୁରା, ମାନତୀରା, ରାଛିପୁର, ରାଣୀପଡ଼ା, ଧୁଳିଗଡ଼ ଆଦି ପଞ୍ଚାୟତ ଅଧୀନରେ ଥିବା ଶହ ସହ ଏକର ଜଙ୍ଗଲ କିସମ ଓ ଅନାବାଦୀ ଗୋଚର ଜମିକୁ ମାଫିଆମାନେ ବାହାର ଲୋକଙ୍କୁ ଗୁଣ୍ଠ ପ୍ରତି ଏକଲକ୍ଷ ଟଙ୍କାରେ ବିକ୍ରି କରୁଥିବା ଜଣାପଡ଼ିଛି।

ନିକଟରେ ତ୍ରିଜଙ୍ଗା ଟାଟା ବିସ୍ଥାପିତ କଲୋନୀକୁ ଲାଗି ରହିଛି ୫.୯୨୧ ଜଙ୍ଗଲ କିସମ ଜମି। ଯାହାର ପ୍ଲଟ ନମ୍ବର ୩୭୯ ଓ ଖାତା ନମ୍ବର ୫୦୧। ଏହି ଜମିରେ ବନ ବିଭାଗ ବନୀକରଣ କରି ବହୁ ମୂଲ୍ୟବାନ ଗଛ ଲଗାଇଥିଲା। ମାତ୍ର ଦାନଗଦିର କିଛି ଅସାଧୁ ଲୋକ ଉକ୍ତ ଗଛକୁ କାଟି ନେଇ ସେହି ଜାଗାକୁ ଗୁଣ୍ଠ ପ୍ରତି ଲକ୍ଷେ ଟଙ୍କା ହିସାବରେ ବିକ୍ରି କରି ମାଲେମାଲ ହେଉଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ମେସ୍କୋ ଓ ଟାଟା ବିସ୍ଥାପିତ ପରିବାର ଲୋକେ ମିଳିତ ହୋଇ ଯାଜପୁର ଜିଲ୍ଲାପାଳ, ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ଦାନଗଦି ତହସିଲଦାର, ଯାଜପୁର ରୋଡ ବନାଞ୍ଚଳ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିନଦ ନାୟକ, ଆଦିକନ୍ଦ ପାତ୍ର, ବିନତି ମଲ୍ଲିକ, ବାବୁଲି ମଲ୍ଲିକ, ସୁକାନ୍ତ ପାତ୍ର, ରଞ୍ଜନ କୁମାର ମଲ୍ଲିକ, ଶଶୀକାନ୍ତ ପାତ୍ର, ଜୟନ୍ତ ପାତ୍ର, ବାସନ୍ତୀ ମଲ୍ଲିକ, ସଂଯୁକ୍ତା ନାୟକ, ଅନାଦୀ ପାତ୍ର, କୁମର ମଲ୍ଲିକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଲୋକେ ଦାବି କରିଛନ୍ତି।

## ■ ଆକାଶ ଦାସନାୟକଙ୍କୁ କଡ଼ା ସମାଲୋଚନା

# 'କୋରେଇବାସୀଙ୍କ ପାଇଁ ଦଳ ବିଶେଷ ଗୁରୁତ୍ୱ ରଖେ'



**ଯାଜପୁର, ୩୦।୦୩(ସମିସ):** କୋରେଇର ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ବିଜେଡିରୁ ଇସ୍ତଫା ଦେଇଛନ୍ତି। ଆକାଶ ଚଳିତ ନିର୍ବାଚନ ପାଇଁ ବିଧାୟକ ଟିକଟ ଆଶାରେ ଥିଲେ। ଏହି ଟିକଟ ରେସରେ ପଛରେ ପଡ଼ିବା କାରଣରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା

**● ବିଜେଡି ଦ୍ୱାରା ଆକାଶ ବହୁତ ଲାଭବାନ ହୋଇଛନ୍ତି**

ଚର୍ଚ୍ଚା ହେଉଛି। ତେବେ ଆକାଶ ପ୍ରଥମେ ୨୦୧୪ରେ ବିଜୁ ଜନତା ଦଳରେ ଯୋଗ ଦେଇ ବିଧାୟକ ଟିକଟ ହାସଲ କରିଥିଲେ। ସେତେବେଳେ କୋରେଇରେ ପ୍ରୀତିରଞ୍ଜନ ଘଡାଇ ବିଧାୟକ ଥାଇ ମଧ୍ୟ ତାଙ୍କୁ ମୁଖ୍ୟମନ୍ତ୍ରୀ ଟିକଟ ଦେଇଥିଲେ। ଏହା ପୂର୍ବରୁ କେବେ ବିଜୁ ଜନତା ଦଳରେ ନ ଥିଲେ। ତଥାପି ମୁଖ୍ୟମନ୍ତ୍ରୀ ଏଠାରେ ପ୍ରଚାର କରି ତାଙ୍କୁ ବିଜୟୀ କରାଇଥିଲେ। ୨୦୧୯ ନିର୍ବାଚନରେ ତାଙ୍କୁ ଯେତେବେଳେ ଟିକଟରୁ ବଞ୍ଚିତ କରାଯାଇଥିଲା, ସେତେବେଳେ ତାଙ୍କ ଗୁରୁତ୍ୱକୁ ଅନୁଭବ କରି ଦଳ ତାଙ୍କୁ ମୋ କଲେଜ ଅଧ୍ୟକ୍ଷ ଭଳି ସମ୍ମାନଜନକ ପଦବୀରେ ଅଧିଷ୍ଠିତ କରିଥିଲା। ଜଣେ କ୍ୟାବିନେଟ ମନ୍ତ୍ରୀପାହ୍ୟା ମଧ୍ୟ ପ୍ରଦାନ କରାଯାଇଥିଲା। ଏଥିସହିତ ଦଳୀୟ ଷ୍ଟାର ପ୍ରଚାରକ ଭାବେ ରାଜ୍ୟରେ ପରିଚୟ ଦେଇଥିଲା ବିଜୁ ଜନତା ଦଳ। ଉଚ୍ଚ ଦରମା ସାଙ୍ଗକୁ ସରକାରୀ ସୁବିଧା ସୁଯୋଗ ଦେଇଥିଲା ବିଜେଡି। କିନ୍ତୁ ଏଥର କୋରେଇ ପାଇଁ ଦଳୀୟ ଟିକଟ ଫାଇନାଲ ନ ହେଉଣୁ ଆକାଶ ଦଳ ଛାଡିଦେବା ଦୁର୍ଭାଗ୍ୟଜନକ ବୋଲି ଯାଜପୁର ଜିଲ୍ଲା ଯୁବ ବିଜୁ ଜନତା ଦଳ ସଭାପତି ପ୍ରତାପ ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି, କୋରେଇବାସୀ ସବୁବେଳେ ବିଜୁ ଜନତା ଦଳ ସାଥୀରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ଯେତେବେଳେ ଯାହାକୁ ପ୍ରାର୍ଥୀ କରି କୋରେଇକୁ ପଠାଇଛନ୍ତି, ସେତେବେଳେ କୋରେଇବାସୀ ଅକୁଣ୍ଠ ସମର୍ଥନ ଜଣାଇଛନ୍ତି। କୋରେଇ ବାସୀଙ୍କ ପାଇଁ ବିଜୁ ଜନତା ଦଳ ଗୁରୁତ୍ୱ ରଖେ। କୌଣସି ବ୍ୟକ୍ତି ସେତେ ଗୁରୁତ୍ୱ ରଖେନାହିଁ। ତେଣୁ କିଏ କେଉଁ ଦଳକୁ ଯିବ, ତାହା ବିଜୁ ଜନତା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ମୁଖ୍ୟମନ୍ତ୍ରୀ ଯାହାଙ୍କୁ ଏଠି ପ୍ରାର୍ଥୀ କରି ପଠାଇବେ ତାଙ୍କୁ କୋରେଇବାସୀ ସମର୍ଥନ କରିବେ ବୋଲି ଶ୍ରୀ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ■ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ୍ ନିର୍ବାଚନ

# ବିବେକାନନ୍ଦ ମହାନ୍ତି ସଭାପତି, ଜ୍ଞାନେନ୍ଦ୍ର ନାୟକ ସମ୍ପାଦକ




**ବ୍ୟାସନଗର, ୩୦।୩(ସମିସ):** ରାଜ୍ୟ ବାର୍ କାଉନସିଲ ନିର୍ଦ୍ଦେଶ ଅନୁଯାୟୀ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ୍‌ର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପରେ ନୂତନ କର୍ମକର୍ତ୍ତାଙ୍କ ନାମ ନିର୍ବାଚନ ଅଧିକାରୀ ବରିଷ୍ଠ ଓକିଲ ଲକ୍ଷ୍ମୀଧର ସାହୁ ଘୋଷଣା କରିଛନ୍ତି। ସମସ୍ତ କର୍ମକର୍ତ୍ତା ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ବିବେକାନନ୍ଦ ମହାନ୍ତି, ଉପସଭାପତି ଧନେଶ୍ୱର ବାରିକ, ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା, ସହସମ୍ପାଦକ ସସ୍ମିତା ସ୍ୱାଇଁ, କୋଷାଧ୍ୟକ୍ଷ ଦିପୁ ବାରିକ, ଲାଇବ୍ରେରୀ ସମ୍ପାଦକ ଅକ୍ଷୟ ବାରିକ, କାର୍ଯ୍ୟକାରୀ ସଦସ୍ୟ ଭାବେ ରମାକାନ୍ତ ସେଠୀ, ରମାକାନ୍ତ ଚୌହାନ, ରତିକାନ୍ତ ବେହେରା, ରମାକାନ୍ତ ନନ୍ଦ ନିର୍ବାଚିତ ହୋଇଛନ୍ତି। ରଞ୍ଜନ କୁମାର ମଲ୍ଲିକ, ମାନସ ରଞ୍ଜନ ସାମଲ, ସୂର୍ଯ୍ୟମଣି ପାଢ଼ୀ, ଦିଲ୍ଲୀପ ନାୟକ, ପ୍ରବୀର କୁମାର ରାଉତ ପ୍ରମୁଖ ନିର୍ବାଚନ ସୁପରିଚାଳନାରେ ସହଯୋଗ କରିଥିଲେ।

# ଯାଜପୁର ଜିଲ୍ଲା ଜଜ୍ କୋର୍ଟର ୩ଟି ବାର୍‌ର ନିର୍ବାଚନ



**ଯାଜପୁର, ୩୦।୩ (ସମିସ):** ଯାଜପୁର ଜିଲ୍ଲା ଜଜ୍ କୋର୍ଟରେ ଶନିବାର ୩ଟି ବାର୍‌ର ନିର୍ବାଚନ ଶେଷ ହୋଇଥିବା ଜଣାପଡ଼ିଛି। ଡିଷ୍ଟ୍ରିକ୍ଟ କ୍ରିମିନାଲ୍ ବାର୍ ଆସୋସିଏସନର ସଭାପତି ଭାବେ କିଶୋର ଚନ୍ଦ୍ର କର, ଉପସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଧିରେନ୍ଦ୍ର କୁମାର ଦାଶ, ଯୁଗ୍ମସମ୍ପାଦକ ପାର୍ଥସାରଥି ମଲ୍ଲିକ, ସହସମ୍ପାଦକ ଭାବେ ପବିତ୍ର କୁମାର କର ଓ କୋଷାଧ୍ୟକ୍ଷ ଭାବେ ଅଜୟ କୁମାର ଶତପଥୀ ନିର୍ବାଚିତ ହୋଇଛନ୍ତି। ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନର ସଭାପତି ଭାବେ ପ୍ରବୀର କୁମାର ରାୟ, ଉପସଭାପତି ମାନସ ରଞ୍ଜନ ତ୍ରିପାଠୀ, ସମ୍ପାଦକ ଅନନ୍ତ ବାସୁଦେବ ମିଶ୍ର, ସହସମ୍ପାଦକ ଅଶ୍ୱିନୀ କୁମାର ନାୟକ, କୋଷାଧ୍ୟକ୍ଷ ମିହିର କୁମାର ମହାପାତ୍ର ନିର୍ବାଚିତ ହୋଇଛନ୍ତି।

ସେହିପରି ଯାଜପୁର ବାର୍ ଆସୋସିଏସନର ବରିଷ୍ଠ ଆଇନଜୀବୀ ସତୀଶ କୁମାର ଦାସ, ଉପସଭାପତି ରାଜଲକ୍ଷ୍ମୀ ବିଶ୍ୱାଳ, ସମ୍ପାଦକ କାଳୀକିଂକର ଚାଟାର୍ଜୀ, ଯୁଗ୍ମ ସମ୍ପାଦକ ଇତିଶ୍ରୀ ମହାନ୍ତି, ସହସମ୍ପାଦକ ଲିଲିମା ଶତପଥୀ ଓ କୋଷାଧ୍ୟକ୍ଷ ଭାବେ ଜଗନ୍ନାଥ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। ଶନିବାର ସମସ୍ତ ସଭ୍ୟ ଉପସ୍ଥିତ ରହି ୩ଟି ବାର୍ ଆସୋସିଏସନ୍‌ର ନିର୍ବାଚନକୁ ପରିଚାଳନା କରିଥିଲେ।

## ■ ଧର୍ମଶାଳା ବାର୍ ଆସୋସିଏସନ ନିର୍ବାଚନ

# ଅର୍ଜୁନ ନାୟକ ସଭାପତି ଓ କେଦାରେଶ୍ୱର ଦାସ ସମ୍ପାଦକ

**ଧର୍ମଶାଳା, ୩୦।୩(ସମିସ):** ରାଜ୍ୟ ବାର୍ କାଉନସିଲ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବାର୍ ଆସୋସିଏସନର ୨୦୨୪-୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଅର୍ଜୁନ ନାୟକ, ଉପସଭାପତି ଭାବେ ଅଜିତ ରାଉତ, ସମ୍ପାଦକ ରୂପେ କେଦାରେଶ୍ୱର ଦାସ, ଯୁଗ୍ମସମ୍ପାଦକ କୈଳାସ ଚନ୍ଦ୍ର ପରିଡ଼ା, ସହସମ୍ପାଦକ ଭାବେ ଗୁରୁଚରଣ ସେଠୀ, ଲାଇବ୍ରେରୀ ସମ୍ପାଦକ ଭାବେ ଅଜୟ କୁମାର ଦାସ ଓ ସହସମ୍ପାଦକ ରୂପେ ସୁଧାଂଶୁ କୁମାର କର, କୋଷାଧ୍ୟକ୍ଷ ଭାବେ ଗାୟତ୍ରୀ ପ୍ରସାଦ ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଭାରତ ଚନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ଦାସ ଓ ବିଦ୍ୟାଧର ଲେଙ୍କା ମନୋନୀତ ହୋଇଥିବା ସୂଚନା ମିଳିଛି। ନିଶିକାନ୍ତ ଶତପଥୀ ନିର୍ବାଚନ ପରିଚାଳନା କରିଥିଲେ।

# କଳିଙ୍ଗନଗର ବାର୍ ଆସୋସିଏସନ ନିର୍ବାଚନ

**ବ୍ୟାସନଗର, ୩୦।୩(ସମିସ):** କଳିଙ୍ଗନଗର ବାର୍ ଆସୋସିଏସନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପଦବୀ ପାଇଁ ଜଣେ ଲେଖାଏଁ ମନୋନୟନପତ୍ର ଦାଖଲ କରିଥିବାରୁ ସମସ୍ତେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଆଇନଜୀବୀ ମନୀନ୍ଦ୍ର ଧଳ, ଉପସଭାପତି ମହେନ୍ଦ୍ର ସାହୁ, ସମ୍ପାଦକ ଭାବେ ନବକିଶୋର ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ବାରିକ, ସହସମ୍ପାଦକ ପ୍ରଶାନ୍ତ କୁମାର ପେରେଇ, କୋଷାଧ୍ୟକ୍ଷ ଭାବେ ଅରୁଣ କୁମାର ବୋଇତାଇ ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ବ୍ରଜକିଶୋର ପତି, ଅଜୟ କୁମାର ମଲିକ, ଅମୂଲ୍ୟ କୁମାର ରାଉତ, ପ୍ରକାଶ ଚନ୍ଦ୍ର ଜେନା, ପ୍ରଣୟ କୁମାର ନାୟକ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ଉମେଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

# ନକଲି ପୁରୁଷ ବନ୍ଧ୍ୟାକରଣ ହିତାଧିକାରୀଙ୍କ ନାଁରେ ଅର୍ଥ ହଡ଼ପ ଅଭିଯୋଗ

**ଯାଜପୁର, ୩୦।୩(ସମିସ):** ପୁରୁଷ ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବାରମ୍ବାର ସରକାରଙ୍କ ପକ୍ଷରୁ ତାଗିଦ କରାଯାଉଛି। ଅଧିକ ପ୍ରଚାର ପ୍ରସାର କରି ଏହାକୁ ଅଧିକ ଲୋକପ୍ରିୟ କରିବା ପାଇଁ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ସରକାର ଘୋଷଣା କରିଛନ୍ତି। କିନ୍ତୁ କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଇଁ ଯାଜପୁର ଜିଲ୍ଲାରେ ଏହା ସଫଳ ହେଉ ନ ଥିବା ଜଣାପଡ଼ିଛି। ଜିଲ୍ଲାରେ ସଫଳତାରେ ଶ୍ରେଷ୍ଠତା ପ୍ରତିପାଦନ କରି ପୁରସ୍କାର ପାଇବା ଉଦ୍ଦେଶ୍ୟରେ ନକଲି ହିତାଧିକାରୀ ନାଁରେ ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଠକ୍‌କତା କରୁଥିବା ଅଭିଯୋଗ ହୋଇଛି।

ପ୍ରତିବର୍ଷ ପୁରୁଷ ବନ୍ଧ୍ୟାକରଣ ତାଲିକାରେ ଅର୍ଦ୍ଧାଧିକ ନକଲି ହିତାଧିକାରୀଙ୍କ ନାମ ସାମିଲ କରାଯାଇ ପ୍ରତି ପୁରୁଷ ହିତାଧିକାରୀଙ୍କ ପ୍ରତି ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିଥାଏ। ଏଥିରେ ରାଧେ ରାଧେ ନ୍ୟାୟରେ ଭାଗ ବଣ୍ଟା ହୋଇଥାଏ। କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ କିଛି ବିଶ୍ୱସ୍ତ ପୁରୁଷଙ୍କୁ ଯୋଗାଡ଼ କରି ସେମାନଙ୍କ ବନ୍ଧ୍ୟାକରଣ ନ କରି ବନ୍ଧ୍ୟାକରଣ କରାଯାଇଥିବା ନେଇ ଉକ୍ତ ତାଲିକାରେ ସେମାନଙ୍କ ନାମ ସାମିଲ କରି ଟଙ୍କା ହଡ଼ପ କରିବାର ଯୋଜନା ପ୍ରସ୍ତୁତ କରିଥା'ନ୍ତି। ତେବେ ଆଜି ଡାକ୍ତରଖାନା ପରିସରରେ କେତେ ଜଣଙ୍କୁ ଏହି ଯୋଜନାର ଲାଭାର୍ଥୀ ହିସାବରେ ଡକାଯାଇଥିଲେ ହେଁ ଏଭଳି ଅର୍ଥ ହଡ଼ପ ଘଟଣା ପ୍ରଘଟ ହେବାରୁ ମାତ୍ର ଜଣେ ପୁରୁଷଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିଲା। ତେବେ ଏ ସମ୍ପର୍କରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟନିର୍ବାହୀ ସ୍ୱାସ୍ଥ୍ୟ ଅଧିକାରୀ ଡା ବିନ୍ଦୁସାଗର ସାମଲଙ୍କୁ ପଚାରିବାରୁ ଏଭଳି ନକଲି ହିତାଧିକାରୀଙ୍କ ଅଭିଯୋଗକୁ ଅସ୍ୱୀକାର କରିଥିଲେ।

# ବିଂଝାରପୁର ବଜାରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ଉଦ୍‌ଘାଟିତ



**ପ୍ରୀତିପୁର, ୩୦।୩(ସମିସ):** ବିଂଝାରପୁର ବଜାରରେ ଉଦଘାଟିତ ହୋଇଛି ଏଚଡିଏଫ୍‌ସି ବ୍ୟାଙ୍କର ଓଡ଼ିଶାର ୨୩୭ତମ ତଥା ଜିଲ୍ଲାର ୧୧ ଶାଖା। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ ଯୋଗଦେଇ ଏହି ନୂତନ ଶାଖାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦୁରେଖା ମହାପାତ୍ର ଓ ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟକ୍ଷା ନୀଳାବତୀ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ସେକ ଇରସାଦ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଂଝାରପୁର ଥାନା ଅଧିକାରିଣୀ ଅଂଶୁମାଳା ଦାସ ଯୋଗ ଦେଇଥିଲେ। ସୟଦପୁର ସରପଞ୍ଚ ସେକ ମହମ୍ମଦ ସବୀର, ଏଚଡିଏଫ୍‌ସି ବିଂଝାରପୁର ବ୍ୟାଙ୍କ ପରିଚାଳକ ଯଜ୍ଞ ସାମନ୍ତରାୟ, ସର୍କଲ ହେଡ୍ ସୁଶାନ୍ତ କୁମାର ପାଣିଗ୍ରାହୀ ଓ କ୍ଲଷ୍ଟର ମୁଖ୍ୟ ସଂଗ୍ରାମ ଅମିତାଭ ଦାସ ପ୍ରମୁଖ ଯୋଗ ଦେଇ ଗ୍ରାହକଙ୍କୁ ମିଳିବାକୁ ଥିବା ବିଭିନ୍ନ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟବସାୟୀ, ବୁଦ୍ଧିଜୀବୀଙ୍କ ସମେତ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଏ ଅବସରରେ ଯାଜପୁର ଶାଖା ମୁଖ୍ୟ ରଞ୍ଜିତ କୁମାର ମହାନ୍ତି, ଯାଜପୁର ରୋଡ ଶାଖା ମୁଖ୍ୟ ରାକେଶ କୁମାର ମହାନ୍ତି, ମଙ୍ଗଳପୁର ଶାଖା ମୁଖ୍ୟ ମିକନ ପାଣିଗ୍ରାହୀ, ଡୁବୁରୀ ଶାଖା ମୁଖ୍ୟ ରାଜକିରଣ ଦାସ ଉପସ୍ଥିତ ଥିଲେ। ବ୍ୟାଙ୍କ ଶାଖାର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜଦୋଳ ମେଳଣ ଉଦ୍‌ଯାପିତ



**ବଡ଼ଚଣା, ୩୦।୩ (ସମିସ):** ଯାଜପୁର ଜିଲ୍ଲାର ପୁରାତନ ଚଣ୍ଡିଖୋଲ ଛକ ରାଜଦୋଳ ମେଳଣ ଆଜି ଉଦଯାପିତ ହୋଇଛି। ଗତକାଲି ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଏହି ମେଳଣ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଆତସବାଜି, ମେଲୋଡି ଓ ବିଭିନ୍ନ ସୁସଜ୍ଜିତ ଆଲୋକମାଳାରେ ମେଳଣ ପଡ଼ିଆ ଆଲୋକିତ ହୋଇଥିଲା। ଆଜି ସକାଳୁ ବିଭିନ୍ନ ଗ୍ରାମର ବିମାନ ଶୋଭାଯାତ୍ରାରେ ଆସିଥିଲେ। ପାରମ୍ପରିକ ଘୋଡା ନାଚ, ଷଣ୍ଢ ନାଚ, ବାଡି ଖେଳ, ଲଉଡି ଖେଳ ଓ କୀର୍ତ୍ତନ ସହ ଦୋଳ ମଣ୍ଡପରେ ଏକତ୍ରିତ ହୋଇଥିଲେ। ପ୍ରଥମେ ସୁଙ୍ଗୁଡା ଲଛମନଜୀଉ ବିମାନ ଥାନପତି ଭାବେ ଦୋଳ ମଣ୍ଡପରେ ବସିଲା ପରେ ଅନ୍ୟ ବିମାନ ପର୍ଯ୍ୟାୟକ୍ରମେ ବସିଥିଲେ। ଚଣ୍ଡିଖୋଲ ଛକ ରାଧାକୃଷ୍ଣଜୀଉ ମେଳଣ କମିଟି ପକ୍ଷରୁ ବିମାନଗୁଡ଼ିକୁ ପୂଜାର୍ଚ୍ଚନା କଲାପରେ ବିଦାକି ପ୍ରଦାନ କରଯାଇଥିଲା। ଚଣ୍ଡିଖୋଲ ଛକ ବଣିକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ମାହାଲା ଓ ସମ୍ପାଦକ ରବୀନ୍ଦ୍ର କୁମାର ରାଉତଙ୍କ ନେତୃତ୍ୱରେ ମେଳଣ କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଛୋଟ ବଡ ୩୨ଟି ବିମାନ ଯୋଗଦେଇଥିଲେ। ଆଖପାଖ ଗ୍ରାମରୁ ହଜାର ହଜାର ଲୋକ ରାଜଦୋଳ ମେଳଣରେ ଯୋଗ ଦେଇଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋରେଇ, ୩୦।୩(ସମିସ):** କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡେଇ ପଞ୍ଚାୟତ ଉତ୍ତର ଖଜିରା ଗ୍ରାମ ମଝିରେ ଥିବା ଏକ ବରଗଛରେ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣଙ୍କ ହେଲେ ଉତ୍ତରଖଜିରା ଗ୍ରାମର ପୁରୁଷୋତ୍ତମ ପରିଡ଼ାଙ୍କ ପୁତ୍ର କୁଳମଣି ପରିଡ଼ା(୫୫)। କୁଳମଣି ଗତକାଲି ରାତିରେ ଖାଇ ସାରି ଶୋଇଥିଲେ। କିନ୍ତୁ ରାତିରୁ ସେ ଘରୁ କେଉଁ ଆଡେ ଚାଲି ଯାଇଥିଲେ। ତାଙ୍କୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗ୍ରାମ ମଝିରେ ଥିବା ବରଗଛରେ ଏକ ମୃତଦେହ ଝୁଲୁଥିବା ଖବର ପାଇ କୁଳମଣିଙ୍କ ପରିବାର ସେଠାରେ ପହଞ୍ଚି ଚିହ୍ନଟ କରିଥିଲେ। ଖବର ପାଇ କୋରେଇ ଥାନା ଅଧିକାରିଣୀ ସୁମତି ମହାନ୍ତି ସଦଳବଳେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ମେଡିକାଲକୁ ପଠାଇବା ସହିତ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

# ଅପହୃତା ନାବାଳିକା ଉଦ୍ଧାର; ଅପହର୍ତ୍ତା ଫେରାର

**ଦାନଗଦି, ୩୦।୩(ସମିସ):** ଗତ ୧୩ ତାରିଖରେ ଝୁମ୍ପାଣ ଗାଁରୁ ଜଣେ ୧୭ ବର୍ଷର ନାବାଳିକାକୁ ସେହି ଗ୍ରାମରେ ଭଡ଼ା ଘରେ ରହୁଥିବା ଜଣେ ଯୁବକ ଅପହରଣ କରି ନେଇଥିବା କଳିଙ୍ଗନଗର ଥାନାରେ ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ କଳିଙ୍ଗନଗର ପୁଲିସ ୬୦/୨୦୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ସମ୍ପୃକ୍ତ ନାବାଳିକାକୁ ପୁଲିସ ଉଦ୍ଧାର କରିଛି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଗ୍ରାମର ଅନୀଲ ନାୟକ ଓ ଭଦ୍ରକ ଅଞ୍ଚଳର ନାବାଳିକାଙ୍କ ପରିବାର ଝୁମ୍ପାଣ ଗାଁରେ ଭଡ଼ାଘରେ ରହୁଥିଲେ। ଅନୀଲ ଓ ନାବାଳିକାଙ୍କ ବାପା ନିକଟସ୍ଥ ଏକ କାରଖାନାରେ କାମ କରନ୍ତି। ଉଭୟଙ୍କ ଭିତରେ କିଛି ଦିନ ହେଲା ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଫଳରେ ନାବାଳିକାକୁ ଅନୀଲ ନେଇ ଫେରାର ହୋଇଯାଇଥିଲା। ଅପରପକ୍ଷରେ ଅପହୃତା ନାବାଳିକା ଜଣକ ସଂଖ୍ୟାଲଘୁ ସମ୍ପ୍ରଦାୟ ପରିବାରର ଝିଅ ହୋଇଥିବା ଜାଣିବା ପରେ ଅନୀଲ ନାୟକ (୩୧) ତାକୁ ଜେନାପୁର ଅଞ୍ଚଳରେ ଛାଡ଼ି ଫେରାର ହୋଇଥିଲା। ଫଳରେ ନାବାଳିକା ନିରୂପାୟ ହୋଇ ଭଡ଼ାଘରେ ରହୁଥିବା ଝୁମ୍ପାଣ ଗାଁକୁ ଚାଲିଯାଇଥିଲା। ଆଜି ପୁଲିସ ଖବର ପାଇ ଝୁମ୍ପାଣ ଗାଁରୁ ନାବାଳିକାକୁ ଉଦ୍ଧାର କରିଛି। ଯୁବକ ଫେରାର ଅଛି।

# ମା' ଧାନଗାଇ ପୀଠରେ ନାମଯଜ୍ଞ

**ସିଂହପୁର, ୩୦।୩(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ମା' ଧାନଗାଇ ଠାକୁରାଣୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠିତ ସକୀର୍ତ୍ତନ ମଣ୍ଡଳୀ ହରିନାମ ସକୀର୍ତ୍ତନ କରି ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ନଗର ସଂକୀର୍ତ୍ତନ ଗ୍ରାମ ପରିକ୍ରମା କରିଥିଲା। ଗୁରୁବାର ବାର ଚଣ୍ଡୀ ଯଜ୍ଞ, ମହିଳାଙ୍କ କଳସ ଯାତ୍ରା ହୋଇଥିଲା। କାର୍ଯ୍ୟକ୍ରମକୁ ବେଉରିଆ ସାହି ଓ ସ୍ଥାନୀୟ ପଡୋଶୀ ପରିଚାଳନା କରିଥିଲେ।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୪.୫ ଲକ୍ଷ ଜରିମାନା

ଯାଜପୁର, ୩୦।୩ (ସମିସ)



ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଶନିବାର ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୪.୫ ଲକ୍ଷ ଜରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଧର୍ମଶାଳା ଥାନା ଅନ୍ତର୍ଗତ ଜଣେ ସଂଖ୍ୟାଲଘୁ ନାବାଳିକାକୁ ସେହି ଗ୍ରାମର ଶିବ ଜେନା (୨୫) ଗତ ୨୦୨୧ ଅପ୍ରେଲ ମାସ ୧୧ ତାରିଖ ଦିନ ତାଙ୍କ ଘରୁ ଅପହରଣ କରିନେଇଥିଲା। ପରଦିନ ପରିବାର ପକ୍ଷରୁ ଧର୍ମଶାଳା ଥାନାରେ ନିଖୋଜ ଏତଲା ଦିଆଯାଇଥିଲା। ଧର୍ମଶାଳା ଥାନା ପୁଲିସ ୧୯୩/୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ପ୍ରାୟ ୧ ବର୍ଷ ପରେ ଧର୍ମଶାଳା ପୁଲିସ ଜଗତସିଂହପୁରରୁ ଏକ ଭଡ଼ାଘରୁ ଉଭୟଙ୍କୁ ଉଦ୍ଧାର କରିଥିଲା। ପରେ ପୀଡ଼ିତାର ଡାକ୍ତର ମାଇନା କରି ଜାଣିବାକୁ ପାଇଲେ ଯେ ପୀଡିତା ଗର୍ଭବତୀ ଥିଲା। ଅଭିଯୁକ୍ତ ଶିବ ଜେନାକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଶନିବାର ଦିନ ଏହାର ଚୂଡ଼ାନ୍ତ ଶୁଣାଣି କରି ୧୪ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ପକ୍ସୋ ଜଜ୍ ଅଭିଜିତ୍ ପଲାଇ ଅଭିଯୁକ୍ତ ଶିବ ଜେନାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୪.୫ ଲକ୍ଷ ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ୨୮ ମାସ ଅଧିକ ଜେଲଦଣ୍ଡ ଭୋଗ କରିବେ ବୋଲି ଏହି ରାୟରେ ପ୍ରକାଶ କରିଛନ୍ତି। ପୀଡ଼ିତାକୁ ଥଇଥାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ୭ ଲକ୍ଷ ଟଙ୍କା ଓ ଦୁଷ୍କର୍ମ ମାମଲା ପାଇଁ ୪ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ କୁମାର ମହାନ୍ତି ପରିଚାଳନା କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**ବେଲବାହାଲି,୩୦।୩(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡ଼ା ଗ୍ରାମର ଭାଗବତ ପ୍ରେମୀ ତଥା ସମାଜସେବୀ ଭୀମସେନ ସାହୁ (୭୭)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ବ୍ରେନ୍‌ଷ୍ଟ୍ରୋକ ରୋଗରେ ପୀଡ଼ିତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେବା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ କିଛି ସୁଧାର ନଆସିବାରୁ ପରିବାର ଲୋକେ ତାଙ୍କୁ ନିଜ ବାସଭବନକୁ ଆଣି ଘରୋଇ ଚିକିତ୍ସା କରୁଥିଲେ। ଆଜି ସକାଳୁ ହଠାତ୍ ଦେହରେ ଯନ୍ତ୍ରଣା ଅନୁଭବ କରିଥିଲେ। କିଛି ସମୟ ମଧ୍ୟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ସେ ଗ୍ରାମରେ ଥିବା ବିଭିନ୍ନ ସାଂସ୍କୃତିକ, ଧାର୍ମିକ ଅନୁଷ୍ଠାନ ଏବଂ ଭାଗବତ ମଠରେ ସ୍ୱତଃପ୍ରତ ଭାବେ ଜଡିତ ଥିଲେ। ତାଙ୍କର ଶେଷ ଦର୍ଶନ କରିବା ପାଇଁ ତାଙ୍କ ବାସଭବନ ସମ୍ମୁଖରେ ଅନେକ ଲୋକଙ୍କର ଭିଡ ଜମିଥିଲା ଓ ପରେ ଗାଁ ଶ୍ମଶାନରେ ପରିବାର ଲୋକେ ତାଙ୍କର ଶେଷକୃତ୍ୟ ସମ୍ପନ କରିଥିବା ବେଳେ ସାରା ଅଞ୍ଚଳରେ ଏକ ଶୋକର ଛାୟା ଖେଳିଯାଇଛି।

## ଆଇଆଇଟି ଜାମ୍ ପରୀକ୍ଷାରେ କୈରାଳି କଲେଜର ସଫଳତା

**ଚମ୍ପୁଆ,୩୦।୩(ସମିସ):** ଚଳିତ ବର୍ଷ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ମାଡ୍ରାସ ଦ୍ୱାରା ପରିଚାଳିତ ଆଇଆଇଟି ଜାମ-୨୦୨୪ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚମ୍ପୁଆଅଞ୍ଚଳରଅଗ୍ରଣୀଶିକ୍ଷାଅନୁଷ୍ଠାନକୈରାଳି+୩ବିଜ୍ଞାନମହାବିଦ୍ୟାଳୟରତୃତୀୟ ବର୍ଷର ଭୂତତ୍ୱ ବିଜ୍ଞାନ ବିଭାଗର ଛାତ୍ର ଉତ୍ତମ କୁମାର ସାହୁ ସର୍ବଭାରତୀୟ ସ୍ତରରେ ୨୫୫ ସ୍ଥାନ, ଗଣିତ ବିଭାଗର ଛାତ୍ର ରବିନ ଗାଗରାଇ ୩୭୩୯ ସ୍ଥାନ ଅଧିକାର କରି ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ ଗଣିତ ବିଭାଗର ଅଧ୍ୟାପକ ଡ.ଅଭୟ କୁମାର ସେଠୀ ଏବଂ ଭୂତତ୍ୱ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ.ଶୁଭସ୍ମିତା ବରାଡ, ଅଧ୍ୟାପକ ଡ.ଅସୀମ ରଞ୍ଜନ ପ୍ରତିହାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଉକ୍ତ ସଫଳତାରେ କଲେଜ ପରିଚାଳନା ମଣ୍ଡଳୀର ସଭାଧ୍ୟକ୍ଷ ଡ.ରାଜମୋହନ ପିଏସ୍, ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୁରଲୀଧରନ୍ କେଏସ, କାର୍ଯ୍ୟାଳୟ ମ୍ୟାନେଜର ଦୈତାରୀ ସାହୁ, କଲେଜ ଅଧ୍ୟକ୍ଷ ଡ.ବି.ରାମାରାଜୁ, ପ୍ରଧ୍ୟାପକ ଗିରିଜା ଶଙ୍କର କରଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ତରଫରୁ କୃତୀ ଛାତ୍ର ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।





## ପଡ଼ାଙ୍ଗ ସାଙ୍କେଲେଇ ଗ୍ରାମ୍ୟ ଉନ୍ନୟନ ରାସ୍ତା ଶୋଚନୀୟ



**ତେଲକୋଇ,୩୦।୩(ସମିସ):** ତେଲକୋଇ ବ୍ଲକ ପଡ଼ାଙ୍ଗ ପଞ୍ଚାୟତ ମୁଖ୍ୟାଳୟ ଠାରୁ ସାଙ୍କେଲେଇ ଆରଡି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତା ମୁଖ୍ୟାଳୟ ପଡ଼ାଙ୍ଗ ଠାରୁ ସାଙ୍କେଲେଇ ଗ୍ରାମକୁ ୪କିମି ରହିଛି। ତେବେ ପଡ଼ାଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଦୈନଦିନ ଶତାଧିକ ସଂଖ୍ୟାରେ ସାଇକେଲ, ମୋଟର ସାଇକଲ ତଥା ଚାରିଚକିଆ ଯାନ ଚଳପ୍ରଚଳ କରିଥାନ୍ତି ଉକ୍ତ ରାସ୍ତାରେ ପିଚୁ ଉଠି ମେଣ୍ଟାଲ ମାନ ଭାସୁଥିବା ବେଳେ ଯିବା ଆସିବା ରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସମାନେ। ଏହି ରାସ୍ତା ଉପରେ ସଂକେଲେଇ, ପଡ଼ାଙ୍ଗ, ନିପିଣ୍ଡା ଗ୍ରାମର ଶହ ଶହ ଲୋକ ଭରଷା ରହିଥିବା ବେଳେ ବିଶେଷ କରି ଛାତ୍ରଛାତ୍ରୀ ମାନେ ମୁଖ୍ୟାଳୟ ପଡ଼ାଙ୍ଗ ତଥା ତେଲକୋଇକୁ ବୈନିକ ପାଠ ପଢିବା ପାଇଁ ଆସିଥାନ୍ତି। ଏହି ରାସ୍ତାର ମରାମତି ପାଇଁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି।

## ବାଲି ଗାଡ଼ି ଧକ୍କାରେ ଷଣ୍ଢ ମୃତ



**ସୋସୋ ୩୦।୩(ସମିସ):** ହାଟଡିହୀ ବ୍ଲକର ଜାବିନପୁର ଛକରେ ବାଲିଗାଡି ଏକ ଷଣ୍ଢକୁ ଧକ୍କା ଦେବାରୁ ଷଣ୍ଢଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ହାବଳେଶ୍ୱର ଓ ଡିମିରିଆ ଅଞ୍ଚଳରୁ ଦୈନିକ ଶହ ଶହ ବାଲି ଗାଡି ଯାତାୟାତ କରୁଥିବା ସହିତ ରାସ୍ତାଗୁଡିକ ଖାଲଖମା ସୃଷ୍ଟି କରି ଅସୁରକ୍ଷିତ କରିଥାଏ। ସେଥି ପ୍ରତି ପ୍ରଶାସନ ଦୃଷ୍ଟି ପଡୁ ନ ଥିବା ବେଳେ ଆଜି ବାଲି ଗାଡି ଷଣ୍ଢକୁ ଧକ୍କା ଦେଇ ମାରି ଦେଇଥିବାରୁ ଲୋକମାନେ ସେହି ରାସ୍ତାରେ ଗାଡି ଯାତାୟାତ ବନ୍ଦ କରିଛନ୍ତି। ଯାହାକୁ ନେଇ ଉତ୍ତେଜନା ଦେଖାଦେଇଛି।

### ଭୁଶୁଡ଼ି ଗଲାଣି କେନାଲ ସୁରକ୍ଷା ବାଡ଼

# ରଙ୍ଗଲେପ, କେନାଲ ସଫେଇ ନାଁରେ ଅର୍ଥବ୍ୟୟ କରୁଛି ଜଳସେଚନ ବିଭାଗ

**ହାଟଡ଼ିହୀ,୩୦।୩(ସମିସ)**



ଚାଷବାସ ସମୟରେ ଚାଷଜମିକୁ ସଠିକ୍ ଭାବେ ପାଣି ଯୋଗାଇବାକୁ ମୁଖ୍ୟ କେନାଲର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ସାଇଡ୍ ୱାଲ୍ ବା ସୁରକ୍ଷା ବାଡ଼ରେ ଫାଟ ହୋଇଥିବା ଅଭିଯୋଗ ହୋଇଛି। ଜଳସେଚନ ବିଭାଗ ସେ ସବୁର ମରାମତି ଦିଗରେ ଦୃଷ୍ଟି ନଦେଇ ବର୍ତ୍ତମାନ କେବଳ କେନାଲ ପୋଲ ଗୁଡ଼ିକୁ ରଙ୍ଗ ଲେପନ କରିବା ସହିତ କେନାଲ ଭିତରେ ମାଟି, ପଥର ସଫା କରିବା ନାଁରେ ର' ଠ' କରି ମେସିନ୍ ସାହାଯ୍ୟରେ ରାମ୍ପିଦେଇ ଯୁଦ୍ଧକାଳୀନ ଭିତ୍ତିରେ କାମ ସାରିବାକୁ ଉଦ୍ୟମ ଚଳାଇଥିବା ଦେଖାଯାଇଛି। ଯାହାକି, ପନ୍ଦାଡୋ ପଞ୍ଚାୟତ ତେନ୍ତୁଳିପଦୀ ଗ୍ରାମର ମୁଖ୍ୟ ତୋରଣ ନିକଟରେଦୀର୍ଘବର୍ଷ ଧରି ଅଧାପନ୍ତରିଆ ହୋଇ ପଡ଼ିଥିବା ପୋଲଟିକୁ ସମ୍ପୂର୍ଣ୍ଣ କରିବାକୁ ଇଚ୍ଛା ପ୍ରକାଶ ନକରିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଜଳସେଚନ ବିଭାଗର ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ବିଭାଗ ପକ୍ଷରୁ ପ୍ୟାକେଜ୍ ମାଧ୍ୟମରେ ଏଭଳି କାର୍ଯ୍ୟ ଗୁଡ଼ିକ ବଣ୍ଟନ କରାଯାଇଥିବା ବେଳେ ତାହାର ସଠିକ୍ ଅଟକଳ ମୂଲ୍ୟ ସମ୍ପର୍କରେ ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀଙ୍କ ଠାରୁ କୌଣସି ସୂଚନା ମିଳିପାରିନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଗାଁର ମୁଖ୍ୟ ପ୍ରବେଶ ପୋଲ ଗୁଡ଼ିକର ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଛି। ମୁଖ୍ୟତଃ କଣିଆରୀ ଗ୍ରାମର ପ୍ରବେଶ ପୋଲଟିରୁ ପ୍ଲାଷ୍ଟର ଝଡ଼ିବା ସହ ରଡ଼ ଦେଖାଗଲାଣି। ଏଥିସହ କେନାଲ ସୁରକ୍ଷାବାଡ଼ ଭାଙ୍ଗିଯିବାରୁ ତାହା ବିପଦସଙ୍କୁଳ ହୋଇପଡ଼ିଛି। ସେହି ପୋଲ ରାସ୍ତାଦେଇ ସ୍କୁଲ-କଲେଜ ଛାତ୍ରଛାତ୍ରୀଙ୍କ ସହ ଗାଁ ଲୋକେ ଯା'ଆସ କରିଥାନ୍ତି। ଏପରି ଗାଁର ମୁଖ୍ୟ ରାସ୍ତା ଭାବେ ସେହି ରାସ୍ତାରେ ଜରୁରୀକାଳୀନ ଯାନବାହନ ମଧ୍ୟ ଚଳାଚଳ କରିଥାଏ। ପନ୍ଦାଡୋ ନିକଟରେ ଥିବା ଜଳସେଚନ ବିଭାଗର ଏକ ଗୃହ ଭୂତକୋଠି ପାଲଟିଥିବା ବେଳେ ତାର ମରାମତି ଦିଗରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ସାଜିଛି। କେନାଲ ଭିତରର ଅନେକ ସ୍ଥାନରେ କୁଢ଼ କୁଢ଼ ମାଟି-ପଥର ପାହାଡ଼ ଭଳି ମୁଣ୍ଡ ଟେକି ଥିବାବେଳେ ସେସବୁକୁ ସମ୍ପୂର୍ଣ୍ଣ ଭାବେ ସଫା କରାଯାଉନାହିଁ। ଏପରିକି ଅନେକ ସ୍ଥାନରେ ମେସିନ୍ ଯୋଗେ କେବଳ ର' ଠ' କରି ଘାସ ଚଞ୍ଚା ଯାଇଛି। ଯାହାକି, ଆଗାମୀ ଦିନେ କେନାଲରେ ପାଣି ଆସିବା ମାତ୍ରେ ତାହା ପାଣିରେ ମିଶିଯାଇ ପୁରୁଣା ଅଧ୍ୟାୟ ସୃଷ୍ଟି କରିବ। ଚାଷୀଙ୍କୁ ସୁବିଧା କରିବା ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପ୍ରକୃତରେ ବ୍ୟର୍ଥ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି କେନ୍ଦୁଝର ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ମେଳା



**ତେଲକୋଇ,୩୦।୩(ସମିସ)**

ତେଲକୋଇ ବ୍ଲକ ଓରିଆ ପଞ୍ଚାୟତର ଗୋପବନ୍ଧୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କତରାପାଲିରେ ଶନିବାର ଗଣିତ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିର୍ମଳ ଚନ୍ଦ୍ର ମହାନ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଧନୁର୍ଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ କୁମାର ସାହୁ, ଚନ୍ଦ୍ରଶେଖରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ପିଟାନାଳି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ସୁବୁଦ୍ଧି ଅନ୍ତର୍ଭୂକ୍ତ ରହିଥିଲେ। ତେବେ ଉକ୍ତ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ ବହୁ ଆକର୍ଷିତ ହୋଇଥିବା ବେଳେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କର ବିଭିନ୍ନ ପ୍ରକଳ୍ପ ମାନ ତିଆରି କରି ତାହାର ବିଷୟବସ୍ତୁ ଉପରେ ଅତିଥିମାନେ ମାନେ ଟିପ୍ପଣୀ ରଖିଥିଲେ। ପ୍ରକଳ୍ପ ଗୁଡ଼ିକ ବେସ ସରସ ସୁନ୍ଦର ରହିଥିବା ବେଳେ ତାହା ଆଗକୁ ଆହୁରି ଉନ୍ନତ ମାନର ପ୍ରକଳ୍ପ କରିବାକୁ ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ଅଂଶଗ୍ରହଣକାରୀ କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପାଠ୍ୟ ଉପକରଣ ଓ ଟ୍ରଫି ମାନ ଅତିଥି ମାନେ ପୁରସ୍କୃତ କରିଥଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛବିକେତନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ଭୋଳେଶ୍ୱର ସାହୁ ସହଯୋଗ କରିଥିଲେ।

## ଦଳିତ ମହିଳାଙ୍କୁ ନ୍ୟାୟ ପ୍ରଦାନ ଦାବି




**ରାମଚନ୍ଦ୍ରପୁର,୩୦।୩(ସମିସ):** ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଜାତିଗତ ସହ ମରଣାନ୍ତକ ଆକ୍ରମଣ ମାମଲା ରୁଜୁ କରି ଗିରଫ କରିବାକୁ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଭେଟି ଗୁହାରି ଜଣାଇଲେ ରାମଚନ୍ଦ୍ରପୁର ଥାନା ଅଧୀନ ପଣ୍ଡୁଆ ଗ୍ରାମର ଦଳିତ ମହିଳା ଝରଣା ଯେନା ଓ ପୂର୍ଣ୍ଣଚନ୍ଦ୍ର ଯେନାଙ୍କ ପରିବାର ସଦସ୍ୟ। ଘୁଷୁରୀ ମାଂସ କିଣାବିକାକୁ ନେଇ ଉପୁଜିଥିବା ବିବାଦ ପରେ ଉଗ୍ରରୂପ ନେଇଥିବା ଜଣାପଡିଛି। ରାମଚନ୍ଦ୍ରପୁର ଥାନା ପଣ୍ଡୁଆ ଗ୍ରାମରେ କିଛି ଦିନ ତଳେ ଘୁଷୁରୀ ମାଂସ କିଣାବିକାକୁ ନେଇ ପୂର୍ଣ୍ଣଚନ୍ଦ୍ର ଯେନାଙ୍କ ପରିବାର ଏବଂ ସେହି ଗ୍ରାମର ସବର୍ଣ୍ଣ ସାହିର କିଛି ଯୁବକଙ୍କ ସହ ମାଡପିଟ୍ ଘଟିଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିଲା। ହେଲେ ପୁଲିସ ଅଭିମନ୍ୟୁ ଯେନାଙ୍କ ପୁଅ ସୁଜିତ ଯେନା ଓରଫ ମୁନାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ଦଳିତ ମହିଳା ଝରଣା ଏବଂ ତାଙ୍କ ପରିବାର ଜାମିନରେ ଆସିଥିଲେ। ପରେ ସବର୍ଣ୍ଣ ସାହିର ଯୁବକମାନେ ସଂଘବଦ୍ଧ ହୋଇ ଝରଣା ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଚମକ ଦେବା ସହ ଖୁଲମ୍ ଖୋଲା ବୁଲୁଛନ୍ତି। ଅଭିଯୋଗ ହୋଇଥିଲେ ମଧ୍ୟ ଘଟଣାରେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଣୁ ପୁଲିସ ତୁରନ୍ତ ବିପକ୍ଷ ଲୋକଙ୍କ ନାଁରେ ମାମଲା ରୁଜୁ କରି ଗିରଫ କରି ଦଳିତ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଝରଣାଙ୍କ ପରିବାର ସଦସ୍ୟ ଆଜି ଆନନ୍ଦପୁର ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ସାକ୍ଷାତ କରି କିଛି ସବର୍ଣ୍ଣ ଯୁବକଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି।

## ଶାଳବଣି ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଗ୍ରାହକ ଅସନ୍ତୋଷ



**ଆନନ୍ଦପୁର,୩୦।୩(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣି ବ୍ୟାଙ୍କ ଅଫ ଇଣ୍ଡିଆରେ ଗ୍ରାହକମାନଙ୍କୁ ବିଭିନ୍ନ ଆଳ ଦେଖାଇ ହଇରାଣ ହରକତ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ୟାଙ୍କ ଉପରେ ଆଖପାଖ ଅଞ୍ଚଳର ଜନସାଧାରଣ ନିର୍ଭର କରୁଥିବା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ କଳାପ ନେଇ ଗ୍ରାହକ ଅସନ୍ତୋଷ ବୃଦ୍ଧିପାଇଛି। ମାତ୍ର କେତେ ଜଣ କର୍ମଚାରୀଙ୍କୁ ନେଇ ଚାଲିଥିବା ଏହି ବ୍ୟାଙ୍କରେ ମ୍ୟାନେଜର ସର୍ବସ୍ୱ ନୀତିରେ ଚାଲିଥିବା ଅଭିଯୋଗ ହୋଇଛି। ପ୍ରତିଦିନ ଆଖପାଖ ଅଞ୍ଚଳରୁ ଆସୁଥିବା ଗରିବ ଶ୍ରେଣୀର ଲୋକମାନଙ୍କୁ ବାରମ୍ବାର ବ୍ୟାଙ୍କକୁ ଦୌଡାଉଛନ୍ତି। ହେଲେ ବି କାମହୋଇ ପାରୁନାହିଁ, ଲୋକମାନେ ନୟାନ୍ତ ହୋଇ ଆଉ ବ୍ୟାଙ୍କକୁ ଆସୁ ନଥିବା ପ୍ରକାଶ କରିଛନ୍ତି। ଗ୍ରାହକମାନେ ପାସ ବୁକ ପ୍ରିଣ୍ଟ ପାଇଁ ଗଲେ ପ୍ରିଣ୍ଟ ନ କରି ବାଲାନ୍ସ କହିଦେଉଛନ୍ତି। ପାସବୁକ ପ୍ରିଣ୍ଟ ନ ହେଲେ ମେଡିକାଲ ହେଉକି ଅନ୍ୟାନ୍ୟ ସଂସ୍ଥାରେ ପାସବୁକକୁ ଟଙ୍କା ଆସୁନାହିଁ। ଆକାଉଣ୍ଟ ନମ୍ବରରେ ମୋବାଇଲ ନମ୍ବର ଯୋଗ କରିବାକୁ ହେଲେ ୪/୫ ଦିନ ବ୍ୟାଙ୍କକୁ ଦୌଡିବାକୁ ପଡୁଛି। ଲୋକମାନେ ଅତି ଗରିବ ଶ୍ରେଣୀର ହୋଇଥିବାରୁ ସେହି ବ୍ୟାଙ୍କକୁ ଗଲେ ମ୍ୟାନେଜର ଲୋକଙ୍କ କଥା ଶୁଣୁନାହାନ୍ତି ବୋଲି କେତେକ ଜମାଖାତାଧାରୀ ଅଭିଯୋଗ କରିଛନ୍ତି।

## ଯୋଡ଼ା ଏଲ୍ଆଇସି ଅଫିସରୁ ଚୋରି ଉଦ୍ୟମ ବିଫଳ



**ଯୋଡ଼ା,୩୦।୩(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଗଣେଶ ଭବନ ନିକଟରେ ଥିବା ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ଯୋଡ଼ା ଶାଖାରୁ ଗତକାଲି ରାତିରେ ଚୋରି ଉଦ୍ୟମ ହୋଇଥିବା ଖବର ମିଳିଛି। ଦୁର୍ବୃତ୍ତମାନେ ଏଲ୍ଆଇସି ଅଫିସ ସମ୍ମୁଖରେ ଥିବା ସ୍କାଏଲାଇଟ ତାଡି ଭିତରକୁ ପ୍ରବେଶ କରି ସିସି କ୍ୟାମେରା ଓ ଏଜେଣ୍ଟ ଅଫିସ ରୁମ କବାଟ ତାଡି ଭିତରେ ପ୍ରବେଶ କରିଥିଲେ। ଶନିବାର ସକାଳ ଅଫିସ ମୁଖ୍ୟ ଦ୍ୱାର ଭଙ୍ଗା ଯାଇଥିବା ଶାଖା ପରିଚାଳକ ଜାଣି ପୋଲିସକୁ ଖବର ଦେଇଥିଲେ। ପ୍ରାଥମିକ ତଦନ୍ତରୁ କୌଣସି ଚୋରି ହୋଇ ନ ଥିବା ବେଳେ ଅଫିସ କାଗଜପତ୍ର ଓ ଭାଉଚର ଗୁଡ଼ିକୁ ଏଣେ ତେଣେ ଫୋପାଡି ଦେଇଥିଲେ। ସିସି ଟିଭିରେ ଚୋରିର ଦୃଶ୍ୟ କଏଦ ହୋଇଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧି ଅଫିସରେ ପଶିଥିଲେ। ତେଣେ ଯୋଡ଼ା ଶାଖା ଏଲ୍ଆଇସି ମ୍ୟାନେଜର ସ୍ପଷ୍ଟ କରିଛନ୍ତି କି, ଚୋର ମାନେ ପଶି କ୍ୟାସ୍ କାଉଣ୍ଟର କାଚକୁ ତଳେ ରଖି ଚୋରି ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲେ। ୩ଟି ସିସି କ୍ୟାମେରା ଭାଙ୍ଗିବା ସହ ଚୋରି ଉଦ୍ୟମ ବିଫଳ ହେତୁ ଚୋର ମାନେ ପଳାଇଛନ୍ତି। ଏନେଇ ଏଲ୍ଆଇସି ଯୋଡ଼ା ଶାଖା ମ୍ୟାନେଜର ମନୋରଞ୍ଜନ ପଲଟାସିଂହ ଯୋଡ଼ା ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଆଶୀର୍ବାଦ ସଭାରେ କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ଜଗନ୍ନାଥ

**ପାଟଣା,୩୦।୩(ସମିସ)**




ନବୀନ ସରକାର ଲୋକଙ୍କର, ଲୋକଙ୍କ ପାଇଁ। ଏମିତି ବିକାଶ ଧାରା ଚାଲୁଛି, ଚାଲିଥିବ। ଦଳର ସମସ୍ତ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖକୁ ଯାଇ ବୁଝାଇବା ଏବଂ ଯଥାସମ୍ଭବ ଦଳୀୟ ସଙ୍ଗଠନକୁ ଆହୁରି ସୁଦୃଢ କରି ଆଗାମୀ ସାଧାରଣ ନିର୍ବାଚନ ବୈତରଣୀ ପାର ହେବାକୁ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ପାଟଣାର ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ। ପାଟଣା ବ୍ଲକ ଅନ୍ତର୍ଗତ ଟାଙ୍ଗରପଡା ଠାରେ ଆୟୋଜିତ ହେଇଥିବା ଆଶୀର୍ବାଦ ସଭାରେ ନିର୍ବାଚନ ମଣ୍ଡଳୀ ଅଧୀନ ୫୬ଟି ଗ୍ରାମପଞ୍ଚାୟତର ନେତା ଓ କର୍ମୀ ଏକାଠି ହୋଇଥିଲେ। ପାଟଣା ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ଜଗନ୍ନାଥ ନାଏକଙ୍କୁ ମନୋନୀତ କରିଥିବାରୁ କର୍ମୀମାନେ ଦଳର ସୁପ୍ରିମ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସଭାରେ କେସିସି ବ୍ୟାଙ୍କ ସଭାପତି ତଥା ପାଟଣା ନିର୍ବାଚନ ମଣ୍ଡଳୀ ସଂଯୋଜକ କାନନ ବିହାରୀ ପହି, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ, ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ସଦସ୍ୟା ରୁନୁ ମହାନ୍ତ, ଚମ୍ପାବତି ଟୁଡୁ, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ସଭାପତି ଦିଲୀପ ସାହୁ, କୃଷକ ସେଲ ସଭାପତି ଦୀପକ ରାଜ, ବିଜେଡି ନେତା ଭବାନୀ ଶଙ୍କର ନାଏକ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଅଜୟ ପଟ୍ଟନାୟକ ପ୍ରମୁଖ ଆଗାମୀ ନିର୍ବାଚନ ପାଇଁ ପ୍ରତି ବୁଥ ସ୍ତରରୁ ସଙ୍ଗଠନକୁ ବ୍ୟାପକ କରିବା ସହ କର୍ମୀ ମାନେ ସଜାଗ ରହିବାକୁ ପଡିବ ବୋଲି ଅଭିଭାଷଣରେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ନିରଞ୍ଜନ ତ୍ରିପାଠୀ, କୃଷ୍ଣଚନ୍ଦ୍ର ମହାପାତ୍ର, ପୁରସ୍ତମ ରାଜ, ମିତ୍ରଭାନୁ ମହାନ୍ତ, ବିଶ୍ୱନାଥ ନାଏକ, ଦୀପକ ମଣ୍ଡଳ, ସାହାରପଡା ବ୍ଲକ ଯୁବ ସଭାପତି ସତ୍ୟନାରାୟଣ ପଣ୍ଡା, ଝୁମ୍ପୁରା ବ୍ଲକ ଯୁବ ସଭାପତି କୁନା ଗିରି, ପାଟଣା ବ୍ଲକ ଯୁବ ସଭାପତି ରଘୁବର ମହାନ୍ତ, ଜିଲ୍ଲା ଛାତ୍ର ବିଜେଡି ଉପସଭାପତି ବିପ୍ଳବ କୁମାର ପୃଷ୍ଟି, ସାହାରପଡା ବ୍ଲକ ଛାତ୍ର ସଭାପତି ଭବାନୀ ଶଙ୍କର ମହାନ୍ତ, ପାଟଣା ବ୍ଲକ ଛାତ୍ର ସଭାପତି ପରମେଶ୍ୱର ପଲେଇ, ସୌମ୍ୟ ରଞ୍ଜନ ରାଉତ, ପ୍ରଣବ କୁମାର ପହି, ଉପେନ୍ଦ୍ର ମହାନ୍ତ, ସମୀର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଝୁଲଣ ଯାତ୍ରା ଉଦ୍‌ଯାପିତ



**ସୋସୋ,୩୦।୩(ସମିସ):** ହାଟଡିହୀ ବ୍ଲକ ପଢିଆରିପଲ୍ଲୀ ପଞ୍ଚାୟତ କାହାଳିଆଗଡିଆ ଗ୍ରାମରେ ରାଧାକୃଷ୍ଣ ଯୁଗଳମୂର୍ତ୍ତୀଙ୍କର ୪ର୍ଥ ବାର୍ଷିକ ଝୁଲଣ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଉତ୍ସବରେ ନିକଟସ୍ଥ ରଟିଣା ଗ୍ରାମରୁ ୫ ଗୋଟି ବିମାନ ଶିବ ମନ୍ଦିର ଠାରୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଝୁଲଣ ମଣ୍ଡପ ନିକଟରେ ପହଞ୍ଚି ମହାପ୍ରଭୁଙ୍କର ଯଥାବିଧି ପୂଜାପାଠ କରାଯାଇଥିଲା। ପରେ ଜ୍ୟୋତିଷଙ୍କ ଦ୍ୱାରା ବାର୍ଷିକ ପଞ୍ଜିକା ପଠନ କରାଯାଇଥିଲା। ପାଲା ଗାୟିକା ପଦ୍ମିନୀ ସନ୍ଧ୍ୟାରାଣୀ ପଣ୍ଡାଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। କର୍ତ୍ତା ଭାବେ ଅଲେଖ ଚନ୍ଦ୍ର ବେହେରା, ସୁରଥ କୁମାର ସାହୁ ଯଥାବିଧି କାର୍ଯ୍ୟ ସମ୍ପାଦନ କରିଥିଲେ। ନରେନ୍ଦ୍ର କୁମାର ବେହେରା, ସୁରେନ୍ଦ୍ର କୁମାର ବେହେରା, ବିଶ୍ୱରଞ୍ଜନ ସାହୁ, ପ୍ରଶାନ୍ତ କୁମାର ତ୍ରିପାଠୀ, ପିତାମ୍ବର ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଏଥିରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବାବେଳେ ଗତକାଲି ଉଦ୍‌ଯାପିତ ହୋଇଛି।

# ଶଙ୍ଖ ଧରିଲେ ପାରଳାଖେମୁଣ୍ଡିର ପୂର୍ବତନ କଂଗ୍ରେସ ବିଧାୟକ କେ. ସୁରିଆ ରାଓ



**ଭୁବନେଶ୍ୱର,୩୦।୩(ସମିସ):** ଗଞ୍ଜାମ ଜିଲ୍ଲା ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ କେ. ସୁରିଆ ରାଓଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚନ ପ୍ରତିନିଧି ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖଭବନ ଆୟୋଜିତ ମିଶ୍ରଣ ପର୍ବରେ ଠାରେ ମନ୍ତ୍ରୀ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା କେ.ସୁରିଆ ରାଓ ଏବଂ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ନାୟକ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ନାୟକ ଓ ଡକ୍ଟର ପାତ୍ର କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା କେ. ସୁରିଆ ରାଓ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, କୌଣସି ଆଶା ନେଇ ମୁଁ ବିଜେଡିରେ ଯୋଗ ଦେଇନାହିଁ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ସରପଞ୍ଚ ସର୍ବଶ୍ରୀ ତିଶାନୋ ଭୂୟାଁ, ପିନୋଷ ରାଇତା, ପ୍ରଫୁଲ୍ଲ ଶବର, ମୀନିତା ଭୂୟାଁ, ଏଡ଼ାଙ୍ଗ ଶବର, ସମିତି ସଭ୍ୟ ଲତା ରାଇକା, ନାଏବ ସରପଞ୍ଚ ରାଜେନ୍ଦ୍ର ରାଇକା, ୱାର୍ଡ ମେମ୍ବର ସର୍ବଶ୍ରୀ ଆରତୀ ରାଇତା, ଉମାଶଙ୍କର ଶବର, ଆୟଜ ନାଏକ, ପୂର୍ବତନ ସରପଞ୍ଚ ସର୍ବଶ୍ରୀ ଶୀଳାପାଣି ଭୂୟାଁ, ବଳରାଜ ଚୌଧୁରୀ, ତ୍ରିନାଥ ପ୍ରଧାନ, ପୂର୍ବତନ ସମିତିସଭ୍ୟ ସର୍ବଶ୍ରୀ ଇଶାଦ ଶବର, ଡି. କିରଣ କୁମାର, ସାମସଙ୍ଗ ବଡ଼ନାୟକ, ଶିବୋ କର, ପଲ ପାଣିଙ୍କ ସହ ଶତାଧିକ ନିର୍ବାଚିତ ପ୍ରତିନିଧି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଗଜପତି ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଉପସ୍ଥିତ ଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିରେ ମିଶିଲେ ଦଶପଲ୍ଲାର ଦୁଇ ବିଜେପି କାଉନସିଲର



**ଭୁବନେଶ୍ୱର,୩୦।୩(ସମିସ):** ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ଏନଏସିର ୨ ବିଜେପି କାଉନସିଲରଙ୍କ ସହ ଜଣେ ବିଜେପି ଜିଲ୍ଲାପରିଷଦ ପ୍ରାର୍ଥୀ ଆଜି ଶଙ୍ଖଭବନ ଠାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ୨ କାଉନସିଲର ଓ ଜିଲ୍ଲାପରିଷଦ ପ୍ରାର୍ଥୀଙ୍କୁ ଶ୍ରୀ ବେହେରା ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ବେହେରା ଓ ଡକ୍ଟର ପାତ୍ର କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ।

ଏହି ମିଶ୍ରଣ ପର୍ବରେ ଦଶପଲ୍ଲା ଏନଏସି ୱାର୍ଡ଼ ନଂ ୧୧ର ବିଜେପି କାଉନସିଲର କିରଣ କୁମାର ସାହୁ, ୱାର୍ଡ଼ ନଂ ୫ର ବିଜେପି କାଉନସିଲର ମାନିନୀ ସେଠୀ ଓ ଗରିଆ ବ୍ଲକ ଜୋନ ୮ର ବିଜେପି ଜିଲ୍ଲାପରିଷଦ ପ୍ରାର୍ଥୀ ମନୋରଞ୍ଜନ ମହାପାତ୍ର ବିଜେଡ଼ିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ଏନଏସିର ବିଜେଡି କାଉନସିଲରମାନେ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶପଥ ନେଲେ ନବନିଯୁକ୍ତ ୫୫ ସିଭିଲ ଜଜ୍

### ନ୍ୟାୟିକ ନୈତିକତାର ଅନୁପାଳନ ଉପରେ ମୁଖ୍ୟ ବିଚାରପତିଙ୍କ ଗୁରୁତ୍ୱାରୋପ



**କଟକ, ୩୦।୩ (ସମିସ):** ଓଡ଼ିଶା ଜୁଡିସିଆଲ ସର୍ଭିସ୍‌ରେ କୃତକାର୍ଯ୍ୟ ହୋଇଥିବା ୨୦୨୨ବ୍ୟାଚ୍‌ର ୫୫ଜଣ ସିଭିଲ ଜଜ୍(ଜୁନିଅର ଡିଭିଜନ) ପ୍ରୋବେସନ୍‌ଙ୍କୁ ନୂତନ ସ୍ଥାନରେ ଅବସ୍ଥାପିତ କରାଯାଇଥିବା ବେଳେ ଆଜି ସେମାନେ ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିଛନ୍ତି। ଓଡ଼ିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଯୋଗଦେଇ ନୂତନ ସିଭିଲ ଜଜ୍‌ମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ଉଦ୍‌ବୋଧନ ଦେଇ ମୁଖ୍ୟ ବିଚାରପତି ଜଷ୍ଟିସ୍ ଶରଣ ସିଂହ କହିଥିଲେ ଯେ ଜଣେ ବିଚାରପତି ହେବା ପାଇଁ ଶାରୀରିକ ସୁସ୍ଥତା, ମାନସିକ ସୁସ୍ଥତା ଓ ଭାବପ୍ରବଣତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ। ବିଶେଷକରି ନିଜର ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନରେ ମଧ୍ୟ ନ୍ୟାୟିକ ନୈତିକତାର ଅନୁପାଳନ କରିବାର ଆବଶ୍ୟକତା ରହିଛି। ଜଣେ ବିଚାରପତି ନିଯୁକ୍ତ ହେବା ସାଧାରଣ କାର୍ଯ୍ୟ ନୁହେଁ। ଏହା ନିରନ୍ତର ଶିକ୍ଷା ଗ୍ରହଣର ପ୍ରକ୍ରିୟା। ଏଣୁ ଅଦାଲତ କାର୍ଯ୍ୟ ସମୟରେ ନିଜର ବ୍ୟକ୍ତିଗତ ଜୀବନ ଅବା ପାରିପାର୍ଶ୍ୱିକ ସ୍ଥିତି ଦ୍ୱାରା ପ୍ରଭାବିତ ନହେବାକୁ ନବନିଯୁକ୍ତ ସିଭିଲ ଜଜ୍‌ମାନଙ୍କୁ ମୁଖ୍ୟ ବିଚାରପତି ପରାମର୍ଶ ଦେଇଥିଲେ। ବିଚାରପତି ଜଷ୍ଟିସ କେ.ଆର.ମହାପାତ୍ର ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ସମ୍ପର୍କରେ ଉଦ୍‌ବୋଧନ ରଖିଥିଲେ। ବିଶେଷକରି ଜୁଡିସିଆଲ ଏକାଡେମୀକୁ ଗୁରୁକୁଳ ଭାବେ ଚିତ୍ରଣ କରିବା ସହ ପ୍ରଶିକ୍ଷଣ ପ୍ରଦାନରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ନେଇ ପ୍ରକାଶ କରିଥିଲେ।

ଉତ୍ସବରେ ସ୍ୱାଗତଭାଷଣ ପ୍ରଦାନ କରି ବିଚାରପତି ତଥା ଜୁଡିସିଆଲ ଏକାଡେମୀ ଓ ଟ୍ରେନିଂ କମିଟିର ସଦସ୍ୟ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ବିଚାରପତିଙ୍କ ଉତ୍ତରଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷରେ ଜୁଡିସିଆଲ ଏକାଡେମୀ ନିର୍ଦ୍ଦେଶକ ବିଦ୍ୟୁତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି, ଜିଲ୍ଲା ଜଜ୍, ନବନିଯୁକ୍ତ ସିଭିଲ ଜଜ୍‌ଙ୍କ ପରିବାରବର୍ଗ ଯୋଗ ଦେଇଥିଲେ।

ପ୍ରକାଶଥାଉକି ନବନିଯୁକ୍ତ ସିଭିଲ ଜଜ୍‌ମାନେ ଗତ ୨୭ ତାରିଖରେ ସେମାନଙ୍କ ନିଯୁକ୍ତି ସ୍ଥାନଗୁଡ଼ିକରେ ଯୋଗ ଦେଇଥିଲେ। ଆଜି ଓଡ଼ିଶା ଜୁଡିସିଆଲ ଏକାଡେମୀରେ ପ୍ରଶିକ୍ଷଣ ପାଇଁ ରିପୋର୍ଟ କରିବା ସହ ଶପଥ ନେଇଥିଲେ। ଜୁଡିସିଆଲ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ବଦ୍ରିନାରାୟଣ ନନ୍ଦ, ଉପନିର୍ଦ୍ଦେଶକ ସ୍ୱପ୍ନା ସାଗରିକା ମିଶ୍ର ଓ ସହକାରୀ ନିର୍ଦ୍ଦେଶକ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦେଢ଼ ବର୍ଷରେ ରାଜ୍ୟର ୩୧୬ଟି କୋର୍ଟ ହୋଇଛି ପେପରଲେସ

**କଟକ, ୩୦।୩ (ସମିସ):** ରାଜ୍ୟର ବିଚାର ବିଭାଗରେ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର ହୋଇଆସୁଛି। ଏପରିକି ଏହି କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଅଗ୍ରଣୀ ରାଜ୍ୟ ହୋଇ ଉଭା ହୋଇଛି। ବିଶେଷକରି ନିମ୍ନ ଅଦାଲତଗୁଡ଼ିକୁ ବିଭିନ୍ନ ଜିଲ୍ଲାରେ ପେପରଲେସ୍ କୋର୍ଟ(କାଗଜ ବିହୀନ ଅଦାଲତ) କରିବା ପାଇଁ ନିରନ୍ତର ପ୍ରକ୍ରିୟା ଜାରି ରହିଛି। ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥାକୁ କାଗଜବିହୀନ କରିବା ପର୍ଯ୍ୟନ୍ତ ପ୍ରତି ମାସରେ କିଭଳି ଅଧିକରୁ ଅଧିକ ପେପରଲେସ୍ କୋର୍ଟ ଉଦ୍‌ଘାଟନ କରାଯିବ, ସେ ଦିଗରେ ବିଚାର ବିଭାଗ ଅଗ୍ରସର ହେଉଛି। ସୂଚନାନୁସାରେ, ବିଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୩୧୬ଟି ପେପରଲେସ୍ କୋର୍ଟ ଉଦ୍‌ଘାଟନ ହେଲାଣି। ପ୍ରାୟ ୧୦ଟି ଜିଲ୍ଲାର ମୁଖ୍ୟାଳୟସ୍ଥିତ ସମସ୍ତ ଅଦାଲତଗୁଡ଼ିକ ପେପରଲେସ୍ ହୋଇପାରିଛି।

ପ୍ରକାଶଥାଉକି ପ୍ରଥମ ପର୍ଯ୍ୟାୟରେ ଗତ ୨୦୨୨ସେପ୍ଟେମ୍ବର ୧୭ରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ ରାଜ୍ୟରେ ୩୪ଟି ପେପରଲେସ କୋର୍ଟ ଉଦ୍‌ଘାଟନ କରିଥିଲେ। ଏହା ପରଠାରୁ ମୋଟ ୧୦ଗୋଟି ପର୍ଯ୍ୟାୟରେ ପେପରଲେସ୍ କୋର୍ଟ ସଂଖ୍ୟା ୩୦୦ ଅତିକ୍ରମ କରିଛି। ଦଶମ ପର୍ଯ୍ୟାୟରେ ବରଗଡ଼, ଭଦ୍ରକ, କଟକ, ଦେବଗଡ଼, କନ୍ଧମାଳ, ଢେଙ୍କାନାଳ, ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ନବରଙ୍ଗପୁର, ନୟାଗଡ଼, ପୁରୀ ଓ ସୋନପୁର ଆଦି ୧୪ ଗୋଟି ଜିଲ୍ଲାର ୨୫ଟି ଅଦାଲତ ପେପରଲେସ୍ ହୋଇଥିବା ଜଣାପଡ଼ିଛି।

■ ଟିଟିଲାଗଡ଼ ଜେଲ୍‌ରୁ ଦୁଇ କଏଦୀ ଫେରାର୍ ଘଟଣା

## ଦିଲ୍ଲୀରୁ ଗିରଫ ହେଲା ସୁମିତ ବିହାରୀ

**ବଲାଙ୍ଗିର, ୩୦।୩ (ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପକାରାଗାରରୁ ଫେରାର୍ ଦୁଇ କଏଦୀ ମଧ୍ୟରୁ ଗୋଟିଏ ଧରାପଡ଼ିଛି। ସେ ହେଲା, କଏଦୀ ସୁମିତ ବିହାରୀ। ପୁଲିସ ତାକୁ ଦିଲ୍ଲୀରୁ ଗିରଫ କରିଛି। ତେବେ କେମିତି ସେ ଜେଲ୍‌ରୁ ଖସିଲା, ପୁଲିସ୍ ତାହାର ଦୃଶ୍ୟାଭିନୟ (ସିନ୍ ରିକ୍ରିଏସନ୍) କରାଇଛି। ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଏସ୍‌ପି ଋଷିକେଶ ଖିଲାରୀ ଏହି ସୂଚନା ଦେଇଛନ୍ତି।



● ବାଇକ୍‌ରେ ବ୍ରହ୍ମପୁର, ଭୁବନେଶ୍ୱର ଓ ଦିଲ୍ଲୀ ଯାଇଥିଲା ସୁମିତ
● ତିନିଜଣ ବ୍ୟକ୍ତିଙ୍କ ସହଯୋଗରେ ଫେରାର ହୋଇଥିଲା

ଗତ ୯ ତାରିଖ ଟିଟିଲାଗଡ଼ ଉପକାରାଗାରରୁ ଦୁଇଜଣ କଏଦୀ ସୁମିତ ବିହାରୀ ଓ ଶୋଭାବନ ରଣା ଫେରାର୍ ହୋଇଯାଇଥିଲେ। କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନାଞ୍ଚଳର ସୁମିତ ବିହାରୀ ଜଘନ୍ୟ ହତ୍ୟାକାଣ୍ଡ ଘଟଣାରେ ସଜା କାଟୁଥିବା ବେଳେ ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନାଞ୍ଚଳର ଶୋଭାବନ ରଣା ସାଧନା ସିଦ୍ଧି ପାଇଁ ନରବଳୀ ଦେବା ଭଳି ସାଂଘାତିକ ହତ୍ୟାକାଣ୍ଡ ଘଟଣାର ଦୋଷୀ ଭାବରେ ସଜା କାଟୁଥିଲା। ଦୁହେଁ ହତ୍ୟା ଅଭିଯୁକ୍ତ ଥିଲେ ହେଁ ଜେଲ କର୍ତ୍ତୃପକ୍ଷଙ୍କ ସୁନାପୁଅ ସାଜିଥିଲେ। ବନ୍ଦୀଶାଳା ଭିତରେ ମୁକ୍ତ ଭାବରେ ବିଚରଣ କରିବା ସହ ଜେଲ କର୍ତ୍ତୃପକ୍ଷଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ଦୀର୍ଘ ବର୍ଷ ଧରି ଏମିତି ଚାଲିବା ପରେ ଗତ ୯ ତାରିଖ ସୁଯୋଗ ଦେଖି ଦୁହେଁ ଜେଲ୍‌ରୁ ଫେରାର୍ ହୋଇଯାଇଥିଲେ। ସମ୍ବଲପୁର ଜେଲ ଆଇଜି ଟିଟିଲାଗଡ଼ ପହଞ୍ଚି ତନାଘନା କରିଥିଲେ। ହେଲେ ଅଧିକାରୀଙ୍କ ଦୋଷ ଲୁଚାଇବାକୁ ଯାଇ ଦୁଇଜଣ ତଳିଆ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ସେ ଯାହା ହେଉନା କାହିଁକି, ବଲାଙ୍ଗିର ପୁଲିସର ପରିଶ୍ରମ ଫଳରେ ଫେରାର ମାରିଥିବା ଦୁଇଜଣ କଏଦୀଙ୍କ ମଧ୍ୟରୁ ଜଣେ ଜେଲଗୃହକୁ ଫେରିଛି।

ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଦିଲ୍ଲୀ ଯାଇ ତାକୁ ଗିରଫ କରିଥିବା ଜଣାପଡ଼ିଛି। ଟିଟିଲାଗଡ଼କୁ ଆଣିବା ପରେ ଅଭିଯୁକ୍ତ କେମିତି ଫେରାର ମାରିଲା ତାର ସିନ ରିକ୍ରିଏସନ କରିଛି। ଇଣ୍ଟେଲିଜେନ୍ସ ରିପୋର୍ଟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣକୁ ଆଧାର କରି ତଦନ୍ତ ଚଳାଇଥିବା ବେଳେ ଜଣେ କୋଲକାତା ଓ ଜଣେ ଦିଲ୍ଲୀ ଆଡ଼କୁ ଯାଇଥିଲା। ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଦିଲ୍ଲୀ ଯାଇ ସେଠାରେ ଖୋଜାଖୋଜି କରିବା ପରେ ସୁମିତ ବିହାରୀକୁ ଧରିଥିବା ଜଣାପଡ଼ିଛି। ତା'ଠାରୁ ଏକ ମୋବାଇଲ ଫୋନ୍, ଏଟିଏମ କାର୍ଡ ଓ ସିଡି ଜବତ କରାଯାଇଛି। ପଚାରାଉଚରା ସମୟରେ ଜଣାପଡ଼ିଥିଲା ଯେ ଜେଲରୁ ଫେରାର ମାରିବା ପରେ ସେମାନେ ତିନିଜଣ ବ୍ୟକ୍ତିଙ୍କ ସହଯୋଗ ପାଇଥିଲେ। ସେମାନେ ଅଭିଯୁକ୍ତଙ୍କୁ ବାଇକ୍ ଯୋଗାଇ ଦେଇଥିଲେ। ବାଇକ୍‌ରେ ସେମାନେ ଟିଟିଲାଗଡ଼ରୁ ବ୍ରହ୍ମପୁର ଯାଇଥିଲେ ଏବଂ ସେଠାରୁ ଭୁବନେଶ୍ୱର ଓ ପରେ ସୁମିତ ଦିଲ୍ଲୀ ଯାଇଥିବା ଜଣାପଡ଼ିଛି। ଅନ୍ୟତମ ଫେରାର୍ ଅଭିଯୁକ୍ତ ଶୋଭାବନ ରଣା ମଧ୍ୟ ଶୀଘ୍ର ଧରାପଡ଼ିବ ବୋଲି ପୁଲିସ କହିଛି। ସୁମିତକୁ ଗିରଫ କରିଥିବା ସ୍ୱତନ୍ତ୍ର ପୁଲିସ ଟିମ ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାର, ଟିଟିଲାଗଡ଼ ଥାନା ଆଇଆଇସି ଅବନୀ ସାହୁ, ଅନ୍ୟ ତିନିଜଣ ଏସଆଇ ଏଏସଆଇ ଓ ହାବିଲଦାରଙ୍କୁ ଏସପି ପ୍ରଶଂସା କରିଛନ୍ତି।

## ୫୮ ଗ୍ରାମ ବ୍ରାଉନସୁଗର ଜବତ; ଦୁଇ ଗିରଫ

**ଅନୁଗୋଳ, ୩୦।୩ (ସମିସ):** ଅନୁଗୋଳ ଟାଉନ୍ ଥାନା ଅନ୍ତର୍ଗତ ତୁରଙ୍ଗ ଗାଁର ୨ ଯୁବକ ବାଇକ୍‌ରେ ବ୍ରାଉନସୁଗର ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି।



ସେମାନଙ୍କଠାରୁ ଅବକାରୀ ବିଭାଗ ୫୮ ଗ୍ରାମ୍‌ର ବ୍ରାଉନସୁଗର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ୮୦ ହଜାର ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଗିରଫ ୨ଅଭିଯୁକ୍ତ ହେଲେ, ତୁରଙ୍ଗ ଗାଁର ସନ୍ତୋଷ ବେହେରା (୨୨) ଓ ଦେବ ବେହେରା (୩୫)। ଏହି ଦୁଇଜଣ ଏକ ବାଇକ୍‌ରେ ବ୍ରାଉନସୁଗର ନେଇଯାଇଥିବା ବେଳେ ଅନୁଗୋଳ ଅବକାରୀ ବିଭାଗର ସ୍ୱତନ୍ତ୍ର ୱାଡ୍ ବିକ୍ରମପୁର ଥାନା ଏଫସିଆଇ ମୁଣ୍ଡାବଜାର ପାଖରେ ସେମାନଙ୍କୁ ଅଟକାଇଥିଲା। ଯାଞ୍ଚ ସମୟରେ ସେମାନଙ୍କ ପାଖରୁ ବ୍ରାଉନସୁଗର ସହ ଦୁଇ ହଜାର ଟଙ୍କା ଜବତ କରାଯାଇଥିଲା। ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ବିଜେପି ନିର୍ବାଚନୀ ଇସ୍ତାହାର କମିଟିରେ ୩ ଓଡ଼ିଆ

**ଭୁବନେଶ୍ୱର, ୩୦।୩ (ସମିସ):** ଆସନ୍ତା ଲୋକସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ ଆଜି ନିର୍ବାଚନୀ ଇସ୍ତାହାର କମିଟି ଗଠନ ହୋଇଛି। କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ମୋଟ ୨୭ ଜଣ ସଦସ୍ୟ ରହିଛନ୍ତି। ଏହି ୨୭ଜଣିଆ ସଦସ୍ୟଙ୍କ ମଧ୍ୟରେ ଓଡ଼ିଶାର ୩ଜଣ ନେତା ସ୍ଥାନ ପାଇଛନ୍ତି। ସେମାନେ ହେଲେ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପ୍ରଧାନ ଏବଂ ସାଂସଦ ଜୁଏଲ ଓରାମ। ଏହି କମିଟି ବିଜେପି ନିର୍ବାଚନ ଜିତିବା ପରେ କ'ଣ ସବୁ କରିବ, ସେନେଇ ପ୍ରତିଶ୍ରୁତି ଉଲ୍ଲେଖ କରାଯିବ। ସେହିପରି କମିଟିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆବାହକ ଓ ପୀୟୂଷ ଗୋଏଲ ସହ-ଆବାହକ ରହିଛନ୍ତି।



# ରାଜ୍ୟ ବିଜେପି କାର୍ଯ୍ୟାଳୟ ପାଲଟିଲା ରଣକ୍ଷେତ୍ର

## କାଲୁ ଖଣ୍ଡାୟତରାୟଙ୍କ ସମର୍ଥକଙ୍କ ହଙ୍ଗାମା, ନାରାବାଜି



- ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟାଳୟକୁ ରଖିଲେ ବନ୍ଧକ
- ଅପରାଜିତା ଷଡ଼ଙ୍ଗୀ, ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ନାରାବାଜି
- ପାଇକମାଟିରେ ବାହାର ନେତ୍ରୀଙ୍କ ରାଜ୍ ଚଳିବ ନାହିଁ
- ଚରମବାଣୀ ଶୁଣାଇଲେ କାଲୁ, ଟିକଟ ନମିଳିଲେ ପରିସ୍ଥିତି ଭୟଙ୍କର ହେବ
- କାଲୁ ସମର୍ଥକଙ୍କ କ୍ଷୋଭ, ଯିଏ କର୍ମୀଙ୍କୁ ଗାଡ଼ି ଚଢ଼ାଇଥିଲା, ତାଙ୍କୁ କିପରି ସ୍ୱୀକାର କରିବୁ

**ଭୁବନେଶ୍ୱର,୩୦।୩(ସମିସ):** ମୁଁ ଦଳ ପାଇଁ କାମ କରିଛି। ନିଶ୍ଚିତ ଟିକେଟ ନେବି। ଯଦି ଟିକେଟ ନମିଳେ, ଯାହା ହେଇପାରେ ତାହା ଆପଣମାନେ ପରେ ଜାଣିବେ। ରାଜ୍ୟ ସବାପତି ଆସନ୍ତାକାଲି ସୁଦ୍ଧା ପ୍ରାର୍ଥୀତ୍ୱ ସମ୍ପର୍କରେ ଜଣାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ତାଙ୍କ ବଦଳରେ ଖୋର୍ଦ୍ଧାରୁ ପ୍ରଶାନ୍ତ ଜଗଦେବ ପ୍ରାର୍ଥୀ ହେଲେ ସ୍ଥିତି, ବହୁତ ଭୟଙ୍କର ହେବ। ଆଜି ଭୁବନେଶ୍ୱର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଛିଡ଼ାହୋଇ ବିଜେପି ନେତୃତ୍ୱଙ୍କୁ ଏପରି ଚରମବାଣୀ ଶୁଣାଇଛନ୍ତି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଟାଣୁଆ ବିଜେପି ନେତା କାଲୁଚରଣ ଖଣ୍ଡାୟତରାୟ। ପ୍ରାୟ ୨ରୁ ୩ ଘଣ୍ଟା ସମୟ ଧରି କାଲୁଚରଣଙ୍କ ୩୦୦୦ରୁ ଉର୍ଦ୍ଧ୍ୱ ସମର୍ଥକ କାର୍ଯ୍ୟାଳୟରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ନାରାବାଜି କରିବା ସହ ପ୍ରବଳ ହଙ୍ଗାମା କରିଛନ୍ତି। ରାଜ୍ୟ ବାହାରୁ ଆସିଥିବା ଜଣେ ଅହଙ୍କାରୀ ମହିଳାଙ୍କ ରାଜ୍ ପାଇକଗଡ଼ରେ ଚଳିବ ନାହିଁ। କାଲୁଙ୍କୁ ଟିକେଟ ନମିଳିଲେ ଆମେ ଏହାର ଜବାବ୍ ନିର୍ବାଚନରେ ଦେବୁ ବୋଲି ତାଙ୍କ ସମର୍ଥକମାନେ ଚରମବାଣୀ ଶୁଣାଇଛନ୍ତି। ଗତକାଲି ଖୋର୍ଦ୍ଧାରେ କାଲୁଙ୍କ ସମର୍ଥକମାନେ ଏକାଠି ହେବା ସହ ଅପରାଜିତାଙ୍କ ବିରୋଧରେ ବିଷୋଦଗାର କରିଥିଲେ। ଅପରାଜିତା ଖୋର୍ଦ୍ଧା ବିଜେପିକୁ ଭାଗ ଭାଗ କରିବାକୁ ଚାହୁଁଛନ୍ତି। ପ୍ରଶାନ୍ତ ଜଗଦେବଙ୍କୁ ଏଠାରୁ ପ୍ରାର୍ଥୀ କରାଗଲେ ସେମାନେ ସମୂହ ଇସ୍ତଫା ଦେବେ ବୋଲି କାଲୁଙ୍କ ସମର୍ଥକ ବଜ୍ର ଶପଥ ନେଇଥିଲେ। ଶନିବାର ସେମାନେ ଦୁଇପାଦ ଆଗକୁ ଯାଇ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ଏକପ୍ରକାର ବନ୍ଧକ କରି ରଖିବା ସହ ଅପରାଜିତା ଏବଂ ପ୍ରଶାନ୍ତଙ୍କ ବିରୋଧରେ ଖୁବ୍ ନାରାବାଜି, ହଙ୍ଗାମା କରିଛନ୍ତି।

ଆଜି ସକାଳେ ଖୋର୍ଦ୍ଧା ମ୍ୟୁନିସିପାଲିଟି, ଖୋର୍ଦ୍ଧା ଏବଂ ଟାଙ୍ଗୀ ବ୍ଲକର କାଲୁଚରଣଙ୍କ ୩୦୦୦ରୁ ଉର୍ଦ୍ଧ୍ୱ ସମର୍ଥକ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକାଠି ହୋଇ ଅପରାଜିତା ଓ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ଯୁଦ୍ଧଂଦେହି ଡକରା ଦେଇଥିଲେ। ବିଜେପିର ନୀତି ଅନୁଯାୟୀ ବିଧାୟକ ପ୍ରାର୍ଥୀ ସିଇସି(କେନ୍ଦ୍ରୀୟ ନିର୍ବାଚନ କମିଟି) ଘୋଷଣା କରିବେ। ତାହେଲେ ଖୋର୍ଦ୍ଧାରେ ପ୍ରଶାନ୍ତ ଜଗଦେବଙ୍କୁ ବିଧାୟକ ପ୍ରାର୍ଥୀ ଘୋଷଣା କରିବାର ଅପରାଜିତାଙ୍କୁ କିଏ ଦେଲା ବୋଲି କାଲୁଙ୍କ ସମର୍ଥକ ପ୍ରଶ୍ନ କରିଥିଲେ। କାଲୁ ଭାଇ ବିଗତ ୭ ବର୍ଷ ଧରି ଖୋର୍ଦ୍ଧାରେ ସଂଗଠନକୁ ସମ୍ଭାଳି ଆସିଛନ୍ତି। ୨୦୧୯ରେ ସେ ୭୨ ହଜାର ଭୋଟ ପାଇବା ସହ ମାତ୍ର ୧୦ ହଜାର ଭୋଟରେ ହାରିଥିଲେ। ଅତଏବ, ଏଠାରୁ କାଲୁ ଭାଇଙ୍କ ସ୍ଥାନରେ ଆଉ କିଏ ପ୍ରାର୍ଥୀ ହେବା ଆମକୁ ମଞ୍ଜୁର ନୁହେଁ ବୋଲି କହିବା ସହ କାଲୁଙ୍କ ସମର୍ଥକ ଆରମ୍ଭ କରିଥିଲେ ପାଟିତୁଣ୍ଡ। ଉଭୟ ଅପରାଜିତା ଏବଂ ପ୍ରଶାନ୍ତଙ୍କ ବିରୋଧରେ ନାରାବାଜିରେ ପୂରା ଅଂଚଳ ପ୍ରକମ୍ପିତ ହୋଇ ଉଠିଥିଲା। ହଜାର ହଜାର ଲୋକଙ୍କ ପ୍ରବଳ ହଙ୍ଗାମା, ନାରାବାଜି, ହୋ ହଲ୍ଲା କରିବା ସହ ଶୀର୍ଷ ନେତୃତ୍ୱ ଏନେଇ ଠୋସ୍ ନିଷ୍ପତ୍ତି ନନେଲେ କାର୍ଯ୍ୟାଳୟରୁ ହଟିବେନି ବୋଲି ଜିଦ୍ ଧରିଥିଲେ। କୋଳ ହଙ୍ଗାମା କରିନଥିଲେ, ବରଂ ପ୍ରଶାନ୍ତଙ୍କ ଅତୀତର କାର୍ଯ୍ୟକଳାପକୁ ନେଇ ତାଙ୍କୁ ଘେରିଥିଲେ କାଲୁଙ୍କ ସମର୍ଥକ। ଏକଦା ପ୍ରଶାନ୍ତ ଜଗଦେବଙ୍କ ଉଦ୍ଦେଶ୍ୟରେ ସାଂସଦ ଅପରାଜିତା ମାଡାମ କହିଥିଲେ ଯେ ଏପରି ଗୁଣ୍ଡାଙ୍କ ସ୍ଥାନ ସମାଜରେ ନୁହେଁ, ବରଂ ଜେଲ୍ ଭିତରେ। ମାତ୍ର ସ୍ୱି ପ୍ରଶାନ୍ତଙ୍କୁ ନିଜେ ସାଂସଦ ଉତ୍ତରୀୟ ପକାଇ ଦଳକୁ ସ୍ୱାଗତ କଲେ। ଯାହା ଦୁଃଖର ବିଷୟ। ପ୍ରଶାନ୍ତ ଜଗଦେବ ଆମ ଦଳର କାର୍ଯ୍ୟକର୍ତ୍ତାଙ୍କ ଉପରେ ଗାଡ଼ି ଚଢ଼ାଇଥିଲେ। ଆମେ ତାଙ୍କୁ କିପରି ସ୍ୱୀକାର କରିବୁ। ଖୋର୍ଦ୍ଧାରେ ଆମେ ଗୁଣ୍ଡାଗିରିଙ୍କୁ ବରଦାସ୍ତ କରିବୁ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ କାଲୁଙ୍କ ସମର୍ଥକ। ତେବେ ଏହାପରେ ନିଜେ କାଲୁ ଦଳର ରାଜ୍ୟ ନେତୃତ୍ୱଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ସାମାନ୍ୟ ଶାନ୍ତ ପଡ଼ିଥିଲା। ସେହିପରି ନିଜେ ପ୍ରଶାନ୍ତ ଜଗଦେବ ମଧ୍ୟ କାର୍ଯ୍ୟାଳୟକୁ ଆସି ନିଜ ପ୍ରାର୍ଥୀତ୍ୱକୁ ନେଇ ମତ ରଖିଥିଲେ। ଖୋର୍ଦ୍ଧାରୁ ପ୍ରାୟ ୮ରୁ ୧୦ ଜଣ ନେତା ନିର୍ବାଚନ ଲଢ଼ିବାକୁ ଆବେଦନ କରିଛନ୍ତି। ଖୋର୍ଦ୍ଧାରୁ ଯିଏ ଟିକେଟ ପାଇବ, ମୁଁ ତାଙ୍କୁ ସମର୍ଥନ କରିବି। ଯଦି କାଲୁ ଭାଇ ପ୍ରାର୍ଥୀ ହୁଅନ୍ତି, ତାହେଲେ ମୁଁ ତାଙ୍କୁ ୨୦୦ ପ୍ରତିଶତ ସମର୍ଥନ କରିବି ବୋଲି ପ୍ରଶାନ୍ତ କହିବା ସହ ପରିସ୍ଥିତି ସାମାନ୍ୟ କରିବାକୁ ଚେଷ୍ଟା କରିଥିଲେ।

# କଂଗ୍ରେସ ଛାଡ଼ିଲେ ଚିରଞ୍ଜୀବ ବିଶ୍ୱାଳ

- ବିଜେଡି ଛାଡ଼ିଲେ ଅନୁଭବ-ଆକାଶ
- ବିଜେପିରେ ମିଶିଲେ ପ୍ରିୟଦର୍ଶୀ

**ଭୁବନେଶ୍ୱର/ଜଗତସିଂହପୁର, ୩୦।୩ (ସମିସ):** ରାଜ୍ୟରେ ବିଧାନସଭା ଏବଂ ଲୋକସଭା ନିର୍ବାଚନ ପାଇଁ ତାରିଖ ଯେତେ ପାଖଉଛି, ସେହି ଅନୁସାରେ ଦଳ ବଦଳ ଏବଂ ଦଳଡିଆଁ ପ୍ରକ୍ରିୟା ଜୋର୍ ଧରିଛି। ଶନିବାର ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସର କେତେକ ନେତା ଦଳ ବଦଳ କରିଛନ୍ତି। ଅଭିନେତା ତଥା କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫାପତ୍ର ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଥିବା ବେଳେ କେଉଁ ଦଳରେ ଯୋଗଦାନ କରିବେ, ସେନେଇ କୌଣସି ସୂଚନା ପ୍ରଦାନ କରିନାହାନ୍ତି। ସେହିପରି କଂଗ୍ରେସର ଟାଣୁଆ ନେତା ତଥା ଜଗତସିଂହପୁରର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ମଧ୍ୟ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ବେଳେ ଇସ୍ତଫାପତ୍ର ପିସିସି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ୨୦୧୪ ମସିହାରେ କଂଗ୍ରେସ ଟିକଟରୁ ଲଢ଼ି ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତେବେ ୨୦୧୯ ମସିହାରେ ସେ ନିର୍ବାଚନ ହାରିଯାଇଥିଲେ। ଏମାନଙ୍କ ବ୍ୟତୀତ ପୂର୍ବତନ ବିଜେଡି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ଆକାଶ ଦାସ ନାୟକ ମଧ୍ୟ ଆଜି ଦଳରୁ ଇସ୍ତଫା ଦେଇଛନ୍ତି। ଉଭୟେ ୨୦୧୪ ମସିହାରେ ବିଜେଡି ଟିକଟରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତେବେ ୨୦୧୯ ମସିହାରେ ସେମାନଙ୍କୁ ଟିକଟ ମିଳି ନଥିଲା। ଇସ୍ତଫା ପ୍ରଦାନ ପରେ ପ୍ରିୟଦର୍ଶୀ ବିଜେପିରେ ଯୋଗଦାନ କରିଥିବା ବେଳେ ନିଜର ରାଜନୈତିକ ଭବିଷ୍ୟତ ନେଇ ଆକାଶ ଖୁବ୍ ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଆଜିଠୁ ଝାରସୁଗୁଡ଼ା-ଦିଲ୍ଲୀ ବିମାନସେବା ବନ୍ଦ

**ଝାରସୁଗୁଡ଼ା, ୩୦।୩ (ସମିସ):** ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ତା'ର ସମ୍ପୂର୍ଣ୍ଣ ବିମାନ ସେବା ଅପସାରଣ କରିନେଇଛି ସ୍ୱାଇସ୍ ଜେଟ୍। କେବଳ ଦିଲ୍ଲୀ-ଝାରସୁଗୁଡ଼ା-ଦିଲ୍ଲୀ ଚଳାଚଳ କରୁଥିବା ବିମାନ ମାର୍ଚ୍ଚ ୩୧ରୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ହେବ ବୋଲି ସଂସ୍ଥା ଘୋଷଣା କରିଛି। ଫଳରେ ଝାରସୁଗୁଡ଼ା ବିମାନବନ୍ଦରରୁ ଦିଲ୍ଲୀ ଯିବା ଆସିବା କରୁଥିବା ଯାତ୍ରୀମାନେ ନିରାଶ ହୋଇଛନ୍ତି।

ଗତ ୨୦୨୧ ମସିହାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଝାରସୁଗୁଡ଼ା ବିମାନବନ୍ଦରରେ ଜାତୀୟ ସ୍ତରର ଉଡାନ୍ ପର୍ବ ପାଳନ କରିଥିଲେ। କିନ୍ତୁ ଝାରସୁଗୁଡ଼ା ବିମାନବନ୍ଦରରରୁ ଉଡ଼ାନ ଯୋଜନା ଶେଷ ହେବା ପରେ ଧୀରେଧୀରେ ସ୍ୱାଇସ୍ ଜେଟ୍ ଓ ଏଲାଏନ୍ସ ଏୟାର ତା'ର ବିମାନ ସେବା ବିଭିନ୍ନ ସେକ୍ଟରରୁ ବନ୍ଦ କରିବାରେ ଲାଗିଛି। ପ୍ରଥମେ ଏଲାଏନ୍ସ-ଏୟାର ରାୟପୁର, କୋଲକାତା ବିମାନସେବା ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଥିଲା। ପରେ ଭୁବନେଶ୍ୱର ବିମାନ ଚଳାଚଳ ମଧ୍ୟ ବନ୍ଦ କରିଥିଲା। ଏବେ ପୁଣିଥରେ ଏଲାୟନ୍ସ ଏୟାର ଆସନ୍ତା ୧ତାରିଖରୁ କେବଳ ଝାରସୁଗୁଡ଼ା-ଭୁବନେଶ୍ୱର ସପ୍ତାହକୁ ତିନି ଦିନ ବିମାନସେବା ଯୋଗାଇବାକୁ ରାଜି ହୋଇଛି। ଅନ୍ୟପକ୍ଷରେ ସ୍ୱାଇସ ଜେଟ୍ ପର୍ଯ୍ୟାୟକ୍ରମେ କୋଲକାତା, ହାଇଦ୍ରାବାଦ, ବେଙ୍ଗାଲୁରୁ, ମୁମ୍ବାଇ ବନ୍ଦ କରିସାରିଥିବା ବେଳେ ଏବେ ଦିଲ୍ଲୀକୁ ବିମାନସେବା ବନ୍ଦ କରିଛି।

ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଓଡ଼ିଶାର ବୃହତ୍ତର ଶିଳ୍ପ କରିଡର୍ ହୋଇଥିବାରୁ ପ୍ରତିଦିନ ଅନେକ କର୍ପୋରେଟ୍ ଯାତ୍ରୀ ଝାରସୁଗୁଡ଼ା-ଦିଲ୍ଲୀ ମଧ୍ୟରେ ଯାତାୟାତ କରନ୍ତି। ସମ୍ବଲପୁରରେ ଆଇଆଇଏମ୍ ଓ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ, ରାଉରକେଲାରେ ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନକୁ ପ୍ରାୟତଃ ଫାକଲ୍ଟି ଓ ଅନ୍ୟାନ୍ୟ ଅତିଥି ଦିଲ୍ଲୀରୁ ଆସିଥା'ନ୍ତି। ରାଉରକେଲାରେ ଥିବା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌କୁ ଝାରସୁଗୁଡ଼ା ବିମାନବନ୍ଦରରୁ ସଂଯୋଗ ରହିଛି, ଯାହା ମାଧ୍ୟମରେ ଦିଲ୍ଲୀରୁ ଖେଳାଳି ଓ ଅଫିସିଆଲ ଆସନ୍ତି। ଇଣ୍ଡିଗୋ ବିମାନସେବା ଝାରସୁଗୁଡ଼ାରୁ କେବଳ କୋଲକାତା ଓ ବେଙ୍ଗାଲୁରୁ ବିମାନ ଚଳାଚଳ କରୁଛି। ଇଣ୍ଡିଗୋ ଆସନ୍ତା ସମର ସିଡ୍ୟୁଲରେ ଦିଲ୍ଲୀ ବିମାନସେବା ଆରମ୍ଭ କରିବ ବୋଲି ଶୁଣାଯାଉଥିଲା। କିନ୍ତୁ ତାହା ମଧ୍ୟ ହୋଇ ପାରିନାହିଁ। ଫଳରେ ଝାରସୁଗୁଡ଼ା-ଦିଲ୍ଲୀ ରୁଟ୍‌ରେ ବିମାନସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଝାରସୁଗୁଡ଼ା ବିମାନବନ୍ଦରରୁ ବିମାନ ସେବା ଦିନକୁ ଦିନ ସଂକୁଚିତ ହେବାରେ ଲାଗିଛି।

**ବିଭିନ୍ନ ବିଭାଗକୁ ଏସ୍ଆର୍‌ସିଙ୍କ ନିର୍ଦ୍ଦେଶ**

# ସମନ୍ୱୟ ରଖି ଗ୍ରୀଷ୍ମ ମୁକାବିଲା କର

**ଭୁବନେଶ୍ୱର,୩୦।୩(ସମିସ):** ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିସନର(ଏସ୍ଆର୍‌ସି) ସତ୍ୟବ୍ରତ ସାହୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଗୁରୁତ୍ୱ ଦେଇଛନ୍ତି। ଗ୍ରୀଷ୍ମ ମୁକାବିଲା ପାଇଁ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ସେନେଇ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମ, ପଞ୍ଚାୟତ ଓ ୱାର୍ଡରେ ଜଳ ସଂକଟ ଥିବା ଅଞ୍ଚଳକୁ ଚିହ୍ନଟ କରିବା ସହ ପାନୀୟ ଜଳଯୋଗାଣ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁ ଅଞ୍ଚଳରେ ୱାଟର୍ ଟ୍ୟାଙ୍କର୍ ମାଧ୍ୟମରେ ଜଳ ଯୋଗାଣ କରିବାକୁ କହିଛନ୍ତି। ସେହିପରି ମତ୍ସ୍ୟ ପାଳନ ଓ ପଶୁସମ୍ପଦ ବିକାଶ ବିଭାଗ ପକ୍ଷରୁ ବୁଲା ପଶୁ ଓ ଗୋରୁଗାଇମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ପରିସରରେ ଥିବା ଅଚଳ ନଳକୂପଗୁଡ଼ିକ ସଜାଡ଼ିବା ସହ ପ୍ରଚୁର ପରିମାଣର ଓଆର୍ଏସ୍ ମହଜୁଦ ରଖିବାକୁ କୁହାଯାଇଛି। ସେହିପରି ଗ୍ରୀଷ୍ମ ପ୍ରବାହର ଆଗୁଆ ସୂଚନା ଅନୁସାରେ ବିଦ୍ୟାଳୟ ସମୟ ପରିବର୍ତ୍ତନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ କେବଳ ସକାଳବେଳା ଖୋଲା ରଖିବା ସହ ପାନୀୟ ଜଳ ବ୍ୟବସ୍ଥା ଓ ଆବଶ୍ୟକ ପରିମାଣର ଓଆର୍ଏସ୍ ପ୍ୟାକେଟ୍ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କୁ ଯୋଗାଇଦେବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଗୁଡ଼ିକରେ ଅଂଶୁଘାତ ରୋଗୀମାନଙ୍କର ଚିକିତ୍ସାର ବ୍ୟବସ୍ଥା କରିବା ସହ ଜୀବନ ରକ୍ଷାକାରୀ ଔଷଧ, ସାଲାଇନ୍ ଓ ଓଆର୍ଏସ୍ ମହଜୁଦ୍ ରଖିବା ଓ ଜନସାଧାରଣଙ୍କ ମଧ୍ୟରେ ଅଂଶୁଘାତଜନିତ ସଚେତନତା ପାଇଁ ପ୍ରଚାର ବ୍ୟବସ୍ଥା କରିବା ଓ ଜିଲ୍ଲାସ୍ତରୀୟ ମେଡ଼ିକାଲ ଅଫିସର ଓ ଅନ୍ୟ ସମସ୍ତ ମେଡ଼ିକାଲ ଅଫିସରମାନଙ୍କୁ ରାଜ୍ୟର ୩୭୭ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହଜନିତ ସ୍ୱାସ୍ଥ୍ୟ ପରିଚାଳନା କ୍ଷେତ୍ରରେ ତାଲିମ ଦିଆଯିବ। ଏଥି ପାଇଁ ଓସ୍‌ଡମା ପକ୍ଷରୁ ପାଣ୍ଠି ଯୋଗାଇ ଦିଆଯିବ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଓସ୍‌ଡମାକୁ ନିର୍ଦ୍ଦେଶ ଦିଆଯାଇଛି।

**ହାଇକୋର୍ଟ ବାର୍ ନିର୍ବାଚନ**

# ବିଜୟ ସଭାପତି ଓ ରଞ୍ଜନ ସମ୍ପାଦକ ନିର୍ବାଚିତ



**କଟକ, ୩୦।୩ (ସମିସ):** ହାଇକୋର୍ଟ ବାର୍ ଆସୋସିଏସନ୍ ନିର୍ବାଚନ ଆଜି ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏଥର ବାର୍ ନିର୍ବାଚନ ମଇଦାନରେ ମୋଟ ୪୬ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ହାଇକୋର୍ଟ ବାର୍ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ଦାଶ ନିର୍ବାଚିତ ହୋଇଛନ୍ତି। ଏହି ପଦ ପାଇଁ ବିଜୟ କୁମାର ଦାଶ, ମିଳନ କୁମାର ବଡୁ, ସୌର୍ଯ୍ୟକାନ୍ତ ପାଢ଼ୀ, ଉଲ୍ଲାସ ଚନ୍ଦ୍ର ମହାନ୍ତିଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ସେହିପରି ସମ୍ପାଦକ ଭାବେ ରଞ୍ଜନ କୁମାର ନାୟକ ଜିତାପଟ ହାସଲ କରିଛନ୍ତି। ଅଭିଜିତ ପଟ୍ଟନାୟକ, ବିଭୁପ୍ରସନ୍ନ ମହାପାତ୍ର, ବିଭୂତିଭୂଷଣ ଚୌଧୁରୀ, ଦିଲ୍ଲୀପ କୁମାର ରାୟ, ହୃଦାନନ୍ଦ ମହାପାତ୍ର, ରଞ୍ଜନ କୁମାର ନାୟକ ଓ ରଞ୍ଜିତ ମହାନ୍ତି ପ୍ରମୁଖ ୭ଜଣ ସମ୍ପାଦକ ପ୍ରାର୍ଥୀ ହୋଇଥିଲେ। ଉପସଭାପତି ଭାବେ କରୁଣାକର ରଥ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ପଦରେ ଅଶୋକ କୁମାର ଆପଟ ଓ ସହ ସମ୍ପାଦକ ଭାବେ ଶାରଦା ପ୍ରସାଦ ତ୍ରିପାଠୀ ସହ ସମ୍ପାଦକ(ପାଠାଗାର) ପଦରେ ଭବାନୀ ଶଙ୍କର ପାଣିଗ୍ରାହୀ ବିଜୟ ଲାଭ କରିଥିବା ଜଣାପଡ଼ିଛି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ପ୍ରଶାନ୍ତ ଜେନା ନିର୍ବାଚନ ପରିଚାଳନା କରୁଥିଲେ।

# ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ଦେଶର ୮ମ ଶ୍ରେଷ୍ଠ ଡାକ୍ତରଖାନା

**ଭୁବନେଶ୍ୱର, ୩୦।୩(ସମିସ):** ଦେଶର ଶ୍ରେଷ୍ଠ ୧୦ କର୍କଟ ଡାକ୍ତରଖାନା ତାଲିକାରେ ସ୍ଥାନ ପାଇଛି କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ପିଜି ଅନୁଷ୍ଠାନ। 'ସର୍ଜିକାଲ ଅନକୋଲୋଜି'ର ଶୀର୍ଷ ଅନୁଷ୍ଠାନ ମଧ୍ୟରେ ଟାଟା ମୋମୋରିଆଲ କ୍ୟାନସର୍ ସେଣ୍ଟର ପ୍ରଥମ ସ୍ଥାନରେ ରହିଥିବା ବେଳେ ଆଚାର୍ଯ୍ୟ ହରିହର କର୍କଟ ଡାକ୍ତରଖାନା ୮ମ ସ୍ଥାନ ପାଇଛି। ଏହି ତାଲିକାରେ ମାଡ୍ରାସ୍ ମେଡିକାଲ କଲେଜ, ଆଦାୟାର କ୍ୟାନସର ଇନଷ୍ଟିଚ୍ୟୁଟ୍ ଭଳି ଖ୍ୟାତନାମା ଡାକ୍ତରଖାନାକୁ ଓଡ଼ିଶା ପଛରେ ଛାଡ଼ିଛି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଖୁସି ବ୍ୟକ୍ତ କରିବା ସହ ଆଚାର୍ଯ୍ୟ ହରିହର କର୍କଟ ପିଜି ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛଛି।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

## ଅବଶିଷ୍ଟାଂଶ...

### ୪ ବରପୁତ୍ରଙ୍କୁ...

୧୯୬୭ରେ କଂଗ୍ରେସ ଛାଡ଼ି ସଂଯୁକ୍ତ ବିଧାୟକ ଦଳ ମେଣ୍ଟର ନେତା ଭାବେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୭୯ରେ ସେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ, କିନ୍ତୁ ଅଳ୍ପ ଦିନ ପରେ ଇସ୍ତଫା ଦେଇଥିଲେ। ରାଷ୍ଟ୍ରୀୟ ଲୋକଦଳ(ଆରଏଲଡି) ମୁଖ୍ୟ ଜୟନ୍ତ ସିଂହ ତାଙ୍କ ସ୍ୱର୍ଗତ ଜେଜେଙ୍କ ଭାରତ ରତ୍ନ ସମ୍ମାନ ଗ୍ରହଣ କରିଛନ୍ତି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁର ଜଣେ ପ୍ରଭାବଶାଳୀ ଦଳିତ ନେତା ଥିଲେ। ସେ ୧୯୭୦ ଡିସେମ୍ବରରୁ ଜୁନ୍ ୧୯୭୧ ଯାଏ ଥରେ ଓ ଡିସେମ୍ବର ୧୯୭୭ରୁ ଏପ୍ରିଲ ୧୯୭୯ ଯାଏ ଥରେ-ଏହିପରି ଦୁଇଥର ବିହାରର ମୁଖ୍ୟମନ୍ତ୍ରୀ ଥିଲେ। ଜେଡିୟୁ ରାମନାଥ ଠାକୁର ତାଙ୍କ ସ୍ୱର୍ଗତ ପିତାଙ୍କ ଭାରତ ରତ୍ନ ସମ୍ମାନ ଗ୍ରହଣ କରିଛନ୍ତି। ବୟୋଃବୃଦ୍ଧ ବିଜେପି ନେତା ଲାଲକୃଷ୍ଣ ଆଡ଼ଭାନୀ ସ୍ୱାସ୍ଥ୍ୟଗତ କାରଣରୁ ଆଜି ଭାରତ ରତ୍ନ ସମ୍ମାନ ଗ୍ରହଣ କରିବାକୁ ରାଷ୍ଟ୍ରପତି ଭବନ ଆସିପାରି ନ ଥିଲେ। ରାଷ୍ଟ୍ରପତି ମୁର୍ମୁ କିନ୍ତୁ ଆସନ୍ତା କାଲି ଆଡଭାନୀଙ୍କ ଘରେ ପହଞ୍ଚି ତାଙ୍କୁ ଭାରତ ରତ୍ନ ସମ୍ମାନ ପ୍ରଦାନ କରିବେ।

### ୭ରୁ ୧୧.୩୦...

ହୋଇଛି। ଏଥିସହ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆରଏସ୍ ପ୍ୟାକେଟ ମହଯୁଦ ରଖିବା ସହିତ ଅନ୍ୟାନ୍ୟ ବ୍ୟବସ୍ଥା କରିବା ଲାଗି କୁହାଯାଇଛି। ସମ୍ପୃକ୍ତ ଜିଲ୍ଲାପାଳ ପରିସ୍ଥିତି ଉପରେ ନଜର ରଖିବା ସହିତ ସ୍ଥାନୀୟ ପାଣିପାଗ ସ୍ଥିତିକୁ ଦୃଷ୍ଟିରେ ରଖି ଉପରୋକ୍ତ ସରକାରୀ ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ୬.୫ କୋଟିର...

ସେମାନଙ୍କ ବିରୋଧରେ କଷ୍ଟମ୍ ଆଇନ୍ ୧୯୬୨ରେ ମାମଲା ରୁଜୁ କରାଯାଇଛି। ଉଭୟଙ୍କୁ ପଚରାଉଚରା ପରେ ଏହି ସୁନା ସ୍ମଗଲିଂ ପଛରେ ଏକ ବଡ଼ଧରଣର ର୍‌ୟାକେଟ୍ କାମ କରୁଥିବା ଡିଆର୍‌ଆଇ ଜାଣିବାକୁ ପାଇଛି। ର୍‌ୟାକେଟ୍‌ରେ ଅନ୍ୟ ସଦସ୍ୟଙ୍କୁ ଧରିବା ଲାଗି ଜାଲ ବିଛା ଯାଇଥିବାରୁ ସମ୍ପୃକ୍ତ ଦୁଇ ବ୍ୟକ୍ତିଙ୍କ ନାମ ଗୋପନ ରଖାଯାଇଛି। କେଉଁ ରାଜ୍ୟଗୁଡିକୁ ଏହି ସୁନା ବିସ୍କୁଟ ଚାଲାଣ କରାଯାଉଥିଲା, ଏନେଇ ଅଧିକ ଖୋଳତାଡ଼ ଜାରି ରହିଥିବା ଡିଆର୍‌ଆଇ ପକ୍ଷରୁ କୁହାଯାଇଛି।

ପ୍ରକାଶଥାଉ କି, ଓଡ଼ିଶାରୁ ଆନ୍ତର୍ଜାତିକ ବିମାନ ଉଡ଼ାଣ କ୍ରମଶଃ ହ୍ରାସ ହୋଇଥିବାରୁ ସୁନା ସ୍ମଗଲରମାନେ ଟ୍ରେନ୍ କିମ୍ବା କାର୍‌ରେ ସୁନା ଚୋରା ଚାଲାଣ କରୁଛନ୍ତି। ଗତବର୍ଷ ଟ୍ରେନ୍‌ରେ ଭୁବନେଶ୍ୱରକୁ ସୁନା ବିସ୍କୁଟ ଆଣୁଥିବା ସମୟରେ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଥିଲା ଡିଆର୍‌ଆଇ। ତାଙ୍କଠାରୁ ଅଢ଼େଇ କିଲୋ ଓଜନ ସୁଇଜରଲ୍ୟାଣ୍ଡ ସୁନା ବିସ୍କୁଟ ଜବତ କରାଯାଇଥିଲା। ଏହାର ମୂଲ୍ୟ ଦେଢ଼ କୋଟି ଟଙ୍କା ହେବ ବୋଲି କୁହାଯାଇଥିଲା। ଦୁବାଇରୁ ବାଂଲାଦେଶ ଦେଇ ଭୁବନେଶ୍ୱରକୁ ସୁନା ବିସ୍କୁଟ ଅଣାଯାଉଥିବା ବେଳେ ଓଡ଼ିଶାରେ ଡିଆର୍‌ଆଇ ହାବୁଡ଼ରେ ପଡ଼ିଯାଇଥିଲା। ଅନୁରୂପ ଭାବେ ୨୦୧୯ ମସିହାରେ ରାଉରକେଲା ଠାରେ କୋଲକାତା-ମୁମ୍ବାଇ ଜ୍ଞାନେଶ୍ୱରୀ ସୁପର ଡିଲକ୍ସ ଏକ୍ସପ୍ରେସ୍‌ରୁ ୧୨.୯୩୨ କିଲୋଗ୍ରାମ୍ ଓଜନର ୧୧୦ଟି ସୁନା ବିସ୍କୁଟ ଜବତ ହୋଇଥିଲା। ଏହାର ମୂଲ୍ୟ ୫ କୋଟି ହେବ। ୟୁଏଇ ଓ ଦୁବାଇରୁ ଏହି ସୁନା ବିସ୍କୁଟ ଆସିଥିବା କଥା କୁହାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ୨ଜଣ ଯାତ୍ରୀଙ୍କୁ ଗିରଫ କରାଯାଇଥିଲା। ସେହିପରି ଖୋର୍ଦ୍ଧା ରେଲୱେ ଷ୍ଟେସନରୁ ୨.୪୯୪ କିଲୋର ୧୫ଟି ସୁନା ବିସ୍କୁଟ ଜବତ ହୋଇଥିଲା। ଜବତ ସୁନା ବିସ୍କୁଟର ମୂଲ୍ୟ ୭୬.୫ ଲକ୍ଷ ହେବ ବୋଲି କୁହାଯାଇଥିଲା।

### ପ୍ରାଥମିକ ଚାର୍ଜସିଟ୍...

ଜିହାଦ ମାମଲା ମଧ୍ୟ ରହିଛି। ସଇଦ ଇଶାନ ବୁଖାରୀ ୬ରୁ ୭ ଜଣଙ୍କୁ ବିବାହ କରିଥିଲା। କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, କେରଳ, ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଯୁବତୀଙ୍କୁ ସେ ପ୍ରେମ ବିବାହ କରିଥିଲା। ଏହିଭଳି ଯାଜପୁର ଜିଲ୍ଲାର ଜଣେ ଯୁବତୀଙ୍କୁ ଫେସ୍‌ବୁକ୍ ମାଧ୍ୟମରେ ଚିହ୍ନା ହୋଇଥିଲେ। ପରେ ତାଙ୍କୁ ମିଛ କହି ବିବାହ କରିଥିଲେ। ଏହାପରେ ସେ ଯାଜପୁର ନେଉଳପୁର ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ସେ ୧୫ ଦିନ ଘରେ ରହୁଥିବା ବେଳେ ବାକି ଦିନ ବାହାରକୁ ପଳାଉଥିଲେ। ପୁଣି ୨ରୁ ୩ମାସ ପରେ ଆସୁଥିଲେ। ତାଙ୍କର ଇତି ମଧ୍ୟରେ ଏକ ଛୋଟ ଝିଅ ରହିଛି। ୨୦୧୮ ମସିହାରୁ ସଇଦ ଇଶାନ ବୁଖାରୀ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳରେ ରହୁଥିଲା। ସଇଦଙ୍କ ବାପା ମଧ୍ୟ ଜଣେ ଅପରାଧି ସେ ପଞ୍ଜାବରେ ଡ୍ରଗ୍ସ ମାମଲାରେ ଗିରଫ ହୋଇଥିଲେ। ଏବେ ଜାମିନ୍‌ରେ ଅଛନ୍ତି। ସଇଦ ବିଭିନ୍ନ ବେଆଇନ୍ କାମ ପାଇଁ ପାକିସ୍ତାନରୁ ଯୁବକ ଯୋଗାଡ଼ କରି ଭାରତର ବିଭିନ୍ନ ସ୍ଥାନକୁ ପଠାଉଥିବା ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି।

### ୩ ଲୋକସଭା ପ୍ରାର୍ଥୀ...

ସମାନ କନ୍ଧମାଳ ଆସନରୁ ସୁକାନ୍ତ ୨୦୧୪ରେ ନିବଂଚନ ଲଢ଼ିଥିବା ବେଳେ ୧୦୮୭୪୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ଯାଜପୁରରୁ ଡ. ରବିନ୍ଦ୍ର ନାରାୟଣ ବେହେରାଙ୍କୁ ଦଳ ପ୍ରାର୍ଥୀ କରିଛି। ପୂର୍ବରୁ ୧୮ ଟି ଲୋକସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରି ସାରିଥିବା ବେଳେ ଆଜିକୁ ମିଶାଇଲେ ସମସ୍ତ ୨୧ ଆସନ ପାଇଁ ଦଳର ପ୍ରାର୍ଥୀ ଘୋଷଣା ସରିଛି।

### ବଳ ଦେଉନି...

ନଥିବାରୁ ତାରକାଙ୍କ ପ୍ରାର୍ଥିତ୍ୱ ନେଇ ଏବେ ବି ଆଶା ଉଜ୍ଜୀବିତ ଅଛି। ଯଦି ଏପରି ହୁଏ ସ୍ଥାନୀୟ କର୍ମୀ ନିଜ ନେତାଙ୍କୁ ପାସୋରି ଦେଇ ଏହି ଦଳଡିଆଁ ଅଭିନେତାଙ୍କୁ ଯେ ସ୍ୱୀକାର କରିନେବେ ସେନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବିଜେଡି ଏହି ସିନେତାରକାଙ୍କୁ ଭରସା କରିନଥିବା ବେଳେ ସଂଗଠନ ସହ ସକ୍ରିୟ ଭାବେ ଜଡ଼ିତ ନେତାଙ୍କୁ ଟିକଟ ଦେବାକୁ ନିଷ୍ପତ୍ତି ନେଲା ବୋଲି ରାଜନୀତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

ଓଡ଼ିଶାର ରାଜନୀତିକ ଇତିହାସକୁ ଅନୁଶୀଳନ କଲେ ହାତଗଣତି କେତେକ ଅଭିନେତାଙ୍କ ବ୍ୟତୀତ ଅନ୍ୟ କେହି ରାଜନୀତିରେ ବିଶେଷ ସଫଳ ହୋଇପାରି ନାହାନ୍ତି। ଅତୀତରେ ବିଜୟ ମହାନ୍ତି, ଅପରାଜିତା ମହାନ୍ତି, ପିଙ୍କି ପ୍ରଧାନ, ପପୁ ପମ୍ ପମ୍ ଆଦି ଭୋଟ ରାଜନୀତିରେ ଭାଗ୍ୟ ପରୀକ୍ଷା କରି ବିଫଳ ହୋଇଛନ୍ତି। ତେବେ ପ୍ରଶାନ୍ତ ନନ୍ଦ, ସିଦ୍ଧାନ୍ତ, ଅନୁଭବ ଓ ଆକାଶଙ୍କ ପରି ଅଭିନେତାଙ୍କୁ ଏ କ୍ଷେତ୍ରରେ ସଫଳତା ମିଳିଛି। ଏମାନଙ୍କ ମଧ୍ୟରୁ କେବଳ ପ୍ରଶାନ୍ତ ନନ୍ଦ ବିଜେପି ଓ ଏନସିପି ଟିକେଟରୁ ୨ ଥର ନିର୍ବାଚନ ଜିତିଛନ୍ତି। ନହେଲେ ଅନ୍ୟ ତାରକାମାନେ ଶାସକ ଦଳ ଟିକଟରୁ ହିଁ ନିର୍ବାଚନ ଜିଣିବାକୁ ସମର୍ଥ ହୋଇ ପାରିଛନ୍ତି। ଅତଏବ ଏମାନଙ୍କ ଲୋକପ୍ରିୟତା ବ୍ୟତୀତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଛବି ଯେ ସେମାନଙ୍କୁ ନିର୍ବାଚନ ବୈତରଣୀ ପାର କରାଇବାରେ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥିବା ଆଲୋଚନା ହେଉଛି। ଏପରିସ୍ଥଳେ ବିଜେପି ପାଇଁ ଏମାନେ ସମ୍ବଳ ହେବେ ନା ବୋଝ ପାଲଟିବେ ତାହାକୁ ନେଇ ବିଜେପି କର୍ମୀମହଲରେ ଚିନ୍ତା ପ୍ରକାଶ ପାଇଲାଣି।

ସେହିପରି ଏହି ୪ କଳାକାର ନିଜ ମନ ପସନ୍ଦର ଆସନ ଚାହୁଁଥିବା ବେଳେ ଏହା ବିଜେପି ନେତୃତ୍ୱଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିବା କୁହାଯାଉଛି।

### ସମ୍ବର ମାଂସ...

ପଞ୍ଚାୟତର ଉପରତଳଡିହା, ଜାମଡିହା, ଖାଲିଡିହି ଆଦି ଶିମିଳିପାଳ ସଂଲଗ୍ନ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ଶିକାରୀ ବନ୍ଧୁକ ସହ ଏକସଙ୍ଗେ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ପଶିଥିଲେ। ଖବର ପାଇ ଡୁକୁରା ଓ ପୋଡ଼ାଡିହା ରେଞ୍ଜର କର୍ମଚାରୀମାନେ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବଳ ସହିତ ମିଳିତ ଭାବେ ଚଢ଼ଉ କରିଥିଲେ। ପରେ ସୁରକ୍ଷାବଳ ୯ଜଣ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୯ଟି ଦେଶୀ ବନ୍ଧୁକ ଓ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରିଥିଲା। ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ଶିକାରୀଙ୍କୁ ପଚରାଉଚରା କରାଯାଉଛି। ଖସି ପଳାଇଥିବା ଅନ୍ୟ ଶିକାରୀଙ୍କୁ ଗିରଫ ପାଇଁ ବନବିଭାଗ ପକ୍ଷରୁ ତନାଘନା ଚାଲିଛି।

**BHAGABATI SCHOOL & COLLEGE OF NURSING**
AT-RAGHUNATHPUR, PO-SAYEDPUR, PS-BINJHARPUR, DIST-JAJPUR, ODISHA-755027
CONTACT NO.-9439046958, 8984519150

**WALK IN INTERVIEW**
TUTORS - E.Q-B.SC / M.SC NURSING
Councilor & Marketing Executive (M/F) -Any graduate
Ladies Warden E.Q:- (8th/10th/+2 pass)
Direct Interview - 10 AM to 4 PM
Sd/- Principal

**AFFIDAVIT**
I, Kusari Harijan, W/o Prasanna Harijan, resident of at Jharamunda, PO-Jatabal, PS-Dabugam, Dist Nabrangpur, Pin- 764058, Odisha declare by this affidavit No.1087/2024 dated- 22/03/2024 that now onwards i shall be known As KUMARI HARIJAN For all future purposes.

**AFFIDAVIT**
I, Narasingh Sahu, S/o- Late Radhashyam Sahu, resident of Sarbodaya Nagar, PS- Talabania, Puri, PIN-752002, Odisha declare by this affidavit No.2, dtd- 27/03/2024 that now onwards I shall be known as NARASINHA SAHU for all future purposes.

**AFFIDAVIT**
I, Prashant Kumar, S/o-Jageshwar Jha, resident of Plot No- C/1183, Sec-6, Avinab Bidanasi, Dist-Cuttack, Pin-753014 declare by this affidavit No. 8554, dt- 07/08/2023, that now onwards I shall be known as PRASHANT KUMAR JHA for all future purposes.

# ଓଡ଼ିଶା





# ଚିତ୍ର ନୁହେଁ; ସତ୍ୟ

## ନୀଳାମ୍ବୁ ଚିଲିକା

ପ୍ରକୃତିର ଗନ୍ତାଘର ନୈସର୍ଗିକ ସୌନ୍ଦର୍ଯ୍ୟର ଅପସରା ଭୁବନ, ଅନବଦ୍ୟ ସୃଷ୍ଟି ଏବଂ ଚମତ୍କାରିତାର ଏକ ଶ୍ରେଷ୍ଠ ନିଦର୍ଶନ ହେଉଛି ପକ୍ଷୀତୀର୍ଥ ମରାଳମାଳିନୀ ନୀଳାମ୍ବୁ ଚିଲିକା । ଯାହା ଏସିଆ ମହାଦେଶର ସର୍ବବୃହତ୍ ଲବଣ ହ୍ରଦର ମାନ୍ୟତା ପାଇଛି । ଚିଲିକାର ମନୋରମ ପ୍ରାକୃତିକ ଦୃଶ୍ୟରାଜି ସମେତ ଏହା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା ।

ରଞ୍ଜିତ୍ ସାମନ୍ତରାୟ ଓ ଶିବଶଙ୍କର ପଣ୍ଡାଙ୍କ ରିପୋର୍ଟ



କାହା ପାଇଁ ଚିଲିକା ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ତ ଆଉ କାହା ପାଇଁ ବୈଚିତ୍ର୍ୟମୟ ଜୈବ ବିବିଧତାର ଏକ ବିରଳ ଭଣ୍ଡାର । ଏହାର ସବୁଜିମା, କୂଳ କୂଳ ନାଦର ଢେଉ, ରଙ୍ଗ ବେରଙ୍ଗ ପକ୍ଷୀଙ୍କର କାକଳୀ, ଡଲ୍‌ଫିନର ଡେଣା ହଲା ଜଳକ୍ରୀଡ଼ା, ମାଛ ଚିଙ୍ଗୁଡ଼ି ଓ କଙ୍କଡ଼ାର ଭଣ୍ଡାର ସହ ଉତ୍କଳ ବିଳାସମୟୀ ନୀଳମ୍ବୁ ଚିଲିକା ମା' ଲକ୍ଷ୍ମୀଙ୍କର ଏକ ବରଦାନ । ଜଳଚର ଜୀବଜନ୍ତୁ ପକ୍ଷୀଙ୍କର ଗୁଞ୍ଜରଣ ସହ ଡେଣା ହଲା କିଚିରି ମିଚିରି ଶବ୍ଦରେ ବିଚରଣ, ନୀଳ ଜଳରାଶିର ଢେଉ, ନାଉରିଆ ପୁଅର ତଳେଇ ଠିଆକରି ଓ କାତମାରି ଡ଼ଙ୍ଗା ବାହିନେବା ଏବଂ ଭାସମାନ ଗୁଳ୍ମ ପ୍ରଭୃତିର ସୌନ୍ଦର୍ଯ୍ୟ ଯେତିକି ଆକର୍ଷଣୀୟ ମାନବୀୟ କଳ୍ପନାକୁ ଆନ୍ଦୋଳିତ ଏବଂ ଇନ୍ଦ୍ରୀୟାନୁଭୂତିକୁ ଉନ୍ମାଦିତ କରିବାର ଭୂମିକା ସେତିକି ଅନନ୍ୟ । କେବଳ ସେତିକି ନୁହେଁ, ଉପକୂଳବର୍ତ୍ତୀ ଗ୍ରାମର ହଜାର ହଜାର ପରିବାର ଲୋକେ ପେଟପାଟଣା ପାଇଁ ଚିଲିକା ଉପରେ ନିର୍ଭର କରିଆସୁଛନ୍ତି ।

ଚିଲିକାରେ ଲୁଣି ପାଣି ସହ ବିଭିନ୍ନ ପ୍ରଜାତିର ଗୁଳ୍ମ ଜାତୀୟ ଉଦ୍ଭିଦ ଓ ହରିତ୍‌ଶୈବାଳ ବହୁ ପରିମାଣରେ ଥିବାରୁ ଏଠାରେ ପ୍ରାୟ ୨୨୩ ପ୍ରକାରର ମାଛ ଦେଖାଯାଆନ୍ତି । କିନ୍ତୁ ୧୯୮୦ ମସିହାରୁ ଏଠାରେ ଆରମ୍ଭ ହୋଇଥିଲା ଚିଙ୍ଗୁଡ଼ିଚାଷ । ଯାହାକି ପରବର୍ତ୍ତୀ ସମୟରେ ଚିଲିକାର ଶାନ୍ତ ବାତାବରଣକୁ ଅଶାନ୍ତ କରିଦେଇଛି ବୋଲି କୁହନ୍ତି ମତ୍ସ୍ୟଜୀବୀ ଗଣେଶ ଭୂୟାଁ । ଡଙ୍ଗା ଅଛି, ଜାଲ ଅଛି ମାତ୍ର ମିଳୁଥିବା ମାଛର ପରିମାଣ ପୂର୍ବାପେକ୍ଷା ଅତିକମ୍ ବୋଲି ସେ କୁହନ୍ତି । ମିଳିଥିବା ସୂଚନା ଅନୁଯାୟୀ ଚିଲିକା ଉପରେ ପ୍ରାୟ ୧୩୨ଟି ଗ୍ରାମର ୧୨ହଜାର ୩ଶହରୁ ଅଧିକ ମତ୍ସ୍ୟଜୀବୀ ପରିବାର ନିର୍ଭର କରି ମାଛ ମାରି ଜୀବିକା ନିର୍ବାହ କରି ଆସୁଛନ୍ତି । ପୂର୍ବରୁ ମତ୍ସ୍ୟଜୀବୀମାନଙ୍କୁ ସହାୟତା କରିବାକୁ ପ୍ରାୟ ୬୬ଟି ସମବାୟ ସମିତି ଗଠନ କରାଯାଇଥିବା ବେଳେ ୧୨ଟି ଜେଟି ମଧ୍ୟ ନିର୍ମାଣ ହୋଇଥିଲା । ଏବେ କିନ୍ତୁ ଚିଲିକାର ମୁହାଣ ପୋତି ହୋଇଯିବାରୁ ସମୁଦ୍ରରୁ ମାଛ ଆସିବାରେ ପ୍ରତିବନ୍ଧକ ସୃଷ୍ଟି ହେବା ସହ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି ।

### ■ କମୁଛି ଜଳାୟତନ

ପ୍ରାୟ ୪୦ବର୍ଷ ତଳେ ଚିଲିକାର ଆୟତନ ଥିଲା ୨୪୫୦ବର୍ଗ କିଲୋମିଟର । ପରେ ଖୋର୍ଦ୍ଧା, ପୁରୀ ଏବଂ ଗଞ୍ଜାମ ଜିଲ୍ଲାରେ ୧୧୬୬ବର୍ଗ କିଲୋମିଟର ଇଲାକାରେ ପରିବ୍ୟାପ୍ତ ରହିଥିଲା । କ୍ରମେ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ଚିଲିକା ଏକହଜାର କିଲୋମିଟର ମଧ୍ୟରେ ସୀମିତ ରହିଥିବା ଜଣାପଡ଼ିଛି । ଗଞ୍ଜାମ ଜିଲ୍ଲାର ୭୪.୩୩ ବର୍ଗ କିଲୋମିଟର, ଖୋର୍ଦ୍ଧା ଜିଲ୍ଲାର ୭୨.୯୯ ବର୍ଗ କିଲୋମିଟର ଏବଂ ପୁରୀ ଜିଲ୍ଲାର ୮୮୪.୫୬ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ ଚିଲିକାରେ ଛୋଟବଡ଼ ୫୨ଟି ନଦୀ ନାଳ ମିଶିଛି । ଖରାଦିନେ ଚିଲିକାରେ ଜଳଧାରଣ କ୍ଷମତା କମୁଥିବା ବେଳେ ବର୍ଷା ଋତୁରେ ପାଣି ଆସିଲେ ଏହା ପରିସୀମା ବୃଦ୍ଧି ପାଉଛି । ଖରାଦିନେ ଏହା ପ୍ରାୟ ୯ଶହ ବର୍ଗ କିଲୋମିଟର ଏବଂ ବର୍ଷା ଦିନେ ପ୍ରାୟ ୧୧ଶହ ବର୍ଗ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ । ମୁଖ୍ୟ ସମସ୍ୟା ହେଉଛି ବର୍ଷା ଦିନେ ଚିଲିକାରେ ମିଶିଥିବା ନଦୀଗୁଡ଼ିକରେ ମାଟିଗୋଡ଼ି, ବାଲି କାଦୁଅ ଆସି ଧୀରେ ଧୀରେ ପୋତି ହେବାକୁ ବସିଲାଣି । ପ୍ଲାଷ୍ଟିକ୍, ପଲିଥିନ ବର୍ଜ୍ୟବସ୍ତୁ ନଦୀ ନାଳରୁ ଯାଇ ଚିଲିକାରେ ମିଶୁଛି । ଏହା ଦ୍ୱାରା ଜଳଚର ଜୀବଙ୍କ ଉପରେ ପ୍ରଭାବ ପଡୁଛି । ସେହିଭଳି ଚିଲିକାର ପ୍ରାୟ ୧୫୦ବର୍ଗ କିଲୋମିଟର ଇଲାକାରେ ନଳଘାସ ପରିପୂର୍ଣ୍ଣ ହୋଇ ରହିଛି । ପୁରୀ ଜିଲ୍ଲାର ବରକୁଦଠାରୁ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ କୁମଣ୍ଡପାଟଣା, ସୋରଣ, ଭୂଷଣ୍ଡପୁର ପ୍ରଭୃତି ଉପକୂଳ ପର୍ଯ୍ୟନ୍ତ ନଳଘାସ ପୂର୍ଣ୍ଣ ହୋଇରହିଛି । ଗତ ୧୯୯୯ ମହାବାତ୍ୟା ଠାରୁ ବର୍ତ୍ତମାନ ମଧ୍ୟରେ ସବୁ ବାଉଁଶ ଚିଲିକାର ବିଭିନ୍ନ ଅଞ୍ଚଳକୁ ମାଡ଼ିଗଲାଣି ।



### ବିଦେଶୀ ପକ୍ଷୀଙ୍କ ଭୂସ୍ୱର୍ଗ





ସେହିପରି ଶୀତ ପଡ଼ିବା ମାତ୍ରେ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ଭିଡ଼ ହୋଇଥାଏ । ଚିଲିକାରେ ମନୋରମ ଦୃଶ୍ୟ ସହ ବିଭିନ୍ନ ରଙ୍ଗବେରଙ୍ଗ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ବିଶେଷକରି ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡ଼ିରେ ଲକ୍ଷ ଲକ୍ଷ ପକ୍ଷୀଙ୍କ ସମାଗମ ହେଉଥିବାରୁ ଏହାକୁ ପକ୍ଷୀଙ୍କ ଭୂସ୍ୱର୍ଗ ବୋଲି କୁହାଯାଏ । ଫଳରେ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ମଙ୍ଗଳାଯୋଡ଼ିରୁ ଚିଲିକାର ନୀଳ ଜଳରାଶି, ପ୍ରକୃତିର ନୈସର୍ଗିକ ଦୃଶ୍ୟପଟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି । ଏଥିସହିତ ପକ୍ଷୀଙ୍କ ସମାହାର ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ । ନୀଳ ଜଳରାଶିରେ ପକ୍ଷୀଙ୍କ ଉଡ଼ନ୍ତା ଦୃଶ୍ୟ ଦେଶବିଦେଶର ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । କ୍ୟାମେରା ଲେନ୍ସରେ ପକ୍ଷୀଙ୍କ ଉଡ଼ନ୍ତା ଦୃଶ୍ୟ ହେଉ କି ନଳବଣ, ରାଜଦଲରେ ଖାଦ୍ୟ ଅନ୍ୱେଷଣ କରୁଥିବା ପକ୍ଷୀଙ୍କ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକଙ୍କୁ ବେଶ ଆକର୍ଷିତ କରିଆସୁଛି । ଗତ ଶୀତଋତୁରେ ଚିଲିକାକୁ ୧୧ ଲକ୍ଷ ୩୧ହଜାର ୯୨୯ ପକ୍ଷୀଙ୍କ ସମାଗମ ହୋଇଥିଲା । ତନ୍ମଧ୍ୟରେ ୧୦୫ ପ୍ରଜାତିର ୧୦ ଲକ୍ଷ ୯୩ହଜାର ୪୯ଟି ବିଦେଶାଗତ ପକ୍ଷୀ, ସ୍ଥାନୀୟ ଅଞ୍ଚଳର ୭୯ପ୍ରଜାତିର ୩୮ହଜାର ୮୮୦ଟି ପକ୍ଷୀ ରହିଥିଲେ । ପକ୍ଷୀଙ୍କ ସୁରକ୍ଷା ପାଇଁ ଏହି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ମୁଖ୍ୟତଃ ଖୋର୍ଦ୍ଧାର ମଙ୍ଗଳାଯୋଡ଼ି, ଭୁଷଣ୍ଡପୁର, ବାଲିପାଟପୁର, ଦେଏପୁର, ଢୋଲପୁର, ବରୁଣପଡ଼ା, ହାଲିସିଙ୍ଗ, ଅଭିମାନପୁର, ସୁନ୍ଦରପୁର, ନଇରୀ, ସୋରଣ ପ୍ରଭୃତି ସ୍ଥାନରେ ଅସ୍ଥାୟୀ କ୍ୟାମ୍ପ କରାଯାଉଛି ।



### ଡଲ୍‌ଫିନଙ୍କ ଭୂସ୍ୱର୍ଗ

୨୦୨୪ ଜାନୁଆରୀ ଡଲଫିନ୍ ଗଣନା ମୁତାବକ ସମଗ୍ର ଚିଲିକା ହ୍ରଦ ମଧ୍ୟରେ ମୋଟ ୧୭୩ଟି ଡଲଫିନ୍ ଦେଖିବାକୁ ମିଳିଥିଲା ବେଳେ ସେଥି ମଧ୍ୟରେ ଇରାୱାଡି ପ୍ରଜାତିର ଡଲଫିନ୍ ୧୫୪ଟି ଏବଂ ୧୯ଟି ବଟଲ୍‌ନୋଜ ପ୍ରଜାତିର ଡଲଫିନ ରହିଛନ୍ତି । ସେଥିମଧ୍ୟରୁ ଚିଲିକା ଜଳରାଶିର ସାତପଡା ଅଞ୍ଚଳରେ ରହିଛନ୍ତି ମୋଟ ୨୨ଟି ଡଲ୍ଫିନ । ସେମାନେ ବିଭିନ୍ନ ସମୟରେ ଜଳକ୍ରୀଡ଼ା କରିବାର ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଆସୁଛି । ପକ୍ଷୀ ଅଭୟାରଣ୍ୟ ନଳବଣ ହୋଇ ଥିବା ବେଳେ ଡଲଫିନ୍ ଅଭୟାରଣ୍ୟ ଭାବେ ସାତପଡ଼ା ବୁଝାଯାଇଥାଏ । ଡଲ୍ଫିନର ଜଳକ୍ରୀଡ଼ା ଦେଖିବାକୁ ବର୍ଷସାରା ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି ।







### ■ ପୀଠ ଓ ପର୍ଯ୍ୟଟନ

ଅନ୍ୟପକ୍ଷରେ ଚିଲିକା ମଧ୍ୟରେ ରହିଛି ଚଢ଼େଇହଗା ପାହାଡ଼ ଓ ମା'କାଳିଯାଇଙ୍କ ମନ୍ଦିର ଆଉ ପାହାଡ଼ । ଦିନତମାମ ଚିଲିକାର ଜଳରାଶି ଉପରେ ଘୂରିବୁଲିବା ପରେ ସୂର୍ଯ୍ୟାସ୍ତ ହେଲେ ପକ୍ଷୀମାନେ ଏହି ପାହାଡ଼ ଦୁଇଟିରେ ଆଶ୍ରୟ ନେଇଥାନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟମୟୀ ଚିଲିକାର ଚର୍ତୁଃପାର୍ଶ୍ୱରେ ରହିଛି ବହୁ ପର୍ଯ୍ୟଟନସ୍ଥଳୀ ଓ ମଧ୍ୟଭାଗରେ ରହିଛି ପାରିକୁଦ ଗଡ଼ । ଚିଲିକା ହ୍ରଦ ମଧ୍ୟରେ ମା'କାଳିଯାଇ ମନ୍ଦିର, ପକ୍ଷୀତୀର୍ଥ ନଳବଣ, ଡଲ୍‌ଫିନଙ୍କ ବିଚରଣ ସ୍ଥଳ ସାତପଡ଼ା, ସମୁଦ୍ର ଓ ଚିଲିକାର ମିଶ୍ରଣସ୍ଥଳ ସମୁଦ୍ର ମୁହାଣ ରାଜହଂସ ତଥା ସି-ମାଉଥ୍, ଚିଲିକା ତଟବର୍ତ୍ତୀ ଅଞ୍ଚଳ ବୋଟ୍ ଡାଇଭିଙ୍ଗ୍ ବଡ଼କୂଳ ପାନ୍ଥନିବାସ, ନିକଟବର୍ତ୍ତୀ ପର୍ଯ୍ୟଟନ କ୍ଷେତ୍ର ମା'ନାରାୟଣୀ ପୀଠ, ଶାଳିଆ ଡ୍ୟାମ୍, ମା' ଭଗବତୀ ପୀଠ, ଜଙ୍ଗଲ ମଧ୍ୟରେ ଅବସ୍ଥିତା ମା' ବୀରଜାଈ ପୀଠ, ମା' ମାଳ ତାରିଣୀ ପୀଠ, ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର କାଙ୍କଣଶିଖରୀ ଓ ଏସିଆର ସର୍ବବୃହତମ ଶାଳ ସାଗୁଆନ ଜଙ୍ଗଲ ବରବରା ଅଜି ପର୍ଯ୍ୟଟନସ୍ଥଳ, ଯେଉଁଠାରେ ବର୍ଷତମାମ ପର୍ଯ୍ୟଟକଙ୍କର ବଣଭୋଜିର ଆସର ଜମେ ।





### ଘେରି ପାଇଁ ଘୋର ଚିନ୍ତା

ଚିଲିକାର ଅନ୍ୟତମ ସମସ୍ୟା ହେଉଛି ଚିଙ୍ଗୁଡ଼ି ଘେରି । ଚିଲିକାରେ ଜାଲ ଓ ବାଉଁଶ ବିଛାଇ ବେଆଇନ ଭାବେ ରହିଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୩ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି, ଚିଲିକା ବ୍ଲକ, ପୁରୀ ଜିଲ୍ଲା କୃଷ୍ଣପ୍ରସାଦ, ବ୍ରହ୍ମଗିରି ଏବଂ ଗଞ୍ଜାମ ଜିଲ୍ଲା ଉପକୂଳବର୍ତ୍ତୀ ଅଞ୍ଚଳରୁ ଘେରି ଉଚ୍ଛେଦ ଜାରିରହିଛି । ଯେତିକି ଉଚ୍ଛେଦ ହେଉଛି ପୁଣି ଧୀରେ ଧୀରେ ବଢ଼ିଚାଲିଛି । ବେଆଇନ ଘେରି ଯୋଗୁଁ ଚିଲିକା ଅବରୋଧ ସହ ଏଥିରେ ବ୍ୟବହୃତ ରାସାୟନିକ ପଦାର୍ଥ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି । ଚିଲିକାରେ ଘେରି ଉଚ୍ଛେଦ ସହ ଉପକୂଳବର୍ତ୍ତୀ ଇଲାକାରେ ରହିଥିବା ମାଟିର ଘେରି (ମାଟିବନ୍ଧ) କରି ଚିଙ୍ଗୁଡ଼ି ଚାଷ ଚାଲିଛି । ଏହି ଘେରି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଟାଙ୍ଗି ବ୍ଲକ ଭୁଷଣ୍ଡପୁର ଅଞ୍ଚଳରେ ଦୀର୍ଘଦିନ ରହିଥିବା ଏକର ଏକର ମାଟିବନ୍ଧକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜେସିବି ସାହାର୍ଯ୍ୟରେ ନଷ୍ଟ କରାଯାଇଛି । ସେହିପରି ଚିଲିକାରେ ୩ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଲିକାରେ ପାଟ୍ରୋଲିଂ ମଧ୍ୟ କରାଯାଉଛି । ଚିଲିକାର ପରିବେଶ ସୁଧାରିବା ପାଇଁ ପ୍ରୟାସ ଜାରିରହିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।







# ଦକ୍ଷିଣ ଓଡ଼ିଶାର ଗଣମହାପର୍ବ
# ଦଣ୍ଡନାଟ



ସର୍ବୋତ୍କୃଷ୍ଟ ଲୋକନାଟକ ଭାବରେ ପରିଗଣିତ ହଟଯୋଗର ସମାହାର ହେଉଛି ଗଞ୍ଜାମର ପାରମ୍ପରିକ ଦଣ୍ଡନାଟ । ଚୈତ୍ର ମାସରେ ୨୧ଦିନ ସମଗ୍ର ଗଞ୍ଜାମ ଜିଲ୍ଲାର ଉପାସକ, ମାନସିକଧାରୀ, ଭୁକ୍ତା, ପାଟଭୁକ୍ତାଙ୍କ ସହ ଗଞ୍ଜାମବାସୀ ହୋଇଯାନ୍ତି ଏକାକାର । ଜିଲ୍ଲାବ୍ୟାପୀ ଅଧିକାଂଶ ପରିବାର ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ମା' ଦଣ୍ଡକାଳୀଙ୍କ ଆରାଧନାରେ ଲିପ୍ତ ରହି ନିରାମିଷ ଭୋଜନ କରିଥା'ନ୍ତି । ଲୋକନାଟର ବଳିଷ୍ଠ ଏହି ପରମ୍ପରା କାହିଁ କେଉଁ ଯୁଗରୁ ପ୍ରଚଳିତ ଥିବା ବେଳେ ଧୀରେ ଧୀରେ ଏଥିରେ ଯୁଗୋପଯୋଗୀ ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଛି । ଏସବୁ ପରେ ବି ଦଣ୍ଡନାଟ ପରମ୍ପରା ସହ କୃଷିଭିତ୍ତିକ ସାମାଜିକ ଜୀବନଶୈଳୀର ରହିଛି ଅପୂର୍ବ ସଂଯୋଗ । ଏହାକୁ ସାମ୍ବତ୍ସରିକ ଗଣମହାପର୍ବ ବୋଲି ମଧ୍ୟ କୁହାଯାଇଥାଏ ।

ବ୍ରହ୍ମପୁରରୁ କ୍ଷୀରସିନ୍ଧୁ ମହାନ୍ତିଙ୍କ ରିପୋର୍ଟ

## ଦଣ୍ଡନାଟରେ ଉପକରଣ

ଦଣ୍ଡନାଟରେ ପ୍ରଭା, ନାଗ, ଫାଶ, ଦଣ୍ଡ, ଗୌରୀବେତ, ମୟୂରଚନ୍ଦ୍ରିକା, ଚମ୍ପାବର, ଗୁଆ, କଷାୟବସ୍ତ୍ର, ପତାକା ଏବଂ ବେତ ଆବଶ୍ୟକ । ଗୌରୀବେତରେ ସ୍ୱୟଂ ଶିବ ବିରାଜମାନ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ । ଏହି ପର୍ବ ପ୍ରାଚୀନ କାଳରୁ ଓଡ଼ିଶାରେ ଚଳି ଆସୁଛି । ଓଡ଼ିଶାବାସୀଙ୍କର ନୂଆବର୍ଷ ଦିନ ଅର୍ଥାତ୍ ମହାବିଷୁବ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ଦିନ ଏହା ଉଦ୍‌ଯାପିତ ହୁଏ । ଦଣ୍ଡନାଟରେ ଉଭୟ ଭଗବାନ ଶିବ ଓ ମା' କାଳୀଙ୍କୁ ଉପାସନା କରାଯାଏ । ଏହା ବୈଶାଖ ମାସରେ ଆରମ୍ଭ ହୋଇ ଭିନ୍ନ ଭିନ୍ନ ଦଣ୍ଡକାଳୀ ମନ୍ଦିର ତରଫରୁ ୨୧ଦିନ, ୧୫ଦିନ ଓ ୧୩ ଦିନ ପାଳନ ହୁଏ ।

## ବିଧି ବିଧାନ

ପାରମ୍ପରିକ ରୀତି ଅନୁସାରେ ଦଣ୍ଡ ପାଇଁ ମାନସିକ କରିଥିବା ଦଣ୍ଡୁଆମାନେ ସେହିକାଳ ମଧ୍ୟରେ ଆମିଷ, ମଦ୍ୟ, ନାରୀ ସମ୍ପର୍କ ପରିହାରର ସଂକଳ୍ପ ନେଇ ଗେରୁଆ ବସ୍ତ୍ର ପରିଧାନ କରି ଉପାସନା କରିଥିବା ଦଣ୍ଡକାଳୀଙ୍କ ମନ୍ଦିରରେ ଏକାଠି ହୋଇଥାନ୍ତି । ସେଠାରେ କାମନା ଘଟ ସ୍ଥାପନ ହୁଏ ଏବଂ ଦୁଇଟି ବେତକୁ ଶିବ ଓ ଗୌରୀଙ୍କ ପ୍ରତୀକ ଭାବରେ ସ୍ଥାପନ କରାଯାଇଥାଏ । ମୁଖ୍ୟ ଦଣ୍ଡୁଆ ବା ପାଟଭୁକ୍ତା ସମସ୍ତ ଦଣ୍ଡୁଆଙ୍କୁ ଉପବୀତ ଧାରଣ କରାଇବା ସହ ବାଉଁଶ କାଠି ଘର୍ଷଣ କରି ଶିବାଗ୍ନି ବାହାର କରିଥାନ୍ତି । ଏହା ଏକ ଅନନ୍ୟ ପରପମ୍ପରା । ନଡ଼ାରେ ତିଆରି ଚମ୍ପାବରକୁ ଏହି ଶିବାଗ୍ନିରେ ପ୍ରଜ୍ୱଳିତ କରିଥାନ୍ତି ପାଟଭୁକ୍ତା । ଏହି ବର ମେରୁ ସଂକ୍ରାନ୍ତି ପର୍ଯ୍ୟନ୍ତ ନିର୍ବାପିତ ହୁଏ ନାହିଁ ।

## ପୂଜାରୁ ପରିବେଷଣ

କାଳୀଙ୍କ ଚିତ୍ରପଟ, ମହାଦେବଙ୍କ ପ୍ରତୀକ ନାଗମୂର୍ତ୍ତି, ମୟୂରପୁଚ୍ଛ ଓ ପତାକାକୁ ପୂଜା କରିବା ପରେ ଦଣ୍ଡନାଟ ଆରମ୍ଭ ହୋଇଥାଏ । ଢୋଲ, ମହୁରୀ, ଶହନାଇ ଘଣ୍ଟ, ଶଙ୍ଖ, କାହାଳୀ, ଝାଞ୍ଜ, ଘୁଙ୍ଗୁର, ଘାଗୁଡ଼ି, ଦାସକାଠି, ରାମତାଳି, ଘୁଡୁକି, ଖଞ୍ଜଣୀ ଆଦି ପାରମ୍ପରିକ ବାଦ୍ୟର ତାଳେ ତାଳେ ଦଣ୍ଡନାଟ କାମନା ମନ୍ଦିରରୁ ଆରମ୍ଭ ହୋଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥାଏ । ପରେ ମାନସିକଧାରୀଙ୍କ ଘର ସମ୍ମୁଖରେ ଧୂଳିଦଣ୍ଡ, ନିକଟସ୍ଥ ପୋଖରୀରେ ପାଣିଦଣ୍ଡ ଏବଂ ପୁଣିଥରେ ମାନସିକଧାରୀଙ୍କ ଘର ନିକଟରେ ଅଗ୍ନିଦଣ୍ଡ ଓ ସୁଆଙ୍ଗ ପରିବେଶିତ ହୋଇଥାଏ ।





## ଧୂଳିଦଣ୍ଡରେ କୃଷି ସଚେତନତା

ମାନସିକ ରଖିଥିବା ଯଜମାନଙ୍କ ଦୁଆରେ ଦଣ୍ଡୁଆମାନେ ପହଞ୍ଚିବା ପରେ ରହିବା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ମିଳିଥାଏ । ସେଠାରେ ଦଣ୍ଡୁଆମାନେ ଧୂଳିଦଣ୍ଡ ପରିବେଷଣ କରିଥାନ୍ତି । ଏହା ମୁଖ୍ୟତଃ କୃଷି କାର୍ଯ୍ୟ ସମ୍ପର୍କରେ ଜନମାନସରେ ସଚେତନତା ସୃଷ୍ଟିର ପୌରାଣିକ ପରମ୍ପରା । ଧୂ ଧୂ ଖରାରେ ରାସ୍ତା ଉପରେ ଦଣ୍ଡୁଆମାନେ ଶୋଇ, ଗଡ଼ି ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି, ହଳ ଚାଳନା, ଧାନରୋପଣ, ବଛା, ଅମଳ, ଭୂମିପୂଜା, ମନ୍ଦିର ନିର୍ମାଣ, ଲୁଗାବୁଣା, ହଳଦୀ ବଟା, କୂଅଖୋଳା ଆଦି ସୁଆଙ୍ଗ ମାଧ୍ୟମରେ ପ୍ରଦର୍ଶନ କରିଥାନ୍ତି । କୃଷକ ପରିବାରର କାହାଣୀ ଏଠାରେ ଟାଣଖରାରେ ଦଣ୍ଡୁଆମାନେ ହସି ହସି ପ୍ରଦର୍ଶନ କରିଥାନ୍ତି ।

## ପାଣି ପରମ୍ପରାରୁ ପାଣିଦଣ୍ଡ





ଏହା ପରେ ନିକଟସ୍ଥ ପୋଖରୀ ଅଥବା ଜଳାଶୟରେ ଦଣ୍ଡୁଆମାନେ ପାଣିଦଣ୍ଡ ଭାଙ୍ଗିଥାନ୍ତି । ସେଠାରେ ଛଅ ଆଙ୍ଗୁଳି ଲମ୍ବର ଆମ୍ବଡାଳରେ ଦାନ୍ତଘଷି ସ୍ନାନ କରିବା ପରେ ପୋଖରୀରେ ୧୩ଥର ବୁଡ଼ ମାରିଥାନ୍ତି । ପରେ ୧୩ ଆଞ୍ଜୁଳା ଜଳ ଆଣି ଶିବଲିଙ୍ଗ ସ୍ଥାପନ କରି ତା ଉପରେ ଢାଳିଥାନ୍ତି । ଏଠାରେ ପୂଜା ପରେ ଦଣ୍ଡୁଆମାନେ ପଣା, ଲିଆ ଓ ଖଇ ପ୍ରସାଦ ସେବନ କରି ଗଛଛାଇରେ କିଛି ସମୟ ବିଶ୍ରାମ ନେବାର ବିଧି ରହିଛି ।

## ଅଗ୍ନିଦଣ୍ଡରେ ପ୍ରଭାଖେଳ





ଭୋଜନ ପରେ ପାଟ ଦଣ୍ଡୁଆ ଦୁଇଟି ଲେଖାଏଁ ଅଗ୍ନିଦଣ୍ଡ ଧରି ସେଥିରେ ଝୁଣା ପକାଇ ଖେଳିଖେଳି ମାନସିକଧାରୀଙ୍କ ଗୃହ ସମ୍ମୁଖକୁ ଆସିଥାନ୍ତି । ଅଗ୍ନିରେ ଝୁଣା ଫିଙ୍ଗି ଅଗ୍ନି କୁଣ୍ଡଳ ସୃଷ୍ଟି କରିବା ହେଉଛି ଏହି ଦଣ୍ଡର ସର୍ବଶ୍ରେଷ୍ଠ ଦର୍ଶନୀୟ କାର୍ଯ୍ୟକ୍ରମ । ସେଠାରେ ପ୍ରଭାଖେଳ ହୋଇଥାଏ । ମାନସିକ ରଖି ସ୍ୱପ୍ନାଦେଶ ପାଇଥିବା ଦଣ୍ଡୁଆ କଳା ପୋଷାକ ପିନ୍ଧି, ମୁଣ୍ଡରେ କଳାକନା ବାନ୍ଧି, ରକ୍ତସିନ୍ଦୂର ଚିତା ଲଗାଇ କାଳୀପ୍ରଭା ଧାରଣ କରିଥାନ୍ତି । ଢୋଲର ତାଳେ ତାଳେ ଝୁଣା ନିଆଁର ପ୍ରୟୋଗରେ ସମ୍ପୃକ୍ତ ଦଣ୍ଡୁଆଙ୍କଠାରେ କାଳିକା ପ୍ରସନ୍ନ ହୋଇଥାନ୍ତି । ଏହି ଅଗ୍ନିଦଣ୍ଡ ପରେ ସେ ଚେତାଶୂନ୍ୟ ହୋଇଥାନ୍ତି । ଚେତା ଫେରିପାଇ ସେ ସାଷ୍ଟାଙ୍ଗ ପ୍ରଣିପାତ କଲା ପରେ ଦଣ୍ଡସୁଆଙ୍ଗ ବା ପାରମ୍ପରିକ ଚଢ଼େୟା ନାଚ ହୋଇଥାଏ ।



ଦଣ୍ଡ ସୁଆଙ୍ଗକୁ ଦଣ୍ଡ ଚଢ଼େୟା ନାଚ ମଧ୍ୟ କୁହାଯାଇଥାଏ । ଏଥିରେ ଚଢ଼େୟା, ଚଢ଼େୟାଣୀ, ଦକ୍ଷିଣକାଳୀ, ଡୁବୁଡୁବା, ଗୌଡ଼, ଗଉଡୁଣୀ, ସାପ ସାପୁଆଣୀ, ଚହଟା ଦିଅର, ସିପାହୀ, ଢୋଲିଆ, ବୀଣାକାର, ଜଗାଳୀ, ରାଜଗୁଣିଙ୍କ ଚରିତ୍ର ଯୋଗେ ହାସ୍ୟରସ ମାଧ୍ୟମରେ ଜନସାଧାରଣଙ୍କ ମନୋରଞ୍ଜନ ସମେତ ବହୁ ହିତୋପଦେଶ ଦିଆଯାଇଥାଏ । ଗଞ୍ଜାମର ଦଣ୍ଡସୁଆଙ୍ଗ ଲେଖକଙ୍କ ଭିତରେ ରମ୍ଭଣିବନ୍ଧ ସାହିର ସନ୍ନ୍ୟାସୀ ନାୟକ, ମୁଣ୍ଡମରେଇର ଦଣ୍ଡପାଣି ଜେନା, ବାସୁଦେବପୁରର ଅନ୍ତର୍ଯ୍ୟାମୀ ଦାସ ଅନ୍ୟତମ । ଆଜିକାଲି ପ୍ରାୟ ଚଢ଼େୟା ନାଚ ପରେ ପାରମ୍ପରିକ ନୃତ୍ୟ ଚଢ଼େୟାଣୀ, ସାପସାପୁଆଣୀ ଓ ଈଶ୍ୱର ପାର୍ବତୀ କଥାକୁ ବାଦ୍ ଦେଇ ବିଭିନ୍ନ ନାଟକ ଓ ଅପେରା ଭଳି ଆଧୁନିକ ନୃତ୍ୟ ପରିବେଷଣ କରାଯାଉଛି ।

## ପରମ୍ପରାରେ ଦୁଇବର୍ଷର ବିରତି

କୋଭିଡ୍ କଟକଣା ଯୋଗୁଁ ବନ୍ଦ ଥିବା ଦଣ୍ଡନାଟ ପୁଣିଥରେ ବିଗତବର୍ଷ ଆରମ୍ଭ ହୋଇଥିଲା । ରୋଜଗାର ହରାଇଥିବା ନାଟୁଆମାନେ ଏବେ ଦଣ୍ଡନାଟରେ ଅପେରା ଓ ନାଟକ କରି ଦୁଇ ପଇସା ରୋଜଗାର କରିପାରୁଛନ୍ତି । ପାହାନ୍ତିଆରେ ନାଟକ ସରିବା ପରେ ଦଣ୍ଡଦଳ ଭୋରରୁ ହିଁ ଅନ୍ୟ ମାନସିକଧାରୀଙ୍କ ଘର ଅଭିମୁଖେ ଯାତ୍ରାରମ୍ଭ କରିଥାନ୍ତି । ଦଣ୍ଡୁଆମାନେ ସବୁ ସମୟରେ କଳାରୁଦ୍ରମଣିଙ୍କୁ ଭଜହେ, ହେ ବାନାମ୍ବର, ବାନା ବିଖ୍ୟାତ କରହେ.... ବୋଲି କହି ଯାତ୍ରା କରିଥାନ୍ତି । ଏହି ଦଣ୍ଡଯାତ୍ରା ପ୍ରତି ଶିକ୍ଷିତ, ଅଶିକ୍ଷିତ, ବ୍ରାହ୍ମଣଠାରୁ ପଚ୍ଛୁଆବର୍ଗ ଯାଏଁ ସମସ୍ତଙ୍କ ସମାନ ଶ୍ରଦ୍ଧା ଓ ସମ୍ମାନ ରହିଛି ।



## ବୀଣାକାରଙ୍କ ଗୀତ

ଦଣ୍ଡ ପାଳନ ବେଳେ ଏହି ଗୀତଗାଇ ବୀଣାକାର ଦଣ୍ଡ ଆରମ୍ଭ କରିଥାନ୍ତି । 'ହେ ଋଷିପୁତ୍ରେ, ଅଇଲେ ହର, ଦେଇଗଲେ ବର, ଅନ୍ୟସେବା ଛାଡ଼ି ଏସେବା କର, ଏସେବା କଲେ କିଫଳ ପାଏ? ଉଷୁନା ଧାନ ଗଜା ହୁଏ, ଶୁଖିଲା କାଠ କଞ୍ଚା ହୁଏ, ଭଜା ମୁଗ ଗଜା ହୁଏ, ଅପୁତ୍ରିକ ପୁତ୍ରଦାନ ପାଏ, ଅନ୍ଧ ଚକ୍ଷୁଦାନ ପାଏ, ଦୁରାରୋଗ ଭଲ ହୁଏ ।'



## ଅନୁଶାସନରେ ଦଣ୍ଡୁଆ

ଭୁକ୍ତାମାନେ ନିଜ ଶରୀରକୁ କଷ୍ଟଦେଇ ଦଣ୍ଡଭୋଗ କରୁଥିବାରୁ ଏହାକୁ ଦଣ୍ଡନାଟ କୁହାଯାଏ । ଦୁଆରେ ଦଣ୍ଡନାଟ କଲେ ଅଥବା ଦଣ୍ଡରେ ମିଶିଲେ ପାପ ଓ ଦୁଃଖ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି । ଭୁକ୍ତାଙ୍କ ପାଇଁ କଠୋର ନିୟମାବଳୀ ରହିଛି । ଦଣ୍ଡରେ ମିଶିଲେ ଏମାନେ ୧୬ ପ୍ରକାର ଦଣ୍ଡ ଗ୍ରହଣ କରିବାକୁ ହୁଏ । ସେଭିତରେ ଆହାର, ଉଜାଗର, ମୈଥୁନ ତ୍ୟାଗ, ଗୃହତ୍ୟାଗ, ପଦ ଗମନ, ଶ୍ମଶାନ ରହଣି, ଧୂଳି, ପାଣି, ଅଗ୍ନି ଓ ଗୃହ ଦଣ୍ଡ, ଅଙ୍ଗବଳୀ, ମେରୁପଟା(କଣ୍ଟା ଫୋଡ଼ିବା), ଶୁଦ୍ଧିକ୍ରିୟା, କୁଳଭୋଜି, ଅଗ୍ନି ପରୀକ୍ଷା ଆଦି ଅନ୍ୟତମ । ଲିଆ, ପଣା ଓ ମୁଗ ସିଝା ଏମାନଙ୍କ ଖାଦ୍ୟ । ଏମାନେ ଶିବ, ପାର୍ବତୀ, କାଳୀ, କଳସ, ବେତ, ଛତ୍ର, ବାନା, ଆଲଟ, ଚାମର, ଘଣ୍ଟ, ଢ଼ୋଲ, ମହୁରୀ, ଶଙ୍ଖ, ତୁରୀ ଧରି ଖାଲିପାଦରେ ଚାଲିଚାଲି ଗାଁକୁ ଗାଁ ବୁଲି ମାନସିକଧାରୀ ବା ଯଜମାନଙ୍କ ଦ୍ୱାରରେ ଦଣ୍ଡ ପରିବେଷଣ କରିଥାନ୍ତି ।

## ଭୋଜନ ଓ ସହନଶୀଳତା

ଦଣ୍ଡୁଆମାନେ ପ୍ରାୟତଃ ଅଧାପେଟରେ ଦଣ୍ଡଭୋଗ କରିଥାନ୍ତି । ଅପରାହ୍ଣରେ ପାଣିଦଣ୍ଡ ପରେ ଦଣ୍ଡୁଆମାନେ ଲିଆ, ପଣା ଭକ୍ଷଣ କରିବା ପରେ ରାସ୍ତାରେ ଅଗ୍ନିଦଣ୍ଡ ପରେ ରନ୍ଧା ପ୍ରସାଦ ସେବନ କରିଥାନ୍ତି । ଏଥିରେ କେବଳ ଭାତ ଓ ଡାଲମା ହୋଇଥାଏ । ଡାଲମାରେ କୌଣସି ପରିବା କଟା ଯାଇ ନ ଥାଏ କି ଏଥିରେ ତେଲ, ମସଲା ଅଥବା ଫୁଟଣ ହୋଇ ନ ଥାଏ । ଦିନରେ କେବଳ ଗୋଟିଏ ଥର ଏହି ସାତ୍ତ୍ୱିକ ଆହାର ଖାଇ ଦଣ୍ଡୁଆମାନେ ପର ଦିନ ପର୍ଯ୍ୟନ୍ତ ରହିଥାନ୍ତି ଓ ମାଇଲ୍ ମାଇଲ୍ ବାଟ ଖାଲି ପାଦରେ ଚାଲିଥାନ୍ତି । ଏଥିରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଉଥିବା ବିଶେଷଜ୍ଞମାନେ କହନ୍ତି । ଚାଷ ପୂର୍ବରୁ ଅର୍ଦ୍ଧ ଭୋଜନରେ ଏମାନେ ଖରା, ପାଣି, ଅଗ୍ନିର ଉତ୍ତାପ ସହିବା ସହ ମାଇଲ ମାଇଲ ଚାଲି ଶରୀରକୁ ଅଧିକ ସକ୍ଷମ କରିଥାନ୍ତି । ଫଳରେ ଏହା ପରବର୍ତ୍ତୀ ସମୟରେ ଚାଷ ବେଳେ ସେମାନଙ୍କ ଶରୀରକୁ ଖରା ବର୍ଷାରେ କାମ କରିବାରେ ସହାୟକ ହୋଇଥାଏ ।



## ଲୋକନାଟକ ଓ ପ୍ରାଚୀନ କିମ୍ବଦନ୍ତୀ

ଦଣ୍ଡନାଚର ପ୍ରଚୀନତା ଓ କିମ୍ବଦନ୍ତୀ ମହାନ । ଏହାର ଇତିହାସକୁ ଅନୁଧ୍ୟାନ କଲେ ଅନେକ ତଥ୍ୟ ମିଳିଥାଏ । ଦଣ୍ଡନାଚ ଗଞ୍ଜାମ ଜିଲ୍ଲାର ହଟଯୋଗର ଅଂଶ ବିଶେଷ । ଏହା ଏକ ପ୍ରାଚୀନ ଓ ପାରମ୍ପରିକ ନାଟ । ଏହା ଗଞ୍ଜାମ ଜିଲ୍ଲାର କାମନା ଦଣ୍ଡ ଭାବରେ ପରିଚିତ । ଏକ ଲୋକପର୍ବ ମଧ୍ୟ । ଲୋକନୃତ୍ୟ, ଧର୍ମୀୟ ଧାରଣା ଏବଂ ଈଶ୍ୱର ବିଶ୍ୱାସ ଉପରେ ପ୍ରତିଷ୍ଠିତ ଏହି ନାଟର ସୃଷ୍ଟି କେବେ ଓ କିଭଳି ହୋଇଛି, ତାହା ଏବେ ବି ରହସ୍ୟମୟ । ବିଭିନ୍ନ ଗବେଷକ ଏ ସମ୍ପର୍କରେ ଭିନ୍ନ ଭିନ୍ନ ମତ ଦେଇଥାନ୍ତି । ଆଉ କେତେକ ଏ ସମ୍ପର୍କରେ ଗବେଷଣା କରୁଛନ୍ତି । ବେଦ, ଭରତମୁନିଙ୍କ ନାଟ୍ୟଶାସ୍ତ୍ର, ବୌଦ୍ଧ ନିକାୟ, ପାଣିନି, କୃଶାଶ୍ୱ ଓ ବିଭିନ୍ନ ପୌରାଣିକ ଗ୍ରନ୍ଥରୁ ଲୋକନୃତ୍ୟ ସମ୍ପର୍କରେ କିଛି ସଙ୍କେତ ମିଳେ । ଲୋକନାଟକଗୁଡ଼ିକର ବହିର୍ଲକ୍ଷ୍ୟ ଓ ଅନ୍ତର୍ଲକ୍ଷ୍ୟ ହେଉଛି ଶିକ୍ଷା ପ୍ରଦାନ । ଜନଜୀବନର କାହାଣୀକୁ ବା ଲୋକାବୃତ୍ତିକୁ ବିଶଦ ଭାବେ ଉପସ୍ଥାପନ କରିବା ଲୋକନାଟକର ଅନ୍ୟ ଏକ ଉଦ୍ଦେଶ୍ୟ । ନାଟକ ହେଉଛି ଦୃଶ୍ୟକାବ୍ୟ ଓ କାବ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ । ନାଟକର ସ୍ରଷ୍ଟା ନାଟ୍ୟଶିଳ୍ପୀର ମାୟାଜାଲ ବିସ୍ତାର କରି ଦର୍ଶକର ଚିତ୍ତ ବିନୋଦନ ସହିତ ସତ୍ୟ, ଶିବ ଓ ମଙ୍ଗଳର ଜୟଗାନ ପାଇଁ ଆହ୍ୱାନ ଦେଇଥାନ୍ତି । ଲୋକ ନାଟକର ସୃଷ୍ଟି ଉତ୍ସ ସମ୍ପର୍କରେ କେତେଗୁଡ଼ିଏ ତଥ୍ୟ ରହିଛି । ସେଗୁଡ଼ିକ ହେଲା ୧- ପ୍ରକୃତି ପ୍ରଭାବ, ୨-ଧର୍ମ ଚିନ୍ତନ, ୩-କୃଷି ସଭ୍ୟତା, ୪-ସାମରିକ ପରମ୍ପରା, ୫- କାରୁକଳା, ୬-ଆଦିବାସୀ ଓ ଓଡ଼ିଶୀ ନୃତ୍ୟ । ବୈଦିକ ଯୁଗରେ ଲୋକ ନାଟକର ଅୟମାରମ୍ଭ ହୋଇଥିଲେ ମଧ୍ୟ ଏବେ ଏଗୁଡିକ କ୍ରମେ ଜନମାନସରୁ ଉଭେଇ ଯାଉଛି । ଏଗୁଡ଼ିକର ପୁନରୁଦ୍ଧାର ପାଇଁ ଏବେ ଅବଶ୍ୟ ସମଗ୍ର ବିଶ୍ୱ ଉଦ୍ୟମରତ । ବିଶ୍ୱରେ ବିଭିନ୍ନ ପ୍ରକାର ଲୋକନାଟକ ପ୍ରଚଳିତ । ଚୀନ୍, ଆମେରିକା, ଲୋହିତ ଭାରତୀୟ, ଆଫ୍ରିକାର ଆଦିବାସୀ, ୟୁରୋପର ଅନୁନ୍ନତ ଅଞ୍ଚଳ ତଥା ଭାରତର ବିଭିନ୍ନ ପ୍ରଦେଶରେ ବହୁବିଧ ଲୋକନାଟର ପ୍ରଚଳନ ଦେଖିବାକୁ ମିଳେ । ସେହିଭଳି ଓଡ଼ିଶାରେ ମଧ୍ୟ ବିଭିନ୍ନ ଲୋକନାଟକ ମଧ୍ୟରୁ ଗଞ୍ଜାମର ଦଣ୍ଡନାଟ ଏକ ପ୍ରଭାବଶାଳୀ ଶାଖା ।

## ଉତ୍ପତ୍ତିର କଥାବସ୍ତୁ

କୁହାଯାଏ ଦଣ୍ଡନାଟ ଉତ୍ପତ୍ତି ସର୍ବପ୍ରଥମେ ଗଞ୍ଜାମ ଜିଲ୍ଲାର କୁଲାଗଡ଼ଠାରେ ହୋଇଥିଲା । ଏହାର ଉତ୍ପତ୍ତି ବିଷୟରେ ବହୁ ପୌରାଣିକ ଆଖ୍ୟାନ ଓ ବର୍ଣ୍ଣନା ରହିଛି । ସେଥିମଧ୍ୟରୁ କିଛି କିମ୍ବଦନ୍ତୀ ଆଜି ବି ଜୀବନ୍ତ ଲାଗେ । ପୁରାଣ ଓ ବରିଷ୍ଠଙ୍କ ଠାରୁ ଜଣାଯାଏ, ଥରେ ଦକ୍ଷ ପ୍ରଜାପତି ଯଜ୍ଞର ଆୟୋଜନ କରି ନିଜ କନ୍ୟା ସତୀ ଓ ଜାମାତା ଶିବଙ୍କ ବ୍ୟତୀତ ସବୁ ଦେବତାମାନଙ୍କୁ ଆମନ୍ତ୍ରିତ କରିଥିଲେ । ଅଯାଚିତ ଭାବରେ ସତୀ ଯଜ୍ଞସ୍ଥଳକୁ ଯିବାରୁ ଦକ୍ଷ ତାଙ୍କୁ ଭର୍ତ୍ସନା କରିବା ସହିତ ଶିବଙ୍କୁ ଅପମାନ ଦେଇ ଅନେକ କଟୁକଥା କହିଲେ । ଏହା ସହି ନ ପାରି ସତୀ ଯଜ୍ଞକୁଣ୍ଡରେ ଝାସଦେଇ ପ୍ରାଣତ୍ୟାଗ କଲେ । ଏହି ସମ୍ବାଦ ପାଇ ଶିବ କ୍ରୋଧାନ୍ୱିତ ହୋଇ ଦକ୍ଷଙ୍କର ଶିରଚ୍ଛେଦନ କରିଥିଲେ । ତାଙ୍କର ଉଗ୍ରରୂପକୁ ଶାନ୍ତ କରିବା ପାଇଁ ଦକ୍ଷଙ୍କ ପତ୍ନୀ ପ୍ରସୂତି ଅର୍ଘ୍ୟ ଦେଇ ବନ୍ଦାପନା କରିବାକୁ ଆସନ୍ତେ ଶିବଙ୍କର ଦିଗମ୍ବର ରୂପକୁ ଦେଖି ତାଙ୍କୁ ଲିଙ୍ଗ ରୂପରେ ପୂଜା ପାଇବାକୁ ଅଭିଶାପ ପ୍ରଦାନ କଲେ । ଅଭିଶାପ ହେତୁ ଶିବଲିଙ୍ଗ ଭୂପତିତ ହେଲା । ଆଦିଶକ୍ତି ଉଭା ହୋଇ ଏହି ଲିଙ୍ଗକୁ ଧାରଣ କଲେ । ସେହିଦିନଠାରୁ ଶିବଶକ୍ତି ଦଣ୍ଡ ଓ ଘଡ଼ି ରୂପରେ ପୂଜା ପାଇଥାନ୍ତି । ବ୍ରହ୍ମା ଏହି ଦଣ୍ଡ-ଘଡ଼ି ପୂଜା କରିବାକୁ ଚଢ଼େୟାକୁ ଦେଲେ । ସେହି ଦିନଠାରୁ ଦଣ୍ଡଯାତ୍ରାର ଆରମ୍ଭ ହେଲା । ଅନ୍ୟ ଏକ ଲୋକକଥା ଅନୁସାରେ, ବ୍ରହ୍ମାଙ୍କ ପାଞ୍ଚକୁମାର ମରୀଚି, ପୁଲହ, ପୁଲସ୍ତ୍ୟ, କ୍ରତୁ ଓ ଅଙ୍ଗିରା, ଇନ୍ଦ୍ରଙ୍କ ପାଞ୍ଚ ପୁଅ ଜୟନ୍ତ, ପାକଶାସ୍ତ୍ରୀ, ସୁବସ୍ତ୍ର, ସୁରସେନ ଓ ଗନ୍ଧର୍ବସେନ, କୁବେରଙ୍କ ତିନିପୁତ୍ର ନଳ, ମଣିଭଦ୍ର ଓ ସୁକୁବେର । ସତ୍ୟ ଯୁଗରେ ଦେବଗୁରୁ ବୃହସ୍ପତିଙ୍କଠାରୁ ବିଦ୍ୟାଶିକ୍ଷା କରି ଫେରୁଥିବା ସମୟରେ ପିତୃଲୋକଙ୍କୁ ଜଳଦାନ କରୁଥିବା ଋଷି କର୍ଣ୍ଣଙ୍କୁ ଦେଖି ହସିବାରୁ ଋଷିଙ୍କ ଦ୍ୱାରା ଶାପିତ ହୋଇ କୁଷ୍ଠ ରୋଗାକ୍ରାନ୍ତ ହେଲେ । ଏଥିରୁ ମୁକ୍ତି ପାଇବାକୁ ସେମାନେ ବ୍ରହ୍ମାଙ୍କ ପାଖକୁ ଗଲେ । ବ୍ରହ୍ମାଙ୍କ ଆଦେଶରେ ସେମାନେ ଶିବଙ୍କ ଶରଣାପନ୍ନ ହେବାରେ ମହାଦେବ କୃପାପ୍ରାର୍ଥୀ ହେଲେ । ସେତେବେଳେ ମହାଦେବ ସ୍ୱୟଂ ଆଦିଶକ୍ତିଙ୍କୁ ସ୍ମରଣ କରୁଥିଲେ । ଏ ସମୟରେ ମା' କାଳୀ ଆବିର୍ଭୂତା ହୋଇ ୧୩ଦିନ ରୁଦ୍ରକାଳୀ ଦଣ୍ଡବ୍ରତ ପାଳନ କରିବାକୁ କହିବା ପରେ ଦେବପୁତ୍ରମାନେ ଦଣ୍ଡବ୍ରତ କରି ସେଥିରୁ ମୁକୁଳିଥିଲେ ଏବଂ ସେଠାରୁ ଦଣ୍ଡଯାତ୍ରାର ଆରମ୍ଭ ହେଲା ବୋଲି ସଂସ୍କୃତି ଓ ପରମ୍ପରା ଗବେଷକଙ୍କ ମତ ।

ଅନୁରୂପ ଭାବେ ଅନ୍ୟ ଏକ ପାରମ୍ପରିକ କଥାନୁସାରେ ତରଣୀ ଋଷିଙ୍କର ୧୪ଜଣ ଉଦ୍ଧତ ପୁଅ ଅନେକ ଅନ୍ୟାୟ ଅତ୍ୟାଚାରରେ ଲିପ୍ତ ରହୁଥିଲେ । ସେମାନଙ୍କ ଭିତରୁ ଜଣେ ଅଭକ୍ଷ୍ୟ ଭକ୍ଷଣ କରି ମୃତ୍ୟୁବରଣ କଲା ଓ ଅନ୍ୟମାନଙ୍କୁ ବ୍ରହ୍ମା ଉଇହୁଙ୍କା ପାଲଟି ଯିବାକୁ ଅଭିଶାପ ଦେଲେ । ସେହି ତେରଜଣଙ୍କ ଭିତରୁ ଜଣେ ଶିବଙ୍କ ଶରଣାପନ୍ନ ହୋଇ ଦଣ୍ଡ ପାଳନ କରି ବ୍ରହ୍ମାଙ୍କୁ ତୁଷ୍ଟ କଲା ଓ ଅନ୍ୟଭାଇମାନେ ଶାପମୁକ୍ତ ହେଲେ । ଏହି ତେର ଋଷିପୁତ୍ରଙ୍କୁ ନେଇ ତେର ଦଣ୍ଡନାଟର ଆରମ୍ଭ ବୋଲି କଥିତ ଅଛି । ସେହିଭଳି ଆଉଏକ କଥାବସ୍ତୁ ହେଲା, ଅଷ୍ଟବକ୍ର ଋଷିଙ୍କର କୁରୂପ ଶରୀରକୁ ଦେଖି ବୃହସ୍ପତି, ଇନ୍ଦ୍ର ଓ କୁବେରଙ୍କର ୧୩ପୁତ୍ର ପରିହାସ କରିବାରୁ ଋଷିଙ୍କ ଅଭିଶାପରେ ସେମାନେ ଶବର ଭାବେ ପୃଥିବୀ ପୃଷ୍ଠରେ ଜନ୍ମ ଗ୍ରହଣ କଲେ । ଥରେ ନିଷିଦ୍ଧାଞ୍ଚଳରେ ଏମାନେ ପକ୍ଷୀ ଶିକାର କରିବାରୁ ପକ୍ଷୀମାନେ ଗରୁଡ଼ଙ୍କୁ ନିଜର ଦୁଃଖ ଜଣାଇଲେ । ଫଳତଃ ଗରୁଡ଼ଙ୍କ ଆଦେଶରେ ସେମାନଙ୍କୁ ସର୍ପ ଦଂଶନ କଲା । ସେମାନଙ୍କ ପତ୍ନୀ ମା' କାଳୀଙ୍କୁ ପ୍ରାର୍ଥନା କରିବାରୁ ସେ ୧୩ ଜଣ ଚଢ଼େୟାଙ୍କୁ ଜୀବଦାନ କଲେ । ଏହି ମହିମାକୁ ପ୍ରଚାର କରିବାପାଇଁ ୧୩ ଜଣ ଦଣ୍ଡୁଆ ଦଣ୍ଡକାଳୀ ବ୍ରତ ଧାରଣ କରିବାର କିମ୍ବଦନ୍ତୀ ରହିଅଛି ।









## ମେରୁଯାତ୍ରା ପରେ ଆମିଷ ଭୋଜନ

ମହା ବିଷୁବ ସଂକ୍ରାନ୍ତି ବା ମେରୁ ସଂକ୍ରାନ୍ତିରେ ଦଣ୍ଡଯାତ୍ରା ଉଦଯାପିତ ହୁଏ । ତେଣୁ ଏହାକୁ ମେରୁ ପର୍ବ ବୋଲି ମଧ୍ୟ କୁହାଯାଇଥାଏ । ୧୩, ୧୫ ବା ୨୧ ଦିନ ବୁଲିବା ପରେ ଦଣ୍ଡଦଳ ବିଷୁବ ସଂକ୍ରାନ୍ତି ଦିନ ନିଜ ନିଜ କାମନା ଦଣ୍ଡକାଳୀ ମନ୍ଦିରରେ ରୁଣ୍ଡ ହୋଇଥାନ୍ତି । ସେଠାରେ ମେରୁ ଯାତ୍ରା ଅନୁଷ୍ଠିତ ହୁଏ । ମେରୁ କୁଣ୍ଡର ଦୁଇ ପାଖରେ ବେଲ କାଠର ଦୁଇଟି ଖୁଣ୍ଟ ପୋତାଯାଇଥାଏ । ସେ ଦୁଇଟିକୁ ଉପରେ ଗୋଟିଏ କାଠ ଦ୍ୱାରା ସଂଯୁକ୍ତ କରାଯାଇଥାଏ । ଯଜ୍ଞ ପରେ ପାଟ ଭୁକ୍ତା ସ୍ନାନ ସାରି ଓଦା ବସ୍ତ୍ରରେ ଦଣ୍ଡକାଳୀଙ୍କୁ ଦର୍ଶନ କରିଥାନ୍ତି । ଏହି ସମୟରେ ତାଙ୍କ ଦେହରେ କାଳୀ ପ୍ରସନ୍ନ ହୋଇଥାନ୍ତି । ଏହା ପରେ କେତେକ ଦଣ୍ଡୁଆ ମିଶି ତାଙ୍କୁ ଆୟତ୍ତ କରିବା ସହ ମେରୁ କୁଣ୍ଡ ଉପରେ ଥିବା କାଠରେ ତାଙ୍କୁ ଓଲଟା ଲଟକାଇ ଦିଅନ୍ତି । ଝୁଣା ଧୂଆଁ ଝାସରେ ଝୁଲୁଥିବା ଅବସ୍ଥାରେ ପାଟଭୁକ୍ତାଙ୍କ ନାକରୁ ତିନିଟୋପା ରକ୍ତ ଝରିପଡ଼େ । ଏହା ପରେ ସେ ଅଚେତ ହୋଇ ଝୁଲି ରୁହନ୍ତି । ତୁରନ୍ତ ତାଙ୍କୁ ସେଠାରୁ ବାହାର କରି ନିକଟସ୍ଥ ପୋଖରୀକୁ ନିଆଯାଇଥାଏ । ତାଙ୍କ ଚେତା ଫେରିବା ପରେ ଦଣ୍ଡନାଟର ପରିସମାପ୍ତି ବା ଉଦ୍‌ଯାପନ ଘୋଷଣା ହୋଇଥାଏ । ଏହା ପର ଦିନ ଦଣ୍ଡୁଆମାନେ ନିକଟସ୍ଥ ତୋଟାରେ ଏକାଠି ହୋଇ ଶୁଦ୍ଧିକ୍ରିୟା କରିବା ସହ ଆମିଷ ଭୋଜନ କରି ନିଜ ନିଜ ଘରକୁ ଫେରିଥାନ୍ତି ।



# ଗୁଡ୍ ମର୍ଣ୍ଣିଂ ରିପୋର୍ଟର

## ସାତକୋଶିଆ ସୁରକ୍ଷାରେ ‘ଇମ୍‌ଲି’-‘ଲୈଲା’

**ଯାହା ଶତାଧିକ କର୍ମଚାରୀ କରି ପାରୁନାହାନ୍ତି ତାହା କରି ଦେଖାଇଛନ୍ତି ଦୁଇ ତାଲିମପ୍ରାପ୍ତ କୁକୁର। ଶିକାରୀମାନଙ୍କୁ ଧରିବା ସହ ଜଙ୍ଗଲ ଭିତରେ କେଉଁଠି ଶିକାର ପାଇଁ ଲଗା ଯାଇଥିବା ବିଦ୍ୟୁତ୍ ତାର, ତଳେ ପକା ଯାଇଥିବା ବାରୁଦ ଗୋଳାକୁ ଠାବ କରୁଛନ୍ତି ଏହି କୁକୁର। ଏହି ତାଲିମପ୍ରାପ୍ତ କୁକୁର ଏବେ ଶିକାରୀମାନଙ୍କ ନିଦ ହଜାଇ ଦେଇଛି। ସେମାନେ ହେଉଛି ୬ ବର୍ଷୀୟ ‘ଇମ୍‌ଲି’ ଓ ୭ ମାସର ‘ଲୈଲା’। ଏବେ ‘ଇମ୍‌ଲି’ଓ ‘ଲୈଲା’ ସାତକୋଶିଆର ସୁରକ୍ଷା ଭାର ସମ୍ଭାଳୁଛି।**

ପୁରୁଣାକୋଟ ଜଙ୍ଗଲରେ ବିଦ୍ୟୁତ ତାର ବିଛାଇ ବାରହା ଶିକାର, ଗୋପାଳପୁର ଗାଁ ନିକଟରେ ଫାସ ପକାଇ କଲରାପତାରିଆ ବାଘ ଶିକାର ଉଦ୍ୟମ, କୁଲାଙ୍ଗୀ ଜଙ୍ଗଲରେ ୩ଟି କଲରାପତରିଆ ବାଘ ଶିକାର ସମେତ ଅନେକ ଶିକାରରେ ସମ୍ପୃକ୍ତ ଶିକାରୀଙ୍କୁ ଧରିବାରେ ସହାୟତା କରିଛି ଇମ୍‌ଲି। ଏହାଛଡା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର, ବାରୁଦ ଗୋଳା, ଫାସକୁ ମଧ୍ୟ ଠାବ କରି ପାରିଛି। ଲୈଲା ମଧ୍ୟ ଏଥିରେ ସହାୟତା କରୁଛି। ଆଗକୁ ଲୈଲାର ତାଲିମ ଶେଷ ହେବା ପରେ ସେ ମଧ୍ୟ ସମ୍ପୂର୍ଣ ସକ୍ରିୟ ହୋଇପାରିବ। ଏହି ତାଲିମପ୍ରାପ୍ତ ଦୁଇ କୁକୁରଙ୍କ ସଫଳତା ଯୋଗୁଁ ଆଗକୁ ଅଧିକ ସଂଖ୍ୟାରେ କୁକୁର ଆଣାଯିବାର ଯୋଜନା ରହିଛି। ଟ୍ରାଫିକ ଇଣ୍ଡିଆ ସଂସ୍ଥାର ବିଶେଷଜ୍ଞଙ୍କୁ ଏଠାକୁ ଅଣାଯାଇ କୁକୁରଙ୍କୁ ଏବଂ କର୍ମଚାରୀଙ୍କୁ ତାଲିମ ଦିଆଯିବାର ମଧ୍ୟ ଯୋଜନା ରହିଛି ବୋଲି ସାତକୋଶିଆ ଡିଏଫଓ କହିଛନ୍ତି। ସାତକୋଶିଆରେ ଶତାଧିକ ୱାଚର ଅଛନ୍ତି। ବିଭିନ୍ନ ଜଙ୍ଗଲରେ ସୁରକ୍ଷା ସ୍କାର୍ଡ ମଧ୍ୟ ଗଠନ କରାଯାଇଛି। କିନ୍ତୁ ସେମାନେ ଯାହା କରି ପାରୁନାହାନ୍ତି ଇମଲି ଓ ଲୈଲା ତାହା କରିପାରୁଛନ୍ତି। ■



ସଂଗ୍ରାମ ଦାସ
ଅନୁଗୋଳ






୬ ବର୍ଷ ପୂର୍ବେ ଇମ୍‌ଲିକୁ ସାତକୋଶିଆ ଅଣାଯାଇଥିଲା। ଏହାପରେ ତାକୁ ଟ୍ରାଫିକ ଇଣ୍ଡିଆ ନାମକ ଏକ ପ୍ରାଣୀ ତାଲିମ ଅନୁଷ୍ଠାନକୁ ତାଲିମ ପାଇଁ ପଠାଯାଇଥିଲା। ସେଠାରେ ଦୁଇ ଜଣ ବନ କର୍ମଚାରୀଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯାଇଥିଲା। ଇମଲିକୁ ତାଲିମ ଦିଆଯିବା ପରେ ସତକୋଶିଆକୁ ଅଣାଗଲା। ସେବେଠାରୁ ତାଲିମ ନେଇଥିବା ଦୁଇ ଜଣ ବନ କର୍ମଚାରୀଙ୍କ ତତ୍ତ୍ୱବଧାନରେ ଅଛି ଇମିଲି। ଆଉ ‘ଲୈଲା’ର ବୟସ ମାତ୍ର ୭ ମାସ। ଲୈଲାକୁ ଜଣେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସାତକୋଶିଆ କର୍ତ୍ତୃପକ୍ଷଙ୍କୁ ଦେଇଛନ୍ତି। ଲୈଲା ଏବେ ତାଲିମ ନେଉଛି। ହେଲେ ସେ ମଧ୍ୟ ଇମ୍‌ଲି ଭଳି ଶିକାରୀ ଧରିବାର କଳା ଶିଖିଗଲାଣି। ତେଣୁ ଜର୍ମାନ ସେଫର୍ଡ ପ୍ରଜାତିର ଏହି ଦୁଇ କୁକୁରଙ୍କ ଉପରେ ବର୍ତ୍ତମାନ ସାତକୋଶିଆର ସୁରକ୍ଷା ଭାର। ବିଗତ ପ୍ରାୟ ଦୁଇ ବର୍ଷ ଭିତରେ ଇମ୍‌ଲି ବହୁ ଶିକାରୀଙ୍କୁ ଧରିବାରେ ବନ ବିଭାଗକୁ ସାହାଯ୍ୟ କରିଛି। ଜଙ୍ଗଲ ଭିତରେ ଦୁଇଟି ହାତୀ ଶିକାର ହୋଇଥିଲା। ତରଭା ଜଙ୍ଗଲରେ ଦୁଇଟି ହାତୀ ଶିକାର ହୋଇଥିଲା।

**ବାସ୍ତବିକ ପ୍ରେମ ହିଁ ସତ୍ୟ ସନାତନ। ମାନବ ହୃଦୟର ଏକମାତ୍ର ଆରାଧ୍ୟ ଦେବତା। ପ୍ରେମ ହିଁ ଜୀବନ ଆକାଶର ଧ୍ରୁବତାରା। ପ୍ରେମ ଏପରି ଏକ ଅମୂଲ୍ୟ ରତ୍ନ, ଯାହାର ବିନିମୟରେ ସବୁ କିଣା ଯାଇପାରେ, ସବୁ କିଛି ସଂସାରର ଅମୂଲ୍ୟ ବସ୍ତୁକୁ ହାସଲ କରାଯାଇପାରେ। ହୃଦୟରେ ପ୍ରେମ ଜାଗିଲେ ପର ଆପଣାର ଭେଦ ଭାବକୁ ଭୁଲିଯାଏ। ମାନବ ମନରୁ ପଲକରେ ସମସ୍ତ ଗର୍ବ ଅହଂକାର ଦୂର ହୋଇ ପ୍ରାଣରେ ଖେଳିଯାଏ ଆନନ୍ଦ ଉଲ୍ଲାସର ଦିବ୍ୟଚେତନା। ସେହି ପ୍ରେମର ଠାକୁର ଭଗବାନ ଶ୍ରୀକୃଷ୍ଣ ଆଉ ପ୍ରେମ ବିରହିଣୀ ରାଧିକା।**





## ସନ୍ଥକବି ଭୀମଭୋଇଙ୍କ ସ୍ମୃତି କୂପ

**ଏକଦା ଅନ୍ୟମନସ୍କ ଭାବେ ଭଜନ ଗାଇ ବୁଲୁଥିବା ବେଳେ ଅନ୍ଧ ଭୀମଭୋଇ କନ୍ଧରା ଗ୍ରାମର ଏକ କୂପ ଭିତରେ ପଡ଼ିଯାଇଥିଲେ। କୂପରୁ ଉଠାଇବା ପାଇଁ ଗ୍ରାମବାସୀ ପ୍ରୟାସ କଲେ। କିନ୍ତୁ ଭୀମଭୋଇ ସ୍ୱଷ୍ଟ ମନା କରିଦେଇ କହିଲେ, ଯେଉଁ ଗୁରୁଦେବ ମୋତେ କୂଅରେ ପକାଇଛନ୍ତି ସେ ଆଦେଶ ଦେଲେ ମୁଁ କୂଅ ଉପରକୁ ଯିବି। ମହିମା ଗୋସାଇଁ ଏ ଖବର ପାଇ କୂଅ ନିକଟରେ ପହଞ୍ଚି ଭୀମଭୋଇଙ୍କୁ ଉପରକୁ ଆସିବା ବନ୍ଦୋବସ୍ତ କଲେ। ଭୀମଭୋଇ ଗୁରୁଙ୍କ ପାଦପଦ୍ମ ସ୍ୱର୍ଶ କରି ଗାଇ ଉଠିଲେ ‘ଧାୟୀ ଗୁରୁ ପୟରକୁ ଧାୟୀ ଅଲେଖ ବ୍ରହ୍ମକୁ’।**

ସମଗ୍ର ପୃଥିବୀରେ ଅନେକ ଧର୍ମ ସୃଷ୍ଟି ହୋଇଥିବା ବେଳେ ଓଡ଼ିଶାରୁ ସୃଷ୍ଟି ହୋଇଥିବା ଏକମାତ୍ର ମୌଳିକ ଧର୍ମ ହେଉଛି ମହିମା ଧର୍ମ। ଉନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ସୃଷ୍ଟି ହୋଇଥିବା ମହିମା ଧର୍ମ ପଡୋଶୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଇତ୍ୟାଦି ରାଜ୍ୟରେ ମଧ୍ୟ ବିଦ୍ୟମାନ। ମହିମା ଧର୍ମର ପ୍ରବର୍ତ୍ତକ ମହିମା ଗୋସାଇଁଙ୍କ ଦ୍ୱିତୀୟ ଶିଷ୍ୟ ହେଉଛନ୍ତି ଭୀମଭୋଇ। ଦୃଷ୍ଟିବାଧିତ ସନ୍ଥ କବି ଭୀମଭୋଇ ଗୁରୁଙ୍କ ଆଦେଶରେ ମହିମା ଧର୍ମର ପ୍ରଚାର ନିମିତ୍ତ ଅନେକ ଧର୍ମ ସାହିତ୍ୟ ରଚନା କରିଯାଇଛନ୍ତି। ତାଙ୍କ ରଚିତ ସ୍ତୁତି ଚିନ୍ତାମଣି କାବ୍ୟର ‘ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ’ ଉକ୍ତି ମିଳିତ ଜାତିସଙ୍ଘ ପ୍ରାଚୀରରେ ପୃଥିବୀର ବିଭିନ୍ନ ଭାଷାରେ ଲିପିବଦ୍ଧ ହୋଇ ରହିଛି। ବୌଦ୍ଧ - ରେଢ଼ାଖୋଲ ଜାତୀୟ ରାଜପଥ ୧୫୩ ବି ରାସ୍ତାରେ ବୌଦ୍ଧ ଠାରୁ ୧୦ କିମି ଦୂର କନ୍ଧରା ଗ୍ରାମରେ ରହିଛି ଏକ ପବିତ୍ର କୂପ, ଯାହା ଭିତରେ ଭୀମଭୋଇ ବାଲ୍ୟ ଅବସ୍ଥାରେ ପଡ଼ିଯାଇଥିଲେ। ବର୍ତ୍ତମାନ ସେହି କୂପ ଭୀମଭୋଇ ସ୍ମୃତି କୂପ ଭାବେ ପରିଚିତ। ଐତିହାସିକ ଏବଂ ଗବେଷକଙ୍କ ମତରେ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ତତ୍କାଳୀନ ରେଢ଼ାଖୋଲ ରାଜ୍ୟର କାଙ୍କଣପଡ଼ା, ମଧୁପୁର, ପଣ୍ଡକିମାଲ, କଦଳୀଗଡ଼, କନ୍ଧରା ଇତ୍ୟାଦି ଗ୍ରାମରେ ଭୀମଭୋଇଙ୍କ ବାଲ୍ୟାବସ୍ଥା ଅତିବାହିତ ହୋଇଥିଲା। ପିଲାଟି ଦିନରୁ ନିଜ ପିତାଙ୍କୁ ହରାଇ ସେ ଗୋ-ରକ୍ଷକ କାର୍ଯ୍ୟ କରୁଥିଲେ। ମହିମା ଗୋସାଇଁଙ୍କ ଠାରୁ ଶିଷ୍ୟତ୍ୱ ପ୍ରାପ୍ତିର ପରବର୍ତ୍ତୀ ସମୟରେ ଏକଦା ଅନ୍ୟମନସ୍କ ଭାବେ ଭଜନ ଗାଇ ବୁଲୁଥିବା ବେଳେ ଅନ୍ଧ ଭୀମଭୋଇ କନ୍ଧରା ଗ୍ରାମର ଏକ କୂପ ଭିତରେ ପଡ଼ିଯାଇଥିଲେ। କୂପରୁ ଉଠାଇବା ପାଇଁ ଗ୍ରାମବାସୀ ପ୍ରୟାସ କଲେ। କିନ୍ତୁ ଭୀମଭୋଇ ସ୍ୱଷ୍ଟ ମନା କରିଦେଇ କହିଲେ, ଯେଉଁ ଗୁରୁଦେବ ମୋତେ କୂଅରେ ପକାଇଛନ୍ତି ସେ ଆଦେଶ ଦେଲେ ମୁଁ କୂଅ ଉପରକୁ ଯିବି। ମହିମା ଗୋସାଇଁ ଏ ଖବର ପାଇ କୂଅ ନିକଟରେ ପହଞ୍ଚି ଭୀମଭୋଇଙ୍କୁ ଉପରକୁ ଆସିବା ବନ୍ଦୋବସ୍ତ କଲେ। ଭୀମଭୋଇ ଗୁରୁଙ୍କ ପାଦପଦ୍ମ ସ୍ୱର୍ଶ କରି ଗାଇ ଉଠିଲେ ‘ଧାୟୀ ଗୁରୁ ପୟରକୁ ଧାୟୀ ଅଲେଖ ବ୍ରହ୍ମକୁ’। ଏହି ଘଟଣା ପରେ ଭୀମଭୋଇ ବ୍ରହ୍ମନିରୂପଣ ଗୀତା, ଆଦି ଅନ୍ତ ଗୀତା, ନିର୍ବେଦ ସାଧନା, ଶୃତିନିଷେଧ ଗୀତା, ସ୍ତୁତି ଚିନ୍ତାମଣି, ମହିମା ଭଜନାବଳୀ ଭଳି କାଳଜୟୀ ଗ୍ରନ୍ଥ ସହିତ ଅନେକ ଚଉତିଶା ରଚନା କରିଯାଇଛନ୍ତି। ଭୀମଭୋଇ ଦୃଷ୍ଟି ବାଧିତ ଥିବା ହେତୁ ତାଙ୍କ ରଚନା ସବୁ ଲିପିବଦ୍ଧ କରିବା ପାଇଁ ମହିମା ଗୋସାଇଁ ତାଙ୍କର ୪ ଜଣ ଶିଷ୍ୟ ହରି ପଣ୍ଡା, ବାସୁ ପଣ୍ଡା, ଧର୍ମାନନ୍ଦ ଦାସ ଏବଂ ମାର୍କଣ୍ଡ ଦାସଙ୍କୁ ନିୟୋଜିତ କରିଥିଲେ। ଏହି କୂପ ବର୍ତ୍ତମାନ ସଂରକ୍ଷିତ କରି ରଖାଯାଇଛି ଏବଂ ଏହାର ଉନ୍ନତିକରଣ ଏବଂ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ମଧ୍ୟ କରାଯାଇଛି। ମହିମା ଧର୍ମାବଲମ୍ବୀଙ୍କ ପାଇଁ ଏହା ଏକ ପବିତ୍ର ସ୍ଥଳ ହୋଇଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ପାଲଟିଛି। ■



ଦିବ୍ୟ ରଞ୍ଜନ ପଟ୍ଟନାୟକ
ବୌଦ୍ଧ

## ଶାନ୍ତିର ମାର୍ଗ କୃଷ୍ଣକୃପା ସେବାଶ୍ରମ

ସମଗ୍ର ବିଶ୍ୱରେ ଏବେ ଶାନ୍ତି ଖୋଜା ଚାଲିଛି। ଯୁଦ୍ଧ ଓ ସନ୍ତ୍ରାସ ଭିତରେ ବିଶ୍ୱବାସୀ ଅତିଷ୍ଠ। ପ୍ରତି ମୁହୂର୍ତ୍ତରେ ଅସହ୍ୟ ଯନ୍ତ୍ରଣାକୁ ସାମ୍ନା କରୁଛି ମଣିଷ। ତେବେ ଏବେ ମଣିଷ ବଞ୍ଚିବ କେମିତି? ଉତ୍ତର ଆସିବ ଆଧ୍ୟାତ୍ମିକତାକୁ ପୁଞ୍ଜି କରି। ଆଧ୍ୟାତ୍ମିକତା ଏକ ଚରମ ଉପଲବ୍ଧି। ଏଥିପାଇଁ ଉତ୍ତମ ପରିବେଶ ଲୋଡ଼ା। ସମୂହ ଅଞ୍ଚଳବାସୀଙ୍କ ଭିତରେ ଉତ୍ତମ ପରିବେଶ ସୃଷ୍ଟି କରି ଆଧ୍ୟାତ୍ମିକ ଚେତନା ଜାଗରଣ କରିବା ପାଇଁ ଭୋଗରାଇ ବ୍ଲକର କୁରୁଠିଆ ଗ୍ରାମରେ ଗଢ଼ି ଉଠିଛି ଶ୍ରୀ ଶ୍ରୀ କୃଷ୍ଣକୃପା ସେବାଶ୍ରମ।

ଆଧ୍ୟାତ୍ମିକ ଦର୍ଶନ ଦ୍ୱାରା ମଣିଷକୁ ଆଦର୍ଶ ଓ ଶୃଙ୍ଖଳିତ କରିବା ବିଭିନ୍ନ ମଠ ମନ୍ଦିର ବା ସେବାଶ୍ରମ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ସେହିଭଳି ଏକ ମହତ୍ ଉଦ୍ଦେଶ୍ୟ ନେଇ କେତେକ ଭଗବତ ପ୍ରେମୀ ୧୯୯୨ ମସିହା ପବିତ୍ର ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଦିନ ଭୋଗରାଇ ବ୍ଲକ ଅର୍ନ୍ତଗତ ବାଲିମ ପଞ୍ଚାୟତର କୁରୁଠିଆ ଗ୍ରାମରେ ଶ୍ରୀଶ୍ରୀ କୃଷ୍ଣକୃପା ସେବାଶ୍ରମ ନାମରେ ଏକ ଆଶ୍ରମ ବା ମଠ ସ୍ଥାପନ କରିଥିଲେ। ଆଉ ସେହି ଭଗବତପ୍ରେମୀ ବ୍ୟକ୍ତି ଜଣକ ହେଉଛନ୍ତି ବର୍ତ୍ତମାନ ମଠର ମହନ୍ତ ବାବାଜୀ ଶ୍ରୀ ରାଧାକୃଷ୍ଣ ଦାସ।

ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ନହରା ବସ୍‌ଷ୍ଟାଣ୍ଡରୁ ଉତ୍ତର ପାର୍ଶରେ ଥିବା ରାସ୍ତାଟି ଏହି ମଠକୁ ଲାଗିଛି। ରାସ୍ତାର କିଛି ବାଟ ଗଲା ପରେ ରହିଛି କୁରୁଠିଆ ଆଶ୍ରମ। ଏଠାରେ ବିରାଜମାନ ହୋଇଛନ୍ତି ରାଧାକୃଷ୍ଣ ବିଗ୍ରହ ସହିତ ମହାପ୍ରଭୁ ଜଗନ୍ନାଥଙ୍କ ବିଗ୍ରହ। ଆଜିକୁ ୩୨ବର୍ଷ ଧରି ଚାଲିଛି ଅବିରାମ ସଂକୀର୍ତ୍ତନ।

ପର୍ବପର୍ବାଣୀ-ଆଶ୍ରମରେ ଅକ୍ଷୟ ତୃତୀୟା, ରଥଯାତ୍ରା, ଗୌରପୂର୍ଣ୍ଣିମା, ଜନ୍ମାଷ୍ଟମୀ, କାର୍ତ୍ତିକ ବ୍ରତ, ଗୋବର୍ଦ୍ଧନ ପୂଜା, ରାସପୂର୍ଣ୍ଣମୀ ଭଳି ବାରମାସରେ ତେର ପର୍ବ। ଆଶ୍ରମରେ ୧୯୯୩ ମସିହା ମାର୍ଚ୍ଚ ୩୦ତାରିଖରୁ ଅଖଣ୍ଡ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଚାଲୁ ରହିଛି। ୧୯୮୩ ମସିହାରେ ଗ୍ରାମବାସୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ଛପନ ମାଦଳ ନାମ ସଂକୀର୍ତ୍ତନ, ୧୨ବର୍ଷ ପରେ ୧୯୯୫ ମସିହାରେ ଉଦଯାପିତ ହୋଇଥିଲା। ସେତେବେଳକୁ ୧୯୯୨ ମସିହାରେ ଏଠାରେ ଏକ ମଠ ସ୍ଥାପିତ ହୋଇସାରିଥିଲା। ଏହି ଉଦଯାପନୀ ଉତ୍ସବରେ ପୁରୀ ଗଜପତି ଦିବ୍ୟସିଂହ ଦେବ, ବହୁ ମଠର ମହନ୍ତ, ପ୍ରବଚକ ଆସି ଯୋଗଦେଇଥିଲେ। ରାଧାକୃଷ୍ଣଙ୍କ ଧର୍ମୀୟ ଚିନ୍ତନକୁ ମଣିଷ ସମାଜ ମାନସ ପଟକୁ ନେଇ କାର୍ଯ୍ୟ ପନ୍ଥା ଗ୍ରହଣ କଲେ ଏବ ସୂକ୍ଷ୍ମ, ସ୍ୱଚ୍ଛ, ଭାବମୟ ସମାଜ ଗଠନ ହୋଇପାରିବ ବୋଲି ମଠର ମହନ୍ତ ବାବାଜୀ ଶ୍ରୀ ରାଧାକୃଷ୍ଣ ଦାସ କହନ୍ତି। ସେଥିପାଇଁ ନିଜସ୍ୱ ଉଦ୍ୟମରେ ମଠର ନିକଟବର୍ତ୍ତୀ ଅଞ୍ଚଳରେ ଗୀତା, ଭାଗବତ ତଥା ରାମାୟଣ ଉପରେ ପ୍ରବଚନ ଆୟୋଜିତ ହୁଏ। ଏଠାକୁ ୨୦୧୨ ମସିହାରେ ପୁରୀ ଭଗବତପାଦ ଶିବ ଅବତାର ଜଗତଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀଶ୍ରୀ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ପୁରୀ ଗୋବର୍ଦ୍ଧନ ପୀଠରୁ ଆସି ପାଦ ପକାଇଥିଲେ। ଏହି ଆଶ୍ରମ ଏକ ବଡ଼ପଣିଆ ରହିଛି ଯେ କୌଣସି ଅଞ୍ଚଳରୁ ଭକ୍ତମାନେ ବୁଲିବାକୁ ଆସିଲେ ସେଠାରେ ସେମାନଙ୍କୁ ଉପଯୁକ୍ତ ଆତିଥ୍ୟ ପ୍ରଦର୍ଶନ କରାଯାଏ। ଖାଇବା ରହିବା ଇତ୍ୟାଦିର ବ୍ୟବସ୍ଥା କରାଯାଇଥାଏ। ■





ଆରତୀ ଭୂୟାଁ
କମର୍ଦ୍ଦା









# ମୃତ୍ୟୁ ସମୟ

ମୂଳ ହିନ୍ଦୀ: ନରେନ୍ଦ୍ର ପୁଣ୍ଡରୀକ
ଅନୁବାଦ: ଅଞ୍ଜୁମନ ଆରା

ଲୋକେ ଯେବେ ସକାଳେ
ସୂର୍ଯ୍ୟ ପରି ଉଠି
କାମ ପାଇଁ ବାହାରୁଥିବେ
ଉର୍ଜାରେ ଭରପୂର ହୋଇ
ପବନ ଓ ଖରାର ହାତକୁ
ହାତରେ ଧରି ବୁଲୁଥିବେ

ପକ୍ଷୀଦଳ ଦାନା ଅନ୍ୱେଷଣରେ
କୋଶ କୋଶ ଦୂର ଯାତ୍ରାରେ ଥିବେ
ଖରା ଗଛରୁ ଓହ୍ଲାଇ
ବାଡ଼ି ଓ ଅଗଣାରେ ବୁଲୁଥିବ

ମୃତ୍ୟୁ ତୁମେ ସେତେବେଳେ ଆସିବ
କ୍ରୁର ନୁହେଁ ବରଂ କୋମଳ ହାତରେ ଉଠାଇବ
ମୋର ମନେ ଅଛି
ତୁମ କୋମଳ ହାତରେ ହୋଇଥିବା
ବାପାଙ୍କ ମୃତ୍ୟୁ

ଘରେ ସଭିଏଁ ଜାଗ୍ରତ ଥିଲେ
ପବନ ଓ ଖରା ପରି
ବାପା ଗାଧୋଇ ସାରିଥିଲେ
ନିଜ ପରିଧାନ ବଦଳାଇ ସାରିଥିଲେ
ଗରମ ଗରମ ଚା' ର ଢୋକ ନେଉଥିଲେ
କେତେ ସ୍ନେହଭରା ହାତରେ ଛୁଇଁଥିଲ ତୁମେ
ସବୁ କିଛି ଏମିତି ହେଉ ଯେମିତି ଲାଗିବ କି
ଧରଣୀ ଏବେ ଏବେ ଉଠିଛି
ଯିବା ପାଇଁ
ମୁଁ ଉଠିଯିବି ଏ ସଂସାରରୁ
ଧରଣୀର ପଦଚାପ ଶୁଣି ଶୁଣି । ■

# ଅନ୍ଧାର ରାତିରେ ଚମକିବା

ସ୍କୁଲ ଯିବା ଠିକ୍ ନୁହେଁ
ବଜାର ଯିବା ଠିକ୍ ନୁହେଁ
ମନ୍ଦିର-ମସଜିଦ୍ ଯିବା ଠିକ୍ ନୁହେଁ

କିଛି କହିବା ବି ଠିକ୍ ନୁହେଁ
କିଛି ନ କହିବା ବି ଠିକ୍ ନୁହେଁ
ଲେଖିବା ବି ଠିକ୍ ନୁହେଁ
ନ ଲେଖିବା ବି ଠିକ୍ ନୁହେଁ

କହିବା ଯଦି ମାରି ଦିଆଯିବ
ନ କହିଲେ ବି ମରିଯିବା
କହିଲେ ପ୍ରତିଧ୍ୱନିରେ ଗୁଞ୍ଜିତ ହେବା
ନିଃଶ୍ୱାସରେ ଦିନେ ରହିଯିବା
ଯଦି ଲେଖିବା
ଅନନ୍ତକାଳ ଯାଏଁ ଶବ୍ଦରେ ରହିବା
ଯେତେବେଳେ ବହି ପଢ଼ାଯିବ
ସେତେବେଳେ ଆମେ ଜୀବିତ ହୋଇ
ଠିଆ ହୋଇଯିବା ଆଉ
ଅନ୍ଧାର ରାତିରେ ଚମକିବା । ■

ହିନ୍ଦୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮ ୭୨୯୭୮୬

# ପାଦ ପୂଜା

ମୂଳ ତେଲୁଗୁ: ଏମ୍.ଉମାମହେଶ୍ୱର ରାଓ
ଅନୁବାଦ: ବଙ୍ଗାଳୀ ନନ୍ଦ

"ଏଇଟା କ'ଣ ତୋର ଶେଷ ନିଷ୍ପତ୍ତି?" ଗାୟତ୍ରୀ ଦେବୀଙ୍କ କଣ୍ଠସ୍ୱରରେ କଠୋରତା ଧ୍ୱନିତ ହେଉଥିଲା ।

ତାଙ୍କ ସାମ୍ନା ଚୌକିରେ ବସି ମା' ପଚାରୁଥିବା ପ୍ରଶ୍ନର ଉତ୍ତର ଦେବାକୁ ନିଜକୁ ପ୍ରସ୍ତୁତ କରୁଥିଲା ପଚିଶବର୍ଷ ବୟସର ମନୋଜ ।

ହଠାତ୍ ଚଉକିରୁ ଉଠିପଡ଼ି ଗାୟତ୍ରୀ ଦେବୀ ମନୋଜ ନିକଟକୁ ଗଲେ ।

"ଶପଥ କରି ମୋତେ କହ, ତୋତେ ଏକଥା କିଏ ଶିଖାଇଛି ?" ତାଙ୍କ ସ୍ୱର ଆହୁରି କଠୋର ଶୁଣାଯାଉଥିଲା । ମନୋଜ ମୁହଁକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ସେ ପଚାରୁଥିଲେ ।

"ମୋତେ କେହି ପ୍ରଭାବିତ କରିନି, ଦେଶର ଅବସ୍ଥା ଦେଖି ଜଣେ ନାଗରିକ ଭାବେ ମୁଁ ମୋର କର୍ତ୍ତବ୍ୟ କରିବାକୁ ଏହି ନିଷ୍ପତ୍ତି ନେଇଛି ।" କହିଲା ମନୋଜ ।

"ହଁ, ତୁ ଜଣେ ମାତ୍ର ସାହାଯ୍ୟ କଲେ ଦେଶର ଅବସ୍ଥା ସୁଧୁରିଯିବ । ତୋ'ଠାରୁ ବୟସରେ ଯଥେଷ୍ଟ ବଡ଼ ଲୋକମାନେ ନିଜ ନିଜ ଘରେ ଆରାମରେ ବସି ଜୀବନ ବିତାଉଥିବା ବେଳେ ତୁ କାହିଁକି ଏଭଳି ନିଷ୍ପତ୍ତି ନେବାକୁ ବାହାରିଛୁ?" ଧମକ ଦେବା ସ୍ୱରରେ ପଚାରିଲେ ଗାୟତ୍ରୀ ଦେବୀ ।

"ସେଦିନ ଦେଶକୁ ସ୍ୱାଧୀନ କରିବାକୁ ଧନ, ମାନ ଓ ପ୍ରାଣକୁ ମଧ୍ୟ ଅନେକ ଲୋକ ତ୍ୟାଗ କରି ନିଜ ଜୀବନକୁ ସାର୍ଥକ କରିଦେଇଥିଲେ । ଏ ଦେଶ ମୋ ଲାଗି ତୋ ସହିତ ସମାନ ମା'... । ତୋତେ ଯଦି କିଛି ବିପଦ ପଡ଼େ କିମ୍ବା ମୋ ଦେଶ ପ୍ରତି ଯଦି କିଛି ବିପଦ ଆସେ, ତାହା ମୁଁ ସହି ପାରିବି ନାହିଁ । ସେଥିପାଇଁ ଏ ନିଷ୍ପତ୍ତି ନେଇଛି ।" ଗମ୍ଭୀର ସ୍ୱରରେ କହିଲା ମନୋଜ ।

ତା' ବଚନର ଦୃଢ଼ତା ଗାୟତ୍ରୀ ଦେବୀଙ୍କୁ ଚକିତ କଲା । କିଛି ସମୟ ସେ ପୁଅର ମୁହଁକୁ ଚାହିଁ ରହିଲେ । ତାଙ୍କ ମନରେ ସେ ପର୍ଯ୍ୟନ୍ତ ଯେଉଁ ଆଶା ଟିକକ ଥିଲା, ତାହା ହଠାତ୍ ଧୂଳିସାତ୍ ହୋଇଗଲା । କେଉଁ ଏକ ଅଜଣା ବେଦନା ମନ ଭିତରେ ଜାତ ହେଲା । ଠିଆ ହୋଇଥିବା ସ୍ଥାନରେ ସେ ହଠାତ୍ ତଳେ ବସି ପଡ଼ିଲେ । ଅସହାୟତା ତାଙ୍କୁ ଗ୍ରାସ କରି ନେଇଥିଲା । ସେତିକି ବେଳେ ତାଙ୍କ ପିଉସୀ ଭାରତୀ ଦେବୀଙ୍କ କଥା ତାଙ୍କର ମନେ ପଡ଼ିଲା ।

ଭାରତୀ ଦେବୀ...

ସମ୍ପର୍କରେ ସେ ତାଙ୍କର ପିଉସୀ ହେବେ । ତାଙ୍କ ବାପାଙ୍କ ଠାରୁ ଚାରିବର୍ଷ ବଡ଼ । ତାଙ୍କର ଚାରି ପୁଅ । ତାଙ୍କ ସ୍ୱାମୀ ଚନ୍ଦ୍ରଶେଖର ନିଜର ଦୁଇ ଏକର ଜମି ଚାଷକରି କୌଣସି ପ୍ରକାରେ ଗୁଜରାଣ ମେଣ୍ଟାଉଥିଲେ । ପୁଅମାନଙ୍କୁ ସେଇଥିରେ ପାଠ ପଢ଼େଇ ବଡ଼ କଲେ । ସେମାନେ ଚାକିରି- ବାକିରି କରି ଘରଟାକୁ ସମ୍ଭାଳି ନେବେ ବୋଲି ଆଶା କରିଥିଲେ ଚନ୍ଦ୍ରଶେଖର । ହେଲେ ସେ ଯାହା ଭାବିଥିଲେ ବିଧି ତାହାର ଓଲଟା କଲା । ତାଙ୍କ ପ୍ରତି ଅବିଚାର କଲା । କୌଣସି କାମରେ ବାହାରକୁ ଯାଇଥିବା ଚନ୍ଦ୍ରଶେଖର ଦୁର୍ଘଟଣାରେ ପ୍ରାଣ ହରାଇଲେ । ସ୍ୱାମୀଙ୍କ ବିୟୋଗରେ ଭାଙ୍ଗି ପଡ଼ିଥିଲେ ଭାରତୀ ଦେବୀ । ତଥାପି ହତୋତ୍ସାହ ନ ହୋଇ ପିଲାମାନଙ୍କୁ ମଣିଷ କଲେ ।

ଭାରତୀ ଦେବୀଙ୍କର ଦେଶପ୍ରୀତି ଓ ଦେଶର ସ୍ୱାଧୀନତା ପ୍ରତି ସବୁବେଳେ ଚିନ୍ତା ଥାଏ । ଭାଇ-ଭାଇ କହି ପ୍ରତାରକ ଚୀନ୍ ପଞ୍ଚଶୀଳ ନୀତିକୁ ଭଙ୍ଗକରି ଭାରତ ସହିତ ଯୁଦ୍ଧ ଆରମ୍ଭ କରିଦେଇଥିଲା । ପଡ଼ୋଶୀ ପାକିସ୍ତାନ ଭଗାରୀ ଭଳି ସବୁବେଳେ ଯୁଦ୍ଧ ପାଇଁ ଆଗଭର ହୋଇ ରହିଥିବା କଥା ଭାରତୀ ଦେବୀ ଭଲ ଭାବେ ଜାଣନ୍ତି ।

ପାକିସ୍ତାନ ଯୁଦ୍ଧ ଯୋଗୁଁ କେତେ କୁଳବଧୂଙ୍କ ମଥାର ସିନ୍ଦୂର ପୋଛା ହୋଇଛି । କେତେ ଯୁବକ ବଳି ପଡ଼ିଛନ୍ତି । ସେ ସବୁ ତାଙ୍କୁ ଖୁବ୍ ଦୁଃଖ ଦେଇଛି । ତେଣୁ ଆଗରୁ ଥିବା ଦେଶପ୍ରୀତି ତାଙ୍କର ଆହୁରି ଅଧିକ ବଢ଼ିଯାଇଛି ।

ପାକିସ୍ତାନ ସାଥିରେ ପ୍ରଥମ ଯୁଦ୍ଧରେ ସାମିଲ ହେବାକୁ ତାଙ୍କ ବଡ଼ପୁଅକୁ ଯୁଦ୍ଧଭୂମିକୁ ପଠାଇଥିଲେ । ଯୁଦ୍ଧରେ ପୁଅ ପ୍ରାଣ ହରାଇଥିଲେ ମଧ୍ୟ ସେ ବିଚଳିତ ହୋଇନଥିଲେ, ଅଧିକନ୍ତୁ ଦ୍ୱିତୀୟ ପୁଅକୁ ମଧ୍ୟ ସୈନବାହିନୀରେ ଯୋଗଦେବାକୁ ଅନୁମତି ଦେଇଥିଲେ ।

"ଏ ଦେଶ ମାଟିରେ ଜନ୍ମ ନେଇଛୁ । ଜନ୍ମଭୂମିର ଋଣ ପରିଶୋଧ କରିବା ସକାଶେ ବଡ଼ ପୁଅକୁ ଯୁଦ୍ଧ କରିବାକୁ ପଠେଇଥିଲି । ସେ ସହିଦ ହେଇ ଅମର ହୋଇଗଲା । ସେଥିପାଇଁ ମୁଁ ଗର୍ବ ଅନୁଭବ କରୁଛି । ଏବେ ମୋ ଦ୍ୱିତୀୟ ପୁଅକୁ ମଧ୍ୟ ଯୁଦ୍ଧଭୂମିକୁ ପଠଉଛି ।" ବୋଲି ଦୃଢ଼ ସ୍ୱରରେ କହୁଥିଲେ ଭାରତୀ ଦେବୀ ।

"ଦୁଇ ଦୁଇଟି ପୁଅକୁ ଦେଶରକ୍ଷା ସକାଶେ ଯୁଦ୍ଧକୁ ପଠାଇଲ, ଏବେ ଦ୍ୱିତୀୟ ପୁଅର ଯଦି କିଛି ହୋଇଯାଏ...?" ବୋଲି ପଚାରିଲେ ତାଙ୍କ ବନ୍ଧୁ-ବାନ୍ଧବ ଭିତରୁ ଜଣେ । ସେ କଥାଶୁଣି ଭାରତୀ ଦେବୀ ହସିଦେଇ "ମୋର ତୃତୀୟ ପୁଅ ଅଛି । ଯୁଦ୍ଧକ୍ଷେତ୍ରକୁ ଯିବାଲାଗି ସେ ବ୍ୟସ୍ତ ହେଇପଡୁଛି । ଖାଲି ସୁଯୋଗକୁ ଅପେକ୍ଷା କରିଛି" ବୋଲି କହିଲେ ।

ଆଶ୍ଚର୍ଯ୍ୟ ହେଲେ ପ୍ରଶ୍ନକର୍ତ୍ତା ।

"ଯା' ମୁଣ୍ଡରେ ଭୂତ ସବାର ହୋଇଛି । ପୁଅମାନେ ମୃତ୍ୟୁବରଣ କଲେ ମଧ୍ୟ ଯା' ଭିତରେ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉନି । ନାଗୁଣୀ ନିଜ ପିଲାମାନଙ୍କୁ ଖାଇଦିଏ । ଏ ମଧ୍ୟ ସେମିତି ଏକ ନାଗୁଣୀ । ଏମିତି ମା' ଗୋଟେ ସଂସାରରେ କୋଉଠି ନ ଥିବ !" କଥାବାର୍ତ୍ତା ହେଉଥିଲେ କିଛି ଲୋକ । କିଏ କ'ଣ କହିଲା, ସେ କଥାକୁ କାନ ଦେଉନଥିଲେ ଭାରତୀ ଦେବୀ ।

ପିଉସୀ କଥା ମନେ ପଡ଼ିଯିବାରୁ ଗାୟତ୍ରୀ ଦେବୀଙ୍କ ଆଖିରେ ଲୁହ ଆସିଯାଇଥିଲା । ହଠାତ୍ କିଛି ଗୋଟେ କଥା ମନେ ପଡ଼ିବାରୁ ପୁଅ ମୁହଁକୁ ଚାହିଁଲେ ଗାୟତ୍ରୀ ଦେବୀ । ଗଙ୍ଗାଙ୍କୁ ଧରାବତରଣ କରିଥିବା ଭଗୀରଥ ଭଳି ତାଙ୍କ ପୁଅ ତାଙ୍କୁ ଦେଖାଗଲା ।

"ଠିକ୍ ଅଛି । ତୋ ନିଷ୍ପତ୍ତିକୁ ମୁଁ ମନା କରୁନାହିଁ, କିନ୍ତୁ ତୁ ଗୋଟିଏ ଅନୁରୋଧ ମୋର ରକ୍ଷା କରିବୁ ।" ବୋଲି କହିଲେ ।

"କି କାମ କହ ।" ପଚାରିଲା ପୁଅ ।

"ସେମିତି କିଛି ବଡ଼ କାମ ନୁହେଁ । ଆସନ୍ତା କାଲି ତୁ ଯାଇ ମୋ' ପିଉସୀ ଭାରତୀ ଦେବୀଙ୍କୁ ସାକ୍ଷାତ କରି, ତାଙ୍କ ସହିତ କଥାବାର୍ତ୍ତା କରିଆସିବୁ ।' ବୋଲି କହିଲେ ।

"କାହିଁକି...? ଖାଲି ସେ ନୁହଁ... ଭଗବାନ ଆସି ଯୁଦ୍ଧକୁ ଯିବାକୁ ମନାକଲେ ମଧ୍ୟ ମୁଁ ଶୁଣିବିନି ।" ବୋଲି କହି ଚାଲିଯାଉଥିବା ପୁଅକୁ ଉଦ୍ଦେଶ୍ୟ କରି କହିଲେ- "ମା' ହିସାବରେ ତୋତେ ଅନୁରୋଧ କରୁଛି, ଥରେ ଯାଇ ତାଙ୍କୁ ଦେଖାକରି ଆସ ।"

"ଠିକ୍ ଅଛି... ଏବେ ଯାଉଛି" କହି ଚାଲିଗଲା ମନୋଜ ।

X X X

ଘରେ ଆଲୁଅ ଜାଳିବାକୁ କେହି ନ ଥିବା ଅନ୍ଧକାର ଘର ଦେଖି ମନୋଜ ଟିକିଏ ଅଡୁଆ ବୋଧ କଲା । ଦୁଆର ଆଗରେ ଅନାବନା ଗଛ ସବୁ ବଢ଼ିଯାଇଛି । ଏ ଅନାବନା ଗଛ ସବୁ ଓପାଡ଼ି ଦେବା ଉଚିତ ବୋଲି ଭାବି ଘର ଭିତରକୁ ପାଦ ବଢ଼େଇଲା । ପାଦଶବ୍ଦ ଶୁଣି ଭିତର ଘରେ ଶୋଇଥିବା ଭାରତୀ ଦେବୀ ଚମିକି ପଡ଼ିଲେ ।

"କିଏ-?" ବୋଲି ପଚାରିବା ବ୍ୟବଧାନରେ ସେ ଭିତରେ ପଶି ଦେଖିଲା ଖୁବ୍ ପତଳା ଶରୀର ହେଲେ ମଧ୍ୟ ଅଟଳ ଆତ୍ମବିଶ୍ୱାସ ଓ ଦେଶଭକ୍ତିରେ ଉଦ୍‌ବୁଦ୍ଧ ହୋଇ ନିଜ ସନ୍ତାନମାନଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠେଇଥିବା ସେ ମହୀୟସୀ ମହିଳାଙ୍କୁ ଦେଖି ତା' ମୁଣ୍ଡ ନଇଁଗଲା ।

ମନୋଜ ସମ୍ପର୍କରେ ସବୁ ଶୁଣି ଭାରତୀ ଦେବୀଙ୍କ ମନରେ ତା'ପ୍ରତି ବାତ୍ସଲ୍ୟସ୍ନେହ ଓ ଆତ୍ମୀୟତା ଭରି ଉଠିଲା । ଲକ୍ଷେ ନାରୀଙ୍କ ଭିତରେ ଏମିତି କେହି ଜଣେ ମା' ଥାଇପାରେ ବୋଲି ଭାବିଲା ମନୋଜ । ନିଜ ଭାବନାକୁ ପ୍ରକାଶ ନ କରି ସେହି ଶୀର୍ଣ୍ଣକାୟ ମହିଳାଟି ନିକଟରେ ଯାଇ ବସିଲା ।

"ଯୁଦ୍ଧକ୍ଷେତ୍ରକୁ ଯିବାଲାଗି ଏତେବେଳ ପର୍ଯ୍ୟନ୍ତ ମୋ ମନରେ ବ୍ୟଗ୍ରତା ଥିଲା । କିନ୍ତୁ ଏବେ ଯିବା ଉଚିତ ହେବ, ନା ନାହିଁ ଭଳି ପ୍ରଶ୍ନ ମୋ ଭିତରେ ଜାତ ହେଉଛି । ତୁମକୁ ଏ ଅବସ୍ଥାରେ ଦେଖିଲା ପରେ, ନିଜ ସନ୍ତାନମାନଙ୍କୁ ଦେଶମାତାକୁ ଦାନ କରି ଦେଇଥିବା ମହୀୟସୀ ମହିଳାଙ୍କୁ ସେବା କରିବା ଦେଶ ସେବାଠାରୁ ବଡ଼ ବୋଲି ମୋର ମନେ ହେଉଛି । ଏବେଠାରୁ ତୁମର ସମସ୍ତ ଦାୟିତ୍ୱ ମୁଁ ବୁଝିବି । ଦେଶଲାଗି ତୁମେ ତୁମ ସନ୍ତାନମାନଙ୍କୁ ବଳି ଦେଇଛ । ଏବେ ତୁମର କେହି ନାହାନ୍ତି ବୋଲି ଭାବିବ ନାହିଁ । ମୁଁ ଅଛି ତୁମ ସେବା କରିବାକୁ । ତୁମଭଳି ଭାରତମାତାମାନଙ୍କର ପ୍ରେରଣା ଯୁବପିଢ଼ିକୁ ଉତ୍ସାହ ଦେବ ।" ବୋଲି କହି ସେ ବୃଦ୍ଧା ଦେଶଭକ୍ତଙ୍କ ପାଦତଳେ ମୁଣ୍ଡ ନୁଆଁଇ ପ୍ରଣାମ କଲା ମନୋଜ । ■

ପ୍ଲଟ୍ ନଂ – ୫୭୦/୨୮୨୮
କାନନ ବିହାର, ଫେଜ୍-୨
ରିଚି ରେସିଡେନ୍ସି ପାଖ , ପଟିଆ
ଭୁବନେଶ୍ୱର - ୭୫୧୦୩୧

# 'ବିମୁକ୍ତା'ରେ ବାମାବାଦୀ ଚେତନା

ଡକ୍ଟର ଲକ୍ଷ୍ମଣ ସାହୁ



ତେଲୁଗୁ ସାହିତ୍ୟ ଜଗତରେ ଜଣେ କବୟିତ୍ରୀ ଓ କଥାକାର ଭାବେ ପପୁରି ଲଳିତା କୁମାରୀ (୧୯୫୦) ସୁପରିଚିତା । ସେ 'ଭଲ୍‌ଗା' ନାମରେ ପ୍ରସିଦ୍ଧ । ନାରୀବାଦୀ ଆଭିମୁଖ୍ୟ ରଚନା ପାଇଁ ସେ ସୁଖ୍ୟାତି ଲାଭ କରିଛନ୍ତି । ତେଲୁଗୁ କ୍ଷୁଦ୍ରଗଳ୍ପ ସଂକଳନ 'ବିମୁକ୍ତା କଥାସମଗ୍ର' ପାଇଁ ସେ ୨୦୧୫ ମସିହାର ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ସାହିତ୍ୟ ସାଧନା ସହ ଦକ୍ଷିଣ ଭାରତୀୟ ସିନେମା ଜଗତରେ ମଧ୍ୟ ତାଙ୍କର ସୁନାମ ରହିଛି । ଯେତେବେଳେ ଭାରତରେ ବାମବାଦୀ ଚେତନା ସେତେ ପ୍ରସାର ଲାଭ କରିପାରି ନଥିଲା, ସେତେବେଳେ ତାଙ୍କ ଲେଖା ସମଗ୍ର ଦେଶରେ ସ୍ୱୀକୃତି ଲାଭ କରି ଚହଳ ପକାଇଥିଲା । ବହୁ ବାଦବିବାଦ, ତର୍କବିତର୍କ ସୃଷ୍ଟି କରିଥିଲା । ଏହି ବାମବାଦୀ ଲେଖିକାଙ୍କ ଉପନ୍ୟାସ, ପ୍ରବନ୍ଧ, କବିତା ସମୂହରେ ପ୍ରଗତିଶୀଳ ଭାବାଦର୍ଶ ବିଶ୍ୱାସୀ ମହିଳାମାନଙ୍କର ରୂପାୟନ ଘଟିଛି । 'ଭଲ୍‌ଗା' ବନାମ 'ବିମୁକ୍ତା' ଭାରତୀୟ ସ୍ୱୀକୃତିପ୍ରାପ୍ତ ବିଭିନ୍ନ ଭାଷାରେ ଅନୂଦିତ ହୋଇଛି । 'ବିମୁକ୍ତା'ର ଓଡ଼ିଆ ଅନୁବାଦ କରିଛନ୍ତି ଓଡ଼ିଆ ସାହିତ୍ୟର ସୁପରିଚିତ ପ୍ରାବନ୍ଧିକ, ସାହିତ୍ୟ ସମାଲୋଚକ ଓ କବି ସୁଧୀର ଚନ୍ଦ୍ର ବେହୁରା ।

'ବିମୁକ୍ତା'ର ପୁନଃକଥନରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଦ୍ୱାରା ପରିତ୍ୟକ୍ତ ସୀତା ଆତ୍ମୋପଲବ୍ଧି ଲକ୍ଷ୍ୟରେ କଠୋର ଓ କଠିନ ଯାତ୍ରାରମ୍ଭ କରି ସାକ୍ଷାତ କରିଛନ୍ତି ସେହି ଅବହେଳିତ ଅନନ୍ୟ ମହିଳାମାନଙ୍କୁ । ରାମାୟଣ ମହାକାବ୍ୟର ଅବହେଳିତ ନାରୀ ଚରିତ୍ରମାନଙ୍କ ମଧ୍ୟରେ ସୂର୍ପଣଖା, ରେଣୁକା, ଉର୍ମିଳା, ଅହଲ୍ୟା ପ୍ରମୁଖ ଗୌଣ ଚରିତ୍ର ହେଲେ ବି ଅନନ୍ୟା ମନେହୁଅନ୍ତି । ସେମାନେ ହିଁ ସୀତାଙ୍କୁ ଗୋଟିଏ ଅପ୍ରତ୍ୟାଶିତ ସଂକଳ୍ପ ନେବାକୁ ବାଟ ଦେଖାଇଛନ୍ତି । ଜୀବନ ଓ ଅନୁଭବରେ ସେମାନେ ସମର୍ଥ ହୋଇପାରିଛନ୍ତି ପୁନରାବଲୋକନ ଦ୍ୱାରା ପୁନଃ ଏକ ଭିନ୍ନ ଢଙ୍ଗରେ ।

ନୂତନତ୍ୱ ହିଁ ସ୍ରଷ୍ଟାମାନସର ପରିକଳ୍ପନା । ଯେମିତି କି ରଙ୍ଗମଞ୍ଚରେ ସୀତା-ସୂର୍ପଣଖାର ହାତଧରି ଅଭିନୟ କରିପାରନ୍ତି ଭଲ୍‌ଗାଙ୍କ ମଞ୍ଚାୟନରେ । ପୃଥିବୀରୁ ଯୁଦ୍ଧ ବିଲୋପ ଓ ଶାନ୍ତି ପ୍ରତିଷ୍ଠା ଦିଗରେ ଏଭଳି କଳ୍ପନା କେବେ ଅମୂଳକ ନୁହେଁ । ଯାହା ଆର୍ଯ୍ୟ-ଆର୍ଯ୍ୟୋତ୍ତର ମୈତ୍ରୀବନ୍ଧନ କଳ୍ପନା ଓ କାର୍ଯ୍ୟାନ୍ୱୟନ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ କୁହାଯାଇପାରିବ । ଗାଳ୍ପିକାଙ୍କ 'ପୁନର୍ମିଳନ' ଗଳ୍ପରେ ଲବକୁଶ ପ୍ରତିଦିନ ଭଳି ନାନାଜାତିର ଫୁଲ ଭେଟି ଦେଉଥିବା ସୀତା ଏତେ ସୁନ୍ଦର ବାସ୍ନାଯୁକ୍ତ ଫୁଲ କେଉଁଠୁ ଆଣିବାର କାରଣ ପଚାରିଛନ୍ତି । ଦୁଇ ଭାଇ ନାକ,କାନ ନଥିବା ଅତି ଭୟଙ୍କର ଅସୁନ୍ଦର ଚେହେରା ନେଇ ବଞ୍ଚିରହିଥିବା ଜଣେ ନାରୀର ଉପବନ କଥା କହିଥିବା ବେଳେ ସୀତା ବିଚଳିତ ଓ ସଂକୁଚିତ ହୋଇ ପଛକୁ ଫେରିଛନ୍ତି । ନାରୀର ସ୍ଥିତି କ'ଣ କେବଳ ପୁରୁଷର ପ୍ରତିଶୋଧ ସାଧନ ସାମଗ୍ରୀ ରୂପେ ବ୍ୟବହୃତ ପାଇଁ ? ବିଚାରୀ ସୂର୍ପଣଖା ଆସିଥିଲା ପ୍ରେମ ଆଶା ନେଇ । ରାବଣର ଭଉଣୀ ବୋଲି ନଜାଣି ତା'ର ନାସା, କାନ କାଟି କୁତ୍ସିତା କରି ଦେଲେ ଯେ ସାରାଜୀବନ ପ୍ରେମ ବିହୀନ ଭାବରେ ବଞ୍ଚିଲା । ହେଲେ ତା' ସୁକୋମଳ ହୃଦୟରେ ସୌନ୍ଦର୍ଯ୍ୟ ପ୍ରେମୀ ଚିତ୍ତବୃତ୍ତିର ପରିପ୍ରକାଶ ସୁନ୍ଦର ପୁଷ୍ପ ବାଟିକା ସମ୍ଭବ କରିପାରିଲା ।

'ମାଟିର ମୂର୍ଚ୍ଛନା' ଗଳ୍ପରେ କୌଶଲ୍ୟା ସୀତାଙ୍କୁ ଦେଖି ଗର୍ବରେ କହିଲେ 'ଆମ ସୀତା ଭୂମିକନ୍ୟା, ଅହଲ୍ୟାଙ୍କୁ ସୁନ୍ଦର ପଣରେ ଟପିଯିବ । ଅହଲ୍ୟାଙ୍କ ନାଁ ଶୁଣିବାପରେ ସୀତା କୁଣ୍ଠିତ କଣ୍ଠରେ ପ୍ରଶ୍ନ କରିବାରୁ ଉତ୍ତରରେ ଶୁଣିଲେ ମହର୍ଷି ଗୌତମଙ୍କ ପତ୍ନୀ ସେ ଅସାମାନ୍ୟ ସୁନ୍ଦରୀ, ସୌନ୍ଦର୍ଯ୍ୟ, ସମତୁଲ ସତ୍ ଚରିତ୍ରା ମହିଳା ଓ ଦୁର୍ଭାଗ୍ୟକୁ ଶାପଗ୍ରସ୍ତା । ଯେଉଁଠି ପୁରୁଷମାନେ ସ୍ତ୍ରୀମାନଙ୍କୁ ଉପଭୋଗର ସାମଗ୍ରୀ ବୋଲି ବିଚାର କରନ୍ତି । ଅହଲ୍ୟାଙ୍କ ଉପରେ ଇନ୍ଦ୍ରଙ୍କ ପାପଦୃଷ୍ଟି ଥିଲା, ସେ ଅନ୍ଧାରରେ ଛଦ୍ମବେଶରେ ଆସି ନିଜର କାମନା ଚରିତାର୍ଥ କରିବା ଦ୍ୱାରା ଗୌତମ ବିନା କାରଣରେ ଅହଲ୍ୟାଙ୍କୁ ଅଭିଶାପ ଦେବାରୁ ଅହଲ୍ୟା ନିର୍ଜୀବ ପଥର ପ୍ରତିମା ସଦୃଶ୍ୟ ପାଲଟିଗଲେ । ଅରଣ୍ୟର ଅଭ୍ୟନ୍ତରରେ, ମଣିଷ ସମାଜର ବାହାରେ, ଆଶ୍ରୟହୀନ,ଖରା, ବର୍ଷା, ଶୀତ ପ୍ରତି ଉଦାସୀନ ଜୀବନ ବିତାଇବାକୁ ପଡ଼ିଥିଲା । ଗୌତମଙ୍କ ଯୁକ୍ତି ଥିଲା ଅସ୍ଥାୟୀ ଭାବରେ ହେଉପଛେ, ଯଦି ତାଙ୍କ ସମ୍ପତ୍ତି ଅନ୍ୟ ଜଣଙ୍କ ହାତରେ ପଡ଼େ ତାହାର ଶୁଦ୍ଧତା ନଷ୍ଟ ହୁଏ । ଶୁଦ୍ଧତା, ସ୍ୱଚ୍ଛତା, ପବିତ୍ରତା, ଅପବିତ୍ରତା, ସମ୍ମାନ, ଅସମ୍ମାନ ବ୍ରାହ୍ମଣମାନେ ଏହି ଶବ୍ଦଗୁଡ଼ିକୁ ଏପରି କ୍ଷମତା ପ୍ରଯୁକ୍ତ କରି ଦେଇଛନ୍ତି ଯେ ତାହାର ସତ୍ୟାସତ୍ୟ ବିଚାର କରିବାର ଅବକାଶ ନାହିଁ ।

ସତରେ ପୁରୁଷଙ୍କ ପରାକ୍ରମ ପ୍ରଦର୍ଶନ ନିମନ୍ତେ ଯୁଦ୍ଧ ହୁଏ । ରାମ ତାଙ୍କ ବୀରତ୍ୱର ପ୍ରମାଣ ଦେଇଛନ୍ତି । ସୀତାଙ୍କ ପ୍ରତି ତାଙ୍କର ପ୍ରତ୍ୟୟ ନଥିବା ସୀତା ଭାବିବା ବେଳକୁ ମନ ଭାରାକ୍ରାନ୍ତ ହୋଇପଡ଼ିଥିଲେ । ତଥାପି ରାମଙ୍କ ଅସହାୟତାକୁ ବୁଝିବାକୁ ଚେଷ୍ଟା କରିଥିଲେ । ସତରେ ରାମ କେତେ ଅସହାୟ, ଦୁର୍ବଳ । ତାଙ୍କ ପ୍ରତିପକ୍ଷ ଏଠାରେ ରାବଣ ନଥିଲା, ଥିଲା ସମାଜ । ତାଙ୍କର ଏ ସଂଗ୍ରାମ ସମାଜର ନୀତିନିୟମ, ବିଧିବିଧାନ ବିରୋଧରେ । ପ୍ରଦୂଷଣ, ପରିଚ୍ଛନ୍ନତା, ଅପବିତ୍ରତା, ସମ୍ମାନ, ଅସମ୍ମାନ ଏଭଳି ଶବ୍ଦ ଗୁଡ଼ିକର ପ୍ରୟୋଗ ବ୍ରାହ୍ମଣମାନେ କରିଛନ୍ତି ଯେ, ରାମଙ୍କ ଶର ସେ ଶକ୍ତି ନିକଟରେ ପରାଜୟ ସ୍ୱୀକାର କରିବ । ସୀତା ରାମଚନ୍ଦ୍ରଙ୍କ ରକ୍ଷା ନିମନ୍ତେ, ସମାଜର ସୁରକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ । ସବୁ ଭାବନା ପଛରେ ପକାଇ ରାମଙ୍କୁ ଭେଟିବାକୁ ଚାହିଁଲେ, ସେ ଭୂମି କନ୍ୟା ଏଥିରେ ଆଚମ୍ବିତ ହେବାର କ'ଣ ଅଛି । ଅନ୍ତଃସତ୍ତ୍ୱା କାଳରେ ବାଲ୍ମୀକି ଆଶ୍ରମରେ ଥାଇ ସୀତା ଅହଲ୍ୟାଙ୍କ ସାହଚର୍ଯ୍ୟ ଲାଭ କରିଥିଲେ । ନିରବରେ ଦୁହେଁ ଦୁହିଁଙ୍କ କଥାଭାଷା ବେଳେ ଅହଲ୍ୟା କହିଥିଲେ- ଯଦି ପୁରୁଷ ପାଇଁ ସଂପଦ, ଶିକ୍ଷା, ବୀରତ୍ୱ, ଜାତି ସଂପ୍ରଦାୟ ଗୋଟିଏ ଗୋଟିଏ ଗୌରବର ନିଦର୍ଶନ, ମହିଳା ପାଇଁ ଗୌରବ ପତିବ୍ରତ୍ୟ ଓ ମାତୃତ୍ୱ ମଧ୍ୟରେ ନିହିତ । ସବୁ ସମୟରେ ମହିଳାମାନେ ହୃଦୟଙ୍ଗମ କରନ୍ତି ନାହିଁ ସେମାନେ ବାହାର ବୃହତ୍ତର ଦୁନିଆଁର ଅଂଶବିଶେଷ । କେବଳ ନିଜକୁ ଜଣେ ବ୍ୟକ୍ତିବିଶେଷ, ଘରସଂସାର, ପରିବାର ମାନମର୍ଯ୍ୟାଦା ମଧ୍ୟରେ ସୀମିତ ରଖନ୍ତି । ନିରବ ଥିବା ସୀତା ଜୀବନରେ ଘଟିଥିବା ସତ୍ୟକୁ କେବଳ ଖୋଜିଥିଲେ ।

'ମାଟି ମାଠିଆ' ଗଳ୍ପରେ ରେଣୁକାଙ୍କୁ ଭେଟିବାକୁ ଯାଇଥିବା ସୀତାଙ୍କୁ ରେଣୁକା ସ୍ମିତହସରେ ସ୍ୱାମୀଙ୍କ ଅନୁମତି ନେଇ ଆସିଛନ୍ତି(?) । ମନେପକାଇ ଦେଲେ ରେଣୁକା, ତାଙ୍କର ସତୀତ୍ୱ ଓ ପତିବ୍ରତା ବଳରେ ଅସାଧ୍ୟ ସାଧନ କରିପାରୁଥିଲେ । କିନ୍ତୁ ତାଙ୍କ କ୍ଷେତ୍ରରେ ଜଣେ ପୁରୁଷ ବିକର୍ଷଣର କାରଣ ହେଲା । ସ୍ୱାମୀ ଜମଦଗ୍ନି କ୍ରୁଦ୍ଧ ହେଲେ । ସେ ପୁରୁଷକୁ କେବଳ ଥରେ ମାତ୍ର ଦେଖିଦେବା କାରଣରୁ ତାଙ୍କର ପତିବ୍ରତାପଣ ପ୍ରଦୂଷିତ ହୋଇଥିଲା । ଗୋଟିଏ ଉତ୍ତମ ପାତ୍ର ବହୁ ଉପାଦାନରେ ଗଠିତ, ଏଭଳି ସରଳ ସତ୍ୟକୁ ପ୍ରଜ୍ଞାବାନ୍ ଜମଦଗ୍ନି ବୁଝି ପାରିନଥିଲେ ।

'ବିମୁକ୍ତା' ଗଳ୍ପରେ ସୀତା ବନବାସରୁ ଫେରି ଉର୍ମିଳାଙ୍କୁ କୁଣ୍ଢେଇ ପକାଇ ଯେତେବେଳେ କହିଛନ୍ତି "ଏ ଚଉଦ ବର୍ଷ କେବଳ ତୋରି ଭାବନାରେ ଥିଲି । ମୋତେ କ୍ଷମାକର ।" ଉର୍ମିଳାଙ୍କ ମୁହଁରେ ଗମ୍ଭୀର ଓ ପ୍ରେମପୂର୍ଣ୍ଣ ହସ । ସମସ୍ତଙ୍କଠାରୁ ବିଚ୍ଛିନ୍ନ ଥିବା ଉର୍ମିଳା ଧୀରେ କହିଲେ- ଈର୍ଷା, ଘୃଣା, ପ୍ରେମ, ଭକ୍ତି - ଏସବୁ ଅନୁଭୂତି ଭିତରେ ପ୍ରକୃତ ପାର୍ଥକ୍ୟ କ'ଣ ? ମୁଁ ଶୁଣିଲି ଆମ ସ୍ୱାମୀମାନେ ଚଉଦ ବର୍ଷ ଭିତରେ ବହୁ ସଂଗ୍ରାମ କରି ଅସୁର ନିଧନ କଲେ, କିନ୍ତୁ ଜାଣି ପାରିଲି ନାହିଁ, ସେମାନଙ୍କ ଯୁଦ୍ଧ ଫଳରେ ଶାନ୍ତି ସ୍ଥାପନ ହେଲି କି ନାହିଁ । ମାତ୍ର ମୁଁ ଯେଉଁ ମାନସିକ ସମରରେ ଲିପ୍ତ ଥିଲି, ତାହା ମୋ ପାଇଁ ଶାନ୍ତି ଓ ଆନନ୍ଦ ଦେଇଥିଲା । ଉର୍ମିଳାଙ୍କ କଥା ସୀତାଙ୍କ ହୃଦୟରେ ଶାନ୍ତି ଭରି ଦେଲା । ଅଧିକାର ଅକ୍ତିଆର କର, କିନ୍ତୁ କ୍ଷମତା ପରିହାର କର । ତେବେ ଯାଇ ତୁମେ ନିଜର ଅଧିକାରୀ ହୋଇପାରିବ । ସଂକଳନର ଶେଷ ଗଳ୍ପ 'ଅବରୁଦ୍ଧ'ରେ ପ୍ରକୃତିର ନିୟମ ବଦଳେ ନାହିଁ, ଯଦି ବଦଳି ଯିବ ପୃଥିବୀରେ ପ୍ରଳୟ ହୋଇଯିବ । ମଣିଷ ଗଢ଼ା ନିୟମ କିନ୍ତୁ ବଦଳିଯାଏ । ପରିବର୍ତ୍ତନ ସହ ଖାପଖାଇ ନପାରି, ସେମାନେ ବିଚଳିତ ହୋଇପଡ଼ନ୍ତି । ଥରେ ପରିବର୍ତ୍ତନ ସମାଜରେ ପ୍ରତିଷ୍ଠା ହୋଇଗଲେ, ସେମାନେ ପୁଣି ତାକୁ ବଦଳାଇବାକୁ ଲାଗିପଡ଼ନ୍ତି । ଆର୍ଯ୍ୟଧର୍ମ ରକ୍ଷା ନିମନ୍ତେ ପିତୃବଚନ ପାଳନ କରି ରାଜନୀତି ଓ ରଣକୌଶଳରେ ପ୍ରବୀଣ ଥିବା ରାବଣଠାରୁ ସର୍ବଶିକ୍ଷା ଲାଭ କରି ରାମ ସିଂହାସନରେ ବନ୍ଧା । ତାଙ୍କର ମୁକ୍ତି ନାହିଁ, ସେ ଅବରୁଦ୍ଧ । ମା', ଭାଇ, ପରିଜନ ସମସ୍ତଙ୍କ ପାଇଁ ସେ ସମ୍ରାଟ ରାମଚନ୍ଦ୍ର । ଖ୍ୟାତିସଂପନ୍ନା କଥାଶିଳ୍ପୀ ପପୁରି ଲଳିତା କୁମାରୀଙ୍କ ତେଲୁଗୁ ଭାଷାରେ ରଚିତ 'ବିମୁକ୍ତା' ଗଳ୍ପ ସଂକଳନକୁ କଥାକାର ସୁଧୀର ଚନ୍ଦ୍ର ବେହୁରା ଅନୁବାଦ କରି ନାରୀ ମୁକ୍ତିର ଆହ୍ୱାନକୁ ଓଡ଼ିଆ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ଏହି ପୁସ୍ତକର ଗଳ୍ପଗୁଡ଼ିକରେ ବାମାବାଦୀ ଚେତନାର ଅନ୍ତଃସ୍ୱର ପ୍ରତିଫଳିତ । ■

ଅଧ୍ୟକ୍ଷ , ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪
ମୋ : ୯୦୪୦ ୧୫୧୪ ୭୫

## ପତ୍ରିକା ପରିଚୟ

### ଶୋଭନା

ସଂପାଦକ: ବିଧୁଭୂଷଣ ପଟ୍ଟନାୟକ

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା'ର ମାର୍ଚ୍ଚ-୨୦୨୪ ସଂଖ୍ୟା ଆମର ହସ୍ତଗତ ହୋଇଛି । ଏହି ସଂଖ୍ୟାରେ 'ଅନନ୍ୟ ପରମ୍ପରା'ରେ ତପସ୍ୱିନୀ ରଥଙ୍କ 'ରହସ୍ୟମୟୀ ଦେବୀ ସୁଭଦ୍ରା'ରେ ଯୋଗମାୟା ସୁଭଦ୍ରା, ମହାଲକ୍ଷ୍ମୀ ସୁଭଦ୍ରା,ସୁଭଦ୍ରାଭଗିନୀ ଆଦି ବର୍ଣ୍ଣନା ମାଧ୍ୟମରେ ଦେବୀ ସୁଭଦ୍ରାଙ୍କ ମାହାତ୍ମ୍ୟ ସଂପର୍କରେ ଏକ ଚମତ୍କାର ଆଲେଖ୍ୟ ପ୍ରକାଶ ପାଇଛି । ସେହିପରି 'ମୁଖ୍ୟ ପ୍ରସଙ୍ଗ'ରେ ସୁନନ୍ଦା ମିଶ୍ର ଆଚାର୍ଯ୍ୟଙ୍କ 'କୃଷ୍ଣଚୂଡ଼ାର ରଙ୍ଗ'ରେ କୃଷ୍ଣଚୂଡ଼ାର ଉପଯୋଗିତା, ସାଂସ୍କୃତିକ ମହତ୍ତ୍ୱ, ରଙ୍ଗର ବିଶେଷତ୍ୱ, କୃଷ୍ଣଚୂଡ଼ାର ଔଷଧୀୟ ଗୁଣ ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି । ଗଳ୍ପ ବିଭାଗରେ ସଂଯୁକ୍ତା ମହାନ୍ତିଙ୍କ 'ଭିନ୍ନ ଦୃଶ୍ୟପଟ', କମଳା ଶତପଥୀଙ୍କ 'ଏକ କଅଁଳ ବିଶ୍ୱାସର ମୃତ୍ୟୁ',କବିତା ବାରିକଙ୍କ 'ଭେକ୍‌ସିନ୍', ମୋନାଲିସା ମିଶ୍ରଙ୍କ 'କ୍ଷତଶିଳା',ଗାୟତ୍ରୀ ଆର୍ଯ୍ୟଙ୍କ 'ବୋହୂର ଘର', ରୋଜାଲିନି ମିଶ୍ର 'ନୂଆ' ଉ', ଇନ୍ଦୁଲତା ମହାନ୍ତିଙ୍କ 'ଅସ୍ତଗାମୀ', କମଳିନୀ ମଲ୍ଲିକଙ୍କ 'ଧୋକା' ପ୍ରମୁଖ ଗପ ମନଛୁଆଁ ହୋଇଛି । କବିତା ବିଭାଗରେ ରୁନୁ ମହାନ୍ତିଙ୍କ 'ନିଳୟ' ଓ ଇତିଶ୍ରୀ ନାୟକଙ୍କ 'ମୋହମୁଗ୍ଧା' କବିତା ଦୁଇଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି 'ଲୋକ କଥା'ରେ ସୁଶ୍ରୀ ସଂଗୀତା ଚମ୍ପତିଙ୍କ 'ପତର ଜାଳକୁ ଖଣ୍ଡିଆ ବର', 'ବର୍ଣ୍ଣ ବ୍ୟଞ୍ଜନ'ରେ ଉମାପଦଙ୍କ 'ବାପା ଆହାର ଯୋଗାଏ: ଆହା ପଦ ମା' ପାଖରେ ଥାଏ' ପ୍ରଭୃତି ଉଚ୍ଚକୋଟୀର ଲେଖା ପ୍ରକାଶ ପାଇଛି । 'ଶୋଭନା'ର ଏହି ସଂଖ୍ୟା ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଉଛି । ■




ୟୁନିଟ୍- ୯, ଭୁବନେଶ୍ୱର-୨୨
ମୂଲ୍ୟ: ୩୫ ଟଙ୍କା

### ରେବତୀ

ସଂପାଦିକା: ସୁବାସିନୀ ଜେନା

ଆମ ମାଟିର ସ୍ୱର 'ରେବତୀ'ର ମାର୍ଚ୍ଚ ୨୦୨୪ ସଂଖ୍ୟା ପ୍ରକାଶ ପାଇଛି । ଏହି ସଂଖ୍ୟାରେ ପ୍ରସଙ୍ଗ ପର୍ଯ୍ୟଟନରେ ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋଙ୍କ 'ମାଧବ ମାହାତ୍ମ୍ୟ'ରେ କଟକ ଜିଲ୍ଲାର ଶ୍ରୀମାଧବାନନ୍ଦ ମନ୍ଦିର ସଂପର୍କରେ ଏକ ମାର୍ମିକ ଆଲେଖ ପ୍ରକାଶ ପାଇଛି । ସେହିପରି ରୋଜାଲିନି ମିଶ୍ରଙ୍କ 'ମନାଲିର ମହାଦେବ'ରେ ପ୍ରଭୁ ଅଞ୍ଜନୀ ମହାଦେବଙ୍କ ମହାତ୍ମ୍ୟ ସଂପର୍କରେ ଆଲୋକପାତ କରାଯାଇଛି । ସେପଟେ ପ୍ରଜ୍ଞାଶ୍ରୀ ରଥଙ୍କ 'କେରଳର କିମିଆ', ବୀଣାପାଣି ପ୍ରଧାନଙ୍କ 'ପ୍ରେମମୟୀ ପେନାଙ୍ଗ୍', ପ୍ରଫେସର ଦାଶରଥି ଭୂୟାଁଙ୍କ 'ରାଜଭୂମି ରାଜଶାହୀ', ଅଜିତ ପାତ୍ରଙ୍କ 'ନିଆରା ନେପାଳ', ଲିପିକା ମହାପାତ୍ରଙ୍କ 'ଅଙ୍ଗେ ଅଙ୍ଗେ ଅଙ୍ଗୁର', ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଅତୁଲ୍ୟ ତୱାଙ୍ଗ୍', ଡକ୍ଟର ଫକୀର ମୋହନ ନାହାକଙ୍କ 'ମାର୍ବଲର ମାୟା' ପ୍ରଭୃତି ଭ୍ରମଣାନୁଭୂତି ହୃଦୟସ୍ପର୍ଶୀ ହୋଇଛି । 'ସଂସ୍କରଣ'ରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ 'ନମସ୍ୟ ନିରାଲା'ରେ ହିନ୍ଦୀ ସାହିତ୍ୟିକ ସୂର୍ଯ୍ୟକାନ୍ତ ତ୍ରିପାଠୀ 'ନିରାଲା'ଙ୍କ ଜୀବନ ଓ କୃତି ସଂପର୍କରେ ଉଚ୍ଚକୋଟୀର ଲେଖା ପ୍ରକାଶ ପାଇଛି । 'କବିତା ବିଭାଗ'ରେ ବିଜୟ ମହାପାତ୍ର, ଅନ୍ନପୂର୍ଣ୍ଣା ମହାନ୍ତି, ଯଶୋଧାରା ଦାସ, କିଶୋର ପାଣିଗ୍ରାହୀ, ରଞ୍ଜନ ବାଗ, ଦେବଯାନୀ ରାୟ ପ୍ରମୁଖଙ୍କ କବିତା ମନଛୁଆଁ ହୋଇଛି । ସେହିପରି ମନୋଜ କୁମାର ମହାପାତ୍ରଙ୍କ 'ବାଇ ଚଢ଼େଇ' ଓ ସ୍ୱାଗତିକା ବେହେରାଙ୍କ 'ଗୋଟିଏ ଫୁଲର ପ୍ରଶ୍ନ' ଗଳ୍ପରେ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ପତ୍ରିକାର ନିୟମିତ ବିଭାଗଗୁଡ଼ିକ ମଧ୍ୟ ଭଲ ହୋଇଛି । 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■




ଓଟି ରୋଡ୍ , ବାଲେଶ୍ୱର-୧
ମୂଲ୍ୟ: ୫୦ ଟଙ୍କା

### କେନ୍ଦୁଝର ସଂସଦୀୟ କ୍ଷେତ୍ର

# ୧୯୬୧ ବୁଥ୍‌ରେ ମତଦାନ କରିବେ ୧୫.୬୯ ଲକ୍ଷ ଭୋଟର୍

**କେନ୍ଦୁଝର, ୩୦।୩ (ସମିସ):** କେନ୍ଦୁଝର ଲୋକସଭା ଆସନଟି କେନ୍ଦୁଝର ଜିଲ୍ଲାର ୬ଟି ଓ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ନିର୍ବାଚନ ମଣ୍ଡଳୀକୁ ନେଇ ଗଠିତ। ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗ ନିମନ୍ତେ ସଂରକ୍ଷିତ ଏହି ଲୋକସଭା ଆସନଟି କେନ୍ଦୁଝର ଜିଲ୍ଲାର ୨୦-ତେଲକୋଇ (ଏସଟି), ୨୧- ଘସିପୁରା (ଅସଂରକ୍ଷିତ), ୨୨-ଆନନ୍ଦପୁର(ଏସସି), ୨୩-ପାଟଣା(ଏସଟି), ୨୪-କେନ୍ଦୁଝର(ଏସଟି), ୨୫-ଚମ୍ପୁଆ (ଅଣସଂରକ୍ଷିତ) ଏବଂ ୩୦-କରଞ୍ଜିଆ(ଏସ୍‌ଟି) ଆସନକୁ ନେଇ ଗଠିତ। ଉକ୍ତ ଲୋକସଭା ଆସନ ନିମନ୍ତେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ମୋଟ ୧୯୬୧ଟି ବୁଥରେ ୧୫୬୯୫୨୯ ଜଣ ଭୋଟର ସେମାନଙ୍କର ମତସାବ୍ୟସ୍ତ କରିବେ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ତେଲକୋଇ ବିଧାନସଭା ଆସନ ନିମନ୍ତେ ମୋଟ ୩୨୧ ଗୋଟି ବୁଥରେ ୨, ୩୮, ୪୨୬ ଜଣ ଭୋଟର ମତଦାନ କରିବାକୁ ଯାଉଥିବା ବେଳେ ଘସିପୁରା ନିର୍ବାଚନ ମଣ୍ଡଳୀ ନିମନ୍ତେ ୩୦୦ଟି ବୁଥରେ ୨, ୨୮, ୩୯୯ଜଣ ଭୋଟର, ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୨୯୧ ଗୋଟି ବୁଥରେ ୨, ୩୩, ୨୦୩ ଜଣ, ପାଟଣା ନିର୍ବାଚନ ମଣ୍ଡଳିରେ ୨୭୩ ଗୋଟି ବୁଥରେ ୨, ୧୧, ୭୩୮ଜଣ, କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ୨୮୩ଟି ବୁଥରେ ୨, ୨୯, ୩୬୩ ଜଣ, ଚମ୍ପୁଆ ଆସନ ନିମନ୍ତେ ୨୫୨ଟି ବୁଥରେ ୨, ୩୦, ୫୩୨ ଜଣ ଏବଂ କରଞ୍ଜିଆ ଆସନ ନିମନ୍ତେ ୨୪୧ଗୋଟି ବୁଥରେ ୧, ୯୭, ୮୬୮ ଜଣ ଭୋଟରଙ୍କ ମିଶାଇ ମୋଟ ୧୫, ୬୯, ୫୨୯ ଜଣ ଭୋଟର ସେମାନଙ୍କର ମତଦାନ କରିବାକୁ ଯାଉଛନ୍ତି। ଏଥି ମଧ୍ୟରୁ ଆନନ୍ଦପୁର ପୌରପାଳିକାରେ ୩୩ ଗୋଟି ବୁଥ, କେନ୍ଦୁଝରଗଡ଼ ପୌରପାଳିକାର ୪୭ଟି ବୁଥ, ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଚମ୍ପୁଆ ଏନ୍‌ଏସି ଏବଂ ଯୋଡ଼ା ପୌରପାଳିକା ଓ ବଡ଼ବିଲ ପୌରପାଳିକାରେ ମୋଟ ୮୧ଟି ବୁଥ ଏବଂ କରଞ୍ଜିଆ ପୌରାଞ୍ଚଳରେ ୧୭ଟି ବୁଥକୁ ମିଶାଇ ମୋଟ ୧୭୮ ଗୋଟି ପୌରାଞ୍ଚଳ ବୁଥରେ ଭୋଟରମାନେ ସେମାନଙ୍କର ମତଦେବେ। ଗତ ୨୦୧୯ ନିର୍ବାଚନରେ ଏହି ଲୋକସଭା ଆସନଟି ବିଜୁ ଜନତା ଦଳ ହାତକୁ ଯାଇଥିଲା। ଦଳୀୟ ପ୍ରାର୍ଥୀନୀ ଚନ୍ଦ୍ରାଣୀ ମୁର୍ମୁ ୪୪.୭୫ ପ୍ରତିଶତ ଅର୍ଥାତ ମୋଟ ୫, ୨୬, ୩୫୯ ଭୋଟ ପାଇ ୬୬, ୨୦୩ ଭୋଟ ବ୍ୟବଧାନରେ ବିଜେପିର ଅନନ୍ତ ନାୟକଙ୍କୁ ପରାସ୍ତ କରିଥିଲେ। ୨୦୧୯ରେ ବିଜେପି ପ୍ରାର୍ଥୀ ୪, ୬୦, ୧୫୬ ଭୋଟ ପାଇଥିଲେ। ସେହିପରି ଜାତୀୟ କଂଗ୍ରେସ



ପ୍ରାର୍ଥୀ ମୋହନ କୁମାର ହେମ୍ବ୍ରମ ୧, ୨୮, ୭୧୬ଟି ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ନୋଟାରେ ୧୯, ୨୦୭ ଭୋଟ ପଡ଼ିଥିବା ବେଳେ ରାଷ୍ଟ୍ରୀୟ ଇଣ୍ଡିପେଣ୍ଡେଣ୍ଟ ମୋର୍ଚ୍ଚାର ସୁଦର୍ଶନ ଲୋହାରଙ୍କୁ ୧୦, ୯୧୪ ଭୋଟ, ଅଖିଳ ଭାରତୀୟ ହିନ୍ଦୁ ମହାସଭାର ପ୍ରାର୍ଥୀ ଲାଲମୋହମ ହାଁସଦାଙ୍କୁ ୧୦, ୦୩୮ ଭୋଟ, ବହୁଜନ ସମାଜବାଦୀ ପାର୍ଟିର ଦୁର୍ଗା ଚନ୍ଦ୍ର ପିଙ୍ଗୁଆଙ୍କୁ ୯୮୬୬ ଭୋଟ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ପ୍ରଫୁଲ୍ଲ ନାୟକଙ୍କୁ ୫୮୬୬ ଭୋଟ ଏବଂ ବହୁଜନ ମୁକ୍ତି ମୋର୍ଚ୍ଚାର ରମେଶ ଲାଗୁରୀଙ୍କୁ ୫୭୨୮ ଗୋଟି ଭୋଟ ମିଳିଥିଲା। ୨୦୧୪ରେ ମଧ୍ୟ ଏହି ଲୋକସଭା ଆସନଟି ବିଜୁ ଜନତାଦଳ ୧, ୫୭, ୩୧୭ ଭୋଟ ବ୍ୟବଧାନରେ ଜିତିଥିଲା। ବିଜେଡି ସାଂସଦ ପ୍ରାର୍ଥୀ ଶକୁନ୍ତଳା ଲାଗୁରୀ ୪୦.୦୯ ପ୍ରତିଶତ ବା ୪୩୪୪୭୧ ଭୋଟ ପାଇଥିବା ବେଳେ ବିଜେପିର ଅନନ୍ତ ନାୟକଙ୍କୁ ୨, ୭୭, ୧୫୪ ଗୋଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ କଂଗ୍ରେସରୁ ମାଧବ ସର୍ଦ୍ଦାର ପ୍ରତିଦ୍ୱନ୍ଦିତା କରି ୧, ୯୦, ୫୩୧ ଗୋଟି ଭୋଟ ପାଇବାକୁ ସକ୍ଷମ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହା ଯେ ଚଳିତ ନିର୍ବାଚନରେ କେନ୍ଦୁଝର ଜିଲ୍ଲାର ୬ଟି ବିଧାନସଭା କ୍ଷେତ୍ରରେ ୩୭, ୬୧୯ ଜଣ ଭୋଟରଙ୍କ ଏଥରର ତାଲିକାରେ ଯୋଗ କରାଯାଇଛି। ସେହିପରି ୩୭, ୫୩୭ ଜଣ ଭୋଟରଙ୍କର ନାମ ନୂତନ ଭୋଟର ତାଲିକାରୁ ବାଦ ଦିଆଯାଇଥିବା ଜଣାପଡ଼ିଛି। କରଞ୍ଜିଆ ନିର୍ବାଚନ ମଣ୍ଡଳୀକୁ ଛାଡି କେନ୍ଦୁଝର ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀରେ ମୋଟ ୧୩, ୭୧, ୬୬୧ ଭୋଟର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୬, ୮୩, ୫୧୫ ଜଣ ପୁରୁଷ ଭୋଟର ଏବଂ ୬, ୮୮, ୦୬୦ ଜଣ ମହିଳା ଭୋଟର ରହିଛନ୍ତି। ଏଥର କେନ୍ଦୁଝର ଜିଲ୍ଲାର ୧୨, ୪୮୪ ଜଣ ଭିନ୍ନକ୍ଷମ ଭୋଟର ଭୋଟ ଦେବାକୁ ଯାଉଥିବା ବେଳେ ୩୫, ୫୩୬ ଜଣ ଯୁବ ଭୋଟର ରହିଛନ୍ତି ଏବଂ ୨୦, ୦୦୫ ଜଣ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବରିଷ୍ଠ ନାଗରିକ ସେମାନଙ୍କର ମତଦାନ କରିବାକୁ ଯାଉଛନ୍ତି।

# କଳାହାଣ୍ଡି: ବିରୋଧୀଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବିଜେଡିର ପୁରୁଣା ଚେହେରା

**ଭବାନୀପାଟଣା,୩୦।୩(ସମିସ):** କଳାହାଣ୍ଡି ଜିଲ୍ଲାର ୫ଟି ବିଧାନସଭା ଆସନରୁ ୪ଟିରେ ବିଜେଡି ପ୍ରାର୍ଥୀଙ୍କ ନାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିସାରିଛନ୍ତି। ଲାଞ୍ଜିଗଡ଼ ପାଇଁ ପ୍ରଦୀପ ଦିଶାରୀ, ଜୁନାଗଡ଼ ପାଇଁ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ପାଇଁ ପୁଷ୍ପେନ୍ଦ୍ର ସିଂଦେଓ ଏବଂ ଭବାନୀପାଟଣା ଲାଗି ଲଳିତା ନାୟକ ପ୍ରାର୍ଥୀ ହୋଇଛନ୍ତି। କେବଳ ନର୍ଲାରେ କିଏ ପ୍ରାର୍ଥୀ ହେବେ, ତାହା ସ୍ପଷ୍ଟ ହୋଇନାହିଁ। ସେହିଭଳି କଳାହାଣ୍ଡି ସାଂସଦ ପ୍ରାର୍ଥୀ ଭାବେ ଦଳ ଲମ୍ବୋଦର ନିଆଲଙ୍କ

- ବିଧାୟକ ପଦରେ ଲଢ଼ିବେ ପୁଷ୍ପେନ୍ଦ୍ର, ଦିବ୍ୟଶଙ୍କର, ପ୍ରଦୀପ ଏବଂ ଲଳିତା
- ସାଂସଦ ପ୍ରାର୍ଥୀ ଲମ୍ବୋଦର ଦେବେ କଡ଼ା ଟକ୍କର

ନାମ ଘୋଷଣା କରିଛି। ଅପରପକ୍ଷେ, ବିଜେପି କେବଳ କଳାହାଣ୍ଡି ସାଂସଦ ପ୍ରାର୍ଥୀ ମାଳବିକା କିଶୋରୀ ଦେଓଙ୍କ ନାମ ଘୋଷଣା କରିଥିବା ବେଳେ କଂଗ୍ରେସ ଏଯାବତ୍ ନିରବ ରହିଛି। ତେବେ ଆଗୁଆ ପ୍ରାର୍ଥୀ ଘୋଷଣା କରି ଜିଲ୍ଲାରେ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜେଡି ପାଦେ ଆଗରେ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ୪ ଆସନର ବିଧାୟକ ପ୍ରାର୍ଥୀଙ୍କ ନାମ ଜଣାପଡ଼ିବା ପରେ ଜିଲ୍ଲାରେ ପୁରୁଣା ନେତା ଓ କର୍ମୀଙ୍କ ସମେତ ସବୁ ବର୍ଗର ବିଜେଡିପ୍ରେମୀଙ୍କ ମଧ୍ୟରେ ଖୁସି ଦେଖାଦେଇଛି। ଆସନ୍ତା ନିର୍ବାଚନରେ ବିଜେଡି ଯେମିତି ସମସ୍ତ ୫ଟି ଆସନ ଅକ୍ତିଆର କରିବ ଏବଂ ସାଂସଦ ପ୍ରାର୍ଥୀଙ୍କର ବଡ଼ ବ୍ୟବଧାନରେ ବିଜୟହେବ, ସେନେଇ ଦଳୀୟ ନେତାମାନେ ଅଙ୍କକଷା ଆରମ୍ଭ କରିଦେଲେଣି।

୨୦୧୯ ସାଧାରଣ ନିର୍ବାଚନରେ ଭବାନୀପାଟଣାକୁ ବାଦ୍ ଦେଲେ ଅନ୍ୟ ୪ଟି ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟୀ ହୋଇଥିଲା। ତେଣୁ ଏଥିରୁ ବିଜେଡିକୁ ଫାଇଦା ମିଳିବ ବୋଲି ରାଜନୈତିକମହଲ ଆକଳନ କରୁଛନ୍ତି। ସେମାନଙ୍କ କହିବା କଥା ହେଲା, ବିଧାୟକ ପ୍ରାର୍ଥୀ ଦିବ୍ୟଶଙ୍କର ମିଶ୍ର, ପୁଷ୍ପେନ୍ଦ୍ର ସିଂଦେଓ ଏବଂ ପ୍ରଦୀପ ଦିଶାରୀଙ୍କ ଦୀର୍ଘ ବର୍ଷର ଅଭିଜ୍ଞତା ଓ ଗୋଟିଚାଳନା ଜିଲ୍ଲାରେ ଦଳର ସ୍ଥିତିକୁ ମଜଭୁତ୍ ରଖିଛି। ତେଣୁ ଦଳର ଏହି ପୁରୁଣା ଚେହେରା ପ୍ରତିଦ୍ୱନ୍ଦ୍ୱୀଙ୍କ ପାଇଁ



ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବେ। ଅନ୍ୟପକ୍ଷରେ ଭବାନୀପାଟଣାରୁ ବିଜେଡି ପ୍ରାର୍ଥୀ ଲଳିତା ନାୟକ ପୂର୍ବରୁ ଭବାନୀପାଟଣା ପୌର ପରିଷଦର ଅଧ୍ୟକ୍ଷା ଥିଲେ। ବର୍ତ୍ତମାନ ସେ ଜିଲ୍ଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ରହିଛନ୍ତି। ତେଣୁ ରାଜନୀତିରେ ତାଙ୍କର ବି ଢେର୍ ଅନୁଭବ ଓ ଅଭିଜ୍ଞତା ରହିଛି। ଖାଲି ସେତିକି ନୁହେଁ, ଲଳିତାଙ୍କ ସ୍ୱାମୀ ଦୁଷ୍ମନ୍ତ ନାୟକ ୨୦୧୪ ନିର୍ବାଚନରେ କଂଗ୍ରେସରୁ ଲଢ଼ି ବିଧାୟକ ହେବାର ସୁଯୋଗ ହାତେଇଥିଲେ। ଉଭୟେ ବିଜୁ ଜନତା ଦଳର ଆଦର୍ଶ, ନୀତି ଓ ନବୀନ ପଟ୍ଟନାୟକ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ। ଅପରପକ୍ଷେ, କଳାହାଣ୍ଡି ରାଜନୀତିର ଅନ୍ୟତମ ଟାଣୁଆ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସ ଏବେ ରାଜ୍ୟ ରାଜନୀତିରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନାନୁଯାୟୀ, କହୁଛନ୍ତି ଭକ୍ତ ଦାସ ନର୍ଲା ଆସନରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇପାରନ୍ତି। ସେପଟେ ତାଙ୍କ ପୁଅ ସାଗର ଦାସ ଭବାନୀପାଟଣାରୁ ନିର୍ବାଚନ ଲଢ଼ିବେ ବୋଲି ଶୁଣାଯାଉଛି। ବାପ-ପୁଅ ଦୁଇ ନିର୍ବାଚନମଣ୍ଡଳୀ ପାଇଁ ମନ ବଳାଇଛନ୍ତି। ତେଣୁ ଆଗକୁ କଳାହାଣ୍ଡି ନିର୍ବାଚନ ତାତି ଯେ ବଢ଼ିବ; ଏଥିରେ ସନ୍ଦେହ ନାହିଁ। କିନ୍ତୁ ଏହି ତାତି କାହାପାଇଁ ବରଦାନ ସାଜିବ ତାହା ଆଗକୁ ଜଣାପଡ଼ିବ।

ସୂଚନାଯୋଗ୍ୟ, ବିଜେଡି ବିଧାୟକ ପ୍ରାର୍ଥୀ ଲଳିତା ନାୟକ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ ଦିଶାରୀଙ୍କ ସମେତ କଳାହାଣ୍ଡି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ ୨୯ ତାରିଖ ସକାଳେ ମାଁ ମାଣିକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ପର୍ଯ୍ୟବେକ୍ଷକ ଶ୍ରୀ ବଳବନ୍ତରାୟ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ପ୍ରତି ପ୍ରଚୁର ସ୍ନେହ ଶ୍ରଦ୍ଧା ଓ ଭଲ ପାଇବା ଅଛି। ପୁରୁଖା ନେତାଙ୍କୁ ପ୍ରାର୍ଥୀ କରିଥିବା ସହ ସଦର ବ୍ଲକ ଭବାନୀପାଟଣା ନିର୍ବାଚନମଣ୍ଡଳୀ ପାଇଁ ପ୍ରଥମ ମହିଳା ପ୍ରାର୍ଥୀ ରୂପେ ଲଳିତା ନାୟକଙ୍କୁ ସେ ଆଶୀର୍ବାଦ କରିଛନ୍ତି।

### ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ଅଣ-କଂଗ୍ରେସ ନେତାଙ୍କ ଲୋକପ୍ରିୟତା ବେଶୀ

ନୟାଗଡ଼, ୩୦।୩ (ସମିସ): ରାଜନୈତିକ ଦୃଷ୍ଟିକୋଣରୁ ନୟାଗଡ଼ ନିର୍ବାଚନମଣ୍ଡଳୀ ନୟାଗଡ଼ ଜିଲ୍ଲା ସମେତ ପୂରା ରାଜ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବହନ କରେ। ପୂର୍ବରୁ ଏହି ବିଧାନସଭା ଆସନଟି ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନରେ ରହିଥିବା ବେଳେ ଏବେ ପୁରୀ ସଂସଦୀୟ କ୍ଷେତ୍ର ଅଧୀନରେ ରହିଛି। ନୟାଗଡ଼ ବ୍ଲକ୍‌ର ୨୯ ପଞ୍ଚାୟତ ଏବଂ ଓଡ଼ଗାଁ ବ୍ଲକର ୧୮ ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ଅଣ-କଂଗ୍ରେସ ନେତାଙ୍କ ଲୋକପ୍ରିୟତା ବେଶୀ ରହିଆସିଛି। ବିଗତ ୭୩ବର୍ଷର ଇତିହାସକୁ ଉଠାଇ ଦେଖିଲେ ଜଣାପଡ଼େ, ବିଜେପି ଏହି ବିଧାନସଭା ଆସନରୁ କଦାପି ପ୍ରାର୍ଥୀ ନିର୍ବାଚିତ କରିପାରିନଥିବା ବେଳେ ୨୦ ବର୍ଷ କଂଗ୍ରେସ କ୍ଷମତାରେ ରହିଛି। ଏହାକୁ ବାଦ୍ ଦେଲେ, ୫୩ ବର୍ଷ ଅଣକଂଗ୍ରେସ ନେତାଙ୍କ ଦ୍ୱାରା ନିର୍ବାଚନମଣ୍ଡଳୀ ଶାସିତ ହୋଇଛି।

୧୯୫୧ରୁ ୧୯୬୧ ମସିହା ପର୍ଯ୍ୟନ୍ତ ନୟାଗଡ଼ ରାଜା କୃଷ୍ଣଚନ୍ଦ୍ର ସିଂ ମାନଧାତା ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାୟକ ହୋଇଥିବା ବେଳେ ୧୯୬୧-୬୭ରେ କଂଗ୍ରେସ ନେତା ବୃନ୍ଦାବନ ଚନ୍ଦ୍ର ସିଂ, ୧୯୬୭-୭୧ରେ କଂଗ୍ରେସ ନେତା ଅଚ୍ୟୁତାନନ୍ଦ ମହାନ୍ତି ନିର୍ବାଚିତ ହୋଇଥିଲେ। ୧୯୭୧-୭୪ ଶ୍ରୀ ମହାନ୍ତି ଉତ୍କଳ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ। ସୋସିଆଲିଷ୍ଟ ପାର୍ଟି ଓ ଜନତା ପାର୍ଟିରୁ ଭାଗବତ ବେହେରା ୧୯୭୪ରୁ ୧୯୮୦ ପର୍ଯ୍ୟନ୍ତ ସତ୍ତାରେ ରହିଥିଲେ। ୧୯୮୦ରୁ ୧୯୮୫ ମସିହା ପର୍ଯ୍ୟନ୍ତ କଂଗ୍ରେସ ନେତା ବଂଶୀଧର ସାହୁ ଶାସନରେ ରହିଥିଲେ। ୧୯୮୫ରୁ ୧୯୯୫ ମସିହା ପର୍ଯ୍ୟନ୍ତ ପୁଣିଥରେ ଭାଗବତ ବେହେରା ଜନତା ପାର୍ଟି ଓ ଜନତା ଦଳରୁ ବିଧାୟକ ହୋଇଥିଲେ। ୧୯୯୫ରେ କଂଗ୍ରେସ ନେତା ସୀତାକାନ୍ତ ମିଶ୍ର ନିର୍ବାଚିତ ହୋଇଥିବା ବେଳେ ୨୦୦୦ ମସିହାରୁ ଉକ୍ତ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ଅଧୀନରେ ରହିଛି। ୨୦୦୦ ମସିହାରେ ଭାଗବତ ବେହେରା ବିଧାୟକ ହୋଇଥିବା ବେଳେ ତାଙ୍କ ପରଲୋକ ପରେ ୨୦୦୨ ମସିହାରେ ତାଙ୍କ ପତ୍ନୀ ମନ୍ଦାକିନୀ ବେହେରା ଉପନିର୍ବାଚନରେ ବିଜୟୀ ହୋଇଥିଲେ। ପରେ ୨୦୦୪ ମସିହାରୁ ଅଦ୍ୟାବଧି ପର୍ଯ୍ୟନ୍ତ ଡଃ ଅରୁଣ କୁମାର ସାହୁ ଏହି ଆସନରେ ବିଜେଡିର ମଙ୍ଗ ସମ୍ଭାଳିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା, ବିଜେଡି ସରକାରର ବହୁ ଜନକଲ୍ୟାଣ ମୂଳକ କାର୍ଯ୍ୟ ଓ ଡଃ ସାହୁଙ୍କ ଦୃଢ଼ ସଂଗଠନ ଯୋଗୁଁ ପ୍ରତିଦ୍ୱନ୍ଦ୍ୱୀମାନଙ୍କଠାରୁ ଏଠାରେ ବିଜେଡି ବହୁ ଆଗରେ ରହିଛି।

୨୦୦୯ ମସିହାରେ ବିଜେଡି ପ୍ରାର୍ଥୀ ଡଃ ସାହୁ ୬୭ହଜାର ୧୦୦ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱାଧୀନ ପ୍ରାର୍ଥୀ ହେମେନ୍ଦ୍ର ଚନ୍ଦ୍ର ସିଂ ୩୯ହଜାର ୭୫୯ଖଣ୍ଡ ଭୋଟ୍ ପାଇଥିଲେ। ସେହିପରି ୨୦୧୪ ନିର୍ବାଚନରେ ଡଃ ସାହୁ ୭୫ ହଜାର ୫୩୮ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଲାଲା ମନୋଜ ରାୟ ୫୪ ହଜାର ୬୭୧ଖଣ୍ଡ ଭୋଟ୍ ପାଇଥିଲେ। ୨୦୧୯ ମସିହାରେ ଡଃ ସାହୁ ୮୧ହଜାର ୫୪୮ଖଣ୍ଡ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଇରାନୀ ରାୟ ୬୬ ହଜାର ୬୦୨ ଖଣ୍ଡ ଭୋଟ ପାଇଥିଲେ। ଏହି ୩ଟି ନିର୍ବାଚନ ଉପରେ ଆଖି ପକାଇଲେ ଏଠାରେ ବିଜେଡିର ଭୋଟ୍ ହାର କ୍ରମାଗତ ଭାବେ ବୃଦ୍ଧି ପାଇଛି। ଅପରପକ୍ଷେ, ଗତଥରର ବିଜେପି ପ୍ରାର୍ଥୀ ଇରାନୀ ଏବେ ଦଳ ଛାଡ଼ି ବିଜେଡିରେ ସାମିଲ ହେବା ପରେ ସେଠାରେ ବିଜେଡିର ହାତମୁଠା ଆହୁରି ଟାଣ ହୋଇଛି। ତେବେ ଅରୁଣଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପୁଣିଥରେ ତାଙ୍କୁ ନୟାଗଡ଼ରୁ ଲଢ଼ିବା ପାଇଁ ସୁଯୋଗ ଦେଇଛନ୍ତି।

**ବିଜୟର ସ୍ୱାଦ ଚାଖିନି ବିଜେପି**

ସୂଚନାଯୋଗ୍ୟ, ନୟାଗଡ଼ ନିର୍ବାଚନମଣ୍ଡଳୀରେ ୨୦୨୪ ସାଧାରଣ ନିର୍ବାଚନରେ ମୋଟ ୨ ଲକ୍ଷ ୩୮ ହଜାର ୯୧୮ ଭୋଟର ମତଦାନ କରିବେ ବୋଲି ସ୍ଥିର ହୋଇଛି।

# ପ୍ରତାପଙ୍କ ପୁନର୍ବାର ପ୍ରାର୍ଥିତ୍ୱକୁ ନେଇ ବିଜେପିରେ ଫାଟ

### ସମସ୍ୟା ହେବ ଖାରବେଳ ଗୋଷ୍ଠୀଙ୍କ ଅସନ୍ତୋଷ

**ବାଲେଶ୍ୱର, ୩୦।୩ (ସମିସ):** ବାଲେଶ୍ୱର ଲୋକସଭା ଆସନରେ ବିଜେପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ପୁଣିଥରେ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ଏବେ ଏଠାକାର ବିଜେପି ଶିବିରରେ ଫାଟ ସୃଷ୍ଟି ହେଲାଣି। ପ୍ରଥମେ ଏଠାରୁ ଆଶାୟୀ ଥିବା ଖାରବେଳ ସ୍ୱାଇଁଙ୍କୁ ଦଳୀୟ ଟିକେଟ ନ ମିଳିବା ପରେ ସେ ସିଧାସଳଖ ଭାବେ ପ୍ରତାପ ଷଡ଼ଙ୍ଗୀଙ୍କୁ ଟାର୍ଗେଟ୍ କରି ନିଜେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଘୋଷଣା କରିଛନ୍ତି। ଅନ୍ୟପଟେ ଏବେ ନୀଳଗିରିରେ ବିଜେପିର ବିଧାୟକ ଥିବା ସୁକାନ୍ତ ନାୟକ ହଠାତ ଦଳ ଛାଡ଼ି ଦେଇଥିବାରୁ ପ୍ରତାପଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି ହେବ ବୋଲି ଆଲୋଚନା ହେଉଛି।



୨୦୧୯ ନିର୍ବାଚନରେ ଶ୍ରୀ ଷଡ଼ଙ୍ଗୀ ଜିତିବା ପରେ ବାଲେଶ୍ୱରକୁ ବହୁମାତ୍ରାରେ ଅଣଦେଖା କରିଛନ୍ତି। ଏପରିକି ଲୋକସଭା ଅଧୀନରେ ଆସୁଥିବା ବିଭିନ୍ନ ନିର୍ବାଚନମଣ୍ଡଳୀକୁ ଖୁବ୍ କମ୍ ଗସ୍ତ କରିଛନ୍ତି। ଏପରିକି ନିଜ ନିର୍ବାଚନମଣ୍ଡଳୀ ନୀଳଗିରିରେ ତାଙ୍କର ପତିଆରା କମି ଯାଇଛି। ବାଲେଶ୍ୱର ଲୋକସଭା ଆସନ ଅଧୀନରେ ଆସୁଥିବା ବାଲେଶ୍ୱର ସଦର, ରେମୁଣା, ନୀଳଗିରି, ବସ୍ତା, ଜଳେଶ୍ୱର, ଭୋଗରାଇ, ବଡ଼ସାହି ନିର୍ବାଚନମଣ୍ଡଳୀର ଲୋକେ ମତଦାନ କରିବେ। ସାଂସଦ ଭାବେ ପ୍ରତାପ ଷଡ଼ଙ୍ଗୀ ଉକ୍ତ ନିର୍ବାଚନମଣ୍ଡଳୀର ସମସ୍ୟା ଉପରେ ଗୁରୁତ୍ୱାରୋପ କରିନାହାନ୍ତି। ଫଳରେ ଲୋକମାନଙ୍କ ଆସ୍ଥାଭାଜନ ହେବା କଠିନ ହେବ ବୋଲି କୁହାଯାଉଛି।

ଅନ୍ୟପଟେ ବାଲେଶ୍ୱର ପୌରପରିଷଦରେ ତାଙ୍କର ଦଖଲ କମ ରହିଥିବା ବେଳେ ଗ୍ରାମାଞ୍ଚଳରେ ସ୍ଥିତି ମଧ୍ୟ ସମାନ। ଅନ୍ୟପଟେ ଏବେ ପ୍ରତାପଙ୍କ ନେଇ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଗୋଷ୍ଠୀକନ୍ଦଳ ବୃଦ୍ଧି ପାଇବାରେ ଲାଗିଛି। ରେମୁଣାରେ ମଧ୍ୟ ଦଳୀୟ ଟିକଟ୍‌କୁ ନେଇ ଦୁଇଜଣ ଆଶାୟୀ ରହିଥିବା ବେଳେ ସେଠାରେ ଅନୁଷ୍ଠିତ ଏକ ଗୁପ୍ତ ବୈଠକ ପ୍ରତାପଙ୍କୁ ଅଡୁଆରେ ପକାଇବ। ନୀଳଗିରି ବିଧାୟକ ସୁକାନ୍ତ ଦଳ ଛାଡ଼ିଥିବା ବେଳେ ତାଙ୍କ ସମର୍ଥକମାନେ ଏବେ ପ୍ରତାପଙ୍କ ରାସ୍ତାରେ କଣ୍ଟା ସାଜିବେ ବୋଲି କୁହାଯାଉଛି। ତେବେ ମୋଟାମୋଟି ଭାବେ ଏଥର ପ୍ରତାପଙ୍କୁ ଏହି ନିର୍ବାଚନ ବୈତରଣୀ ପାର ପାଇଁ ସହଜ ହେବ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି।

୨୦୧୯ ନିର୍ବାଚନ ଫଳାଫଳକୁ ଦେଖିବାକୁ ଗଲେ, ମୋଟ ୭୫ ପ୍ରତିଶତ ପୋଲିଂ ହୋଇଥିବା ବେଳେ ୧୧ ଲକ୍ଷ ୫୯ହଜାର ୩୩୫ ମତଦାତା ମତଦାନ କରିଥିଲେ। ସେଥିରେ ବିଜେପି ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ ୪ ଲକ୍ଷ ୮୩ହଜାର ୮୫୮ଟି ଭୋଟ୍ ଅର୍ଥାତ୍ ୪୧.୭୯ ପ୍ରତିଶତ ହାରରେ ଭୋଟ ପାଇଥିଲେ। ସେହିପରି ବିଜେଡିର ରବୀନ୍ଦ୍ର କୁମାର ଜେନା ୪୦.୬୨ ପ୍ରତିଶତ ହାରରେ ମୋଟ ୪ଲକ୍ଷ ୭୦ହଜାର ୯୦୨ଖଣ୍ଡ ଭୋଟ ପାଇଥିଲେ। ସେହିପରି କଂଗ୍ରେସର ନବଜ୍ୟୋତି ପଟ୍ଟନାୟକ ୧୫.୪୯ ପ୍ରତିଶତ ହାରରେ ମୋଟ ୧ଲକ୍ଷ ୭୯ହଜାର ୪୦୩ ଖଣ୍ଡ ଭୋଟ ପାଇଥିଲେ। ସେଥିରେ ପୁଣି ନୋଟାକୁ ୭, ୪୩୬ଟି ଭୋଟ ପଡ଼ିଥିଲା। ପ୍ରତାପ ମୋଟ ୧୨ହଜାର୯୫୬ଖଣ୍ଡ ଭୋଟରେ ଜିତିଥିଲେ। ତେବେ ସେ ଜିତିବା ପରେ ତାଙ୍କର କାର୍ଯ୍ୟଶୈଳୀ ସାଙ୍ଗକୁ ବିଭିନ୍ନ ନିର୍ବାଚନମଣ୍ଡଳୀର ଲୋକମାନଙ୍କ ସହ ସମ୍ପର୍କ କମିଯାଇଛି ବୋଲି ବିଭିନ୍ନ ସମୟରେ ଅଭିଯୋଗ ହୋଇଆସିଛି। ଚଳିତ ୨୦୨୪ ନିର୍ବାଚନରେ ମୋଟ ଭୋଟର୧୮ଲକ୍ଷ ୭୮ ହଜାର୨୩୪ଜଣ ରହିଛନ୍ତି। ଯଦି ଖାରବେଳ ସ୍ୱାଇଁ ଚଳିତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଠିଆ ହୁଅନ୍ତି, ତେବେ ବିଜେପିର ଭୋଟ୍ ଦୁଇ ଭାଗ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ ବୋଲି ଚର୍ଚ୍ଚା ହେଉଛି।

### ଲାଲ୍‌ଗଡ଼ ଛତ୍ରପୁରରେ ଶଙ୍ଖର ପ୍ରତିଧ୍ୱନି

# ହ୍ୟାଟ୍ରିକ୍ ଲକ୍ଷ୍ୟରେ ବିଜେଡି

**ବ୍ରହ୍ମପୁର, ୩୦।୩(ସମିସ):** ଗଞ୍ଜାମ ଜିଲ୍ଲାର ୧୩ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଜିଲ୍ଲା ମୁଖ୍ୟାଳୟ ତଥା ଛତ୍ରପୁର ନିର୍ବାଚନ ମଣ୍ଡଳୀର ସ୍ୱତନ୍ତ୍ରତା ରହିଛି। ଦୀର୍ଘ ବର୍ଷ ଧରି ଏହି ଆସନ ବାପପନ୍ଥୀ ଦଳ ହାତରେ ରହିଥିଲା। ତେଣୁ ଏହି ଅଞ୍ଚଳ ଲାଲଗଡ଼ ଭାବେ ପରିଚିତ। ଏଠାକାର ପୂର୍ବ ରାଜନୀତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କିଛିଙ୍କୁ ଛାଡ଼ିଦେଲେ ଅଧିକାଂଶ ନେତା ଏଠାରେ ଥରେ ଲେଖାଏଁ ଜନପ୍ରତିନିଧି ହେବାର ସୌଭାଗ୍ୟ ପାଇଛନ୍ତି। ବିଜୁ ଜନତା ଦଳର ଦୁଇଜଣ ପ୍ରାର୍ଥୀ ଏହି ଆସନରେ ଦୁଇଟି ନିର୍ବାଚନରେ ବିଜୟୀ ହୋଇଥିଲେ। ଚଳିତଥର ମଧ୍ୟ ନୂଆଁ ମୁହଁ ଛତ୍ରପୁର ପାଇବ ବୋଲି ଆଲୋଚନା ଜୋର୍ ଧରିଥିଲା। ହେଲେ ଏହି ଧାରାରେ ସମ୍ପ୍ରତି ରୋକ୍ ଲାଗିଛି। କାରଣ ଛତ୍ରପୁର ବିଧାୟକ ଥିବା ସୁବାସ ଚନ୍ଦ୍ର ବେହେରା ଏଠାରେ ପୁନର୍ବାର ବିଜେଡିର ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ନିର୍ମଳ ଭାବମୂର୍ତ୍ତି ଓ ଜନକଲ୍ୟାଣ କାର୍ଯ୍ୟ ଲାଗି ଦଳ ତାଙ୍କ ଉପରେ ଆଶା ପ୍ରକଟ କରିଛି। ଏହି କ୍ରମରେ ଛତ୍ରପୁର ନୂଆ ଇତିହାସ ରଚିଥିବା ବେଳେ ଏଠାରେ ବିଜୁ ଜନତା ଦଳ ହ୍ୟାଟ୍ରିକ ବିଜୟର ଲକ୍ଷ୍ୟ ରଖିଛି।

**ସୁବାସଙ୍କ ଉପରେ ପୁନଃ ଆସ୍ଥା**

ଛତ୍ରପୁର ନିର୍ବାଚନମଣ୍ଡଳୀର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ୧୯୫୧ ମସିହାରେ ହୋଇଥିବା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭି. ସୀତାରାମାୟା ଓ ୧୯୫୭ରେ କଂଗ୍ରେସର ଜ୍ୟୋତିରାଜ ପ୍ରହରାଜ ଛତ୍ରପୁର ବିଧାୟକ ହୋଇଥିଲେ। ତା'ପରେ ୧୯୬୧, ୧୯୬୭ ଓ ୧୯୭୧ ମସିହାରେ ହୋଇଥିବା ସାଧାରଣ ନିର୍ବାଚନରେ ସିପିଆଇ ପ୍ରାର୍ଥୀ ଲକ୍ଷ୍ମଣ ମହାପାତ୍ର ଏଠାକାର ବିଧାୟକ ହୋଇଥିଲେ। ସେହିଭଳି ୧୯୭୪ରେ ଦଇତାରୀ ବେହେରା ଉତ୍କଳ କଂଗ୍ରେସରୁ ନିର୍ବାଚନ ଲଢ଼ି ବିଧାୟକ ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ। ପୁନଃ ଏହି ନିର୍ବାଚନମଣ୍ଡଳୀ ସିପିଆଇ ହାତକୁ ଆସିଥିଲା। ୧୯୭୭ ଓ ୧୯୮୦ ମସିହା ନିର୍ବାଚନରେ ସିପିଆଇ ପ୍ରାର୍ଥୀ ବିଶ୍ୱନାଥ ସାହୁ ଏଠାକାର ବିଧାୟକ ହୋଇଥିଲେ। ସେହିଭଳି ୧୯୮୫ରେ କଂଗ୍ରେସ ପ୍ରାର୍ଥୀ ଆଦିକନ୍ଦ ସେଠୀ ବିଧାୟକ ହୋଇଥିବା ବେଳେ ୧୯୯୦ରେ ସିପିଆଇର ପର୍ଶୁରାମ ପଣ୍ଡା, ୧୯୯୫ରେ ଦଇତାରୀ ବେହେରା ପୁନଃ କଂଗ୍ରେସରୁ ଲଢ଼ି ବିଧାୟକ ହୋଇଥିଲେ। ତପ୍‌ରେ ଏହି ଆସନ ଥରୁଟିଏ ବିଜେପି ହାତକୁ ଯାଇଥିଲା। ବର୍ତ୍ତମାନର ବରିଷ୍ଠ ବିଜେଡି ନେତା ରାମଚନ୍ଦ୍ର ପଣ୍ଡା ବିଜେପିରୁ ନିର୍ବାଚନ ଲଢ଼ି ଏଠାରେ ୨୦୦୦ ମସିହାରେ ବିଧାୟକ ହୋଇଥିଲେ। ପୁନଃ ଏହି ଆସନ ସିପିଆଇ ହାତକୁ ଆସିଥିଲା। ୨୦୦୪ ମସିହାରେ ସିପିଆଇ ନେତା ଏନ୍ ନାରାୟଣ ରେଡ଼ୀ ଓ ୨୦୦୯ରେ ଆଦିକନ୍ଦ ସେଠୀ ସିପିଆଇରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଧାୟକ ହୋଇଥିଲେ। ପରେ ଏହି ଆସନ ବିଜେଡି ହାତକୁ ଆସିଥିଲା। ୨୦୧୪ ମସିହାରେ ପ୍ରିୟାଂଶୁ ପ୍ରଧାନ ଏଠାରେ ବିଜୁ ଜନତା ଦଳ ଟିକେଟ୍‌ରେ ଲଢ଼ି ବିଧାୟକ ହୋଇଥିଲେ। ଗତ ନିର୍ବାଚନରେ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା ବିଜୁ ଜନତା ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ପ୍ରଶାନ୍ତ କରଙ୍କଠାରୁ ବହୁ ଭୋଟ ବ୍ୟବଧାନରେ ବିଜୟ ହୋଇଥିଲେ। ବର୍ତ୍ତମାନ ମଧ୍ୟ ଏଠାରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ଜାରି ରହିଥିବା ବେଳେ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି।

ଅନ୍ୟପକ୍ଷରେ ଛତ୍ରପୁର ନିର୍ବାଚନମଣ୍ଡଳୀର ପୂର୍ବ ଇତିହାସକୁ ଅନୁଧ୍ୟାନ କଲେ ଏଠାରେ ବାମପନ୍ଥୀ ଦଳର ପ୍ରଭାବ ରହିଥିବା ସ୍ପଷ୍ଟ ହୋଇଛି। ଗତ ଦୁଇଟି ନିର୍ବାଚନରେ ବିଜେଡି ହାତରେ ଏହି ଆସନ ରହିଥିଲେ ହେଁ ପ୍ରାର୍ଥୀ ପରିବର୍ତ୍ତନ ହୋଇଛନ୍ତି। ଚଳିତ ନିର୍ବାଚନ ଲାଗି ପ୍ରାର୍ଥୀ ଘୋଷଣା ହୋଇ ସାରିଥିବା ବେଳେ ପ୍ରାର୍ଥୀ ମଧ୍ୟ ସାଂଗଠନିକ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ଏଣେ ବିଜେପି ଓ କଂଗ୍ରେସ ସମେତ ଅନ୍ୟାନ୍ୟ ଦଳ ଏଠାରେ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଛତ୍ରପୁର ମ୍ୟୁନିସିପାଲଟି, ଗଞ୍ଜାମ ଏନଏସି, ରମ୍ଭା ଏନଏସି, ଛତ୍ରପୁର ବ୍ଲକ ଓ ଗଞ୍ଜାମ ବ୍ଲକକୁ ନେଇ ଗଠିତ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ



ସମୁଦାୟ ୨ ଲକ୍ଷ ୩୦ ହଜାର ୬୨ ଜଣ ଭୋଟର୍ ରହିଛନ୍ତି। ତନ୍ମଧ୍ୟରୁ ୧ଲକ୍ଷ ୧୯ହଜାର ୭ଶହ ୬୮ଜଣ ପୁରୁଷ ଭୋଟର ରହିଥିବା ବେଳେ ୧ ଲକ୍ଷ ୯ହଜାର ୯ଶହ ୩୮ଜଣ ମହିଳା ଭୋଟର୍ ରହିଛନ୍ତି। ସେହିଭଳି ଅନ୍ୟାନ୍ୟ ଭୋଟର୍ ୧୮ଜଣ, ସର୍ଭିସ ଭୋଟର୍ ୩୨୮ଜଣ, ଯୁବ ଭୋଟର୍ ୫ ହଜାର ୫୨୭, ଭିନ୍ନକ୍ଷମ ଭୋଟର୍ ୫ହଜାର ୭୦ ଓ ୮୫ ବର୍ଷରୁ ଉର୍ଦ୍ଧ୍ୱ ୧୩ଶହ ୭୭ଜଣ ବରିଷ୍ଠ ନାଗରିକ ଭୋଟର ରହିଛନ୍ତି। ଏହି ଭୋଟର୍ ଛତ୍ରପୁର ନିର୍ବାଚନ ମଣ୍ଡଳୀର ଭବିଷ୍ୟ ନିର୍ଦ୍ଧାରଣ କରିବେ।

ପ୍ରକାଶଯୋଗ୍ୟ ଯେ ଗତ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀର ସମସ୍ତ ଜିଲ୍ଲା ପରିଷଦ ଆସନ ବିଜେଡି ଖାତାକୁ ଯାଇଥିଲା। ଗଞ୍ଜାମ ଓ ଛତ୍ରପୁର ବ୍ଲକରେ ଦଳ ସମିତି ଗଠନ କରିଥିଲା। ହେଲେ ପୌର ନିର୍ବାଚନରେ ଛତ୍ରପୁର ଓ ରମ୍ଭା ଏନ୍‌ଏସିର ଅଧ୍ୟକ୍ଷ ଆସନ ବିଜେପି ଖାତାକୁ ଯାଇଥିବା ବେଳେ ଗଞ୍ଜାମ ଏନ୍‌ଏସିରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏଣେ ଏଠାରେ ବିଜୁ ଜନତା ଦଳର ସଂଗଠନ ସୁଦୃଢ଼ ରହିଥିବା ବେଳେ ହ୍ୟାଟ୍ରିକ ବିଜୟ ନେଇ ସମସ୍ତେ ଆଶା ବାନ୍ଧିଛନ୍ତି।

## ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର

# ଜୁଏଲଙ୍କୁ ଟକ୍କର ଦେବେ ଦିଲୀପ

**ରାଉରକେଲା, ୩୦ ।୩ (ସମିସ):** ଦୀର୍ଘ ୧୦ବର୍ଷ ପରେ ପୁଣିଥରେ ସୁନ୍ଦରଗଡ଼ ଲୋକସଭା ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ଅନ୍ତର୍ଜାତୀୟ ହକି ତାରିକା ପଦ୍ମଶ୍ରୀ ଦିଲୀପ ତିର୍କୀ। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲୀପଙ୍କୁ ସୁନ୍ଦରଗଡ଼ ଲୋକସଭା ଆସନରେ ଦଳୀୟ ପ୍ରାର୍ଥୀ ଘୋଷଣା କରିଛନ୍ତି। ଅନ୍ୟପଟେ ବିଜେପି ସଂସଦୀୟ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କୁ ଏହି ଆସନରୁ ପଞ୍ଚମଥର ପାଇଁ ପ୍ରାର୍ଥୀ କରିଛି। ଜୁଏଲ ବିଜେପି ଓଡ଼ିଶା ଶାଖା ସଭାପତି ରୂପେ ୪ବର୍ଷରୁ ଅଧିକ କାଳ ରହିବା ସହ ସପ୍ତଦଶ ଲୋକସଭାକୁ ଏହି ଆସନରୁ ବିଜେପି ଟିକଟରେ ଲଢ଼ି ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ବିଜେପି ଟିକଟରେ ଦ୍ୱାଦଶ, ତ୍ରୟୋଦଶ ଓ ଚତୁର୍ଦ୍ଦଶ ଲୋକସଭାକୁ ଏଠାରୁ ପ୍ରତିନିଧିତ୍ୱ କରିଥିଲେ। ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗଠିତ ସରକାରରେ ସେ ଆଦିବାସୀ କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

ଦିଲୀପ ମଧ୍ୟ ସୁନ୍ଦରଗଡ଼ରେ ଏକ ଚର୍ଚ୍ଚିତ ଚେହେରା। ଭାରତୀୟ ହକି ଦଳର ନେତୃତ୍ୱ ନେଇଥିବା ଦିଲୀପ ୨୦୧୦ରେ ଅବସର ନେବା ପରେ ରାଜନୀତିରେ ପାଦ ଥାପିଥିଲେ। ସମ୍ପ୍ରତି ସେ ହକି ଇଣ୍ଡିଆ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ। ଦିଲୀପ ୨୦୧୨ରେ ବିଜେଡି ପକ୍ଷରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୮ ପର୍ଯ୍ୟନ୍ତ ୬ ବର୍ଷ ଧରି ସେ ରାଜ୍ୟସଭାରେ ସଫଳତାର ସହ ନିଜ କାର୍ଯ୍ୟକାଳ ପୂରଣ କରିଥିଲେ। ୨୦୧୯ରେ ଗଠିତ 'ଓଡ଼ିଶା ହକି ପ୍ରମୋସନ କାଉନସିଲ'ର ଅଧ୍ୟକ୍ଷ ଭାବରେ ତାଙ୍କୁ ଓଡ଼ିଶା ସରକାର ନିଯୁକ୍ତ କରିଥିଲେ। ପୂର୍ବରୁ ୨୦୧୮ରେ ସେ ଓଡ଼ିଶା ଟୁରିଜମ ଡେଭଲପମେଣ୍ଟ କର୍ପୋରେସନର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସେ ଏୟାର ଇଣ୍ଡିଆରେ ମଧ୍ୟ କାର୍ଯ୍ୟ କରିଥିଲେ।

## ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା ବିଳମ୍ବ; ଆଶାୟୀଙ୍କ ଛାତି ଧଡ଼ଧଡ଼





ଦିଲୀପ ୨୦୧୪ ଲୋକସଭା ନିର୍ବାଚନରେ ପ୍ରଥମ କରି ବିଜେଡି ଟିକଟରୁ ଲଢ଼ି ସୁନ୍ଦରଗଡ଼ ଜିଲ୍ଲାର ଟାଣୁଆ ଆଦିବାସୀ ନେତା ତଥା ବିଜେପି ପ୍ରାର୍ଥୀ ଜୁଏଲ ଓରାମଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ସେ ଜୁଏଲଙ୍କଠାରୁ ମାତ୍ର ୧୮, ୮୨୯ ଭୋଟ ବ୍ୟବଧାନରେ ପରାଜିତ ହେବା ଦଳ ପାଇଁ କିଛି କମ୍ ଉପଲବ୍ଧି ନଥିଲା। ଜୁଏଲ ୩, ୪୦, ୫୦୮ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଦିଲୀପ ୩, ୨୧, ୬୭୯ ଭୋଟ ପାଇଥିଲେ। ତେବେ ୨୦୧୯ ନିର୍ବାଚନରେ ଦିଲୀପଙ୍କୁ ବାଦ୍ ଦେଇ ବିଜେଡି ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନିତା ବିଶ୍ୱାଳଙ୍କୁ ଲୋକସଭା ପ୍ରାର୍ଥୀ କରିଥିଲା। ମାତ୍ର ସେତେବେଳେ ସୁନିତା ବିପୁଳ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଜୁଏଲ ୫ଲକ୍ଷ ୫୬ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ସୁନିତା ୨, ୭୬, ୯୯୧ ଭୋଟ ପାଇଥିଲେ।

ତେବେ ୨୦୧୪ ଏବଂ ୨୦୨୪ ନିର୍ବାଚନ ମଧ୍ୟରେ ଆକାଶପାତାଳ ଫରକ। କାରଣ ଏହି ୧୦ ବର୍ଷ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଭୂତ ବିକାଶ ହୋଇଛି। ବିଶେଷକରି କ୍ରୀଡ଼ା କ୍ଷେତ୍ରରେ ଅଭୂତପୂର୍ବ ଭିତ୍ତିଭୂମି ବିକଶିତ ହୋଇଛି। ସୁତରାଂ ଦିଲୀପଙ୍କ ପ୍ରାର୍ଥିତ୍ୱ ଜୁଏଲଙ୍କୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ହୋଇଥିବା ବ୍ୟାପକ ବିକାଶମୂଳକ କାର୍ଯ୍ୟକ୍ରମ ସହ ରାଉରକେଲାରେ ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ତଥା ରାଉରକେଲା ଓ ଜିଲ୍ଲାର ସବୁ ବ୍ଲକରେ ହକି ଭିତ୍ତିଭୂମି ଆଦିକୁ ପାଥେୟ କରି ଦିଲୀପ ଲୋକଙ୍କ ପାଖକୁ ଭୋଟ ମାଗିବାକୁ ଯିବେ ବୋଲି କହିଛନ୍ତି। ସୁତରାଂ ଏଥର ପୁଣି ଦିଲୀପଙ୍କ ଜରିଆରେ ବିଜେପି ହାତରେ ଥିବା ଏହି ସୁନ୍ଦରଗଡ଼ ଲୋକସଭା ଗଡ଼ ଦଖଲ କରିବାକୁ ବିଜେଡି ଲକ୍ଷ୍ୟ ରଖିଛି।

ଅନ୍ୟପଟେ ନିଜ ବିଧାନସଭା ନିର୍ବାଚନମଣ୍ଡଳୀ ବଣାଇଁରେ ନିଜ ପତିଆରା ଏବଂ ଲୋକପ୍ରିୟତା ହରାଇଥିବା ଜୁଏଲ ଓରାମ ଗତ ନିର୍ବାଚନରେ କେବଳ ରାଉରକେଲା ଓ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟରେ ବିଜୟୀ ହୋଇଥିବା ବେଳେ ବଣାଇଁ ସମେତ ଅନ୍ୟ ୪ ନିର୍ବାଚନ ମଣ୍ଡଳୀରେ ପଛୁଆ ରହିଥିଲେ। ସେପଟେ କଂଗ୍ରେସ ଏଯାଏଁ ନିଜ ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ ପୂର୍ବତନ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ଭୂମିକା କ'ଣ ହେବ, ତାହା ଆଲୋଚନାର ବିଷୟ ହୋଇଛି। ସୂଚନାଯୋଗ୍ୟ, ଜର୍ଜ ତିର୍କୀ ୨୦୧୯ ଲୋକସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇ ୨, ୬୮, ୨୧୮ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ସେ ଅଢ଼େଇ ଲକ୍ଷରୁ ଅଧିକ ଭୋଟ ପାଇଥିବାରୁ ଏହି ନିର୍ବାଚନରେ ମଧ୍ୟ ତାଙ୍କ ଭୂମିକା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବ ବୋଲି କୁହାଯାଉଛି।

ଏତଦ୍‌ବ୍ୟତୀତ ସୁନ୍ଦରଗଡ଼ ଲୋକସଭା କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ଆସନରୁ କୌଣସି ଗୋଟିଏରେ ବି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ। ଖୁବଶୀଘ୍ର ଏହି ବିଧାନସଭା ଆସନଗୁଡ଼ିକରେ ପ୍ରାର୍ଥୀଙ୍କ ନାମ ଘୋଷଣା ହେବାକୁ ଥିବାବେଳେ ଏ ନେଇ ଆଶାୟୀଙ୍କ ଛାତି ଧଡ଼ଧଡ଼ ହେବାରେ ଲାଗିଛି।

---

### ରାଜନୀତିରେ ଲକ୍ଷ୍ୟ ସାଧନର ମାଧ୍ୟମ ସାଜିଛି 'ମାନସିକ ବ୍ରତ'

# ବିଜୟ ବ୍ୟବଧାନ ସଂଖ୍ୟା ଯେତେ, ନଡ଼ିଆ ଭାଙ୍ଗେ ସେତେ

**ବ୍ରହ୍ମପୁର, ୩୦ ।୩ (ସମିସ):** ଗଞ୍ଜାମ ରାଜନୀତିରେ ମାନସିକ ରଖିବା ଓ ଲକ୍ଷ୍ୟ ସାଧନ ହେଲେ ତାହା ପୂର୍ଣ୍ଣ କରିବା ଏକ ପ୍ରମୁଖ ଅଂଶବିଶେଷ ହୋଇଯାଇଛି। ନିର୍ବାଚନରେ ଜନତା ହିଁ ସର୍ବେସର୍ବା ହେଲେ ମଧ୍ୟ ରାଜନୀତିରେ କିନ୍ତୁ ଭଗବାନ ଭରସା ବୋଲି ନେତାଏଁ କୁହନ୍ତି। ନିର୍ବାଚନ ପୂର୍ବରୁ ମାନସିକ କରିବା,



ଏଥିରେ ସଫଳ ହେଲେ ପୂଜା ପଦ୍ଧତି ଆଦି କରି ନିଜ ବ୍ରତ ସମାପନ କରିବା କିଛି ନୂଆ କଥା ନୁହେଁ। ହେଲେ ଗଞ୍ଜାମ ଜିଲ୍ଲାରେ ଏଭଳି ଏକ ନିର୍ବାଚନମଣ୍ଡଳୀ ରହିଛି, ଯେଉଁଠି ପ୍ରାର୍ଥୀ ଜିତିଲେ ନଡ଼ିଆ ଭଙ୍ଗାହୁଏ। ଗୋଟିଏ କି ଦୁଇଟି ନୁହେଁ, ବରଂ ଯେତେଖଣ୍ଡ ଭୋଟରେ ପ୍ରାର୍ଥୀ ବିଜୟ ଲାଭ କରିବେ, ସେତିକି ନଡ଼ିଆ ଭଙ୍ଗାଯାଏ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ରାଜନୀତିରେ କିଛି ଅସମ୍ଭବ ନଥିବା ବେଳେ ମାନସିକ ବ୍ରତ କ୍ଷେତ୍ରରେ ମଧ୍ୟ ଏହା ପରିଲକ୍ଷିତ ହୁଏ।

ଆସିକା ଲୋକସଭା ଅଧୀନରେ ସୋରଡ଼ା ନିର୍ବାଚନ ମଣ୍ଡଳୀ। ୨୦୦୯ ମସିହାଠାରୁ ଲଗାତାର ତିନୋଟି ନିର୍ବାଚନରେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବିଜୁ ଜନତା ଦଳ ଟିକଟରେ ଲଢ଼ି ବିଧାୟକ ହୋଇ ଆସୁଛନ୍ତି। ସେ ତିନୋଟି ଯାକ ନିର୍ବାଚନରେ ଯେତେଖଣ୍ଡ ଭୋଟରେ ଜିତିଥା'ନ୍ତି, ସେହି ସଂଖ୍ୟାରେ ଆନ୍ଧ୍ରପ୍ରଦେଶର ସୀମାଞ୍ଚଳ ମନ୍ଦିରରେ ନଡ଼ିଆ ଭାଙ୍ଗିଥା'ନ୍ତି। ଭଗବାନଙ୍କ ପ୍ରତି ଅଗାଢ଼ ବିଶ୍ୱାସ ରଖି ବିଧାୟକ ଶ୍ରୀ ସ୍ୱାଇଁ ପ୍ରତିଥର ଏଭଳି କରୁଥିବା ଦେଖିବାକୁ ମିଳିଛି। ହେଲେ ଚଳିତଥର ସୋରଡ଼ା ବିଧାନସଭା କ୍ଷେତ୍ରରେ ନୂଆ ମୁହଁ ଦେଖିବାକୁ ମିଳିଛି। ବିଜୁ ଜନତା ଦଳ ପକ୍ଷରୁ ବିଧାୟକଙ୍କ ପତ୍ନୀ ସଂଘମିତ୍ରା ସ୍ୱାଇଁଙ୍କୁ ପ୍ରାର୍ଥୀ କରାଯାଇଛି। ଏଣେ ନଡ଼ିଆ ଭଙ୍ଗା ପରମ୍ପରା ଅବ୍ୟାହତ ରହିବା ନେଇ ନାନା ପ୍ରଶ୍ନ ଉଠିଥିଲା। ଏନେଇ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଚଳିତ ନିର୍ବାଚନରେ ସୋରଡ଼ା ନିର୍ବାଚନମଣ୍ଡଳୀରେ ରେକର୍ଡ ସଂଖ୍ୟକ ଭୋଟରେ ବିଜୁ ଜନତା ଦଳ ବିଜୟ ଲାଭ କରିବ। ଭଗବାନ ଓ ଲୋକଙ୍କ ଉପରେ ବିଶ୍ୱାସ ରହିଛି। ଏଣୁ ନିର୍ବାଚନ ପରେ ଯେତେସଂଖ୍ୟକ ଭୋଟରେ ଜିତାପଟ ହେବ, ସେତିକି ନଡ଼ିଆ ସୀମାଞ୍ଚଳ ମନ୍ଦିରରେ ଭଙ୍ଗାଯିବ।

ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ସୋରଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡି ରେକର୍ଡ ସଂଖ୍ୟକ ଭୋଟରେ ବାଜି ମାରିଥିଲା। ସାଧାରଣ ନିର୍ବାଚନରେ ମଧ୍ୟ ନୂଆ ରେକର୍ଡ କରିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ସୋରଡ଼ା ଏନ୍‌ଏସି ଓ ବେଲଗୁଣ୍ଠା ଏନ୍‌ଏସି ଏବଂ ଉଭୟ ବ୍ଲକର ୪୦ ଗୋଟି ପଞ୍ଚାୟତକୁ ନେଇ ଗଠିତ ହୋଇଛି ଏହି ନିର୍ବାଚନ ମଣ୍ଡଳୀ। ଏଠାରେ ବର୍ତ୍ତମାନ ସମୁଦାୟ ୨ ଲକ୍ଷ ୩୪ ହଜାର ୧୨୨ ଜଣ ଭୋଟର ରହିଛନ୍ତି। ତନ୍ମଧ୍ୟରୁ ୧ଲକ୍ଷ ୨୨ ହଜାର ୪୬୩ ଜଣ ପୁରୁଷ ହୋଇଥିବା ବେଳେ ୧ ଲକ୍ଷ ୧୧ ହଜାର ୬୪୩ ଜଣ ମହିଳା। ସେହିଭଳି ଅନ୍ୟାନ୍ୟ ଭୋଟର ୧୬ଜଣ ରହିଥିବା ବେଳେ ଚଳିତ ନିର୍ବାଚନରେ ସମୁଦାୟ ୪୭୬୦ ନୂଆ ଭୋଟର ଯୋଡ଼ି ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୭୦୪ ଜଣ ପୁରୁଷ ଓ ୨୦୫୬ ଜଣ ମହିଳା। ଏଣେ ଆସନ୍ତା ମେ' ୨୦ ତାରିଖରେ ଆସିକା ଲୋକସଭା ସମେତ ସୋରଡ଼ା ନିର୍ବାଚନ ମଣ୍ଡଳୀରେ ମଧ୍ୟ ମତଦାନ ହେବ। ଏଥିଲାଗି ୨୫୫ଟି ବୁଥ୍ ପ୍ରସ୍ତୁତ କରାଯାଇଥିବା ପ୍ରକାଶ।

ସୂଚନାଯୋଗ୍ୟ, ୨୦୦୯ ମସିହାରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବିଜୁ ଜନତା ଦଳରୁ ଲଢ଼ି ୪୩ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱାଧୀନ ପ୍ରାର୍ଥୀ ନୀଳମଣି ବିଷୋୟୀ ୩୯ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ। ସେହିଭଳି ୨୦୧୪ରେ ପୁନଃ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବିଜେଡିରୁ ନିର୍ବାଚନ ଲଢ଼ି ୬୭ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବସନ୍ତ କୁମାର ବିଷୋୟୀ ୫୧ ହଜାର ଭୋଟ ପାଇଥିଲେ। ସେହିଭଳି ଗତ ନିର୍ବାଚନରେ ବିଜେଡିରୁ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ବିଜେପିରୁ ନୀଳମଣି ବିଷୋୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବାଜିମାତ୍ କରିଥିଲେ।

---

### ଜଟଣୀ ବିଧାନସଭାରେ ବିଜେଡିରୁ ବିଭୂତି

# ପ୍ରାର୍ଥିତ୍ୱକୁ ନେଇ ଅନ୍ଦାଜରେ ବିଜେପି ଓ କଂଗ୍ରେସ

**ଭୁବନେଶ୍ୱର, ୩୦ ।୩ (ସମିସ):** ଆସନ୍ତା ମେ' ୨୫ ତାରିଖରେ ଭୁବନେଶ୍ୱର ଲୋକସଭା ସମେତ ଜଟଣୀ ବିଧାନସଭା ପାଇଁ ଭୋଟ ଗ୍ରହଣ କରାଯିବ। ଜଟଣୀ ବିଧାନସଭା ଆସନ ପାଇଁ ବିଜୁ ଜନତା ଦଳ (ବିଜେଡି) ପ୍ରାର୍ଥୀ ଘୋଷଣା କରିସାରିଛି। ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କୁ ଦଳ ଏଠାରୁ ପ୍ରାର୍ଥୀ କରିଛି। ପ୍ରାର୍ଥୀ ଘୋଷଣା ହେବା ପରେ ବିଭୂତି ଗାଁକୁ ଗାଁ ବୁଲି ପ୍ରଚାରରେ ଲାଗି ପଡ଼ିଛନ୍ତି। ଅନ୍ୟ ଦଳର ଅସନ୍ତୋଷ କର୍ମୀମାନଙ୍କୁ ବିଜେଡିରେ ସାମିଲ କରୁଥିବା ଦେଖିବାକୁ ମିଳୁଛି। ବିଜେଡି ପ୍ରାର୍ଥୀ ବିଭୂତି ପ୍ରଚାରପ୍ରସାରରେ ଲାଗିଥିବା ବେଳେ କଂଗ୍ରେସ ଓ ବିଜେପି ବ୍ୟାକଫୁଟ୍‌ରେ ରହିଛନ୍ତି। ଦୁଇ ଜାତୀୟ ଦଳ କଂଗ୍ରେସ ଓ ବିଜେପିର ପ୍ରାର୍ଥିତ୍ୱକୁ ନେଇ ଅଡୁଆ ଦେଖାଦେଇଛି। ପରିସ୍ଥିତି ଏମିତି ଯେ ଆଶାୟୀଙ୍କଠାରୁ କର୍ମୀଙ୍କ ପର୍ଯ୍ୟନ୍ତ ସଭିଏଁ ଏବେ ଏହାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି।

ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ନିର୍ବାଚନ ନ ଲଢ଼ିବା ପାଇଁ ଘୋଷଣା କରିଥିବାରୁ ସେ ଏଠାରୁ ପ୍ରାର୍ଥୀ ହେବେ ନାହିଁ ବୋଲି ଏକପ୍ରକାର ନିଶ୍ଚିତ ହୋଇଛି। ତେଣୁ ଜଟଣୀରୁ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଂଗ୍ରେସ ଟିକଟ ଦୌଡ଼ରେ ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟଙ୍କ ନାମ ସବୁଠାରୁ ଆଗରେ ରହିଛି। ସେହିଭଳି ଜଟଣୀ ବ୍ଲକ କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ତେବେ ବିଧାୟକ ସୁରେଶ ରାଉତରାୟଙ୍କ ବଡ଼ପୁଅ ସିଦ୍ଧାର୍ଥ ରାଉତରାୟ ଆଜି ଗଣମାଧ୍ୟମରେ ନୂଆ ବୟାନ ଦେବା ପରେ କଂଗ୍ରେସ ପାଇଁ ସ୍ଥିତି ଗୋଳମାଳିଆ ହୋଇଛି। ସିଦ୍ଧାର୍ଥ ପୂର୍ବରୁ ନିମାପଡ଼ା ଆସନରୁ କଂଗ୍ରେସ ପ୍ରାର୍ଥୀ ହେବ ବୋଲି ଦାବି କରୁଥିବା ବେଳେ ଆଜି ସେ ଜଟଣୀରୁ ସ୍ୱାଧୀନ ଭାବେ ଲଢ଼ିବେ ବୋଲି ଗଣମାଧ୍ୟମକୁ କହିଛନ୍ତି।

**ନେତାଠୁ କର୍ମୀ ଯାଏଁ ସଭିଏଁ ଦ୍ୱନ୍ଦ୍ୱରେ**

ପ୍ରାର୍ଥିତ୍ୱକୁ ନେଇ କଂଗ୍ରେସଠାରୁ ବିଜେପି ପରିସ୍ଥିତି ଦିନକୁ ଦିନ ଶୋଚନୀୟ ଆଡ଼କୁ ଗତି କରୁଛି। ଦଳବିରୋଧୀ କାର୍ଯ୍ୟ ପାଇଁ ନିକଟରେ ବିଜେଡିରୁ ବହିଷ୍କୃତ ହୋଇଥିବା ସନ୍ତୋଷ ଜେନା ଶନିବାର ପୁଣି ବିଜେପିରେ ଯୋଗଦେବା ପରେ ଦଳର ପ୍ରାର୍ଥିତ୍ୱକୁ ଆହୁରି ଅନିଶ୍ଚିତତା ଆଡ଼କୁ ଠେଲି ଦେଇଛି। ଗତ ସାଧାରଣ ନିର୍ବାଚନରେ ସନ୍ତୋଷ ବିଜେପି ଟିକଟ ପାଇଁ ଆଶାବାଦୀ ଥିଲେ। ହେଲେ ଦଳ ବିଶ୍ୱରଞ୍ଜନ ବଡ଼ଜେନାଙ୍କୁ ପ୍ରାର୍ଥୀ କରିବା ପରେ ସନ୍ତୋଷ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଚଳିତ ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରି ନଥିବାରୁ ସନ୍ତୋଷଙ୍କ ଯୋଗଦାନ ବିଜେପି କର୍ମୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଗତ ନିର୍ବାଚନରେ ବିଜେପି ପ୍ରାର୍ଥୀ ହୋଇଥିବା ବିଶ୍ୱରଞ୍ଜନ ବଡ଼ଜେନା ଚଳିତଥର ମଧ୍ୟ ଟିକଟ ଦୌଡ଼ରେ ରହିଛନ୍ତି। ସେପଟେ ପୁରୁଖା ବିଜେପି ନେତା ତଥା ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ବିଜେପିରୁ ପ୍ରାର୍ଥୀ ହୋଇଥିବା ସୁଦୀପ୍ତ ରାୟ ମଧ୍ୟ ପୁଣି ପ୍ରାର୍ଥୀ ହେବା ନେଇ ଆଶା ରଖିଛନ୍ତି। ନୂଆ କରି ଦଳରେ ଯୋଗଦେଇଥିବା ଅର୍ଦ୍ଧେନ୍ଦୁ ଦାସଙ୍କ ନାମ ମଧ୍ୟ ଟିକଟ ଲବିରେ ରହିଛି। ତେବେ ମାଳମାଳ ଆଶାୟୀ ଜଟଣୀ ବିଜେପିକୁ ଅଧିକ ଅଡୁଆରେ ପକାଇଛି। ମୁଣ୍ଡ ଉପରେ ନିର୍ବାଚନ ଥିବା ବେଳେ ଦଳୀୟ ସଙ୍ଗଠନ ମଜଭୁତ ହେବା ବଦଳରେ କର୍ମୀଙ୍କ ମହଲରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅପରାଜିତା ଭୁବନେଶ୍ୱର ଲୋକସଭାରୁ ସାଂସଦ ପ୍ରାର୍ଥୀ ହୋଇଥିବାରୁ ଜଟଣୀ ବିଧାନସଭା ଆସନରେ ପ୍ରାର୍ଥୀ ଚୟନରେ ତାଙ୍କର ପ୍ରମୁଖ ଭୂମିକା ରହିବ। ଜଟଣୀ ବିଧାନସଭାର ପ୍ରାର୍ଥୀ ଚୟନରେ ସାମାନ୍ୟ ଭୁଲ୍ ନିଷ୍ପତ୍ତି ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ ଯେ ବେଗୁନିଆଠାରୁ ଖୋର୍ଦ୍ଧା ଯାଏଁ, ଏପରିକି ଭୁବନେଶ୍ୱରରେ ମଧ୍ୟ ଅପରାଜିତାଙ୍କ ବିରୋଧରେ କର୍ମୀମାନଙ୍କ ଆକ୍ରୋଶ ଦେଖିବାକୁ ମିଳୁଛି। ଜଟଣୀ ବିଜେପିରେ ମଧ୍ୟ ଅପରାଜିତା ବିରୋଧୀ ମେଳି ବାନ୍ଧିବାର ଆଶଙ୍କା ରହିଥିବା ବେଳେ ଦଳୀୟ ଅସନ୍ତୋଷ ବିସ୍ଫୋରକ ରୂପ ନେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଗତଥର ଜଟଣୀ ବିଧାନସଭାରେ ପ୍ରାର୍ଥିତ୍ୱକୁ ନେଇ ଉପୁଜିଥିବା ସମସ୍ୟାକୁ ଦଳ ସମାଧାନ କରିପାରି ନଥିବାରୁ ଚଳିତ ଥର ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେବେ ଦଳ କାହାକୁ ପ୍ରାର୍ଥୀ କରିବ ଓ ଦଳୀୟ ଅସନ୍ତୋଷକୁ କିପରି ପରିଚାଳନା କରିବ, ତାହା ଦେଖିବା ବାକି ରହିଲା।

---

## ଜଗତସିଂହପୁର ଲୋକସଭା

# ପୁଣିଥରେ ମଇଦାନରେ ରାଜଶ୍ରୀ-ବିଭୁ

**ଜଗତସିଂହପୁର, ୩୦ ।୩ (ସମିସ):** ରାଜ୍ୟର ମର୍ଯ୍ୟାଦାଜନକ ସଂସଦୀୟ କ୍ଷେତ୍ର ଜଗତସିଂହପୁର ବହୁ ସମୟରେ ଚର୍ଚ୍ଚାରେ ରହିଆସିଛି। ୨୦୨୪ ଲୋକସଭା ନିର୍ବାଚନରେ ଏଠାରେ ପ୍ରାର୍ଥୀ ହେବା ସମ୍ଭାବନାକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ଉଭୟ ବିଜେଡି ଓ ବିଜେପି ଏହି ସଂରକ୍ଷିତ ଆସନରୁ ସେମାନଙ୍କ ଦଳୀୟ ପ୍ରାର୍ଥୀ ଘୋଷଣା କରିଛନ୍ତି। ଏହି ଲୋକସଭା ଆସନରେ ପୁଣିଥରେ ବିଜେଡି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ ଓ ବିଜେପି ପ୍ରାର୍ଥୀ ବିଭୁପ୍ରସାଦ ତରାଇଙ୍କ ମଧ୍ୟରେ ମୁକାବିଲା ହେବାକୁ ଯାଉଛି। ତେବେ କଂଗ୍ରେସ ଏଠାରେ ପ୍ରାର୍ଥୀ ଘୋଷଣା କରିବାରେ ଏ ପର୍ଯ୍ୟନ୍ତ ପଛରେ ପଡ଼ିଛି। ଗତଥର କଂଗ୍ରେସରୁ ନିର୍ବାଚନ ଲଢ଼ିଥିବା ପ୍ରତିମା ମଲ୍ଲିକ ଏଥର ମଧ୍ୟ ଦଳୀୟ ପ୍ରାର୍ଥୀ ହେବା ନେଇ ସର୍ବାଧିକ ସମ୍ଭାବନା ରହିଛି।

ଗତ ୫ଟି ଲୋକସଭା ନିର୍ବାଚନକୁ ବିଚାରକୁ ନେଲେ ୪ଟିରେ ବିଜେଡି ପ୍ରାର୍ଥୀ ବହୁ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ୧୯୯୯ ଲୋକସଭା ନିର୍ବାଚନରେ ବିଜେଡିରୁ ତ୍ରିଲୋଚନ କାନୁନଗୋ ଏହି ଆସନରୁ ବିଜୟଲାଭ କରିଥିଲେ। ୨୦୦୪ରେ ଏଠାରୁ ବିଜେଡି ଟିକେଟରେ ବ୍ରହ୍ମାନନ୍ଦ ପଣ୍ଡା ବିଜୟଲାଭ କରିଥିଲେ। ୨୦୧୪ରେ ବିଜେଡି ପ୍ରାର୍ଥୀ ଡ. କୁଳମଣି ସାମଲ କଂଗ୍ରେସ ପ୍ରାର୍ଥୀ ବିଭୁପ୍ରସାଦ ତରାଇଙ୍କୁ ପରାସ୍ତ କରିଥିଲେ। ଡ. ସାମଲଙ୍କୁ ୬, ୨୪, ୪୯୨ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଭୁଙ୍କୁ ୩,୪୮,୦୯୮ ଖଣ୍ଡ ଭୋଟ ମିଳିଥିଲା। କୁଳମଣିଙ୍କୁ ୫୫.୧୭ ପ୍ରତିଶତ ଭୋଟ ମିଳିଥିବା ସମୟରେ ବିଭୁଙ୍କୁ ତା'ର ଅଧା ୩୦.୭୫ ପ୍ରତିଶତ ଭୋଟ ମିଳିଥିଲା। ସେହିପରି ୨୦୧୯ରେ ବିଜେଡି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ ଏହି ଆସନରୁ ୬, ୧୯, ୯୮୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବିଜେପିରୁ ଲଢ଼ିଥିବା ବିଭୁଙ୍କୁ ୩, ୪୮, ୩୩୦ ଖଣ୍ଡ ଭୋଟ ମିଳିଥିବା ସମୟରେ କଂଗ୍ରେସର ପ୍ରତିମା ମଲ୍ଲିକଙ୍କୁ ୨, ୩୯, ୬୮୪ ଖଣ୍ଡ ଭୋଟ ମିଳିଥିଲା। ଏହି



**ପ୍ରାର୍ଥୀ ଘୋଷଣାରେ ପଛରେ ପଡ଼ିଛି କଂଗ୍ରେସ**



ସଂରକ୍ଷିତ ଲୋକସଭା ଆସନରୁ ଗତ ୨୦୧୯ ନିର୍ବାଚନରେ ବିଜେଡିକୁ ସର୍ବାଧିକ ୫୦ ପ୍ରତିଶତ, ବିଜେପିକୁ ୨୮ ପ୍ରତିଶତ ଓ କଂଗ୍ରେସକୁ ୧୯ ପ୍ରତିଶତ ଭୋଟ ମିଳିଥିଲା।

ସେହିପରି ଚଳିତ ୨୦୨୪ ନିର୍ବାଚନରେ ଏହି ସଂସଦୀୟ କ୍ଷେତ୍ରରୁ ବିଜେପିରୁ ପ୍ରାର୍ଥୀ ହୋଇଥିବା ବିଭୁପ୍ରସାଦ ତରାଇ ୨୦୦୯ ଲୋକସଭା ନିର୍ବାଚନରେ ସିପିଆଇରୁ ନିର୍ବାଚନ ଲଢ଼ି ଜିତିଥିଲେ। ଶ୍ରୀ ତରାଇ ୪,୫୭,୨୩୪ ଖଣ୍ଡ ଭୋଟ ପାଇ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର ସେଠୀଙ୍କୁ ହରାଇଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ତରାଇ ୨୦୧୪ରେ କଂଗ୍ରେସ ଓ ୨୦୧୯ରେ ବିଜେପିରେ ଯୋଗଦେଇ ଏହି ଆସନରୁ ନିର୍ବାଚନ ଲଢ଼ିଥିଲେ। ପ୍ରଥମଥର ସିପିଆଇରୁ ଜିତିବା ପରେ ପରବର୍ତ୍ତୀ ସମୟରେ ଦୁଇ ଦୁଇଥର ଦଳବଦଳ କରି ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଏଥିରୁ ତାଙ୍କୁ କୌଣସି ସଫଳତା ମିଳି ନ ଥିଲା।

ଅନ୍ୟପକ୍ଷରେ ବିଜେଡିରୁ ୨୦୧୯ରେ ନିର୍ବାଚନ ଲଢ଼ି ସାଂସଦ ହୋଇଥିବା ଡଃ ରାଜଶ୍ରୀ ମଲ୍ଲିକ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ବୃତ୍ତିଗତ ଡାକ୍ତରୀ ଚାକିରି ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ୨୦୧୪ରେ ସେ ବିଜେଡିରୁ ତିର୍ତ୍ତୋଲ ବିଧାନସଭା ସଂରକ୍ଷିତ ଆସନରୁ ନିର୍ବାଚନ ଲଢ଼ି କଂଗ୍ରେସ ପ୍ରାର୍ଥୀ ରାଜକିଶୋର ବେହେରାଙ୍କୁ ପରାସ୍ତ କରି ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଲୋକପ୍ରିୟତା ଓ ଦକ୍ଷତାକୁ ବିଚାର କରି ବିଜେଡି ତାଙ୍କୁ ୨୦୧୯ରେ ଜଗତସିଂହପୁର ଲୋକସଭା କ୍ଷେତ୍ରରୁ ଦଳର ପ୍ରାର୍ଥୀ କରିଥିଲା। ତେବେ ଦ୍ୱିତୀୟଥର ଡଃ ମଲ୍ଲିକ ଏହି ଲୋକସଭା ଆସନରୁ ନିର୍ବାଚନ ଲଢୁଥିବା ବେଳେ ବିଜେପି ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ ବ୍ୟକ୍ତିଗତ ଭାବେ ଚତୁର୍ଥଥର ନିର୍ବାଚନ ଲଢ଼ିବେ ବୋଲି ଜଣାପଡ଼ିଛି।

ଜଗତସିଂହପୁର ଲୋକସଭା ଆସନ ପାଇଁ ହୋଇଥିବା ପ୍ରଥମ ନିର୍ବାଚନ ୧୯୭୭ରେ ଜନତା ଦଳରୁ ପ୍ରଦ୍ୟୁମ୍ନ କିଶୋର ବଳ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୦ ଓ ୧୯୮୪ରେ କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମଣ ମଲ୍ଲିକ ଏଠାରୁ ବିଜୟୀ ହୋଇଥିଲେ। ୧୯୮୯ ଓ ୧୯୯୧ ନିର୍ବାଚନରେ ସିପିଆଇରୁ ସ୍ୱର୍ଗତ ଲୋକନାଥ ଚୌଧୁରୀ ବିଜୟଲାଭ କରିଥିଲେ। ୧୯୯୬ ଓ ୧୯୯୮ରେ ଏଠାରୁ କଂଗ୍ରେସ ପ୍ରାର୍ଥୀ ରଞ୍ଜୀବ ବିଶ୍ୱାଳ ଜିତିଥିଲେ। ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ଜିତିବା ସହ ଜିଲ୍ଲାର ସମସ୍ତ ବିଧାନସଭା କ୍ଷେତ୍ର ଦଖଲ କରିଥିଲା। ଚଳିତ ନିର୍ବାଚନରେ ବିଜେଡି ତା'ର ଗଡ଼ ରକ୍ଷା ପାଇଁ ଉଦ୍ୟମ କରିବା ସମୟରେ ବିଜେପି ଓ କଂଗ୍ରେସ ପାଇଁ ଏହା ଏକ ଆହ୍ୱାନ ସୃଷ୍ଟି କରିବ ବୋଲି ରାଜନୈତିକ ସମୀକ୍ଷକ ମତ ପ୍ରକାଶ କରିଛନ୍ତି।

---

## ଧର୍ମଗଡ଼ ଆସନ ପାଇଁ ବିଜେପିରେ ଆଶାୟୀଙ୍କ ସଂଖ୍ୟା ଲମ୍ବୁଛି

**ଧର୍ମଗଡ଼, ୩୦ ।୩ (ସମିସ):** ସାଧାରଣ ନିର୍ବାଚନ ନେଇ ବିଗୁଲ୍ ବାଜି ସାରିଥିବା ବେଳେ ତା' ପୂର୍ବରୁ ଚଳଚଞ୍ଚଳ ହୋଇଉଠିଛି ରାଜ୍ୟ ରାଜନୀତି। ତେବେ ବିଜେପି- ବିଜେଡି ମେଣ୍ଟ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ସସପେନ୍ସ ହଟିଥିବାରୁ ପୁଣିଥରେ ବିଜେପିରୁ ଧର୍ମଗଡ଼ ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ପ୍ରାର୍ଥୀ ଆଶାୟୀ ଚଳଚଞ୍ଚଳ ହୋଇ ପଡ଼ିଛନ୍ତି। ଏହି ବିଧାନସଭା କ୍ଷେତ୍ରରେ ୫ଥର ବିଜୁ ଜନତା ଦଳ ଲଗାତାର ବିଜୟ ଓ ଗଡ଼କୁ ନିଜ କବଜାରେ ରଖି ଆସିଛି। ହେଲେ ବିଜେପି ଧର୍ମଗଡ଼ ଗଡ଼କୁ ହାସଲ କରିବା ପାଇଁ ଆଶାବାଦୀ ରହିଛି। ଦଳରେ ଆଶାୟୀଙ୍କ ସଂଖ୍ୟା ଅଧିକ ରହିଥିବାରୁ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବିଧାୟକ ପାଇଁ ଆଶାୟୀଙ୍କ ତାଲିକାରେ ଯୁବନେତା ତଥା ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ପ୍ରମୁଖ ଦାବିଦାର ଅଛନ୍ତି। ଅନ୍ୟପଟେ ବିଜେପି ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ ମଧ୍ୟ ଟିକଟ ଦୌଡ଼ରେ ଥିବା ବେଳେ ଅନ୍ୟତମ ଆଶାୟୀ ରବୀନ୍ଦ୍ର ପାଟ୍ଟଯୋଶୀ ରହିଛନ୍ତି। ଶ୍ରୀ ପାଟ୍ଟଯୋଶୀ ୨୦୧୯ ନିର୍ବାଚନରେ ଦଳୀୟ ଟିକଟ ନ ମିଳିବାରୁ ବିଦ୍ରୋହୀ ସାଜି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହେବା ସହ ୪ ନମ୍ବର ସ୍ଥାନରେ ରହିଥିଲେ। ନିର୍ବାଚନରେ ହାରିବା ପରେ ସେ କଂଗ୍ରେସର ହାତ ଧରିଥିଲେ। ହେଲେ୨୦୨୪ ବିଧାନସଭା ନିର୍ବାଚନ ପୂର୍ବରୁ ସେ କଂଗ୍ରେସର ହାତ ଛାଡି ବିଜେପିକୁ ଫେରିଛନ୍ତି। ଏହି ୪ଜଣ ଆଶାୟୀଙ୍କୁ ଛାଡ଼ିଦେଲେ ଆଉ କିଛି ମଧ୍ୟ ଟିକେଟ ଦୌଡ଼ରେ ଅଛନ୍ତି।

# ବନ୍ଦ ଭଡ଼ା ଘରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର

ଭଦ୍ରକ, ୩୦ ।୩(ସମିସ)

:ଭଦ୍ରକ ସହରାଞ୍ଚଳ ଥାନା ଅପର୍ତ୍ତିବିନ୍ଧା ନିଉ କଲୋନୀ ସ୍ଥିତ ଏକ ବନ୍ଦ ଭଡ଼ା ଯଘର ଭିତରୁ ଜଣେ ମହିଳାଙ୍କ ଗଳିତ ଶବ ଉଦ୍ଧାର ହୋଇଛି । ସୂଚନା ମୁତାବକ, ୧୫ଦିନ ହେବ ଏହି ଘର କବାଟ ବନ୍ଦ ରହିଥିଲା । ତେବେ ଉକ୍ତ ଘରୁ ପ୍ରବଳ ଦୁର୍ଗନ୍ଧ ବାହାରିବାରୁ ମୃତକଙ୍କ ବାହାରେ ରହୁଥିବା ସ୍ୱାମୀ ଓ ପଡୋଶୀମାନେ ପୁଲିସକୁ ଖବର କରିଥିଲେ । ପରେ ମାଜିଷ୍ଟ୍ରେଟ ଭାବେ ଭଦ୍ରକ ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମକେଶରୀ ଖୁଣ୍ଟିଆ, ସିଟି ଡିଏସପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତିଙ୍କ ସହ ସାଇଣ୍ଟିଫିକ ଓ ଫରେନ୍ସିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବନ୍ଦ ଘର ତାଲା ଭାଙ୍ଗି ମହିଳାଙ୍କ ଗଳିତ ଶବକୁ ଉଦ୍ଧାର କରିଥିଲେ । ମୃତ ମହିଳା ଜଣଙ୍କ ହେଲେ ମଧୁସ୍ମିତା ନାୟକ ଓ ତାଙ୍କ ସ୍ୱାମୀ ହେଲେ ମହେଶ୍ୱର ନାୟକ । ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧୀନ ଗୋଳାପୋଖରୀରେ ତାଙ୍କ ଘର ବୋଲି ଜଣାଯାଇଛି । ସୂଚନା ଅନୁଯାୟୀ ମୃତା ମହିଳାଙ୍କ ସ୍ୱାମୀ ସ୍ୱାମୀ ମହେଶ୍ୱର ନାୟକ ମୁମ୍ବାଇରେ ରହି ଚାକିରି କରୁଥିବା ବେଳେ ସ୍ତ୍ରୀ ମଧୁମିତା ଅପର୍ତ୍ତିବିନ୍ଧା ନିଉ କଲୋନୀରେ ଗତ ୬ମାସ ହେବ ଭଡ଼ା ଘରେ ରହୁଥିଲେ । ତେବେ ସ୍ୱାମୀ ମହେଶ୍ୱର ଗତ ୧୪ ଦିନ ହେବ ସ୍ତ୍ରୀକୁ ଫୋନ କରୁଥିଲେ ମଧ ମଧୁସ୍ମିତା ସ୍ୱାମୀଙ୍କ ଫୋନ ଆଦୌ ଉଠାଉ ନଥିଲେ । ଫଳରେ ତାଙ୍କର ସନ୍ଦେହ ହେବାରୁ ସ୍ୱାମୀ ମହେଶ୍ୱର ଆସି ଭଦ୍ରକ ଟାଉନ ପୁଲିସକୁ ଖବର କରିଥିଲେ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିବା ସହ ଏକ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ଆଣି ଅଧିକ ତଦନ୍ତ କରୁଛି । ମୃତା ମଧୁସ୍ମିତାଙ୍କ ଗୋଟେ ପୁଅ ପୁନେରେ ରହି ପାଠ ପଢୁଥିବା ସୂଚନା ମିଳିଛି । ତେବେ ଏହି ମୃତ୍ୟୁ ଘଟଣା ହତ୍ୟା କି ଅନ୍ୟ କିଛି ଏହାର ଅଧିକ ତଦନ୍ତ ପରେ ଜଣାପଡ଼ିବ ବୋଲି ଟାଉନ ଥାନା ଆଇଆଇସି ଶ୍ରୀ ସେନାପତି ସୂଚନା ଦେଇଛନ୍ତି । ଏନେଇ ଥାନାରେ ରିପୋର୍ଟ ଲେଖିବା ଯାଏଁ କିଛି ଅଭିଯୋଗ ଦାୟର ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି ।





● ମୁମ୍ବାଇରେ ରହୁଛନ୍ତି ସ୍ୱାମୀ
● ୧୪ଦିନ ହେବ ଫୋନ୍ ରିଭିସ୍ କରୁନଥିଲେ
● ପଚା ଦୁର୍ଗନ୍ଧ ଯୋଗୁଁ ସାଇପଡ଼ିଶା ସନ୍ଦେହ କରୁଥିଲେ

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଆଶ୍ରମ ବାର୍ଷିକ ପାଠଚକ୍ର



ବନ୍ତ/ଆଗରପଡ଼ା, ୩୦।୩(ସମିସ):ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ଆପଣ୍ଡା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଆଶ୍ରମର ୫୯ତମ ବାର୍ଷିକ ଉତ୍ସବ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଦ୍ମଚରଣ ଦାସଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ତାଙ୍କ ପୁତ୍ର ପ୍ରଫୁଲ ଦାସ ଓ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଗଣେଶ ପ୍ରସାଦ କର ଶର୍ମା, ଅଧ୍ୟାପିକା ଅନୁରାଧା ପଣ୍ଡା, ଅରୁଣ ପଣ୍ଡା ପ୍ରମୁଖ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଆର୍ବିଭାବ ଓ ଜୀବନର ଲକ୍ଷ୍ୟ, ଜୀବନରେ ଆଧ୍ୟାତ୍ମିକତା କେତେ ମୂଲ୍ୟବାନ ଓ ଶରୀର ଚର୍ଚ୍ଚା, ନିମ୍ନ ପ୍ରାଣର ରୂପାନ୍ତର, ମୃତ୍ୟୁ ରହସ୍ୟ ଆଦି ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ ଥିଲା । ଅନ୍ୟମାନଙ୍କ ମଧ୍ୟରେ ସତ୍ୟଭାମା ସାହୁ, ଅଶୋକ କୁମାର ଖୁଣ୍ଟିଆ, ସଞ୍ଜୁଲତା ପୁହାଣ, ମନ୍ଦାକିନୀ ସ୍ୱାଇଁ, ଶରତ ସାହୁ, ହେମନ୍ତ ଜେନା, ଗୋଲକ ପ୍ରସାଦ ସେଠୀଙ୍କ ସହ ଦୋଳପଦୀ ପୂର୍ଣ୍ଣାଙ୍ଗ ଆଶ୍ରମର ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଅପରାହ୍ନରେ ମାତୃପତାକା ଅବତରଣ ପରେ ଉକ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ପାଠଚକ୍ରରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଅପା ଭାଇମାନେ ଯୋଗଦେଇଥିଲେ । ଦିବସ ବ୍ୟାପୀ ସମସ୍ତ କାର୍ଯ୍ୟକୁ ସୁଲୋଚନା ଦାସ, ସ୍ୱର୍ଣ୍ଣଶ୍ରୀ ଦାସ, ଆଦ୍ୟାଶ୍ରୀ ଦାସଙ୍କ ସହ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

# ରାଧାକୃଷ୍ଣଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବନ୍ତ/ଆଗରପଡ଼ା, ୩୦।୩(ସମିସ): ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ବେଗନା ଠାରେ ଧର୍ମ ପରାୟଣ ବ୍ୟକ୍ତି ହରେକୃଷ୍ଣ ନନ୍ଦଙ୍କ ଦ୍ୱାରା ରାଧାକୃଷ୍ଣଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ତ୍ରିଦିବସଧରି ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିବବସରେ ଗ୍ରାମ୍ୟ ପୁଷ୍କରିଣୀରୁ ୧୦୮ ଜଣ ଦମ୍ପତିଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ଅଣାଯାଇ ଗ୍ରାମ୍ୟ ପରିକ୍ରମା ସହ ମନ୍ଦିର ସମ୍ମୁଖରେ ସ୍ଥାପନ କରାଯାଇଥିଲା । ଏହାର ମୁଖ୍ୟ କଳସ ରାମଚନ୍ଦ୍ର ଓ ତାଙ୍କ ପତ୍ନି ପ୍ରତିମା ନନ୍ଦ ଆଣିଥିଲେ । ୨ୟ ଦିବସ ପ୍ରତ୍ୟୁଷରୁ ସୂର୍ଯଦେବଙ୍କପୂଜା, ଗୋ ପୂଜାଦି କରାଯିବା ସହ ଯଜ୍ଞେଶ୍ୱରଙ୍କ ଦଶକର୍ମାଦି ସଂସ୍କାର କରାଯାଇ ନଗରପରିକ୍ରମା, ମହାଭିଷେକସ୍ନାନ ସହ ଷୋଡ଼ଶ ଉପଚାରରେ ଦେବାବେଦୀଙ୍କୁ ପୂଜାର୍ଚ୍ଚନା ସହ ପ୍ରତ୍ୟେକ ମନ୍ତ୍ରରେ ଆହୁତି ପ୍ରଦାନ ପୂର୍ବକ ଦେବାଦେବୀଙ୍କ ଜୀବନ୍ୟାସ କରାଯାଇଥିଲା । ସନ୍ଧ୍ୟାରେ ଶ୍ରୀଅଧିକାରୀ ବାବାଙ୍କ ଦ୍ୱାରା ପ୍ରବଚନ ସହ ସ୍ୱନାମ ଧନ୍ୟ କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତିଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା । ଯଜ୍ଞର ଶେଷ ଦିବସରେ ରାଧାକୃଷ୍ଣଙ୍କ ଗୀତାପାଠ ଓ ଗୋପାଳ ସହସ୍ର ନାମଙ୍କ ସହ ପାର୍ଶ୍ୱସ୍ଥ ଦେବାଦେବୀଙ୍କ ଆହୁତି ପ୍ରଦାନ, ଅଖଣ୍ଡ ନାମ ସଂକୀର୍ତ୍ତନ କରାଯାଇଥିଲା । ପୂଜକ ଭାବେ ପଣ୍ଡିତ ବିଷ୍ଣୁମୋହନ ପଣ୍ଡା, ପ୍ରଶାନ୍ତ କର, ନିତ୍ୟାନନ୍ଦ ଶତପଥୀ, ଖଗେଶ୍ୱର ପତିଙ୍କ ସମେତ ଅନ୍ୟାନ୍ୟ ସହଯୋଗୀଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ସମ୍ପାଦିତ ହୋଇଥିଲା ।

# ଷୋଳମପୁର ଯାଦବ ସମିତିର ସୁବର୍ଣ୍ଣ ଜୟନ୍ତୀ

ଭଣ୍ଡାରିପୋଖରୀ, ୩୦।୩(ସମିସ):ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ଯାଦବ ସମିତିର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣର୍ ଜୟନ୍ତୀ ସମାରୋହ ଶନିବାର ଉଦଯାପିତ ହୋଇଯାଇଛି । ସମିତିର ସଭାପତି ରବୀନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରବଚକ ଶିବଚରଣ ଦାସ ମୁଖ୍ୟଅତିଥି, ପୂଜକ ପରିକ୍ଷୀତ ପଣ୍ଡା, ଶିକ୍ଷାବିତ୍ ବିଶ୍ୱମ୍ଭର ରାଉତ, ସମ୍ପାଦକ ଘନଶ୍ୟାମ ପଲାଇ



ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସମିତି ପକ୍ଷରୁ ଶିଶୁମାନଙ୍କ ମଧ୍ୟରେ ଶଙ୍ଖବାଦନ, ମହମବତୀ ପ୍ରଜ୍ୱଳନ, ହାଣ୍ଡିଫଟା, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ସଭାପତି ରବୀନ୍ଦ୍ର ଦାସ, ସମ୍ପାଦକ ଘନଶ୍ୟାମ ପଲାଇ, ସଦସ୍ୟ ନଟବର ଖଟୁଆ, ଶିବପ୍ରସାଦ ପଲାଇ, ଅମ୍ରିତ ନାୟକ ଆଦିଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବ ଶେଷରେ ପ୍ରବଚକ ଶିବଚରଣ ଦାସ ରାଧାଗୋବିନ୍ଦ ପ୍ରେମ ଆଧାରିତ ଦିବ୍ୟ ପ୍ରବଚନ ପ୍ରଦାନ କରିବା ସହ ଭକ୍ତିରସାତ୍ମକ ସଙ୍ଗୀତ ପରିବେଷଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ 'ସାଇଅଙ୍କିତ ଅର୍କେଷ୍ଟ୍ରା' ଦ୍ୱାରା ଭଜନ, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ସମିତି ପକ୍ଷରୁ ବାର୍ଷିକ ଦୋଳଗୋବିନ୍ଦ ପୂଜନ କାର୍ଯ୍ୟକ୍ରମରେ କଳସ ପୂଜନ, ରାଧାକୃଷ୍ଣ ମୃଣ୍ମୟ ମୂର୍ତ୍ତି ପୂଜନ, ଫଗୁଖେଳ, ନୂତନ ପଞ୍ଜିକା ପାଠ, ଲହୁଡି ଖେଳ ଆଦି ଯଥାରୀତି ଅନୁଷ୍ଠିତ ହୋଇଥିଲା । ଶନିବାର ବିସର୍ଜନ ହୋଇ ପୂଜା ଓ ଉତ୍ସବ ଉଦଯାପିତ ହୋଇଥିଲା । ଉତ୍ସବକୁ ସମିତି ପକ୍ଷରୁ ନରେନ୍ଦ୍ର ନାୟକ, ଅନିରୁଦ୍ଧ ଦାସ, ରତ୍ନାକର ଦାସ, ଶ୍ୟାମସୁନ୍ଦର ନାୟକ, ଦିନବନ୍ଧୁ ଦାସ, ରଘୁନାଥ ଦାସ, ଚକ୍ରଧର ନାୟକ, ଶଙ୍କର୍ଷଣ ନାୟକ, ବିଦ୍ୟାଧର ଖଟୁଆ, ସୁଦର୍ଶନ ଦାସଙ୍କ ସହ ସଦସ୍ୟମାନେ ପରିଚାଳନା କରିଥିଲେ ।

# 'ସବୁ ଧର୍ମ, ମତ ଓ ପନ୍ଥର ସମନ୍ୱୟ ଶ୍ରୀଜଗନ୍ନାଥ'

ଭଦ୍ରକ, ୩୦ ।୩(ସମିସ): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକ ପକ୍ଷରୁ ଆୟୋଜିତ ବାଲେଶ୍ୱର ଜିଲ୍ଲାସ୍ଥ ପାଣିଶିଆଳି ଗ୍ରାମରେ ଶ୍ରୀକ୍ଷେତ୍ର ବାସିନୀ ମହାଲକ୍ଷ୍ମୀ ସଂକୀର୍ତନ ମଣ୍ଡଳୀ ବାଲେଶ୍ୱର ଶାଖା ପକ୍ଷରୁ ଅନୁଷ୍ଠିତ ଏକ ଅଧ୍ୟାତ୍ମିକ ମହାପ୍ରଚାର



ସମିତିର ମୁଖ୍ୟ ପରିଚାଳକ ଭାଗୀରଥିନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ସମ୍ପୂର୍ଣ୍ଣ ହୋଇଛି । ଏଥିରେ ମୁଖ୍ୟବକ୍ତା ଭାବରେ ସମିତିର ଉପଦେଷ୍ଟା ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀ ସନ୍ତୋଷ କୁମାର ଦାସ, ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଅବାହକ ସେବକ ଶରତ କୁମାର ସାହୁ, ସମିତିର ମହାପରିଚାଳକ ଅବସରପ୍ରାପ୍ତ ରେଲୱେ ଅଫିସର ସୁଦର୍ଶନ ପଣ୍ଡା ଅନ୍ୟତମ କରେଣ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ସଭା ପ୍ରାରମ୍ଭରେ ଶ୍ରୀକ୍ଷେତ୍ର ବାସିନୀ ମହାଲକ୍ଷ୍ମୀ ସଂକୀର୍ତନ ମଣ୍ଡଳୀର ସଚାଳିକା ସୁଶ୍ରୀ ଅନ୍ନପୂର୍ଣ୍ଣା ଦେବୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ, ଶ୍ରୀ ଜଗନ୍ନାଥ ୧୪ ଭୁବନର ଅଧିଶ୍ୱର ହୋଇଥିବାରୁ ଚତୁର୍ଦ୍ଧା ବିଗ୍ରହଙ୍କ ନିମନ୍ତେ ଯେଉଁ ପଉଟି ପ୍ରସ୍ତୁତ କରାଯାଇଥାଏ ତାହା ୬୦ ଗରଟି ଭୋଗରେ ପରିଣତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ ସବୁ ଧର୍ମ ଓ ମତପନ୍ଥର ଦିଆଁ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ସମାରୋହରେ ଏଠାରେ ଏକ ସ୍ଥାୟୀ ଶାଖା ଗଠନ କରିବା ପାଇଁ ଗ୍ରାମକାରୀମାନଙ୍କୁ ସୁପାରିସ୍ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବେଲଦା, ଜଳଦା ନିକଟବର୍ତୀ ଗ୍ରାମକାରୀ ତଥା ସଙ୍କୀର୍ତନ ମଣ୍ଡଳୀ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ ।

# ଶିକ୍ଷା ସହ ସଂସ୍କାରୀ ହେବା ପାଇଁ ପିତାମାତା ଓ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଭଦ୍ରକ, ୩୦ ।୩(ସମିସ):ଭଦ୍ରକ ଚରମ୍ପା ସ୍ଥିତ ମିଶନ ପବ୍ଲିକ ସ୍କୁଲର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୁମିନସ ଇମ୍ପୋୱେଜର ନିର୍ଦ୍ଦେଶିକା ତଥା ପ୍ରତିଷ୍ଠାତା ଏବଂ ରୋଟାରୀ ଗଭର୍ଣ୍ଣର ଶ୍ରୀମତୀ ଜୟଶ୍ରୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଦୂରଦର୍ଶନର ପ୍ରବକ୍ତା ପଣ୍ଡିତ ବିରେନ୍ଦ୍ର ପଣ୍ଡା ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ ସହିତ ଗୁରୁଜନମାନଙ୍କୁ ସମ୍ମାନ ଦେବା ସହ ସଂସ୍କାରୀ ହେବା ଓ ଭଲ ମଣିଷ ହେବାକୁ ଅତିଥିମାନେ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ମୋବାଇଲ ବ୍ୟବହାର ସଂକୁଚିତ କରି ନିଜକୁ ସ୍ୱତନ୍ତ୍ର ଭାବେ ଗଢ଼ି ସମାଜରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ପ୍ରୟାସ କରିବା ଉଚିତ୍ ବୋଲି ମୁଖ୍ୟ ବକ୍ତା ଗୁରୁତ୍ୱ ଦେଇ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାରଦର୍ଶିତା ହାସଲ ପାଇଁ ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଇନ୍ଦ୍ରଜିତ ସାହୁଙ୍କ ଉଦ୍ୟମକୁ ମୁଖ୍ୟଅତିଥି ପ୍ରଶଂସା କରିଥିଲେ । ରାଷ୍ଟ୍ରପତି ପୁରସ୍କୃତ ଅଧ୍ୟକ୍ଷ ପ୍ରଣବ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଚଳିତ ବର୍ଷର ଶ୍ରେଷ୍ଠ ଶିକ୍ଷକ ଭାବେ ରତନ କୁମାର ବିନ୍ଧାଣୀ ଓ ତାରିଣୀ ସାହୁ ଏବଂ ଷ୍ଟାଫ୍ ଅଫ ଦ ଇୟର ଇତେଶାମ୍ କାଦ୍ରିଙ୍କୁ ଉପଢୌକନ, ସ୍ମୃତିଫଳକ ସହ ପୁରସ୍କାର ଅର୍ଥ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ବରିଷ୍ଠ ବିଭାଗରେ ଉର୍ମିପ୍ରୀୟଦର୍ଶନୀ ଦାସ, କନିଷ୍ଠ ବିଭାଗରେ ଶୁଭ୍ରାଂଶୁ ମହାପାତ୍ରଙ୍କୁ ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲ କରିଥିବା ୩୦ ଛାତ୍ର ଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ନିବେଦିତା ଟଙ୍କ, ସୁପ୍ରିୟା ମହାପାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବକୁ ସୁଚରିତା ନାୟକ, ରାଜଶ୍ରୀ ସ୍ୱାଇଁ, ସୁଚିସ୍ମିତା ଲେଙ୍କା, କ୍ରିପା ଶେଠ୍, ରତନ ବିନ୍ଧାଣୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସୂଚାରୁ ରୂପେ ପରିଚାଳନା କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୧୫୦୦ରୁ ଉର୍ଦ୍ଧ ଅଭିଭାବକ ଓ ବହୁ ଶୁଭେଚ୍ଛୁ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।

# କାଳବୈଶାଖୀରେ ଭାଙ୍ଗିଗଲା ବାସଗୃହ



ବାରିକପୁର, ୩୦ ।୩(ସମିସ): ଯେକୌଣସି ଦୈବି ଦୁର୍ବିପାକ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପରିବାର ବର୍ଗଙ୍କୁ ତତ୍କାଳୀନ ସରକାରୀ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି । ପରିତାପର ବିଷୟ ଝଡବର୍ଷା ଯୋଗୁଁ ୩ ଦିନ ହେବ ବାସହରା ହୋଇଥିବା ପରିବାର ବର୍ଗଙ୍କୁ ଏଯାଏଁ ପ୍ରଶାସନିକ ସ୍ତରରେ କୌଣସି ସହାୟତା ମିଳିନଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ଅଭିଯୋଗ ମୁତାବକ ଗତ ୨୭ ତାରିଖ ଦିନ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କାଳବୈଶାଖୀ ବର୍ଷା ସୃଷ୍ଟି ହୋଇଥିଲା । ତୁହାକୁ ତୁହା ବର୍ଷା ଓ କୁଆପଥର ମାଡ ସହିତ ପବନ ଯୋଗୁଁ ଅନେକ ସ୍ଥାନରେ ଗଛ ଡାଳପତ୍ର ଭାଙ୍ଗି ଯାଇଥିଲା । ଏହି ଅଦିନିଆ ବର୍ଷା ପବନରେ କ୍ଷତିଗ୍ରସ୍ତ ହୋଇଥିଲେ ବିଷ୍ଣୁପୁର ଗ୍ରାମପଞ୍ଚାୟତ ବଡରାମପୁର ଗ୍ରାମର ନିରାକାର ବାରିକ । କାଳବୈଶାଖୀ ପ୍ରଭାବରେ ତାଙ୍କ ଚାଳ ଛପର ଘରଟି ସମ୍ପୂର୍ଣ୍ଣ ମାଟିରେ ଲୋଟି ଯାଇଥିଲା । ଘର ଭାଙ୍ଗିବା ସହିତ କିଛି ଆସବା ପତ୍ର ମଧ୍ୟ ନଷ୍ଟ ହୋଇଛି । ନିରାକାରଙ୍କ ସମେତ ତାଙ୍କ ପତ୍ନୀ ଓ ତିନି ଜଣ ପିଲା ଏବେ ଗାଆଁ ଗୋଷ୍ଠୀ କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି । ଘଟଣାକୁ ତିନି ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନଥିବା ଜଣାପଡ଼ିଛି । ଏନେଇ ତହସିଲଦାରଙ୍କ ମତାମତ ନେବାରୁ କାଳବୈଶାଖୀ ଜନିତ କ୍ଷୟକ୍ଷତି ପାଇଁ କୌଣସି ସହାୟତା ନଥିବା କଥା କହିଛନ୍ତି । ଏପଟେ ଗୃହସ୍ଥ ଜଣଙ୍କ ନୂତନ ଘର ନିର୍ମାଣ ପାଇଁ ସକ୍ଷମ ନଥିବା ବେଳେ ନିରାକାରଙ୍କୁ ଆବାସ ଯୋଜନାରେ ବାସଗୃହ ଖଣ୍ଡିଏ ଯୋଗାଇ ଦେବାକୁ ସରପଞ୍ଚ ଅମୂଲ୍ୟ ନାୟକ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାରିକପୁର, ୩୦ ।୩(ସମିସ) ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମପଞ୍ଚାୟତ ବେଲଗଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉତ୍ସବକୁ ମୁଖ୍ୟ ଅତିଥି ସରପଞ୍ଚ ରଞ୍ଜନ ପରିଡ଼ା ଉଦଘାଟନ କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ପିତାମ୍ବର ରାଉତ, ଶିକ୍ଷା ବିତ କାର୍ତିକ ସ୍ୱାଇଁ, ବସନ୍ତ କୁମାର ଦାସ, ରଘୁନାଥ ଶତପଥୀ, ଅଭୟ କୁମାର ମଲ୍ଲିକ, କୁମରବର ନାୟକ, ରଞ୍ଜନ କୁମାର ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସାମ୍ବାଦିକ ରବିନାରାୟଣ ଖିଲାର ଙ୍କୁ ଅତିଥି ମାନେ ମହୋତ୍ସବ ପୁରୁଷ ସମ୍ମାନରେ ସମ୍ମାନିତ କରିଥିଲେ । ଶିକ୍ଷୟିତ୍ରୀ ସନ୍ଧ୍ୟା ଧର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରତିଭା ପାଣିଗ୍ରାହୀ ବିଦ୍ୟାଳୟ ବିବରଣୀ ପାଠ କରିଥିଲେ । ଆୟୋଜିତ ଉତ୍ସବକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମାନେ ପରିଚାଳନା କରିଥିଲେ ।



# ଟ୍ରାକ୍ଟର ସହ ବାଇକ୍ ଧକ୍କାରେ ଜଣେ ମୃତ



ତିହିଡି, ୩୦ ।୩(ସମିସ): ଏକ ଟ୍ରାକ୍ଟର ସହ ବାଇକ୍ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ନରେନ୍ଦ୍ରପ୍ରସାଦ ପାଣିଗ୍ରାହୀଙ୍କ ପୁଅ ଶୁଭାଶିଷ ଓରଫ୍ ଟିଟନ୍ (୩୫) । ତାଙ୍କ ଘର ତିହିଡି ଥାନା ଅଧୀନ ଗୁଆମାଳରେ ବୋଲି ଜଣାଯାଇଛି । ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ରାଢଙ୍ଗ ଛକ ନିକଟରେ ଦୁର୍ଘଟଣା ଘଟିଛି । ଦୁର୍ଘଟଣା ପରେ ମୁମୂର୍ଷ ଅବସ୍ଥାରେ ଶୁଭାଶିଷ ତଳେ ପଡ଼ି ଯାଇଥିଲେ । ତିହିଡି ହରିପୁର ଗାଁର ସମାଜସେବୀ ନାରାୟଣ ଜେନାଙ୍କ ଉଦ୍ୟମରେ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଛି । ସୂଚନା ମୁତାବକ, ଆଜି ଶୁଭାଶିଷ ବାଇକ୍ ଯୋଗେ ଭଦ୍ରକ ଅଭିମୁଖେ ଯାଉଥିଲେ । ପ୍ରାୟ ମଧ୍ୟାହ୍ନ ୨ଟା ୨୫ମିନିଟରେ ରାଢଙ୍ଗ ଛକ ନିକଟରେ ଏକ ହାଇୱାକୁ ଓଭରଟେକ୍ କରି ଯାଉଥିବା ବେଳେ ସାମନା ପଟରୁ ଆସୁଥିବା ଏକ ଟ୍ରକ୍ଟର ସହ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ସାବରଙ୍ଗ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ଶୁଭାଶିଷଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବେଆଇନ ପାର୍କିଂ ଯୋଗୁଁ ବଢୁଛି ଦୁର୍ଘଟଣା

ବାରିକପୁର, ୩୦ ।୩(ସମିସ):



ଜାତୀୟ ରାଜପଥ ନିର୍ମାଣ ପରେ ରାସ୍ତା ଯେତେ ପ୍ରଶସ୍ତ ହେଉଛି ଦୁର୍ଘଟଣା ମଧ ସେତେ ବୃଦ୍ଧି ପାଉଥିବା ଦେଖାଯାଉଛି । ଯଦିଓ ଏଥିପାଇଁ ମନୁଷ୍ୟକୃତ ବ୍ୟବସ୍ଥା ହିଁ ଅଧିକାଂଶ ସମୟରେ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି । ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ କିଛି ମାସ ହେବ ଶେଷ ହୋଇଛି । ଏହାରି ଭିତରେ ରାଜପଥ ପାର୍ଶ୍ୱକୁ ଲାଗି ଅନେକ ହୋଟେଲ ଓ ଢାବା ଗଢି ଉଠିଲାଣି । ବିଶେଷକରି ଛତାବର ଟୋଲଗେଟ ଠାରୁ ଭଣ୍ଡାରିପୋଖରୀ ଯାମିନୀବିନ୍ଧା ଯାଏଁ ଥିବା ଅନେକ ହୋଟେଲ ଆଗରେ ଏବେ ବେଆଇନ ଭାବେ ଯାନବାହାନ ଘଣ୍ଟା । ଘଣ୍ଟା ଧରି ଠିଆ ହେଉଛି ।ଏହାଛଡା କହରାପୋଖରୀ ଠାରୁ ବିଷ୍ଣୁପୁର ଯାଏଁ ମଧ ସମାନ ଅବସ୍ଥା ହୋଇଛି । ବିଶେଷ କରି ମଧ୍ୟାହ୍ନ ୧୨ଟା ରୁ ୩ଟା ଓ ସନ୍ଧ୍ୟା ୭ଟାରୁ ରାତି ୧୧ଟା ଯାଏଁ ଗାଡି ଗୁଡିକ ହୋଟେଲ ଏବଂ ଢାବା ଆଗରେ ଠିଆ ହେଉଛି । ରାସ୍ତାର ଉଭୟ ପାର୍ଶ୍ୱରେ ଏଭଳି ଚିତ୍ର ଦୈନନ୍ଦିନ ଦେଖିବାକୁ ମିଳୁଛି ।ତିନି ଥାକିଆ ରାସ୍ତାର ଗୋଟିଏ ରାସ୍ତାକୁ ମାଲବାହୀ ଯାନବାହାନ ଅକ୍ତିଆର କରୁଥିବା ବେଳେ ଏଥି ପାଇଁ ଅନ୍ୟାନ୍ୟ ଯାନବାହାନ ଚଳାଚଳରେ ଘୋର ଅସୁବିଧା ସୃଷ୍ଟି ହେଉଛି ।ଯଦିଓ ନିୟମ ଦୃଷ୍ଟିରୁ ହୋଟେଲ ମାଲିକ ଗାଡି ରହିବା ପାଇଁ ନିଜସ୍ୱ ପାର୍କିଂ ସ୍ଥାନ ତିଆରି କରିବା ଉଚିତ୍ । କିନ୍ତୁ କୌଣସି ହୋଟେଲର ନିଜସ୍ୱ ଗାଡି ରହିବା ସ୍ଥାନ ନଥିବାରୁ ବାଧ ହୋଇ ଯାନବାହାନ ଗୁଡିକ ଘଣ୍ଟା ଘଣ୍ଟା ଧରି ରାଜପଥ ଉପରେ ରହୁଛି । ସ୍ଥାନୀୟ ପୁଲିସ ଓ ତହସିଲଦାର ଏହା ଉପରେ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ବେଆଇନ ଗାଡି ପାର୍କିଂ ଯୋଗୁଁ ଛୋଟ ମୋଟ ଦୁର୍ଘଟଣା ଘଟୁଥିବା ବେଳେ କେତେବେଳେ ଯେ କାହାର ଜୀବନ ଚାଲିଯିବ କହି ହେବ ନାହିଁ ।ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ● ଭଦ୍ରକ ଓକିଲ ସଂଘ ନିର୍ବାଚନ

# ବସନ୍ତ ସଭାପତି, ସୂର୍ଯ୍ୟକାନ୍ତ ସଂପାଦକ




**ଭଦ୍ରକ, ୩୦ ।୩(ସମିସ):** ଆଜି ଭଦ୍ରକ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନରେ ଭଦ୍ରକ ଓକିଲ ସଂଘର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ଦାସ, ସମ୍ପାଦକ ଭାବେ ସୂର୍ଯ୍ୟକାନ୍ତ କୁଅଁର ନିର୍ବାଚିତ ହୋଇଛନ୍ତି । ସେହିଭଳି ଉପସଭାପତି ପଦବୀରେ ଦୀପକ କୁମାର ସାହୁ, ସହସମ୍ପାଦକ ଗିରିଜାଶଙ୍କର ଦାସ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ସଭାପତି ପଦବୀ ପାଇଁ ବରିଷ୍ଠ ଓକିଲ ବସନ୍ତ କୁମାର ଦାସ ୫୭୧ ଖଣ୍ଡ, ଦେବେନ୍ଦ୍ରନାଥ ପଣ୍ଡା ୧୫୩ ଖଣ୍ଡ, ଧନେଶ୍ୱର ମଲ୍ଲିକ ୫୫ ଖଣ୍ଡ ଭୋଟ ପାଇଥିବା ଜଣାଯାଇଛି । ସମ୍ପାଦକ ପଦବୀ ପାଇଁ କଲ୍ୟାଣ କୁମାର ଦାସ (୩୦୫), ସୂର୍ଯ୍ୟକାନ୍ତ କୁଅଁର(୪୭୧), ଉପସଭାପତି ପଦବୀ ପାଇଁ ଦୀପକ କୁମାର ସାହୁ(୩୨୮), ମନୋରଞ୍ଜନ ଦାସ(୨୪୦), କମଳିନୀ ନାୟକ(୧୬୫), ସହ ସମ୍ପାଦକ ପଦବୀରେ ଗିରିଜାଶଙ୍କର ଦାସ(୪୦୭), କୋଷାଧ୍ୟକ୍ଷ ଭାବେ କିଶୋର ବଳ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟତା ପାଇଁ ଶିଳାଦିତ୍ୟ ନାୟକ, କୌଶିକ କୁମାର ଦାସ, ସଂଜୟ ନାୟକ, ବିଶ୍ୱପ୍ରକାଶ ଜେନାଙ୍କ ମଧ୍ୟରେ ପ୍ରଦ୍ୱନ୍ଦିତା ହେଉଥିଲା । ତେବେ ସଂଜୟ ନାୟକ ପରାଜିତ ହୋଇଥିବାରୁ ଅନ୍ୟ ୩ ଜଣ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଅଧିବକ୍ତା ସନ୍ତୋଷ ନାୟକ, ଅତିରିକ୍ତ ନିର୍ବାଚନ ଅଧିକାରୀ ସରୋଜ ତପନ ଦାସ, ହରିହର ଧଳ, ଅତିସ କୁମାର ବେହେରା, ଲଲାଟେନ୍ଦୁ ଦୀକ୍ଷିତ, ନାରାୟଣ ମହାନ୍ତି, ଚିତରଞ୍ଜନ ନାଥ, ବନିତା ଦତ, ଜ୍ୟୋତିରଞ୍ଜନ ବେହୁରା ଓ କୋ-ଅର୍ଡିନେଟର ପବନ କୁମାର ଶର୍ମାଙ୍କ ସୂତ୍ରରୁ ଜଣାଯାଇଛି ।

## ଅଶୋକ ହେଲେ ଓକିଲ ସଂଘର ସଭାପତି



**ଧାମନଗର, ୩୦ ।୩(ସମିସ):** ଧାମନଗର ଓକିଲ ସଂଘ ନିର୍ବାଚନରେ ଅଶୋକ କୁମାର ଦାସ ସଭାପତି ପଦ ଅଳଙ୍କୃତ କରିଛନ୍ତି । ଆଜି ଧାମନଗର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଉକ୍ତ ନିର୍ବାଚନରେ ସଭାପତି ଭାବେ ଅଶୋକ କୁମାର ଦାସ ନିକଟତମ ପ୍ରତିଦ୍ୱନ୍ଦୀ ଅଜିତ କୁମାର ଦାସଙ୍କୁ ୨୯ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ସଭାପତି ପଦ ଅଳଙ୍କୃତ କରିଛନ୍ତି । ସେହିପରି ଭାବେ ଉପ ସଭାପତି ଭାବେ ବିଜୟ କୁମାର ରାମ, ସମ୍ପାଦକ ଭାବେ ଅମରେନ୍ଦ୍ର ମହାନ୍ତି, ସହ ସମ୍ପାଦକ ଭାବେ ସୁବ୍ରତ ନନ୍ଦ, କୋଷାଧ୍ୟକ୍ଷ ଭାବେ ପର୍ଶୁରାମ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଭାବେ ଦେବକି ମହାପାତ୍ର ଓ ସୌମ୍ୟରଞ୍ଜନ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହି ଓକିଲ ସଙ୍ଘ ନିର୍ବାଚନକୁ ପ୍ରଜ୍ଞା ପରମିତା ଦାସ ପରିଚାଳନା କରିଥିଲେ ।

## ବାବାମଣିଙ୍କ ନିକଟରେ ପୂଜାର୍ଚ୍ଚନା କଲେ ସଞ୍ଜୟ



**ଆରଡି, ୩୦ ।୩(ସମିସ):** ଭଦ୍ରକ ଜିଲାର ବେଶ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ଭାବେ ପରିଚିତ ଧାମନଗରରୁ ଚଳିତ ସାଧାରଣ ନିର୍ବାଚନର ବିଜେଡି ପ୍ରାର୍ଥୀ ଭାବେ ଡାକ୍ତର ସଞ୍ଜୟ ଦାସଙ୍କୁ ଟିକଟ ମିଳିବା ପରେ ସେ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ଆରଡି ପୀଠର ବାବା ଆଖଣ୍ଡଳମଣିଙ୍କ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରିଛନ୍ତି । ଦୀପଜାଳି ଶୁଭ ମନାସିବା ପରେ ଭୋଟରମାନଙ୍କୁ ଭେଟି ଆଶୀର୍ବାଦ ଭିକ୍ଷା କରିଛନ୍ତି । ଡାକ୍ତର ସଞ୍ଜୟ ଦାସ ଦୀର୍ଘମାସ ହେବ ଡାକ୍ତର କାର୍ଯ୍ୟରୁ ଅବ୍ୟାହତ ନେଇ ରାଜନୀତିରେ ପାଦ ଥାପି ସାଧାରଣ ଲୋକଙ୍କ ସେବା କରି ଚାଲିଥିଲେ । ଏପରିକି ଧାମନଗର ସହ ବିଭିନ୍ନ ସ୍ଥାନରେ ମେଗା ସ୍ୱାସ୍ଥ୍ୟମେଳା କରି ଲୋକଙ୍କ ପାଖରେ ବେଶ ଆଦୃତ ହୋଇପାରିଛନ୍ତି ।

## ନୂତନ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସମ୍ବର୍ଦ୍ଧନା



**ବାରିକପୁର, ୩୦।୩(ସମିସ):** ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ଘୋଷଣା ହୋଇଥିବା ନୂତନ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ୨୦୦୯ ମସିହା ଠାରୁ ଏଯାବତ୍ ଭଣ୍ଡାରିପୋଖରୀ ବିଧାୟକ ଭାବେ ପ୍ରଫୁଲ୍ଲ ସାମଲ କାର୍ଯ୍ୟ କରୁଛନ୍ତି । ଆସନ୍ତା ନିର୍ବାଚନରେ ବିଜେଡି ପ୍ରଫୁଲ୍ଲଙ୍କୁ ଭଦ୍ରକ ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଭାବେ ଘୋଷଣା କରିଛି । ଏପଟେ ଭଦ୍ରକ ବିଧାୟକ ଥିବା ସଞ୍ଜୀବଙ୍କୁ ଦଳ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଛି । ଗତ ଦୁଇ ଦିନ ଧରି ନିର୍ବାଚନମଣ୍ଡଳୀ ଅଧିନ ବିଭିନ୍ନ ପଞ୍ଚାୟତର ଛାମୁଆ କର୍ମୀ ମାନେ ଭଦ୍ରକ ଓ ଭଣ୍ଡାରିପୋଖରୀଠାରେ ନୂତନ ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହା ଛଡ଼ା ସଞ୍ଜୀବ ମଧ୍ୟ ଇଷ୍ଟଦେବୀ କାଳିତ୍ରାଙ୍କ ପୀଠରେ ପ୍ରଥମେ ପହଞ୍ଚି ପୂଜାର୍ଚ୍ଚନା କରି ମା'ଙ୍କ ଆଶିଷ ଭିକ୍ଷା କରିଛନ୍ତି । ଏହାଛଡା ଭଦ୍ରକ ପ୍ରାର୍ଥୀ ଶ୍ରୀ ସାମଲଙ୍କୁ ମଧ୍ୟ ସହରାଞ୍ଚଳ ସମେତ ବିଭିନ୍ନ ପଞ୍ଚାୟତ କର୍ମୀମାନେ ସ୍ୱାଗତ ଜଣାଇଛନ୍ତି । ଭଦ୍ରକ ଓ ଭଣ୍ଡାରିପୋଖରୀ ବିକାଶ ଧାରାକୁ ଆଗେଇ ନେବା ପାଇଁ ସୁପ୍ରିମ ଦୁଇ ନେତାଙ୍କୁ ଚୟନ କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ କୃତଜ୍ଞତା ମଧ୍ୟ ଜଣାଇଛନ୍ତି ।

## ସ୍ୱେଚ୍ଛାସେବୀ ଓ ଗାଁ ସାଥୀଙ୍କୁ ସଚେତନତା କାର୍ଯ୍ୟକ୍ରମ

**ଧାମନଗର, ୩୦ ।୩(ସମିସ):** ଧାମନଗର ଏନଏସି କାର୍ଯ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ସମ୍ପର୍କରେ ଏକ ଆଲୋଚନା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ଅଧକ୍ଷାଙ୍କ ଅନୁଷ୍ଠିତ ବୈଠକରେ ବିଭାଗୀୟ ଅଧିକାରୀ ସୁନିଲ ନାୟକ, ସମ୍ବିତ କୁମାର ନାୟକ, ୧୧ ଗୋଟି ୱାର୍ଡ ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ, ଗାଁ ସାଥୀ, ସଫେଇ କର୍ମଚାରୀ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ ୱାର୍ଡ ଓ ଗ୍ରାମର ଡ୍ରେନେଜ ଗୁଡିକୁ ସଫା ସୁତୁରା ରଖିବା, ପ୍ରତ୍ୟେକ ଗାଁ ଗହଳି କାର୍ଯ୍ୟ ଠିକ ହେଉଛି କି ନାହିଁ ବୁଲି ତଦାରଖ କରିବା, ପାଇଁ ଅଧିକାରୀ ଶ୍ରୀ ନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ସ୍ୱେଚ୍ଛାସଥୀ, ସାନିଟେସନ ସୁପରଭାଇଜର ପ୍ରମୁଖ ଯୋଗ ଦେଇଥିଲେ ।

## ସଂସ୍କାର ଯୋଜନା ବାଟବଣା

# ଅଞ୍ଚଳବାସୀଙ୍କ ଦୁଃଖ ସାଜୁଛି ରେବ ଓ କପାଳୀ

ଭଦ୍ରକ, ୩୦।୩(ସମିସ)



ଭଦ୍ରକ ଜିଲ୍ଲାରେ ପ୍ରବାହିତ ହେଉଥିବା ନଦୀ ଗୁଡ଼ିକର ସଂସ୍କାର ସହ ଏହାର ଜଳକୁ ସୁବିନିଯୋଗ ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟନ ହୋଇପାରୁନଥିବା ଜଣାପଡ଼ିଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ । କେଉଁ ଆବାହନ କାଳରୁ ବନ୍ତ ବ୍ଲକ ଦେଇ ରେବ ଓ କପାଳୀ ନଦୀ ପ୍ରବାହିତ ହେଉଥିବା ବେଳେ ଏହାର ସଂସ୍କାର ହେଉନଥିବାରୁ ଏହା ବର୍ତ୍ତମାନ ପୋତି ହୋଇ ଅଂଚଳବାସୀଙ୍କ ପାଇଁ ଦୁଃଖ ସାଜୁଛି । କେନ୍ଦୁଝର ଜିଲ୍ଲାର ବନ୍ତଳା ଗ୍ରାମରୁ ବାହାରି ବନ୍ତ ବ୍ଲକ ଦେଇ ଭଦ୍ରକ ଜିଲାକୁ ପ୍ରବାହିତ ହୋଇଛି ରେବ ଓ କପାଳୀ । ଏହାର ମୁହାଣ ପୋତି ହେବାସହ ଏହା ମଧ୍ୟରେ ବିଲାତି କଳମ ବୁଦା ରେ ଭର୍ତ୍ତି ହୋଇଛି । ଏହାଫଳରେ ସାମାନ୍ୟ ବର୍ଷାରେ ନଦୀର ଜଳ ନିଷ୍କାସନରେ ବାଧକ ସାଜିବା ସହ ଏହାର ପାର୍ଶ୍ୱରେ ଥିବା ବିଭିନ୍ନ ଗ୍ରାମ୍ୟର ରାସ୍ତା ଓ କୃଷି କ୍ଷେତ୍ର ଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହେଉଛି । ଉକ୍ତ ନଦୀର ଜଳ ଠିକ୍ ରୂପେ ନିଷ୍କାସନ ନହୋଇ ବହୁ ସମୟରେ କୃତ୍ରୀମ ବନ୍ୟାର ରୂପ ଧାରଣ କରୁଛି । ଏହି ନଦୀର ଅସଂଖ୍ୟ ବାଙ୍କ ଥିବାରୁ ଏହାକୁ ସିଧାକରିବାସହ ଖନନ ପାଇଁ ଅଞ୍ଚଳବାସୀ ଙ୍କ ତରଫରୁ ବହୁ ଦାବି ହେବା ପରେ ଏହାର ସଂସ୍କାରକାର୍ଯ୍ୟ କିଛିବର୍ଷ ପୂର୍ବେ ଆରମ୍ଭ ହୋଇଥିଲା । କିନ୍ତୁ ଏହା ଆରମ୍ଭ ହୋଇ କିଛି ଦିନଚାଲିବା ପରେ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଗଲା । ଏହା ଫଳରେ ବର୍ଷାଋତୁରେ ସାମନ୍ୟବର୍ଷା ସହ କେନାଲରେ ଆସୁଥିବା ପାଣି ସମ୍ମିଶ୍ରଣ ଫଳରେ ବାରମ୍ବାର ଏହି ନଦୀରେ କୃତ୍ରୀମ ବନ୍ୟା ରୂପ ନେଉଛି । ଏହା ଦ୍ୱାରା ନଦୀ ପାର୍ଶରେ ଥିବା ବସନ୍ତିଆ, ରାମଚନ୍ଦ୍ରପୁର, ବନ୍ତ, ଟିଲୋ, ନିଳୋକ, ଗୋବିନ୍ଦପୁର, ଗଣିଜାଙ୍ଗ, ରାମକୃଷ୍ଣପୁର ଓ ରାମପୁର ଆଦି ମୌଜାରା ଚାଷ ଜମି ଉପରେ ଏହାର ପ୍ରଭାବ ପଡୁଛି । ଏହା କ୍ରମଶ ପୋତି ହୋଇ ଯିବା ସହ ନଦୀର ପାର୍ଶ୍ୱ ଓ ମଧ୍ୟମସ୍ତଳ ରେ ବିଲାତି କଳମ ଓ ଗୁଳ୍ମ ଜାତୀୟ ବୁଦା ମାନ ସୃଷ୍ଟି ହୋଇ ତାହା ମଧ୍ୟ ଜଳନିଷ୍କାସନରେ ସମସ୍ୟା ସାଜିଛି । ଯାହା ଫଳରେ ଏହା 'ଯଥାପୂର୍ବଂ ତଥା ପରଂ' ପରି ବର୍ତ୍ତମାନ ଗତିକରୁଛି । ବର୍ଷା ଦିନରେ ନଦୀପାଖରେ ଥିବା ଶହଶହ ଏକର ଧାନକ୍ଷେତ ଗୁଡ଼ିକ ପାଣିରେ ବୁଡ଼ିରହିଥାଏ । ଉକ୍ତ ଦୁଇ ନଦୀ ସରକାରୀ ସ୍ତରରେ ନଦୀର ମାନ୍ୟତା ପାଇନଥିଲେ ମଧ ବର୍ଷାଋତୁରେ ଏହି ନଦୀରେ କୃତ୍ରୀମ ବନ୍ୟା ସୃଷ୍ଟି ହୋଇ ଧନଜୀବନ କ୍ଷତି ଘଟାଇଛି । ଉକ୍ତ ନଦୀର ପୋଡ଼ାପାଟଣାଠାରେ ଦୀର୍ଘବର୍ଷ ହେବ ଏକ ଚ୍ୟାକ ଡ୍ୟାମ ହୋଇଥିଲେ ମଧ ତାହାର ସୁଫଳ ମିଳିନି । ଉଭୟ ନଦୀର ଜଳକୁ ଆଟକକରି ଚ୍ୟାକ ଡ୍ୟାମ କରାଗଲେ ଏହା ଚାଷ କାର୍ଯ୍ୟରେ ଲାଗି ଚାଷୀମାନଙ୍କ ଉନ୍ନତି ସାଧନା କରିପାରନ୍ତା ବୋଲି ଅଂଚଳ ବାସୀ ଆଶା ବ୍ୟକ୍ତ କରିବା ସହ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

## ରାସ୍ତା ନିର୍ମାଣ ଅଧାରୁ କାମ ବନ୍ଦ



**ଦୋବଲ, ୩୦ ।୩(ସମିସ):** ଧାମନଗର ବ୍ଲକ ମୁସ୍ତଫାପୁର ଘୋଡ଼ାଗଣ୍ଡ ନାଳ ପାଖରୁ ଜରାନିବାସ ରାଣୀପୋଖରୀ ନାଳ ଯାଏ କଂକ୍ରିଟ ହୋଇ ସେହିଠାରୁ ବନ୍ଦ ରହିଛି । ସେହିଠାରୁ ଧାମନଗର ବଡ଼ ପୋଲ ଯାଏ ରାସ୍ତା ଅବସ୍ଥା ଖରାପ ଥିବା ସତ୍ତ୍ୱେ ରାସ୍ତା ତିଆରି ହେଉନାହିଁ । ସେହିଭଳି ଦୋବଲ ନିକଟ କୋରକଦାରୁ ଖଡ଼ିପଦା ମୁହାଣ ପଡ଼ା ଛକ ଓ ବେଦପୁର ରାସ୍ତା ଦୁଇ ପାର୍ଶ୍ୱକୁ ଖୋଳି କଂକ୍ରିଟ ମିକ୍ସ ଢାଳି ଚଉଡ଼ା କରାଯାଇଛି । ହେଲେ ରାସ୍ତା ମଝିରେ ଗେଟି ଉଠିଲାଣି କାମ ବନ୍ଦ ରହିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପାଗ ଭଲ ଥିବାବେଳେ କାମ ହେଉନି । ଧାମନଗର ଦକ୍ଷିଣ ବାଡ଼ବଡ଼ ପୋଲରୁ ଷେଣ୍ଟପୁର ଭାୟା ଦୋବଲ ରାସ୍ତାଟି ୬.୫ କିଲୋମିଟର ହୋଇଥିବାବେଳେ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ସାଢ଼େ ୩ କିଲୋମିଟର ଲମ୍ବର ରାସ୍ତା ମରାମତି ଓ ସୁଦୃଢ଼ୀକରଣ କରିବାକୁ ପୂର୍ତ୍ତର୍ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା । ଏଥିଲାଗି ୪ କୋଟି ୭୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଥିଲା । ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦକ୍ଷିଣବାଡ଼ ଦେଶୀ ମଦଭାଟିଠାରୁ ଘୋଡ଼ାଗଣ୍ଡ ନାଳ ଯାଏ କଂକ୍ରିଟ ଓ କୋରକଦାର ଖଡ଼ିପଦା ୧ କିଲୋମିଟର ଲମ୍ବର ରାସ୍ତାକୁ ଚଉଡ଼ା କରିବା ସହ ପିଚୁ କରାଯିବାକୁ ବ୍ୟୟ ଅଟକଳ ହୋଇଥିଲା ବୋଲି କୁହାଯାଇଛି । ଠିକା ନେଇଥିବା ସଂସ୍ଥା ଘୋଡ଼ାଗଣ୍ଡ ଠାରୁ ଜରାନିବାସ ରାଣୀପୋଖରୀ ହୁଡ଼ା ଯାଏ କଂକ୍ରିଟ ହୋଇଛି । ହେଲେ ସେହିଠାରୁ ଦକ୍ଷିଣବାଡ଼ ପୋଲ ଯାଏ ରାସ୍ତା ତିଆରି ହୋଇନାହିଁ । ଏହି ୧ କିଲୋମିଟର ଅଞ୍ଚଳର ରାସ୍ତା ସଂପୂର୍ଣ୍ଣ ଖରାପ ଥିବା ସତ୍ତ୍ୱେ ନିର୍ମାଣ କରାଯାଉନାହିଁ । ସେହିପରି କୋରକଦାରୁ ଖଡ଼ିପଦା ଯାଏ ଦୁଇ ପାର୍ଶ୍ୱ କଂକ୍ରିଟ କରି ଛାଡ଼ି ଦିଆଯାଇଛି । ସେହିଠାରୁ ଷେଣ୍ଟପୁର ଯାଏ କିଛି ହୋଇନି । ଆଉ କୋରକଦା ଠାରୁ ଷେଣ୍ଟପୁର ଯାଏ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗତବର୍ଷ ବନ୍ୟାରେ ଉକ୍ତ ରାସ୍ତାଟି ଖାଲଖମା ହୋଇ ଥିଲା ମାତ୍ର ଏ ଯାଏ ମରାମତି ହୋଇ ପାରିଲା ନାହିଁ । ଅନେକ ସ୍ଥାନରେ ତାଡ଼ି ହୋଇ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିଲା । ପୁରୁଣ ରାସ୍ତାରୁ ପିଚୁ, ଚିପ୍ସ ବାହାରି ଯାଇଥିଲା । ମାତ୍ର ମରାମତି ଅଭାବରୁ ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଏଣୁ ତୁରନ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।

## ଭଗାରାମ ବିଦ୍ୟାଳୟ ସମୂହ ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା, ୩୦।୩(ସମିସ):** ବନ୍ତ ବ୍ଲକ କାଦବରାଙ୍ଗ କ୍ଲଷ୍ଟର ଅଧୀନସ୍ଥ ବିପିନ୍ ବିହାରୀ ଉପ୍ରା ଏବଂ ଭଗାରାମ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ବିଦ୍ୟାଳୟ ସଭାପତି ରୋହିତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କୌଶଲ୍ୟା ନାଇକ ସ୍ୱାଗତ ଭାଷଣ, ସହକାରୀ ଶିକ୍ଷକ ତଥା ସିଆରସିସି ନିରଞ୍ଜନ ଖିଲାର ଅତିଥି ପରିଚୟ ଏବଂ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଣୟ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ । ବ୍ଲକ ଶିକ୍ଷାଧିକାରିଣୀ ମଞ୍ଜୁଳାବାଳା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ କଥାକାର ହରିହର ପାଣିଗ୍ରାହୀ ମୁଖ୍ୟ ବକ୍ତା, ଜାତୀୟ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ବିଶିଷ୍ଟ ଶିକ୍ଷାବିତ୍ ରୋହିତ୍ ଜେନା, ବିଆର୍‌ସିସି ହରେକୃଷ୍ଣ ଆପଟ, ସିଆରସିସି ପ୍ରଦୀପ ପଲେଇ, ପୂର୍ବତନ ସିଆରସିସି ମନୋଜ ରାଉଳ, ବିଶିଷ୍ଟ ଶିକ୍ଷାବିତ୍ ଜଗନ୍ନାଥ ମଲ୍ଲିକ, ପ୍ରଫୁଲ୍ଲ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଆପ୍ତିରା, ବାଙ୍କତିରା, କୁସୁନପୁର, କାଦବରାଙ୍ଗ, କୁଆଁରଦା, ଶ୍ରୀରାମପୁର ଆଦି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଓ ପୂର୍ବତନ ସଭାପତି କାର୍ତ୍ତିକ ବାରିକ ପ୍ରମୁଖ ଯୋଗଦେଇ ନିଜନିଜ ବକ୍ତବ୍ୟ ରଖିଥିଲେ । ଉପ୍ରା ବିଦ୍ୟାଳୟ ସଭାପତି ଶରତ ଦାସ, ଶିକ୍ଷକ ବିଭୂତି ଭୂଷଣ ଯେନା, ଅର୍ଚ୍ଚନା ଦାସ ପ୍ରମୁଖ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ରବିନାରାୟଣ ନାଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କାଦବରାଙ୍ଗ କ୍ଲଷ୍ଟର ତରଫରୁ ବ୍ଲକ ଶିକ୍ଷାଧିକାରିଣୀ ମଞ୍ଜୁଳାବାଳା ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଛାତ୍ରବୃତ୍ତି ଅର୍ଥରାଶି ଏବଂ ପୁରସ୍କାର ବିତରଣ କରାଯାଇଥିଲା ।



## ନଗର ବିଜେଡି ପକ୍ଷରୁ ସଞ୍ଜୀବଙ୍କୁ ସମ୍ବର୍ଦ୍ଧନା

**ଧାମନଗର, ୩୦।୩(ସମିସ):** ଧାମନଗର ନିର୍ବାଚନ ମଣ୍ଡଳୀରେ ଡାକ୍ତର ସଞ୍ଜୟ କୁମାର ଦାସ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା ପରେ ଆଜି ସନ୍ଧ୍ୟାରେ ଆସି ପ୍ରସିଦ୍ଧ ପୀଠ ଖାନକା ସରିଫ୍ ପୀରବାବାଙ୍କୁ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଖାନକା ଉର୍ସ କମିଟି ତରଫରୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ସେହିପରି ଧାମନଗର ନଗର ବିଜେଡି ପକ୍ଷରୁ ସଭାପତି ସୁଶାନ୍ତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଏକ ବିଶାଳ ଶୋଭାଯାତ୍ରାରେ ସାନ ଓ ବଡ଼ ବଜାର ପରିକ୍ରମା କରି ଜଳସେଚନ ଡାକବଙ୍ଗଳା ପର୍ଯ୍ୟନ୍ତ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେଡି ନଗର ମହିଳା ସଭାନେତ୍ରୀ ତଥା ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ସଭ୍ୟା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ସାରଦାପ୍ରସନ୍ନ ସାହୁ, ସାଂସଦ ନଗର ପ୍ରତିନିଧି ଜଗଦୀଶ ପାତ୍ର, ବିଜେଡି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ନଗର ଯୁବ ସଭାପତି ସେକ୍ ସୈଫୁଦ୍ଦିନ (ସୁନିଲ), ଛାତ୍ର ସଭାପତି ତୁଷାର ମହାପାତ୍ର, ବିଜେଡି ନେତା ଲମ୍ବୋଦର ଜେନା, କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ବିଜୟ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଜୟକେତନ ସାହୁ, ଜଗବନ୍ଧୁ ବେହେରା, ଏମ୍‌ଡି ଇଜହାର, ସେକ ମୁରତୁଜା, ଏମ୍‌ଡି ବାବୁନୁ, ସେକ ସନାଉଲ୍ଲା, ମୀର ଖୁରସିଦ, ମିଡିଆ ସେଲର କୋର୍ଡିନେଟର ଜ୍ୟୋତି ପ୍ରକାଶ ସାମଲଙ୍କ ସମେତ କାଉନସିଲର ପ୍ରତିନିଧି ଏବଂ ବହୁ ଦଳୀୟ କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ ।



## ସମ୍ବର୍ଦ୍ଧିତ ହେଲେ ତବଲା ବାଦକ ସ୍ମୃତିରଞ୍ଜନ

**ଅସୁରାଳି, ୩୦।୩(ସମିସ):** ଧାମନଗର ବ୍ଲକର କୋଠାର ପଂଚାୟତ ଅନ୍ତର୍ଗତ ପତ୍ରିସାହି ଗାଁର ବାସିନ୍ଦା ସ୍ମୃତି ରଞ୍ଜନ ଦୋବାଇ (୧୯) । ତୁଳସୀ ଦୁଇ ପତ୍ର ରୁ ବାସିଲା ପରି ତାଙ୍କ ପ୍ରତିଭା ତାଙ୍କୁ ଆଜି ସମଗ୍ର ଜନ ମାନସ ରେ ସୁପରିଚିତ କରି ପାରିଛି । ପିଲାଟି ବେଳୁ ବାଦ୍ୟ କଳା ପ୍ରତି ଥିଲା ତାଙ୍କର ଅହେତୁକ ଦୁର୍ବଳତା । ଯାହାକୁ ତାଙ୍କ ପିତା ଜୟନ୍ତ ଦୋବାଇ ତାଙ୍କର ଏହି ପ୍ରତିଭା କୁ ଜାଣି ପାରି ବିଶିଷ୍ଟ ତବଲା ବାଦକ ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନ ରେ ସ୍ମୃତି ରଞ୍ଜନ ୧୩ ବର୍ଷ ରୁ ତବଲା ଶିକ୍ଷା ଗ୍ରହଣ କରିଥିଲେ । ଏହା ପର ଠାରୁ ତାଙ୍କ କଳା ର ଉନ୍ନତି ରେ ବିରାମ ଲାଗିନି । ସେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇ ତବଲା ବାଦନ କରି ବହୁ ପୁରସ୍କାର ପାଇବା ସହ ଜନ ମାନସରେ ଖ୍ୟାତି ଅର୍ଜନ କରିଛନ୍ତି । ବର୍ତ୍ତମାନ ସ୍ମୃତିରଞ୍ଜନ ସେଞ୍ଚୁରିଅନ୍ ୟୁନିଭରସିଟିରେ ବି ଫାର୍ମ ଛାତ୍ର ଭାବେ ଅଧ୍ୟୟନ ରତ । ସେଞ୍ଚୁରିଅନ ୟୁନିଭରସିଟିରେ ଚାଲିଥିବା ଗଜ ଜ୍ୟୋତି ୨୦୨୪ ବାର୍ଷିକ ଉତ୍ସବରେ ବର୍ଷର ଉତ୍ତମ ତବଲା ବାଦକ ଭାବେ ସ୍ମୃତି ରଞ୍ଜନ ସମ୍ବର୍ଦ୍ଧିତ ହୋଇ ସମଗ୍ର ଧାମନଗର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ତାଙ୍କର ଏହି କଳା ତାଙ୍କୁ ଦିନେ ସମଗ୍ର ଅଞ୍ଚଳ ରେ ସୁପରିଚିତ କରାଇବ ବୋଲି ପତ୍ରି ସାହି ବାସିନ୍ଦା ମତବ୍ୟକ୍ତ କରିଛନ୍ତି ।



## ନେତ୍ରପୀଠରେ ଚଣ୍ଡୀ ଯଜ୍ଞ ପୂର୍ଣ୍ଣାହୁତି

**ଅସୁରାଳି,୩୦ ।୩(ସମିସ):** ଧାମନଗରର ପ୍ରସିଦ୍ଧ ଶକ୍ତିପୀଠ ତଥା ନେତ୍ର ପୀଠ ମା' ବରୁଣେଇ ମନ୍ଦିରଠାରେ ୩୬୫ ଚଣ୍ଡୀ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞ ଦଶ ଦିନ ବ୍ୟାପୀ ଚାଲୁଥିଲା । ପୂର୍ଣ୍ଣାହୁତି ଦିନ ୨୧ ଜଣ ବ୍ରାହ୍ମଣଙ୍କ ବେଦ ପାଠ ସହିତ ୧୦୮ ଶଙ୍ଖ ବାଦନ, ୧୦୮ ବାଣରେ ଠାକୁରାଣୀଙ୍କ ସ୍ୱାଗତ କରାଯିବା ସହ ବିପ୍ର ପୂଜନ ଓ ନବ ଦୁର୍ଗା ବେଶରେ ନବ କୁମାରୀ ପୂଜା କରା ଯାଇଥିଲା । ସଂଯୋଜକ ବଟକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା । ପୂର୍ଣ୍ଣାହୁତି ମହୋତ୍ସବରେ ସଭାପତି ହେମେନ୍ଦ୍ର ସାହୁ, ସମ୍ପାଦକ ପ୍ରତାପ ପରିଡ଼ା, ଉପ ସଭାପତି ଗୌରୀ ଶ୍ୟାମ ପରିଡ଼ା, ସହ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ବିଜୟ ଦାସ, କଳା ସମ୍ପାଦକ କାହ୍ନୁ ଚରଣ ରାଉତ ଓ ମା' ବରୁଣାଇର ସମସ୍ତ ସଭ୍ୟ ଓ ସଭ୍ୟା ବୃନ୍ଦଙ୍କ ସହଯୋଗ କରିଥିଲେ ।

# ନିର୍ବାଚନ ଲାଗି ପୁଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

ଭଦ୍ରକ, ୩୦ ।୩(ସମିସ)




ଆସନ୍ତା ସାଧାରଣ ନିର୍ବାଚନ ଲାଗି ଆଜି ଅପରାହ୍ନ ରେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ୨ଆଡିସନାଲ ଏସପି-ବିଜୟ କେର୍କେଟା ଓ ବାମଦେବ ସିଂ, ଅତିରିକ୍ତ ଉପ ଜିଲ୍ଲାପାଳ ଶ୍ୟାମଳ ରାୟ, ଡେପୁଟି କଲେକ୍ଟର ଜୁଡିସିଆଲ କାର୍ତ୍ତିକ ନାଥ ମଣ୍ଡଳ, ଡେପୁଟି କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଡିଆଇବି ଡିଏସ୍‌ପି ପ୍ରଭାତ ବିଶ୍ୱାଳ ଓ ସିଟି ଡିଏସପି ଅଂଶୁମାନ ଦ୍ୱିବେଦୀଙ୍କ ସହ ସବୁ ବିଡିଓ ଓ ତହସିଲଦାର, ଅତିରିକ୍ତ ତହସିଲଦାର ମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ରକ୍ଷା ସହ ଅବାଧ, ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ହେବା ନେଇ ମୁଖ୍ୟତଃ ଆଲୋଚନା ହୋଇଥିଲା । ଜିଲ୍ଲା ରେ ନିର୍ବାଚନ ପୂର୍ବରୁ ସିଆରପିସି-୧୦୭ ଓ ୧୧୦ ଧାରା ଅନୁଯାୟୀ ଶାନ୍ତି ରକ୍ଷା ଲାଗି ବିଶୃଙ୍ଖଳାକାରୀଙ୍କ ବିରୋଧରେ ନୋଟିସ ଜାରି କରିବା ସହ ଅସାମାଜିକ ତତ୍ତ୍ୱ ମାନଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ ସହ ସେମାନଙ୍କୁ ଚିହ୍ନଟ କରି ୧୦୭ ଓ ୧୧୦ ଧାରା ଜାରି କରିବାକୁ ନିଷ୍ପତ୍ତି ହୋଇଥିଲା । ସେହିଭଳି ଜିଲ୍ଲାର ସବୁ ଥାନା ମାନଙ୍କରେ ଏନବିଡ଼ବ୍ଲ୍ୟୁ ଗୁଡିକୁ ଜାରି କରିବା, ସଖି ଓ ମିକ୍ସଡ଼ ବୁଥ ଲାଗି ସୁରକ୍ଷା ତଥା ଆନୁସଙ୍ଗିକ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାରେ ଥିବା ବୁଥ ମାନଙ୍କ ମଧ୍ୟରୁ ୬୦ପ୍ରତିଶତ ବୁଥରେ ୱେବ କାଷ୍ଟିଙ୍ଗ ହେବ ଓ ୪୦ପ୍ରତିଶତ ବୁଥିରେ କେନ୍ଦ୍ରୀୟ ସୁରକ୍ଷା ଫୋର୍ସ ମୁତୟନ ହେବାକୁ ବୈଠକ ସ୍ଥିର ହୋଇଥିଲା । ସର୍ବୋପରି ଆସନ୍ତା ନିର୍ବାଚନ ରେ ଜିରୋ ରିପୋଲିଂ, ଜିରୋ କାଜୁଆଲିଟି ଓ ଜିରୋ ଭାୟୋଲେନ୍ସକୁ ସର୍ବାଧିକ ଗରୁତ୍ୱ ଦେବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ଜିଲାପାଳ ଶ୍ରୀ ବୋନ୍ଦର ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

ହ୍ୱାଟ୍ସଆପ୍‌ର ବଡ଼ ନିଷ୍ପତ୍ତି

# ପ୍ରତି ବିଜ୍‌ନେସ୍ ଏସ୍‌ଏମ୍‌ଏସ୍ ପାଇଁ ଉପଭୋକ୍ତା ଗଣିବେ ଟଙ୍କା

ମେଟା ମାଲିକାନା ହ୍ୱାଟ୍ସଆପ୍ ଆନ୍ତର୍ଜାତୀୟ ୱାନ୍-ଟାଇମ୍ ପାସୱାର୍ଡ (ଓଟିପି)ର ଏକ ନୂତନ ବର୍ଗ ଉପସ୍ଥାପନ କରିଛି। ଏହାଦ୍ୱାରା ଭାରତରେ ବିଜ୍‌ନେସ୍ ଏସ୍‌ଏମ୍‌ଏସ୍ ପଠାଇବା ମୂଲ୍ୟ ବୃଦ୍ଧି ପାଇବ। ହ୍ୱାଟ୍ସଆପ୍‌ର ଏହି ପଦକ୍ଷେପ କମ୍ପାନୀର ରାଜସ୍ୱ ଆୟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏକ ରିପୋର୍ଟ ଅନୁଯାୟୀ ଆନ୍ତର୍ଜାତୀୟ ଏସ୍‌ଏମ୍‌ଏସ୍‌ର ମୂଲ୍ୟ ପୂର୍ବ ତୁଳନାରେ ୨୦ ଗୁଣ ଅଧିକ ବୃଦ୍ଧି ପାଇଛି। ତଥାପି, ସାଧାରଣ ଉପଭୋକ୍ତାମାନେ ପୂର୍ବ ପରି ମାଗଣାରେ ହ୍ୱାଟ୍ସଆପ୍ ବ୍ୟବହାର ଜାରି ରଖିବେ। ତେବେ ଏହି ନିଷ୍ପତ୍ତିର ପ୍ରଭାବ ବିଜ୍‌ନେସ୍ ଏସ୍‌ଏମ୍‌ଏସ୍ ଉପରେ ପଡ଼ିବ। ହ୍ୱାଟ୍ସଆପ୍‌ର ନୂତନ ଅନ୍ତର୍ଜାତୀୟ ମେସେଜ୍ ବର୍ଗ ଅନୁଯାୟୀ ଉପଭୋକ୍ତାଙ୍କୁ ପ୍ରତି ମେସେଜ୍ ପାଇଁ ୨ଟଙ୍କା ୩ ପଇସା ଟଙ୍କା ଦେବାକୁ ପଡ଼ିବ। ଏହି ନିୟମ ଆସନ୍ତା ଜୁନ୍ ପହିଲାଠାରୁ ଲାଗୁ ହେବ। ଏହାର ପ୍ରଭାବ ଉଭୟ ଭାରତ ଏବଂ ଇଣ୍ଡୋନେସିଆର ବ୍ୟବସାୟ ଉପରେ ଦୃଶ୍ୟମାନ ହେବ।




- ଏସ୍‌ଏମ୍‌ଏସ୍ ପିଛା ଚାର୍ଜ ୨.୩ ଟଙ୍କା
- ଜୁନ୍ ପହିଲାରୁ ହେବ କାର୍ଯ୍ୟକାରୀ

ହ୍ୱାଟ୍ସଆପ୍‌ର ନୂତନ ନିଷ୍ପତ୍ତି ଆମାଜନ୍, ଗୁଗୁଲ୍ ଏବଂ ମାଇକ୍ରୋସଫ୍ଟ ପରି ଆନ୍ତର୍ଜାତୀୟ କମ୍ପାନୀର ଯୋଗାଯୋଗ ବଜେଟ୍ ବୃଦ୍ଧି କରିବ। ବାସ୍ତବରେ, ହ୍ୱାଟ୍ସଆପ୍ ମାଧ୍ୟମରେ ଯାଞ୍ଚ ସାଧାରଣ ଆନ୍ତର୍ଜାତୀୟ ଯାଞ୍ଚ ଓଟିପି ଅପେକ୍ଷା ଶସ୍ତା ରହିଥିଲା। ପୂର୍ବରୁ ଟେଲିକମ୍ କମ୍ପାନୀଗୁଡ଼ିକ ସ୍ଥାନୀୟ ଏସ୍‌ଏମ୍‌ଏସ୍ ପଠାଇବା ପାଇଁ ଏସ୍‌ଏମ୍‌ଏସ୍ ପିଛା ୦.୧୨ ପଇସା ଆଦାୟ କରୁଥିବାବେଳେ ଆନ୍ତର୍ଜାତୀୟ ମୂଲ୍ୟ ଏସ୍‌ଏମ୍‌ଏସ୍ ପିଛା ୪.୧୩ ଟଙ୍କା ଥିଲାବେଳେ ହ୍ୱାଟ୍ସଆପ୍ ଆନ୍ତର୍ଜାତୀୟ ଏସ୍‌ଏମ୍‌ଏସ୍ ପାଇଁ ଏସ୍‌ଏମ୍‌ଏସ୍ ପିଛା ୦.୧୧ ପଇସା ଚାର୍ଜ କରୁଥିଲା। ଭାରତର ମେସେଜିଂ ଉଦ୍ୟୋଗରେ ସମ୍ପ୍ରତି ଦ୍ରୁତ ଅଭିବୃଦ୍ଧି ରେକର୍ଡ ହୋଇଛି, ଯାହାର ବଜାର ଅଂଶ ପ୍ରାୟ ୭୬୦୦ କୋଟି ଟଙ୍କାରେ ପହଞ୍ଚିଛି। ଏଥିରେ ଏସ୍‌ଏମ୍‌ଏସ୍, ପୁସ୍ ମେସେଜ୍, ଓଟିପି ଯାଞ୍ଚ, ଆପ୍ଲିକେଶନ୍ ଲଗ୍‌ଇନ୍, ଆର୍ଥିକ କାରବାର, ସେବା ବିତରଣ ପରି ମେସେଜ୍ ଅନ୍ତର୍ଭୁକ୍ତ। ହ୍ୱାଟ୍ସଆପ୍ ଏସ୍‌ଏମ୍‌ଏସ୍ ଚାର୍ଜ, ଆମାଜନ୍ ପରି ଇ-କମର୍ସ ପ୍ଲାଟଫର୍ମ, ଫ୍ଲିପକାର୍ଟ ହ୍ୱାଟ୍ସଆପ୍‌କୁ ଯାଞ୍ଚ ଏବଂ ମେସେଜିଂ ଉପକରଣ ଭାବରେ ବ୍ୟବହାର କରିଥିଲା, ଯେଉଁ କାରଣରୁ ଏୟାରଟେଲ ଏବଂ ଜିଓ ଭଳି କମ୍ପାନୀ କ୍ଷତି ସହୁଥିଲେ। ତେବେ ନୂତନ ନିଷ୍ପତ୍ତି ପରେ ଟେଲିକମ୍ କମ୍ପାନୀଗୁଡ଼ିକ ଉପକୃତ ହେବେ ବୋଲି ଆଶା କରାଯାଉଛି।

ଶେଷ ହେବ ଟୋଲ୍ ପ୍ଲାଜାରେ ଫାସ୍‌ଟ୍ୟାଗ୍ ଝିନ୍‌ଝଟ୍

# ଆସୁଛି ସାଟେଲାଇଟ୍ ଟୋଲ୍ ସଂଗ୍ରହ ବ୍ୟବସ୍ଥା

କେନ୍ଦ୍ର ସରକାର କ୍ରମାଗତ ଭାବରେ ବିଭିନ୍ନ କ୍ଷେତ୍ରରେ ନୂତନ ଟେକ୍ନୋଲୋଜି ଉପରେ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଉପଭୋକ୍ତାମାନେ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏଥିପାଇଁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କ ଦ୍ୱାରା ଏକ ବୈଦ୍ୟୁତିକ ଟୋଲ ସଂଗ୍ରହ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା, ଯେଉଁଥିରେ ଟୋଲ ପ୍ଲାଜାରେ ଫାସ୍‌ଟ୍ୟାଗ୍ ମାଧ୍ୟମରେ ଦେୟ ପ୍ରଦାନ କରାଯାଇଥିଲା। ଏହି ବ୍ୟବସ୍ଥା ପୂର୍ବ ଅପେକ୍ଷା କମ୍ ସମୟ ନେଇଥିଲା। ହେଲେ ବର୍ତ୍ତମାନ ସରକାର ଆଉ ଏକ ନୂତନ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛନ୍ତି। ଯଦି ଏହି ନୂଆ ବ୍ୟବସ୍ଥା ଲାଗୁ ହୁଏ ତେବେ ଟୋଲ ପ୍ଲାଜା ଏବଂ ଫାସ୍‌ଟ୍ୟାଗ୍‌ର କାର୍ଯ୍ୟ ଶେଷ ହେବ। ନୂତନ ଟୋଲ୍ ସଂଗ୍ରହ ବ୍ୟବସ୍ଥା ସାଟେଲାଇଟ୍ ବା ଉପଗ୍ରହ ଆଧାରିତ ହେବ। ଏହା ଏକ ସାଟେଲାଇଟ୍ ଟୋଲ୍ ସଂଗ୍ରହ ବ୍ୟବସ୍ଥା। ଏଥିରେ ସାଟେଲାଇଟ୍ ଜରିଆରେ ଟୋଲ୍ ସଂଗ୍ରହ ଆଦାୟ କରାଯିବ। ଏହା ଏକ ସ୍ୱୟଂଚାଳିତ ସିଷ୍ଟମ ହେବ। ଏଥିରେ ସ୍ୱୟଂଚାଳିତ ଭାବରେ ଆପଣଙ୍କ ଆକାଉଣ୍ଟରୁ ଟଙ୍କା କଟାଯିବ। ଏଥିରେ ଆପଣଙ୍କୁ ଏକ ପୃଥକ୍ ଫାସ୍‌ଟ୍ୟାଗ୍ ଏବଂ ରିଚାର୍ଜ କରିବାକୁ ପଡ଼ିବ ନାହିଁ। ଏହା ଆପଣଙ୍କୁ ଟୋଲ ପ୍ଲାଜାରେ ଟ୍ରାଫିକ ଭିଡ଼ ଭଳି ସମସ୍ୟାରୁ ଆଶ୍ୱସ୍ତି ପ୍ରଦାନ କରିବ।

ନୂଆ ବ୍ୟବସ୍ଥା ସାଟେଲାଇଟ୍ ଟୋଲ୍ ସଂଗ୍ରହ ବ୍ୟବସ୍ଥାରେ ଏକ ଏଣ୍ଟ୍ରି ପଏଣ୍ଟରେ ଆପଣଙ୍କ ଗାଡ଼ିର ପ୍ରବେଶ ରେକର୍ଡ ହେବ। ଏହା ପରେ ଆପଣ ରାଜପଥରେ ଯେତିକି କିମି ଯାତ୍ରା କରିବେ ସେହି ହିସାବରେ ଆପଣଙ୍କ ଅନଲାଇନ୍ ଆକାଉଣ୍ଟରୁ ଟଙ୍କା କଟାଯିବ। ନୂତନ ଉପଗ୍ରହ ଆଧାରିତ ଟୋଲ ସଂଗ୍ରହ ବ୍ୟବସ୍ଥା କେବେ ଆରମ୍ଭ ହେବ ସେ ନେଇ କୌଣସି ସମୟ ସୀମା ଏ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇନାହିଁ। ଏହାପୂର୍ବରୁ ଡିସେମ୍ବର ମାସରେ କେନ୍ଦ୍ର ମନ୍ତ୍ରୀ ନିତିନ ଗଡକରୀ କହିଥିଲେ ଯେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଦ୍ୱାରା ଏକ ନୂତନ ଟୋଲ୍ ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହେବ ଯାହା ମାର୍ଚ୍ଚ ୨୦୨୩ ସୁଦ୍ଧା କାର୍ଯ୍ୟକ୍ଷମ ହେବ।

ସଚନାଯୋଗ୍ୟ ଯେ, ଫାସ୍‌ଟ୍ୟାଗ୍ ସଂଗ୍ରହ ମଧ୍ୟ ଏକ ଅନଲାଇନ୍ ପେମେଣ୍ଟ ସିଷ୍ଟମ୍, ଯାହା ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେସନ୍ ଯଥା ଆର୍‌ଏଫ୍‌ଆଇଡି ଟେକ୍ନୋଲୋଜି ମାଧ୍ୟମରେ କାମ କରିଥାଏ। ତଥାପି, ଏହି ସିଷ୍ଟମରେ ମଧ୍ୟ ଟୋଲ୍ ପ୍ଲାଜାରେ ବହୁତ ଟ୍ରାଫିକ୍ ଜାମ୍ ହେଉଛି। ଆହୁରି ମଧ, ବେଳେବେଳେ ଅନଲାଇନ୍ ପେମେଣ୍ଟ ସମୟରେ ବାରକୋଡ୍ ପଢ଼ିବାରେ ଅସୁବିଧା ଉପୁଜିଥାଏ। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ ନୂତନ ହାଇ-ଟେକ୍ ଟୋଲ ସଂଗ୍ରହ ବ୍ୟବସ୍ଥା ଆରମ୍ଭ କରାଯାଉଛି।



# ଏକ୍ସରେ ବ୍ଲୁ ଟିକ୍ ପାଇଁ ଦେବାକୁ ପଡ଼ିବନି ପଇସା

ଟ୍ୱିଟର ଏଲନ୍ ମସ୍କଙ୍କ ହାତକୁ ଆସିବା ପରେ ସେ ଏଥିରେ ଏକାଧିକ ପରିବର୍ତ୍ତନ କରିଥିଲେ। ଏହାର ନାମ ପରିବର୍ତ୍ତନ କରି ଏକ୍ସ ରଖିବା ସହ ବ୍ଲୁ ଟିକ୍ ସବ୍ସକ୍ରିପ୍ସନ ପଲିସି ମଧ୍ୟ ଆଣିଥିଲେ। ମସ୍କଙ୍କର ଏଭଳି ପଦକ୍ଷେପରେ ଏକ୍ସର ରାଜସ୍ୱ ହ୍ରାସ ପାଇଥିବା ସୂଚନା ମିଳିଛି। ତେଣୁ ପୁଣିଥରେ ଏହି ସୋସିଆଲ୍ ମିଡିଆରେ ରାଜସ୍ୱ ବୃଦ୍ଧି କରିବା ସହ ଅଧିକ ଗ୍ରାହକ ଯୋଡ଼ିବାକୁ ମସ୍କ ଫ୍ରିରେ ବ୍ଲୁ ଟିକ୍ ପାଇବାର ଏକ ନୂଆ ଫର୍ମୁଲା ନେଇ ଆସିଛନ୍ତି। ୟୁଜରମାନେ କେମିତି ମାଗଣାରେ ବ୍ଲୁ ଟିକ୍ ପାଇବେ ସେହି ଫର୍ମୁଲା ନିଜେ ବତାଇଛନ୍ତି ମସ୍କ। ଏକ୍ସରେ ବ୍ଲୁ ଟିକ୍ ପାଇବା ପାଇଁ ବର୍ତ୍ତମାନ ଦୁଇଟି ପ୍ଲାନ ରହିଛି। ଗୋଟିଏ ଏକ୍ସ ପ୍ରିମିୟମ ପ୍ଲାନ ଓ ଏକ୍ସ ପ୍ରିମିୟମ ପ୍ଲସ୍ ପ୍ଲାନ। ଏଥିପାଇଁ ଆପଣଙ୍କୁ ମାସକୁ ୬୫୦ରୁ ୧୩୦୦ ଟଙ୍କା ଦେବାକୁ ପଡୁଛି। ଯଦି ଆପଣ ମସ୍କଙ୍କ ଫର୍ମୁଲା ଅନୁସରଣ କରିବେ ତେବେ ଆପଣଙ୍କୁ ମାଗଣାରେ ବ୍ଲୁ ଟିକ୍ ମିଳିବ। ଏକ୍ସ ପ୍ରିମିୟମ ଫିଚର୍ସରେ ୫୦ ପ୍ରତିଶତ ଆଡ୍ ସହ ପୋଷ୍ଟ ଏଡିଟ୍, ବଡ଼ ସ୍କ୍ରିପ୍ଟ ପୋଷ୍ଟ ଓ ଭିଡିଓ ପୋଷ୍ଟ,ଓ ଅନ୍‌ଡୁ ପୋଷ୍ଟ କରିପାରିବେ। ସେହିପରି ପ୍ରିମିୟମ ପ୍ଲସ୍‌ରେ ଆଦୌ ବିଜ୍ଞାପନ ଦେଖିବାକୁ ମିଳିବନାହିଁ। ଏଥିସହିତ ଉପରୋକ୍ତ ସମସ୍ତ ସୁବିଧା ମିଳିବା ସହ କଷ୍ଟମାଇଜେସନ ସୁବିଧା ମିଳୁଛି। ନିକଟରେ ମସ୍କ ଏକ୍ସରେ ଏକ ପୋଷ୍ଟ କରି ଏହି ଫର୍ମୁଲା ବତାଇଥିଲେ। ଯେଉଁଥିରେ ସେ କହିଥିଲେ ଯେ ଯେଉଁ ୟୁଜର୍ସ ୨୫୦୦ ଭେରିଫାଏଡ୍ ସବ୍ସକ୍ରାଇବର ଫଲୋ କରିଥିବେ ସେମାନଙ୍କୁ ପ୍ରିମିୟମ ଫିଚର୍ସ ସୁବିଧା ମିଳିବ। ୟୁଜର୍ସଙ୍କୁ ଏକାଧିକ ପ୍ରିମିୟମ ସୁବିଧା ମିଳିବା ସହ ମାଗଣା ବ୍ଲୁ ଟିକ୍ ମଧ୍ୟ ମିଳିବ।

ମାଗଣା ଫର୍ମୁଲା ବତାଇଲେ ଏଲନ୍ ମସ୍କ



# ଗୁଗଲ୍‌ର ନୂଆ ଆଣ୍ଡ୍ରଏଡ୍ ଭର୍ସନ 'ଆଣ୍ଡ୍ରଏଡ୍ ୧୫'

ନିକଟରେ ଗୁଗଲ୍ ତରଫରୁ ଚଳିତବର୍ଷର ବାର୍ଷିକ ଡେଭଲପର କନ୍‌ଫରେନ୍ସରେ ଏକ ବଡ଼ ଘୋଷଣା ହୋଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଗୁଗଲ୍ ନୂଆ ଆଣ୍ଡ୍ରଏଡ ଭର୍ସନ(ଆଣ୍ଡ୍ରଏଡ୍ ୧୫)ର ଶୁଭାରମ୍ଭ କରିବାକୁ ଯାଉଛି। ଏହି ଅପଡେଟ୍ ପରେ ୟୁଜରଙ୍କ ମୋବାଇଲ ଚୋରି ହୋଇଗଲେ ଏ ହ । ସ୍ୱିଚ୍ ଅଫ୍ ଥିଲେ ମଧ୍ୟ ଏହାକୁ ଟ୍ରାକ କରାଯାଇପାରିବ। ଆଣ୍ଡ୍ରଏଡ ଫୋନ୍‌ରେ ଥିବା 'ଫାଇଣ୍ଡ ମାଇଁ ଡିଭାଇସ୍' ସିଷ୍ଟମର ନିଜର ଏକ ସମୟସୀମା ରହିଛି। ଏକ ରିପୋର୍ଟ ଅନୁସାରେ, ଏବେ ଗୁଗଲ ନୂଆ ଫାଇଣ୍ଡିଂ ଏପିଆଇ ମଧ୍ୟ ଶୁଭାରମ୍ଭ କରିପାରେ। ଯାହାଦ୍ୱାରା ଡିଭାଇସ ଡିସ୍‌କନେକ୍ଟ ବା ସଂଯୋଗ ବିଚ୍ଛିନ୍ନ ହେବା ପରେ ମଧ୍ୟ ଏହାକୁ ସର୍ଚ୍ଚ କରିହେବ। ତେବେ ବର୍ତ୍ତମାନ ଫାଇଣ୍ଡ ମାଇଁ ଡିଭାଇସ ନେଟୱାର୍କ କେବଳ ସକ୍ରିୟ ଆଣ୍ଡ୍ରଏଡ୍ ଏବଂ ଓଏସ୍ ଡିଭାଇସ୍ ଟ୍ରାକ୍ କରିପାରିବ। ତେବେ ଏହା ଆଗାମୀ ସମୟରେ ଅପଡେଟ୍ ହେବ। ଇଣ୍ଟରନେଟ୍ ସଂଯୋଗ ନ ଥିଲେ ମଧ୍ୟ ଏଥିରେ ଡିଭାଇସକୁ ଖୋଜାଯାଇପାରିବ। ଏହି ଫିଚର ଅନେକ ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇପାରିବ। ଏହି ନୂତନ ଫିଚର ପାଇଁ ବ୍ଲୁ-ଟୁଥ୍‌କୁ ପାୱାର ଦେଉଥିବା ଏକ ସ୍ୱେଶାଲ ହାର୍ଡୱେରର ଆବଶ୍ୟକତା ରହିବ। ବିଶେଷ କରି ଡିଭାଇସ ସ୍ୱିଚ୍ ଅଫ୍ ହୋଇଗଲେ ଏହା ଆକ୍ଟିଭ ହୋଇ କାର୍ଯ୍ୟ କରିପାରିବ। ଏହାସହିତ ସ୍ମାର୍ଟଫୋନରେ ଏକ ଛୋଟ ରିଜର୍ଭ ବ୍ୟାଟେରୀ ରଖାଯାଇପାରେ, ଯାହା ଏହି ଫିଚର ପାଇଁ କାମ କରିବ। ତେବେ ଚଳିତବର୍ଷ ଏହି ଫିଚର ସର୍ବପ୍ରଥମେ ଗୁଗଲ ପିକ୍ସେଲ ୯ ସିରିଜ ପାଇଁ ଉପଲବ୍ଧ ହେବ ବୋଲି କୁହାଯାଉଛି।




- ସ୍ୱିଚ୍ ଅଫ୍ ହେଲେ ବି ମିଳିବ ଚୋରି ହୋଇଥିବା ମୋବାଇଲ୍
- ଖୁବଶୀଘ୍ର ଆସୁଛି ନୂଆ ଫିଚର୍

ହ୍ୱାଟ୍ସଆପ୍‌ର ବଡ଼ ଅପ୍‌ଡେଟ୍

# ଷ୍ଟାଟସ୍‌ରେ ଶେୟାର କରିହେବ ୧ ମିନିଟ୍‌ର ଭିଡିଓ

ଇନ୍‌ଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାଟ୍ସଆପ୍ ଅଧିକରୁ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଦିନକୁ ଦିନ ଏହାର ପ୍ଲାଟଫର୍ମରେ ନୂଆ ନୂଆ ଫିଚର ଅପ୍‌ଡେଟ୍ କରୁଛି। ଏଥର ଷ୍ଟାଟସ ଅପ୍‌ଡେଟ୍ ନେଇ କମ୍ପାନୀ ଏକ ନୂଆ ଫିଚର ଆଣିଛି। ଯେଉଁମାନେ ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ଭିଡିଓ ରଖୁଛନ୍ତି ସେମାନଙ୍କ ପାଇଁ ଏହି ଫିଚର ଖୁବ୍ ଉପଯୋଗୀ ସାବ୍ୟସ୍ତ ହେବ। କାରଣ ଏବେ ୟୁଜର ନିଜ ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ଏକ ମିନିଟ ପର୍ଯ୍ୟନ୍ତ ଲମ୍ବା ଭିଡିଓ ଷ୍ଟାଟସ ରଖିପାରିବେ। ପୂର୍ବରୁ ଏହି ସୁବିଧା ନ ଥିଲା ୟୁଜରମାନେ ମାତ୍ର ୩୦ ସେକେଣ୍ଡର ଭିଡିଓ ଷ୍ଟାଟସ ରଖିପାରୁଥିଲେ। ଭିଡିଓ ବଡ଼ ହେଲେ ତାକୁ କଟ୍ କରି ରଖିବାକୁ ପଡୁଥିଲା। ଯାହା ଆଦୌ ସୁବିଧା ଯୁକ୍ତ ନ ଥିଲା। ଏବେ ୧ ମିନିଟ୍‌ର ଭିଡିଓ ୟୁଜର ନିଜ ଷ୍ଟାଟସ୍‌ରେ ରଖିପାରିବେ। ୱାବେଟାଇନ୍‌ଫୋ ଏକ୍ସରେ ପୋଷ୍ଟ କରି ଏହି ସୂଚନା ଦେଇଛି। କେବଳ ସୂଚନା ନୁହେଁ ୱାବେଟାଇନ୍‌ଫୋ ଭିଡିଓ ଷ୍ଟାଟସର ସ୍କ୍ରିନ୍ ଶଟ୍ ମଧ୍ୟ ଶେୟାର କରିଛି। କମ୍ପାନୀ ଏହି ସୁବିଧା ବର୍ତ୍ତମାନ ପାଇଁ କେବଳ ବିଟା ୟୁଜରମାନଙ୍କ ପାଇଁ ଜାରି କରିଛି। ସେମାନେ ଏହାକୁ ଆଣ୍ଡ୍ରଏଡ୍ ୧.୨୪.୭.୬ରେ ଚେକ୍ କରିପାରିବେ। ହ୍ୱାଟ୍ସଆପ୍ ୟୁଜରମାନେ ଦୀର୍ଘଦିନ ହେଲା ବଡ଼ ଭିଡିଓ ଷ୍ଟାଟସରେ ରଖିବାକୁ ଦାବି କରୁ ଆସୁଥିଲେ। ତେଣୁ କମ୍ପାନୀ ୟୁଜରଙ୍କ ସୁବିଧା ପାଇଁ ଏହି ଫିଚର ଜାରି କରିଛି। ଧୀରେ ଧୀରେ ଏହା ସବୁ ୟୁଜରମାନଙ୍କ ପାଇଁ ଲାଗୁ ହେବ। ଷ୍ଟାଟସ୍ ଅପଡେଟ୍ ଫିଚ୍ଛର ବ୍ୟତୀତ ହ୍ୱାଟ୍ସଆପ ଅନ୍ୟ ଏକ ଫିଚର ଉପରେ ମଧ୍ୟ କାମ କରୁଛି। ଏହି ଫିଚରରେ ହ୍ୱାଟ୍ସଆପ୍‌ରେ ୟୁପିଆଇ ପେମେଣ୍ଟ ପାଇଁ ୟୁଜର କ୍ୟୁଆର୍ କୋଡ୍ ସ୍କାନ୍ କରିପାରିବେ। ୱାବେଟାଇନ୍‌ଫୋ ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ କମ୍ପାନୀ ଏହି ଫିଚରକୁ ମଧ୍ୟ ବିଟା ଉପରେ ପରୀକ୍ଷଣ କରୁଛି। ଯାହା ପରେ ସମସ୍ତଙ୍କ ପାଇଁ ଲାଗୁ ହେବ।




କାର୍ ରିଭ୍ୟୁ

# ଡିସେମ୍ବର ସୁଦ୍ଧା ଆସିବ ୧୪ ଇଲେକ୍ଟ୍ରିକ୍ କାର୍

ଦେଶରେ ସମ୍ପ୍ରତି ଇଲେକ୍ଟ୍ରିକ୍ ବା ବୈଦ୍ୟୁତିକ କାର ବଜାର ତୀବ୍ର ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ ଶେଷ ସୁଦ୍ଧା ୧୪ ନୂଆ ମଡେଲ୍‌ର ବୈଦ୍ୟୁତିକ କାର ବଜାରକୁ ଆସିବ। ବଜାରକୁ ଅନେକ ନୂଆ କାର ଆସିବା ଫଳରେ ୧୦-୧୫ ଲକ୍ଷ ଟଙ୍କା ମୂଲ୍ୟ ବିଶିଷ୍ଟ କାରର ଦାମ୍ ପ୍ରାୟ ଲକ୍ଷେ କିମ୍ବା ଦେଢ ଲକ୍ଷ ଟଙ୍କା କମ୍ ହୋଇଯିବ। ଏଥିରେ ପ୍ରିମିୟମ୍ କାର ସବୁଠାରୁ ଅଧିକ ଶସ୍ତା ହେବ। ଇତିମଧ୍ୟରେ କମ୍ପାନୀଗୁଡ଼ିକ ସେମାନଙ୍କର କାରର ଦାମ୍ ହ୍ରାସ କରିବା ଆରମ୍ଭ କରିଦେଇଛନ୍ତି।

ଟାଟା ମୋଟର୍ସ ନେକ୍ସନ ଇଭିର ଦାମ୍ ୧.୨୦ ଲକ୍ଷ ଟଙ୍କା ହ୍ରାସ କରିଛି। ମୂଲ୍ୟରେ ୭୦ ହଜାର ଟଙ୍କାର ହ୍ରାସ ପରେ ଟିଆଗୋ ଇଭିର ଦାମ୍ ଏବେ ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଇଭି ବଜାରରେ ଏବେ ଟାଟା ମୋଟର୍ସର ଭାଗିଦାରୀ ୭୨ ପ୍ରତିଶତ ରହିଛି। ବୈଶିକ ତଥ୍ୟ ଆକଳନ ଅନୁସାରେ ଆଗାମୀ ବର୍ଷ ଇଲେକ୍ଟ୍ରିକ୍ କାରରେ ମାରୁତିର ଭାଗିଦାରୀ ୧୧ ପ୍ରତିଶତ ରହିବ। ଏହାପରେ ଟାଟା ମୋଟର୍ସର ଭାଗିଦାରୀ ୪୪ ପ୍ରତିଶତରେ ପହଞ୍ଚିବ। ମାରୁତି ସୁଜୁକି ଚଳିତବର୍ଷ ଡିସେମ୍ବର ସୁଦ୍ଧା ନିଜ ପ୍ରଥମ ଇଲେକ୍ଟ୍ରିକ୍ କାରର ବଜାର ପ୍ରବେଶ କରାଇବ। କମ୍ପାନୀ ଅନୁସାରେ ଏହାର ମୂଲ୍ୟ ପ୍ରାୟ ୨୨ ଲକ୍ଷ ଟଙ୍କା ହେବ।





ବେଙ୍ଗାଲୁରୁର ସୁନୀଲ ଛେତ୍ରୀ ଓ ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ମଧ୍ୟରେ ବଲ୍ ପାଇଁ କସରତ

ଇଣ୍ଡିଆନ ସୁପର୍ ଲିଗ୍-୧୦

# ପଏଣ୍ଟ ଭାଗକଲେ ବେଙ୍ଗାଲୁରୁ-ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୩୦ ।୩ (ସମିସ)**

ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଦଶମ ସଂସ୍କରଣରେ ଶନିବାର ଘରୋଇ ବେଙ୍ଗାଲୁରୁ ଏଫ୍‌ସି ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ନିର୍ଦ୍ଧାରିତ ସମୟସୁଦ୍ଧା ଉଭୟ ଦଳ ଗୋଲ୍ ଦେବାରେ ବିଫଳ ହୋଇଥିଲେ। ଫଳରେ ଦୁଇ ଦଳ ଗୋଟିଏ ଲେଖାଏ ପଏଣ୍ଟରେ ସନ୍ତୁଷ୍ଟ ରହିଥିଲେ। ଓଡ଼ିଶା ଏଫ୍‌ସି ଏଥିସହ ପ୍ରତିଯୋଗିତାରେ ୧୯ ମ୍ୟାଚ୍ ଖେଳି ୧୦ ବିଜୟ, ୩ ପରାଜୟ ଓ ୬ ଅମୀମାଂସିତ ସହ ୩୬ ପଏଣ୍ଟ ପାଇ ସାରଣୀର ୩ୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ବେଙ୍ଗାଲୁରୁ ୨୦ ମ୍ୟାଚରୁ ୨୨ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ସ୍ଥିର ରହିଛି।

ଅନ୍ତର୍ଜାତୀୟ ବ୍ରେକ୍ ପରେ ଖେଳାଯାଇଥିବା ଚଳିତ ଆଇଏସ୍‌ଏଲ୍‌ର ଏହି ଡବଲ୍ ହେଡର୍ ମୁକାବିଲାରେ ସୁନିଲ ଛେତ୍ରୀଙ୍କ ଘରୋଇ ବେଙ୍ଗାଲୁରୁ ଏଫ୍‌ସି ସହ ଓଡ଼ିଶା ଏଫ୍‌ସି ସାମ୍ନାସାମ୍ନି ହୋଇଥିଲା। ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଚମତ୍କାର ଫର୍ମରେ ଥିବା ଓଡ଼ିଶା ଏଫ୍‌ସି ପ୍ରଭାବ ବିସ୍ତାର କରି ଖେଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଘରୋଇ ପରିବେଶରେ ବେଙ୍ଗାଲୁରୁ ଖେଳୁଥିବାରୁ ଓଡ଼ିଶାକୁ ଗୋଲ୍ ସ୍କୋର କରିବାରେ ଅଟକାଇବାରେ ସଫଳ ହୋଇଥିଲା। ନିର୍ଦ୍ଧାରିତ ୯୦ ମିନିଟ୍ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇନ ପାରିବାରୁ ଶେଷରେ ମ୍ୟାଚ୍ ୦-୦ରେ ଶେଷ ହୋଇଥିଲା। ଅବଶ୍ୟ ବେଙ୍ଗାଲୁରୁର ଏକ ନିଶ୍ଚିତ ଗୋଲ୍‌କୁ ଓଡ଼ିଶା ଏଫ୍‌ସିର ରକ୍ଷଣଭାଗ ଖେଳାଳି ମୌଟାଡା ଫଲ୍ ଅଟକାଇ ଦଳକୁ ପରାଜୟରୁ ରକ୍ଷା କରିଥିଲେ। ଏହି ଦୁଇ ଦଳ ଆଇଏସ୍‌ଏଲ୍‌ରେ ବର୍ତ୍ତମାନ ସୁଦ୍ଧା ୧୪ଥର ସାମ୍ନାସାମ୍ନି ହୋଇଥିବାବେଳେ ଓଡ଼ିଶା ୫ ଓ ବେଙ୍ଗାଲୁରୁ ୭ ମ୍ୟାଚରେ ବିଜୟୀ ହୋଇଛନ୍ତି। ଦୁଇଟି ମ୍ୟାଚର ଅମୀମାଂସିତ ରହିଛି। ଡ୍ର ସହ ସର୍ଜିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏଫ୍‌ସିର ଲିଗ୍ ଟାଇଟଲ୍ ଜିତିବା ଆଶା ଏକପ୍ରକାର ମଉଳିଯାଇଛି। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ଏପ୍ରିଲ ୨ରେ ପଞ୍ଜାବ ଏଫ୍‌ସି ସହ କଳିଙ୍ଗ ଷ୍ଟାଡିୟମରେ ଖେଳିବାର କାର୍ଯ୍ୟସୂଚୀ ରହିଛି।

● ବିସିସିଆଇ ମହିଳା ଜୋନାଲ ଟ୍ରଫି

## ସେମିଫାଇନାଲରେ ପୂର୍ବାଞ୍ଚଳ

**ପୁଣେ, ୩୦ ।୩ (ଏଜେନ୍ସି):** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ମହିଳା ଆନ୍ତଃଜୋନାଲ ବହୁଦିବସୀୟ ଟ୍ରଫିରେ ପୂର୍ବାଞ୍ଚଳ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲାରେ ଦୀପ୍ତି ଶର୍ମାଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ଏକ ପାଳି ଓ ୧୨୦ ରନରେ ଉତ୍ତର-ପୂର୍ବାଞ୍ଚଳକୁ ହରାଇଦେଇଛି।

ତିନିଦିବସୀୟ ଏହି ମ୍ୟାଚରେ ଟସ୍ ଟସ୍ ଜିତି ପୂର୍ବାଞ୍ଚଳ ପ୍ରଥମ ପାଳିରେ ୧୦୦ ଓଭରରେ ୩୮୫ ରନ କରି ଘୋଷଣା କରିଥିଲା। ଦଳ ପକ୍ଷରୁ ଧରା ଗୁଜର ସର୍ବାଧିକ ୧୪୦ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ଦୀପ୍ତି ଓ ଦୁର୍ଗା ମୁର୍ମୁ ୪୯ ରନ ଲେଖାଏ କରିଥିଲେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ମାତ୍ର ୫ ରନ କରିପାରିଥିଲେ। ଜବାବରେ ଉତ୍ତର-ପୂର୍ବାଞ୍ଚଳ ଦୀପ୍ତି ଶର୍ମାଙ୍କ ବୋଲିଂକୁ ସାମ୍ନା କରି ନପାରି ପ୍ରଥମ ପାଳିରେ ମାତ୍ର ୧୦୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦୀପ୍ତି ୭ ଓଭର ବୋଲିଂ କରି ୯ ରନ ବ୍ୟୟରେ ୫ ୱିକେଟ୍ ସଫଳତା ପାଇଥିଲେ। ଏହାପରେ ୨୭୭ ରନ ପଛରେ ଥାଇ ଫଲୋଅନ ହୋଇଥିବା ଉତ୍ତର-ପୂର୍ବାଞ୍ଚଳ ଦ୍ୱିତୀୟ ପାଳି ଆରମ୍ଭ କରି ପୁଣିଥରେ ବ୍ୟାଟିଂରେ ଫେଲ୍ ମାରିଥିଲା। ଦଳ ଅନ୍ତିମ ତଥା ୩ୟ ଦିବସରେ ଶନିବାର ୧୫୭ ରନ କରି ଅଲଆଉଟ ହୋଇ ପାଳି ପରାଜୟବରଣ କରିଥିଲା। ବିଜୟୀ ପୂର୍ବାଞ୍ଚଳ ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ସବୁଠାରୁ କଞ୍ଜୁସ ବୋଲିଂ କରି ୨ ୱିକେଟ୍ ପାଇଥିଲେ। ସେ ୧୨ ଓଭରରେ ୩ ମେଡେନ ସହ ୨୦ ରନ ବ୍ୟୟ କରିଥିଲେ। ଅପରପକ୍ଷରେ ଅନ୍ୟ ଏକ କ୍ୱାର୍ଟରରେ କେନ୍ଦ୍ରାଞ୍ଚଳ ବିପକ୍ଷରେ ପଶ୍ଚିମାଞ୍ଚଳ ପାଳି ଅଗ୍ରଣୀଭିତ୍ତିରେ ସେମିଫାଇନାଲରେ ପହଞ୍ଚିଛି। ପୂର୍ବରୁ ଏହି ୬ ଦଳୀୟ ପ୍ରତିଯୋଗିତାରେ ଦକ୍ଷିଣାଞ୍ଚଳ ଓ ଉତ୍ତରାଞ୍ଚଳ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୮ ପରେ ବିସିସିଆଇ ପ୍ରଥମଥର ଲାଗି ଘରୋଇ ମହିଳା କ୍ରିକେଟ୍‌ରେ ରେଡ୍ ବଲରେ ପ୍ରତିଯୋଗିତା ଆୟୋଜନ କରୁଛି।

## ପୁଣି ନେତୃତ୍ୱ ନେବେ ବାବର



**କରାଚୀ,୩୦ ।୩(ଏଜେନ୍ସି):** ତାରକା ବ୍ୟାଟର ବାବର ଆଜମ ପୁଣିଥରେ ପାକିସ୍ତାନ ହ୍ୱାଇଟ୍ ବଲ୍ ଅର୍ଥାତ ସୀମିତ ଓଭର କ୍ରିକେଟ ଦଳର ନେତୃତ୍ୱ ନେବେ। ତାଙ୍କୁ ଏନେଇ ପ୍ରସ୍ତାବ ଦିଆଯାଇଛି ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ପାକିସ୍ତାନ କ୍ରିକେଟ ଏକାଡେମୀ (ପିସିବି) ଅଧ୍ୟକ୍ଷ ମୋହସିନ ନକ୍‌ବି ଚଳିତ ସପ୍ତାହର ପ୍ରାରମ୍ଭରେ ବାବାରଙ୍କୁ ସାକ୍ଷାତ କରି ଏହି ପ୍ରସ୍ତାବ ଦେଇଛନ୍ତି ବୋଲି କୁହାଯାଇଛି। କିନ୍ତୁ ବାବର ଏପର୍ଯ୍ୟନ୍ତ ଏହି ପ୍ରସ୍ତାବକୁ ସ୍ୱୀକାର କରିନାହାନ୍ତି। ଭାରତରେ ଅନୁଷ୍ଠିତ ୨୦୨୩ ବିଶ୍ୱକପ୍‌ରେ ଦଳର ବିଫଳ ପ୍ରଦର୍ଶନ ପରେ ବାବର ୩ଟି ଯାକ ଫର୍ମାଟର ନେତୃତ୍ୱରୁ ଓହରିଯାଇଥିଲେ। ଏହାପରେ ସାନ ମାସୁଦଙ୍କୁ ଟେଷ୍ଟ ଦଳରେ ନେତୃତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ଦ୍ରୁତ ବୋଲର ଶାହିନ ଶାହା ଆଫ୍ରିଦିଙ୍କୁ ଟି-୨୦ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିଲା। କିନ୍ତୁ ଦିନିକିଆ ଦଳର ଅଧିନାୟକଙ୍କ ନାମ ଘୋଷଣା କରାଯାଇ ନଥିଲା। ବାବର ଏବେ ୩ଟି ଯାକ ଫର୍ମାଟରେ ନେତୃତ୍ୱ ନେବାକୁ ଚାହାନ୍ତି ବୋଲି କୁହାଯାଉଛି। ଶାହିନଙ୍କ ନେତୃତ୍ୱରେ ପାକିସ୍ତାନ ଟି-୨୦ ସିରିଜରେ ଘରୋଇ ନ୍ୟୁଜିଲାଣ୍ଡଠାରୁ ୧-୪ରେ ପରାସ୍ତ ହୋଇଥିଲା। ସେହିପରି ମାସୁଦଙ୍କ ନେତୃତ୍ୱରେ ପାକିସ୍ତାନ ଘରୋଇ ଅଷ୍ଟ୍ରେଲିଆଠାରୁ ୦-୩ରେ ଟେଷ୍ଟ ସିରିଜରେ ପରାସ୍ତ ହୋଇ ହ୍ୱାଇଟ୍‌ୱାସ୍‌ର ଶିକାର ହୋଇଥିଲା। ଆଗାମୀ କିଛିଦିନ ମଧ୍ୟରେ ଏ ନେଇ ସ୍ଥିତି ସ୍ପଷ୍ଟ ହେବ ବୋଲି ଅନୁମାନ କରାଯାଉଛି।

ଦ୍ୱିତୀୟ ଟେଷ୍ଟ

## ମଦୁସ୍କା, କରୁଣାରତ୍ନେ, ମେଣ୍ଡିସଙ୍କ ଅର୍ଦ୍ଧଶତକ



ବ୍ୟାଟିଂ ଅବସରରେ କୁଶଲ ମେଣ୍ଡିସ୍

**ଚଟ୍ଟୋଗ୍ରାମ,୩୦ ।୩(ଏଜେନ୍ସି)**

ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଶନିବାରଠାରୁ ବାଂଲାଦେଶ ଓ ଭ୍ରମଣକାରୀ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଭଲ ଆରମ୍ଭ କରିଛି। ପ୍ରଥମ ପାଳି ଆରମ୍ଭ କରି ଶ୍ରୀଲଙ୍କା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୪ ୱିକେଟ ହରାଇ ୩୧୪ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୀନେଶ ଚାଣ୍ଡିମଲ ୩୪ ଓ ଅଧିନାୟକ ଧନଞ୍ଜୟ ଡିସିଲଭା ୧୫ ରନକରି ଅପରାଜିତ ରହିଛନ୍ତି।

ଶ୍ରୀଲଙ୍କା ଆରମ୍ଭରୁ ଭଲ ବ୍ୟାଟିଂ କରିଥିଲା। ଦୁଇ ଓପନ୍ ନିଶାନ ମଦୁସ୍କା ଓ ଦିମୁଥ କରୁଣାରତ୍ନେ ଅର୍ଦ୍ଧାତକ ହାସଲ କରି ପ୍ରଥମ ୱିକେଟରେ ୯୬ ରନ ସଂଗ୍ରହ କରିଥିଲେ। ମଦୁସ୍କା ୫୭ ରନକରି ରନ୍ ଆଉଟ ହେବାପରେ କରୁଣାରତ୍ନେ ୮୬ ରନକରି କରିଥିବା ବେଳେ ହାସନ ମାହମୁଦଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ୱିକେଟରକ୍ଷକ ବ୍ୟାଟର କୁଶଲ ମେଣ୍ଡିସ୍ ୯୩ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ସାକିବ ଅଲ ହାସନଙ୍କ ବଲ୍‌ରେ ମେହିଦି ହାସନ ମିରାଜଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ସହ ୭ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ଶେଷରେ ଅଭିଜ୍ଞ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ୨୩ ରନ କରିଥିବା ବେଳେ ହାସନ ମାହମୁଦଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ମାହମୁଦ ଦୁଇଟି ଓ ସକିବ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ସିଲହେଟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶ୍ରୀଲଙ୍କା ବୃହତ୍ ୩୨୮ ରନରେ ବିଜୟୀ ହୋଇ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଥିଲା।



ମିଆମି ଓପନ୍ ଟେନିସ

## ଡିମିଟ୍ରୋଭ-ସିନର୍ ଫାଇନାଲ

**ମିଆମି,୩୦ ।୩(ଏଜେନ୍ସି):** ଏଠାରେ ଚାଲିଥିବା ମିଆମି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ଇଟାଲୀର ଜାନିକ ସିନର ଓ ୧୧ତମ ସିଡ୍ ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ ପରସ୍ପରକୁ ଭେଟିବେ। ସିନର ସେମିଫାଇନାଲ ମୁକାବିଲାରେ ୬-୧, ୬-୨ ସିଧାସଳଖ ସେଟ୍‌ରେ ଗତଥରର ଚାମ୍ପିଅନ ରୁଷିଆର ତୃତୀୟ ସିଡ୍ ଖେଳାଳି ଡାନିଲ ମେଦଭେଦେଭଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ମାତ୍ର ୬୯ ମିନିଟ୍‌ରେ ସିନର ଅତି ସହଜରେ ବିଜୟ ହାସଲ କରିଥିଲେ। ମେଦଭେଦେଭ ନିଜର ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନଥିଲେ। ସେହିପରି ଅନ୍ୟଏକ ସେମିଫାଇନାଲରେ ଡିମିଟ୍ରୋଭ ୬-୪, ୬-୭, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଜର୍ମାନୀର ଆଲେକାଜାଣ୍ଡର ଜ୍ୱେରେଭଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ଫାଇନାଲରେ ଡିମିଟ୍ରୋଭଙ୍କ ବିପକ୍ଷରେ ସିନର ଫେବରାଇଟ୍ ବିବେଚିତ ହେଉଛନ୍ତି।

### ଫାଇନାଲରେ କେନିନ୍- ବେଥାନି

ଅନ୍ୟପଟେ ମହିଳା ଯୁଗଳ ପ୍ରତିଯୋଗିତାରେ ଆମେରିକାର ସୋଫିଆ କେନିନ୍ ଓ ବେଥାନି ମାଟେକ ସାଣ୍ଡସ ଟାଇଟଲ ପାଇଁ ଫାଇନାଲରେ କାନାଡାର ଗାବ୍ରିଏଲା ଡାବ୍ରୋୱସ୍କି ଓ ନ୍ୟୁଜିଲାଣ୍ଡର ଏରିନ ରାଉଟଲିଫ୍‌ଙ୍କୁ ଭେଟିବେ। ସେମିଫାଇନାଲରେ କେନିନ ଓ ବେଥାନି ୬-୭, ୬-୪, ୧୦-୧ ସେଟ୍‌ରେ ଇଟାଲୀର ସାରା ଇରାନୀ ଓ ଜାସମିନ୍ ପାଓଲିନିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଡାବ୍ରୋୱସ୍କି ଓ ରାଉଟଲିଫ୍ ୬-୭, ୬-୪, ୧୦-୧ ସେଟ୍‌ରେ ଆମେରିକାର ଆସିଆ ମୁହାମ୍ମଦ ଓ ଆଲିସିଆ ପାର୍କ୍ସଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଏକକ ଫାଇନାଲରେ ଆମେରିକାରେ ଡାନିଏଲେ କଲିନ୍ସ ଓ ଚତୁର୍ଥ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ପରସ୍ପରକୁ ଭେଟିବେ। ସେହିପରି ପୁରୁଷ ଯୁଗଳ ପ୍ରତିଯୋଗିତାରେ ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲିଆ ସାଥି ମାଥ୍ୟୁ ଏବଡେନ ଏବଂ ଦ୍ୱିତୀୟ ସିଡ୍ ଯୋଡି କ୍ରୋଏସିଆର ଇଭାନ ଡୋଡିଗ ଓ ଆମେରିକାର ଅଷ୍ଟିନ କ୍ରାଜିସେକ ଟାଇଟଲ ପାଇଁ ଫାଇନାଲରେ ଅବତୀର୍ଣ୍ଣ ହେବେ।

ଆନ୍ତଃ ବିଦ୍ୟାଳୟ କ୍ରିକେଟ

## ଲୋୟଲାକୁ ହରାଇଲା ସରସ୍ୱତୀ ବିଦ୍ୟାମନ୍ଦିର



ମ୍ୟାନ ଅଫ୍ ଦି ମ୍ୟାଚ୍
ମୃତ୍ୟୁଞ୍ଜୟ ରାୟ

**ଭୁବନେଶ୍ୱର,୩୦ ।୩(ସମିସ):** ଏଠାରେ ଚାଲିଥିବା ଭୁବନେଶ୍ୱର ଅନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ନୀଳାଦ୍ରି ବିହାରର ସରସ୍ୱତୀ ବିଦ୍ୟା ମନ୍ଦିର ୩ ୱିକେଟରେ ଲୋୟଲା ସ୍କୁଲକୁ ପରାସ୍ତ କରିଛି। ଲୋୟଲା ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଲୋୟଲା ପ୍ରଥମେ ବ୍ୟାଟିଂ କରି ୧୭.୩ ଓଭରରେ ୧୦୪ ରନକରି ଅଲଆଉଟ ହୋଇଥିଲା। ଜବାବରେ ବିଦ୍ୟା ମନ୍ଦିର ୨୫.୨ ଓଭରରେ ୭ ୱିକେଟ ହରାଇ ୧୦୫ ରନକରି ବିଜୟ ହାସଲ କରିଥିଲା। ବିଦ୍ୟା ମନ୍ଦିରର ମୃତ୍ୟୁଞ୍ଜୟ ରାୟ ୧୬ ରନ କରିବା ସହ ମୂଲ୍ୟମାନ ୪ ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେ କ୍ରମାଗତ ୩ଟି ବଲରେ ୱିକେଟ ନେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଲୋୟଲା ତରଫରୁ ଲିପନ କୁମାର ସିଂ ସର୍ବାଧିକ ୪୪, ଅରବିନ୍ଦ ମୁଦୁଲି ୨୩ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ବିଦ୍ୟାମନ୍ଦୀର ତରଫରୁ ମୃତ୍ୟୁଞ୍ଜୟ ୪, ଆଦିତ୍ୟ କୁମାର ସିଂ ଓ ହରେକ୍ରିଷ୍ଣ ଗୁରୁ ୨ଟି ଲେଖାଏ, ଦୁର୍ଗା ଏମ୍ ସ୍ୱାଇଁ ଗୋଟିଏ ୱିକେଟ ନେଇଥିଲେ। ଅପରପକ୍ଷରେ ବିଦ୍ୟାମନ୍ଦିର ତରଫରୁ ହରେକ୍ରିଷ୍ଣ ଗୁରୁ ସର୍ବାଧିକ ୨୭, ମୃତ୍ୟୁଞ୍ଜୟ ୧୬, ପ୍ରିତମ ଦାସ ୧୬ ରନକରି ଆଉଟ ହୋଇଥିଲେ। ଲୋୟୋଲା ତରଫରୁ ଦିବ୍ୟଜ୍ୟୋତି ସାହୁ ୩, କ୍ରିଷ୍ଣକୁମାର ପ୍ରଧାନ ୨, ଚନ୍ନାରି ଏଚ୍ ପାତ୍ର ଗୋଟିଏ ୱିକେଟ ନେଇଥିଲେ।

● ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍

## କିଶୋର କ୍ଲବକୁ ହରାଇଲା କିଟ୍-କିସ୍

**ଭୁବନେଶ୍ୱର, ୩୦ ।୩ (ସମିସ):** ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍‌ରେ ଶନିବାର ୧୭ ବର୍ଷରୁ କମ୍ ବର୍ଗର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କିଟ୍ -କିସ୍ ଦଳ ଓ ନୀତା ଫୁଟ୍‌ବଲ ଏକାଡେମୀ ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ କିଟ୍ ଓ କିସ୍ ଦଳ ସହ କିଶୋର କ୍ଲବର ମୁକାବିଲା ହୋଇଥିଲା। ଏଥିରେ କିଟ୍ ଓ କିସ୍ ଦଳ ୪-୦ ଗୋଲରେ ସହଜରେ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଅନିମା ପ୍ରଧାନ ୩୨ ଓ ୪୮ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ହେମାବତୀ ହୋ (୨୨ତମ ମିନିଟ) ଓ ସୋନାଲି ଶବର (୩୦ତମ) ଗୋଟିଏ ଲେଖାଏ ସ୍କୋର କରିଥିଲେ। ଦିବସର ୨ୟ ମ୍ୟାଚରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ନୀତା ଫୁଟ୍‌ବଲ ଏକାଡେମୀ ପରାସ୍ତ କରିଥିଲା।



# ଆଇପିଏଲ୍‌ରୁ ଓହରୁଛନ୍ତି ଇଂଲଣ୍ଡ ଖେଳାଳି

**ନୂଆଦିଲ୍ଲୀ, ୩୦ ।୩ (ଏଜେନ୍ସି)**

ଫ୍ରାଞ୍ଚାଇଜଭିତ୍ତିକ ଲୋକପ୍ରିୟ ଟି-୨୦ ପ୍ରତିଯୋଗିତା ଆଇପିଏଲ୍‌ର ୧୭ତମ ସଂସ୍କରଣ ୩ୟ ରାଉଣ୍ଡରେ ଉପନୀତ ହୋଇସାରିଛି। ଚେନ୍ନାଇ ସୁପର୍ କିଙ୍ଗ୍‌ସ, କୋଲକାତା ନାଇଟ୍ ରାଇଡର୍ସ, ରାଜସ୍ଥାନ ରୟାଲ୍ସ ଭଳି ଦଳ ପ୍ରଥମ ଦୁଇ ରାଉଣ୍ଡରେ ବିଜୟୀ ହୋଇ ଦମ୍‌ଦାର ଆରମ୍ଭ କରିଛନ୍ତି। ତେବେ କିଛି ତାରକା ଇଂଲଣ୍ଡ ଖେଳାଳି ଭିନ୍ନ ଭିନ୍ନ କାରଣ ଲାଗି ଚଳିତ ଆଇପିଏଲ୍‌ରୁ ଓହରି ଯାଉଥିବାରୁ ଏହା କ୍ରିକେଟ୍‌ପ୍ରେମୀଙ୍କୁ ନିରାଶ କରିଛି। ସଦ୍ୟତମ ଖେଳାଳି ଭାବେ ହ୍ୟାରୀ ବ୍ରୁକ ବ୍ୟକ୍ତିଗତ କାରଣ ଦର୍ଶାଇ ଆଇପିଏଲ୍‌ରୁ ଓହରିଯାଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ତାଙ୍କୁ ୪ କୋଟି ଟଙ୍କା ବ୍ୟୟରେ ଖେଳାଳି ନିଲାମୀରେ କ୍ରୟ କରିଥିଲା। ଚଳିତ ଆଇପିଏଲ୍‌ରୁ ଓହରିଯାଇଥିବା ଇଂଲଣ୍ଡ ଖେଳାଳିଙ୍କ ଉପରେ ସଂକ୍ଷେପରେ ନଜର ପକାଇବା।



### ମାର୍କ ଉଡ୍ (ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ)

ଚଳିତ ଆଇପିଏଲ୍ ଆରମ୍ଭରୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ଫ୍ରାଞ୍ଚାଇଜକୁ ଜୋର୍‌ଦାର ଝଟକା ଲାଗିଥିଲା, ଯେତେବେଳେ ଏହାର ଇଂଲିଶ ଦ୍ରୁତ ବୋଲର୍ ମାର୍କ ଉଡ୍ ପ୍ରତିଯୋଗିତାରୁ ଓହରିଯାଇଥିଲେ। ଆଗାମୀ ଟି-୨୦ ବିଶ୍ୱକପ୍‌କୁ ନଜରରେ ରଖି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ପରାମର୍ଶକ୍ରମେ ଅତ୍ୟଧିକ ମ୍ୟାଚ୍ ଚାପରୁ ମୁକୁଳିବା ଲାଗି ସେ ଏହି ନିଷ୍ପତ୍ତି ନେଇଥିଲା। ଖେଳାଳି ନିଲାମୀରେ ଲକ୍ଷ୍ନୌ ଫ୍ରାଞ୍ଚାଇଜ ତାଙ୍କୁ ୭.୫ କୋଟି ଟଙ୍କାରେ କ୍ରୟ କରିଥିଲା। ଗତ ଆଇପିଏଲ୍‌ରେ ସେ ଲକ୍ଷ୍ନୌ ପାଇଁ ୪ ମ୍ୟାଚ୍ ଖେଳି ୧୧ ୱିକେଟ୍ ନେଇଥିଲେ। ଉଡ୍‌ଙ୍କ ବଦଳ ଖେଳାଳି ଭାବେ ଶମର ଜୋସେଫ୍‌ଙ୍କୁ ଲକ୍ଷ୍ନୌ ଦଳରେ ସାମିଲ କରିଥିଲା।



### ଗସ୍ ଆଟକିନସନ (କୋଲକାତା ନାଇଟ୍ ରାଇଡର୍ସ)

ଟି-୨୦ ବିଶ୍ୱକପ୍‌କୁ ନଜରରେ ରଖି ଆଉ ଜଣେ ଇଂଲଣ୍ଡ କ୍ରିକେଟର୍ ତଥା ଦ୍ରୁତ ବୋଲର୍ ଗସ୍ ଆଟକିନସନ ମଧ୍ୟ ଚଳିତ ଆଇପିଏଲ୍ ପ୍ରାରମ୍ଭରୁ ଓହରିଯାଇଥିଲେ। ୨୬ ବର୍ଷୀୟ ଏହି ବୋଲରଙ୍କୁ କୋଲକାତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜ ଗତ ବର୍ଷ ୧ କୋଟି ଟଙ୍କାରେ ଦଳରେ ସାମିଲ କରିଥିଲା। ଫଳରେ କୋଲକାତା ଆଟକିନସନଙ୍କ ବଦଳ ଖେଳାଳି ଭାବେ ଶ୍ରୀଲଙ୍କା ଦ୍ରୁତ ବୋଲର ଦୁଷ୍ମନ୍ତ ଚାମିରାଙ୍କୁ ୫୦ ଲକ୍ଷ ଟଙ୍କା ମୂଲ୍ୟରେ ଦଳରେ ସାମିଲ କରିଥିଲା।

### ଜାସନ ରୟ (କୋଲକାତା ନାଇଟ୍ ରାଇଡର୍ସ)



କୋଲକାତାର ଆଉ ଜଣେ ନିର୍ଭରଯୋଗ୍ୟ ଇଂଲଣ୍ଡ ଖେଳାଳି ତଥା ଆଗଧାଡ଼ିର ବ୍ୟାଟର୍ ଜାସନ ରୟ ମଧ୍ୟ ଚଳିତ ଆଇପିଏଲ୍ ଆରମ୍ଭରୁ ନିଜ ନାମକୁ ପ୍ରତ୍ୟାହାର କରିନେଇଥିଲେ। ସେ ବ୍ୟକ୍ତିଗତ କାରଣ ଦର୍ଶାଇ ନ ଖେଳିବା ଲାଗି ଏହି ନିଷ୍ପତ୍ତି ନେଇଥିଲେ। ଗତ ସଂସ୍କରଣରେ ରୟ କୋଲକାତା ପାଇଁ ୮ଟି ମ୍ୟାଚ୍ ଖେଳି ୧୫୧ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକରେଟ୍‌ରେ ରନ ସଂଗ୍ରହ କରିଥିଲେ। ତାଙ୍କ ସ୍ଥାନରେ ଅବଶ୍ୟ ଅନ୍ୟତମ ଇଂଲଣ୍ଡ ଓପନର୍ ଫିଲ୍ ସଲ୍ଟଙ୍କୁ ୧.୫ କୋଟି ଟଙ୍କାରେ କୋଲକାତା ଦଳରେ ସାମିଲ କରିଛି। ଗତ ଖେଳାଳି ନିଲାମୀରେ ସଲ୍ଟଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲେ।

### ହ୍ୟାରୀ ବ୍ରୁକ୍ସ (ଦିଲ୍ଲୀ କ୍ୟାପିଟାଲ୍ସ)



ସଦ୍ୟ ଚଳିତ ଆଇପିଏଲ୍‌କୁ ବାଏ ବାଏ କରିଥିବା ଇଂଲିଶ କ୍ରିକେଟର୍ ହେଲେ ୨୫ ବର୍ଷୀୟ ଡାହାଣହାତୀ ବ୍ୟାଟର୍ ହ୍ୟାରୀ ବ୍ରୁକ୍ସ। ଭାରତ ବିପକ୍ଷ ଗତ ଟେଷ୍ଟ ସିରିଜରେ ମଧ୍ୟ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଖେଳି ନ ଥିଲେ। ଏବେ ଜେଜେ ମା'ଙ୍କ ବିୟୋଗ ଲାଗି ସେ ଆଇପିଏଲ୍ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୪ କୋଟି ଟଙ୍କାରେ ଦଳରେ ନେଇଥିଲା।

## ଆଇପିଏଲ୍-୧୭: ଧାୱନଙ୍କ ଅର୍ଦ୍ଧଶତକ ବେକାର

# ଲକ୍ଷ୍ନୌର ପ୍ରଥମ ବିଜୟ

**ଲକ୍ଷ୍ନୌ, ୩୦ ।୩ (ଏଜେନ୍ସି)**

ଚଳିତ ଆଇପିଏଲ୍-୧୭ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପ୍ରଥମ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ପ୍ରତିଯୋଗିତାର ଏକାଦଶ ମୁକାବିଲାରେ ଘରୋଇ ଲକ୍ଷ୍ନୌ ୨୧ ରନରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଏହି ହାଇସ୍କୋରିଂ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୮ ୱିକେଟ୍‌ରେ ୧୯୯ ରନର ବିଶାଳ ସ୍କୋର କରିଥିଲା। ପ୍ରତ୍ୟୁତ୍ତରରେ ୨୦୦ ରନର ଲକ୍ଷ୍ୟକୁ ପଶ୍ଚାତଧାବନ କରିଥିବା ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୫ ୱିକେଟ୍ ହରାଇ ୧୭୮ ରନ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟକ ଶିଖର ଧାୱନ (୭୦ ରନ, ୫୦ ବଲ୍) ଓ ଜନି ବେୟାରଷ୍ଟୋ (୪୨ ରନ, ୨୯ ବଲ୍) ଓପନିଂ ୱିକେଟ୍‌ରେ ୭୦ ବଲରୁ ୧୦୨ ରନ ଭାଗୀଦାରି କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଆମ ଲିଭିଂଷ୍ଟୋନ ୨୮*, ପ୍ରଭସିମରନ ସିଂହ ୧୯, ଜୀତେଶ ଶର୍ମା ୬ ରନ କରିଥିଲେ। ବିଜୟୀ ଲକ୍ଷ୍ନୌ ପାଇଁ ଯୁବ ଦ୍ରୁତ ବୋଲର ମୟଙ୍କ ଯାଦବ ୩ ଓ ମୋହସିନ ଖାନ ୨ଟି ୱିକେଟ୍ ନେଇଥିଲେ। ଦ୍ୱିତୀୟ ମୁକାବିଲାରୁ ପ୍ରଥମ ବିଜୟ ସହ ସୁପର୍ ଜାଏଣ୍ଟ୍ସ ୨ ପଏଣ୍ଟ ପାଇ ଖାତା ଖୋଲିଛି।

ସ୍ଥାନୀୟ ଏକନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଲକ୍ଷ୍ନୌ ଅଧିନାୟକ ନିକୋଲସ ପୁରନ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ନିୟମିତ ଅଧିନାୟକ ଲୋକେଶ ରାହୁଲ ଏହି ମ୍ୟାଚରେ ଇମ୍ପାକ୍ଟ ଖେଳାଳି ଭାବେ ଦଳରେ ସାମିଲ ହୋଇଥିବାରୁ ପୁରନ ଦଳର ନେତୃତ୍ୱ ସମ୍ଭାଳିଥିଲେ। ଦୁଇ ଓପନର୍ ରାହୁଲ ଓ ଡି କକ୍ ପ୍ରଥମ ୱିକେଟ୍ ଭାଗୀଦାରିରେ ୨୩ ବଲରୁ ୩୫ ରନ ଉଠାଇଥିଲେ। ୯ ବଲରୁ ୧୫ ରନ କରିଥିବାବେଳେ ରାହୁଲଙ୍କୁ ଆଉଟ୍ କରି ଅର୍ଶଦୀପ ସିଂହ ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ଦେବଦତ୍ତ ପାଡିକଲ୍ (୯ ରନ) ଓ ମାର୍କସ ଷ୍ଟୋଇନିସ (୧୯ ରନ) ମଧ୍ୟ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ଫଳରେ ଦଳ ୭୮ ରନରେ ୩ ୱିକେଟ୍ ହରାଇଥିଲା। ବ୍ୟାଟିଂକ୍ରମର ୪ର୍ଥ ସ୍ଥାନରେ ଆସିଥିବା ଅଧିନାୟକ ପୁରନ ଓପନର୍ ଡି କକ୍‌ଙ୍କ ସହ ଚତୁର୍ଥ ୱିକେଟ୍‌ରେ ୪୭ ରନ ଯୋଡ଼ିବା ଫଳରେ ଦଳୀୟ ସ୍କୋର ଶହେରନ ଅତିକ୍ରମ କରିଥିଲା। ଇତ୍ୟବସରରେ ଆଇପିଏଲ୍ କ୍ୟାରିୟରର ୨୧ତମ ଅର୍ଦ୍ଧଶତକ ହାସଲ କରି ଡି କକ୍ ଆଉଟ୍ ହୋଇଥିଲେ। ସେ ତାଙ୍କ ୩୮ ବଲ ପାଳିରେ ୫ ଚୌକା ଓ ୨ ଛକା ସହ ୫୪ ରନ କରିଥିବାବେଳେ ଅର୍ଶଦୀପଙ୍କ ୨ୟ ଶିକାର ବନିଥିଲେ। ସେହିଭଳି ଦ୍ରୁତ ବ୍ୟାଟିଂ କରୁଥିବା ପୁରନ ୪୨ ରନ (୨୧ ବଲ୍, ୩ ଚୌକା, ୩ ଛକା) କରି କାଗିସୋ ରାବାଡାଙ୍କ ବଲରେ ଷ୍ଟମ୍ପ ହରାଇଥିଲେ। ତେବେ ନିମ୍ନ-ମଧ୍ୟକ୍ରମରେ ଆସିଥିବା କ୍ରୁନାଲ ପାଣ୍ଡ୍ୟା କିଛିଟା ବଡ଼ ସଟ୍ ଖେଳିବାରୁ ଦଳ ୮ ୱିକେଟ୍‌ରେ ୧୯୯ ରନର ଚ୍ୟାଲେଞ୍ଜିଂ ସ୍କୋର କରିପାରିଥିଲା। କ୍ରୁନାଲ ୪ ଚୌକା ଓ ୨ ଛକା ବଳରେ ୨୨ ବଲରୁ ୪୩ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ପଞ୍ଜାବ କିଙ୍ଗ୍ସ ପକ୍ଷରୁ ସାମ କୁରାନ ୩, ଅର୍ଶଦୀପ ୨ ଏବଂ ରାବାଡା ଓ ଚହର ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ।



ବ୍ୟାଟିଂ ଅବସରରେ ଶିଖର ଧାୱନ

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ଗୁଜରାଟ- ହାଇଦ୍ରାବାଦ**
ସ୍ଥାନ- ଅହମ୍ମଦାବାଦ୍, ସମୟ- ଅପରାହ୍ନ ୩.୩୦

**ଦିଲ୍ଲୀ- ଚେନ୍ନାଇ**
ସ୍ଥାନ- ବିଶାଖାପାଟଣା, ସମୟ- ରାତି ୭.୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ଆର୍‌ସିବିରେ ସନ୍ତୁଳନ ନାହିଁ: ବ୍ରଡ୍



**ନୂଆଦିଲ୍ଲୀ,୩୦ ।୩(ଏଜେନ୍ସି):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ଆରମ୍ଭ ସେତେଟା ଭଲ ହୋଇନାହିଁ। ଦଳ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ପରାଜୟ ସହ ୨ ଅଙ୍କ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଦଳର ପ୍ରଦର୍ଶନ ଓ ସନ୍ତୁଳନ ନେଇ ଇଂଲଣ୍ଡ ପୂର୍ବତନ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ ଅସନ୍ତୋଷ ଜାହିର କରିଛନ୍ତି। ଆରସିବି ଦଳ ସମ୍ପୂର୍ଣ୍ଣ ଭାବେ ଅସନ୍ତୁଳିତ ବୋଲି ସେ କହିଛନ୍ତି। ଆଇପିଏଲ ବ୍ରଡକାଷ୍ଟର ଷ୍ଟାର ସ୍ପୋର୍ଟ୍ସ ସହ ଏକ ସାକ୍ଷାତକାର ଦେବା ଅବସରେ ବ୍ରଡ ଏହି କଥା କହିଛନ୍ତି। ଆରସିବିର ବ୍ୟାଟିଂ ବିଭାଗ ନିଶ୍ଚିତ ଭାବେ ଶକ୍ତିଶାଳୀ। କିନ୍ତୁ ବ୍ୟାଟିଂ ଭଳି ବୋଲିଂ ସେତେଟା ଦୃଢ଼ ନୁହଁ ବୋଲି ସେ କହିଛନ୍ତି। ଶୁକ୍ରବାର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଘରୋଇ ବେଙ୍ଗାଲୁରୁକୁ କୋଲକାତା ନାଇଟ ରାଇଡର୍ସ ୧୯ ବଲ ବାକିଥାଇ ୭ ୱିକେଟରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଆରସିବିର ବୋଲିଂ ଦୁର୍ବଳତା ପଦାରେ ପଡିଥିଲା। ପାୱାର ପ୍ଲେରେ ଆରସିବି ବୋଲରଙ୍କୁ କୋଲତାକା ବ୍ୟାଟର ପ୍ରହାର କରିଥିଲେ। ଗତ କିଛି ବର୍ଷ ହେବ ଆରସିବି ଏଭଳି ସ୍ଥିତିର ସମ୍ମୁଖୀନ ହେଉଛି। ଦଳର ବୋଲିଂ ଲାଇନଅପ୍ ଜିତାଇବାକୁ ସକ୍ଷମ ନୁହଁ। ତେଣୁ ଦଳର ଟିମ୍ ମ୍ୟାନେଜମେଣ୍ଟକୁ ଏ ନେଇ ଧ୍ୟାନ ଦେବାକୁ ହେବ ବୋଲି ବ୍ରଡ କହିଛନ୍ତି।

## ରିଙ୍କୁଙ୍କୁ କୋହଲିଙ୍କ ବ୍ୟାଟ ଉପହାର



**ନୂଆଦିଲ୍ଲୀ,୩୦ ।୩(ଏଜେନ୍ସି):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ତାରକା ବ୍ୟାଟର ବିରାଟ କୋହଲି କୋଲକାତା ନାଇଟ ରାଇଡର୍ସ (କେକେଆର୍) ବ୍ୟାଟର ରିଙ୍କୁ ସିଂଙ୍କୁ ବ୍ୟାଟ ଉପହାର ଦେଇଛନ୍ତି। ଶୁକ୍ରବାର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବେଙ୍ଗାଲୁରୁକୁ କୋଲକାତା ପରାସ୍ତ କରିଥିଲା। ମ୍ୟାଚ୍ ପରେ ଦୁଇ ଖେଳାଳି ପରିସ୍ପର ସହିତ ସାକ୍ଷାତ କରିବା ସହ ହାତ ମିଳାଇଥିଲେ। ରିଙ୍କୁ ବେଙ୍ଗାଲୁରୁର ଡ୍ରେସିଂ ରୁମ୍‌କୁ ଯାଇଥିଲେ। ଆରସିବିର ଏକ୍ସ ହ୍ୟାଣ୍ଡଲରେ ଏହାର ଭିଡିଓ ସେୟାର କରାଯାଇଛି। ଏଥିରେ କୋହଲି ବ୍ୟାଟ ଉପହାର ଦେବା ପରେ ଉଭୟ ଖେଳାଳି ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହି ମ୍ୟାଚ୍‌ରେ କୋହଲି ୫୯ ବଲ ଖେଳି ୪ଟି ଲେଖାଏ ଚୌକା ଓ ଛକା ସହ ୮୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ ମଧ୍ୟ ଦଳ ପରାସ୍ତ ହୋଇଥିଲା।



# ୱିକେଟଶୂନ୍ୟ ଆଇପିଏଲ୍‌ର ମହଙ୍ଗା ଖେଳାଳି

**କୋଲକାତା, ୩୦ ।୩ (ଏଜେନ୍ସି):** ଆଇପିଏଲ୍ ଇତିହାସରେ ଅଷ୍ଟ୍ରେଲିଆର ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ସବୁଠୁ ମହଙ୍ଗା ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଚଳିତ ୧୭ତମ ସଂସ୍କରଣ ଲାଗି ହୋଇଥିବା ଖେଳାଳି ନିଲାମୀରେ କୋଲକାତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜ ତାଙ୍କୁ ୨୪.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ର ପ୍ରଥମ ଦୁଇ ରାଉଣ୍ଡ ମ୍ୟାଚ୍ ଖେଳାଯାଇ ସାରିଥିବାବେଳେ ଷ୍ଟାର୍କ ୱିକେଟ୍ ନେବା ପାଇଁ ସଂଘର୍ଷ କରୁଥିବାର ଦେଖିବାକୁ ମିଳିଛି। ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ପ୍ରଥମ ମୁକାବିଲାରେ ଷ୍ଟାର୍କ ନିଜ ୪ ଓଭର ବୋଲିଂ କୋଟାରେ ୫୩ ରନ ଦେଇ ବେଶ୍ ବ୍ୟୟ ବହୁଳ ସାବ୍ୟସ୍ତ ହୋଇଥିଲେ। ଏଥିରେ ସେ ୱିକେଟ୍‌ଶୂନ୍ୟ ରହିଥିଲେ। ଏହାପରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ କୋଲକାତା ୨ୟ ମ୍ୟାଚ୍ ଖେଳିଥିଲା। ଏଥିରେ ମଧ୍ୟ ଷ୍ଟାର୍କଙ୍କୁ ପ୍ରତିପକ୍ଷ ବ୍ୟାଟର୍‌ମାନେ ନିର୍ଦ୍ଧୁମ ପ୍ରହାର କରିଥିଲେ। ସେ ୪ ଓଭର ବୋଲିଂ କରିଥିବାବେଳେ କୌଣସି ୱିକେଟ୍ ନ ପାଇ ୪୭ ରନ ବ୍ୟୟ କରିଥିଲେ। ଫଳରେ କୋଲକାତାର ପ୍ରଥମ ଦୁଇ ମ୍ୟାଚରେ ଷ୍ଟାର୍କ ୮ ଓଭର ବୋଲିଂ କରି ୧୦୦ ରନ ଦେଇ ୱିକେଟ୍‌ଶୂନ୍ୟ ରହିଛନ୍ତି। କୋଟି କୋଟି ଟଙ୍କା ବ୍ୟୟ କରି ନାଇଟ୍ ରାଇଡର୍ସ ଷ୍ଟାର୍କଙ୍କୁ ଦଳରେ ସାମିଲ କରିଥିବାବେଳେ ସେ ଏବେ ବେଶ୍ ଖରାପ ପ୍ରଦର୍ଶନ କରୁଛନ୍ତି। ତେବେ ଦଳ ପାଇଁ ଆଶ୍ୱସ୍ତିଜନକ କଥା ହେଉଛି ଷ୍ଟାର୍କଙ୍କ ନୈରାଶ୍ୟଜନକ ବୋଲିଂ ସତ୍ତ୍ୱେ କୋଲକାତା ଏହାର ପ୍ରଥମ ଦୁଇ ମ୍ୟାଚରେ ବିଜୟୀ ହେବାରେ ସକ୍ଷମ ହୋଇଛି।

## କ୍ୟାଚ୍‌ରେ କୋହଲିଙ୍କ କୀର୍ତ୍ତିମାନ

**ବେଙ୍ଗାଲୁରୁ, ୩୦ ।୩ (ଏଜେନ୍ସି):** ବ୍ୟାଟିଂରେ ଏକାଧିକ ବିଶ୍ୱରେକର୍ଡ ସୃଷ୍ଟି କରିଥିବା ଭାରତୀୟ ସୁପରଷ୍ଟାର ବିରାଟ କୋହଲି କ୍ୟାଚ ଧରିବାରେ ମଧ୍ୟ ଅନ୍ୟମାନଙ୍କୁ ପଛରେ ପାଇଛନ୍ତି। ଭାରତୀୟ ଖେଳାଳିଭାବେ ସେ ଟି-୨୦ ଫର୍ମାଟ୍‌ରେ ସର୍ବାଧିକ କ୍ୟାଚ୍ ନେଇ ରେକର୍ଡ କରିଛନ୍ତି। କୋହଲି ଗତ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଗୋଟିଏ କ୍ୟାଚ୍ ନେଇ ସେ ଏହି ସଫଳତା ପାଇଛନ୍ତି। କୋହଲି ୧୭୩ଟି କ୍ୟାଚ୍ ନେଇ ଶୀର୍ଷରେ ରହିଛନ୍ତି। ଏହିକ୍ରମରେ ସେ ପୂର୍ବତନ ଖେଳାଳି ସୁରେଶ ରାଇନା (୧୭୨ କ୍ୟାଚ୍)ଙ୍କୁ ପଛରେ ପକାଇଛନ୍ତି। ସେହିପରି ମୁମ୍ବାଇ ଇଣ୍ଡିଆନ୍ସ ପୂର୍ବତନ ଅଧିନାୟକ ରୋହିତ ଶର୍ମା (୧୬୬ କ୍ୟାଚ) ତୃତୀୟ, ମନୀଷ ପାଣ୍ଡେ (୧୪୬ କ୍ୟାଚ୍) ଚତୁର୍ଥ ଓ ସୂର୍ଯ୍ୟକୁମାର ଯାଦବ (୧୩୬ କ୍ୟାଚ୍) ୫ମ ସ୍ଥାନରେ ରହିଛନ୍ତି। କେବଳ ସେତିକି ନୁହଁ କୋହଲି ଆଇପିଏଲ୍‌ରେ ୫୦ ରୁ ଉର୍ଦ୍ଧ୍ୱ ଅର୍ଦ୍ଧଶତକ ହାସଲ କରିବାରେ ଦ୍ୱିତୀୟ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ପଞ୍ଜାବ ବିପକ୍ଷରେ ସେ ୫୧ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ଣ୍ଣର ୬୧ଟି ଅର୍ଦ୍ଧଶତକ ହାସଲ କରି ଶୀର୍ଷରେ ରହିଛନ୍ତି। ପୂର୍ବତନ ଭାରତୀୟ ଓପନର ଶିଖର ଧାୱନ ୫୦ଟି ଅର୍ଦ୍ଧଶତକ ସହ ତୃତୀୟ, ରୋହିତ ଶର୍ମା ୪୨ ଅର୍ଦ୍ଧଶତକ ସହ ଚତୁର୍ଥ ଓ ପୂର୍ବତନ ରୟାଲ ଚ୍ୟାଲେଞ୍ଜର୍ସ ବ୍ୟାଟର ଏବି ଡିଭିଲର୍ସ ୪୦ଟି ଅର୍ଦ୍ଧଶତକ ସହ ୫ମ ସ୍ଥାନରେ ରହିଛନ୍ତି।

## ଏପ୍ରିଲ ଶେଷରେ ଘୋଷଣା ହେବ ଭାରତୀୟ ଦଳ

**ନୂଆଦିଲ୍ଲୀ,୩୦ ।୩(ଏଜେନ୍ସି)**

ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆସନ୍ତା ଜୁନ୍‌ରେ ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍ ପାଇଁ ଆଉ ଗୋଟିଏ ମାସ ମଧ୍ୟରେ ଭାରତୀୟ ଦଳ ଘୋଷଣା ହେବ। ଅର୍ଥାତ ଏପ୍ରିଲ ଶେଷ ଆଡକୁ ଏକ ୧୫ ଜଣିଆ ଭାରତୀୟ ଦଳ ଏହି ମେଗା ଇଭେଣ୍ଟ ଲାଗି ଘୋଷଣା ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ଜଣାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମେ ୧କୁ ଦଳ ଘୋଷଣାର ଶେଷ ତାରିଖ ଧାର୍ଯ୍ୟ କରିଛି। ମେ ୨୫ ପର୍ଯ୍ୟନ୍ତ ସବୁ ଦେଶକୁ ନିଜ ନିଜ ଦଳରେ ଆବଶ୍ୟକୀୟ ପରିବର୍ତ୍ତନ କରିବାର ସୁଯୋଗ ରହିଛି। ଏପ୍ରିଲର ଶେଷ ସପ୍ତାହରେ ଭାରତୀୟ ଦଳ ଘୋଷଣା ହେବ ବୋଲି ଅନୁମାନ କରାଯାଉଛି। ସେତେବେଳକୁ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅଧା ମ୍ୟାଚ୍ ଖେଳାଯାଇସାରିଥିବ। ତେଣୁ ଫିଟ୍‌ନେସ ଓ ଫର୍ମକୁ ଆଧାର କରି ଚୟନକର୍ତ୍ତାମାନେ ସହଜରେ ଦଳ ଚୟନ କରିବାର ସୁଯୋଗ ପାଇବେ। ମେ ୧୯ରେ ଆଇପିଏଲ ଶେଷ ହେବା ପରେ ପ୍ରଥମ ପର୍ଯ୍ୟାୟରେ କ୍ରିକେଟର ନ୍ୟୁୟର୍କ ଯାତ୍ରା କରିବେ। ଯେଉଁ ଦଳ ଗୁଡିକ ଆଇପିଏଲର ଫାଇନାଲକୁ ଉଠି ନଥିଲେ ସେହି ଦଳଗୁଡିକର ଖେଳାଳିମାନେ ମଧ୍ୟ ଶୀଘ୍ର ଯାତ୍ରା କରିବେ। ଗତ ବର୍ଷ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ମଧ୍ୟ ଠିକ୍ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଟି-୨୦ ବିଶ୍ୱକପ୍‌ର ଏହି ୯ମ ସଂସ୍କରଣ ଜୁନ୍ ୧ରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ୨୦ଟି ଦଳ ଏଥିରେ ଅଂଶଗ୍ରହଣ କରିବେ ଓ ମୋଟ୍ ଉପରେ ୫୫ଟି ମ୍ୟାଚ୍ ଖେଳାଯିବାପରେ ଟାଇଟଲ କିଏ ଜିତିବ ତାହା ସ୍ପଷ୍ଟ ହେବ। ଗ୍ରୁପ ପର୍ଯ୍ୟାୟ, ସୁପର-୮ ଓ ପରେ ନକ୍‌ଆଉଟ ପର୍ଯ୍ୟାୟରେ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡିକ ଖେଳାଯିବ।

● ମହିଳା ଫୁଟବଲରଙ୍କୁ ମାଡ ଘଟଣା

## ଏଆଇଏଫ୍‌ଏଫ୍ ସଦସ୍ୟ ଦୀପକ ଗିରଫ

**ନୂଆଦିଲ୍ଲୀ,୩୦ ।୩(ଏଜେନ୍ସି)**



ଗୋଆରେ ମହିଳା ଫୁଟବଲରଙ୍କୁ ମାଡ ମାରିବା ଘଟଣା ଏବେ ନୂଆ ମୋଡ ନେଇଛି। ଏହି ଘଟଣାର ତଦନ୍ତ ପାଇଁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ଏକ କମିଟି ଗଠନ କରିଥିଲା। ଶନିବାର ଏହି ମାମଲାରେ ଗୋଆ ପୁଲିସ୍ ଏଆଇଏଫ୍‌ଏଫ୍‌ର କାର୍ଯ୍ୟକାରୀ କମିଟି ସଦସ୍ୟ ଦୀପକ ଶର୍ମାଙ୍କୁ ଗିରଫ୍ କରିଛି। ହିମାଚଳ ପ୍ରଦେଶର ଖାଦ୍ ଏଫ୍‌ସିର ଦୁଇ ମହିଳା ଫୁଟବଲର ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଦ୍ୱିତୀୟ ଡିଭିଜନ ପ୍ରତଯୋଗିତାରେ ଖେଳୁଛନ୍ତି। କିନ୍ତୁ ଏହି ଦୁଇ ମହିଳା ଫୁଟବଲର ଦୀପକଙ୍କ ବିରୋଧରେ ମାଡ ମାରିଥିବାର ଅଭିଯୋଗ ଆଣିଥିଲେ। ଗୁରୁବାର ହୋଟେଲ ରୁମ୍‌ରେ ଜବରଦସ୍ତି ପଶିବା ସହ ସେ ମାଡ ମାରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଖେଳାଳିମାନେ ଖାଦ୍ୟ ପ୍ରସ୍ତୁତ କରୁଥିବା ନେଇ ଦୀପକ ଅସନ୍ତୁଷ୍ଟ ଥିଲେ। ଦୀପକ ହିମାଚଳ ପ୍ରଦେଶ ଫୁଟବଲ ସଂଘର ମହାସଚିବ ଓ ଏଆଇଏଫ୍‌ଏଫ୍ କମ୍ପିଟିସନ କମିଟିର ଉପାଧ୍ୟକ୍ଷ ଅଛନ୍ତି।

### ସ୍ପେନ୍ ମାଷ୍ଟର୍ସ ବ୍ୟାଡମିଣ୍ଟନ
## ସେମିରେ ହାରିଲେ ସୁମିତ- ସିକ୍କି

**ମାଦ୍ରିଦ,୩୦ ।୩(ଏଜେନ୍ସି):** ଏଠାରେ ଚାଲିଥିବା ସ୍ପେନ୍ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମିଶ୍ରିତ ଯୁଗଳ ଯୋଡି ବି ସୁମିତ ରେଡ୍ଡୀ ଓ ଏନ୍ ସିକ୍କି ରେଡ୍ଡୀ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏଥିସହ ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଛି। ସୁମିତ ଓ ସିକ୍କି ଶନିବାର ଅନୁଷ୍ଠିତ ସେମି ମୁକାବିଲାରେ ୧୭-୨୧, ୧୨-୨୧ରେ ଇଣ୍ଡୋନେସିଆ ଯୋଡି ରିନୋଭ ରିଭାଲ୍ଡି ଓ ପିଥା ହାନିଂଟିଆସ ମେନ୍ତାରିଙ୍କଠାରୁ ପରାସ୍ତ ହୋଇ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାରତୀୟ ଯୋଡି ଏମ୍‌ଆର ଅର୍ଜୁନ ଓ ଧ୍ରୁବ କପିଳ କ୍ୱାର୍ଟର ଫାଇନାଲରେ ୧୯-୨୧, ୨୩-୨୧, ୧୭-୨୧ରେ ମାଲେସିଆର ଜେ ଆରିଫ୍ ଓ ଆରକେ ୟାପଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୂର୍ବରୁ ମହିଳା ଏକକରେ ପିଭି ସିନ୍ଧୁ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିଲେ।



### ଜାତୀୟ ଜୋନାଲ ସନ୍ତରଣ ପ୍ରତିଯୋଗିତା
# ଓଡ଼ିଆ ପ୍ରତିଯୋଗୀଙ୍କୁ ୨୭ ପୁରସ୍କାର

**ଭୁବନେଶ୍ୱର,୩୦ ।୩(ସମିସ)**




ବିହାର ରାଜଧାନୀ ପାଟଣାରେ ଗତ ଦୁଇଦିନ ଧରି ଚାଲିଥିବା ଜାତୀୟ ଜୋନାଲ ସନ୍ତରଣ ପ୍ରତିଯୋଗିତା ଶେଷ ହୋଇଛି। ଭାରତୀୟ ସନ୍ତରଣ ମହାସଂଘ ଓ ଭାରତ କ୍ରୀଡ଼ା ପ୍ରାଧୀକରଣ ମିଳିତ ଆନୁକୂଲ୍ୟରେ ଜୋନ-୪ରେ ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଆୟୋଜକ ବିହାର, ଛତିଶଗଡ଼, ଝାଡଖଣ୍ଡ ଓ ମଧ୍ୟପ୍ରଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ।

ଶନିବାର ଉଦ୍‌ଯାପନୀ ଦିବସରେ ଓଡ଼ିଆ ଖେଳାଳିମାନେ ପ୍ରଭାବି ବିସ୍ତାର କରି ଖେଳିଥିଲେ। ୫୦ଟିରୁ ଓଡ଼ିଆ ପ୍ରତିଯୋଗୀମାନେ ୨୭ଟି ପୁରସ୍କାର ହାତେଇଥିଲେ। ପୁରସ୍କୃତ ଓଡ଼ିଆ ଖେଳାଳିମାନେ ହେଲେ ଆକାଂକ୍ଷା ନାୟକ, ଭଦ୍ରା ଶତପଥୀ, ଆୟୁଶ୍ରୀ ଦତ୍ତା, ରାଣୀ ନାୟକ, ପ୍ରିୟଦର୍ଶନୀ ରାଉତ, ଅର୍ପିତା ସେଠ, ଅନୁଭା ଜେନା, ମାନ୍ୟତା ମିଶ୍ର, ଦିବ୍ୟଙ୍କା ଦିବ୍ୟଜ୍ୟୋତୀ ପ୍ରଧାନ, ମାହିକା ମହାକୁଡ, ଅଞ୍ଚଳ ବାଗ, ଅନୁପ୍ରିୟା ପଣ୍ଡା, ଅଂଶିକା ଆରାଧାନା ସାହୁ, ଚନ୍ମୟୀ ବେହେରା, ରେଶ୍ମା ମାଝି, ପ୍ରତୀକ୍ଷା ନନ୍ଦୀ, ଅର୍ପିତା ସାମଲ ଓ ସୃଷ୍ଟି କଳସ ସିନେ। ପ୍ରଥମରୁ ୫ମ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ ଓଡ଼ିଶା ଦଳ ପାଟଣା ଯାତ୍ରା କରିଥିଲା। ବିମାନ ଯାତ୍ରା, ରହିବା, ଖାଇବା ଏଭଳି ସବୁ ପ୍ରକାର ବ୍ୟବସ୍ଥା ଖେଳାଳିଙ୍କ ପାଇଁ କ୍ରୀଡ଼ା ବିଭାଗ ତରଫରୁ ଉପଲବ୍ଧ କରାଯାଇଥିଲା। ସଫଳ ପ୍ରତିଯୋଗୀଙ୍କୁ ରାଜ୍ୟ ସନ୍ତରଣ ସଂଘ ଅଧ୍ୟକ୍ଷ ପ୍ରଦୀପ ପାତ୍ରୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ସୋମା ମିଶ୍ର, ସାଧାରଣ ସମ୍ପାଦକ ଗୋପାଳମଣୀ ମହାନ୍ତ, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ୍ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA